

ହାଇକୋର୍ଟରୁ ମମତାଙ୍କୁ ଝଟ୍‌କା | ୬


# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ODISHA BHASKAR
ଯାହା ଆପଣଙ୍କ କଥା କହେ




ଶାହଙ୍କୁ ଜଣାଇଲେ ଭବ୍ୟ ସମ୍ବର୍ଦ୍ଧନା | ୬


RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୫ | Vol. 22 No-5 | 5 APRIL 2025 SATURDAY BHUBANESWAR | ଶନିବାର, ୫ ଏପ୍ରିଲ୍ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ବିମ୍‌ଷ୍ଟେକ ସମ୍ମିଳନୀରେ ମୋଦୀ

# ସୁରକ୍ଷା ବ୍ୟବସ୍ଥା ସୁଦୃଢ ଉପରେ ଗୁରୁତ୍ୱ




- ୨୧ ସୂତ୍ରୀ କାର୍ଯ୍ୟ ଯୋଜନାର ଦେଲେ ପ୍ରସ୍ତାବ
- ବିପର୍ଯ୍ୟୟ କ୍ଷେତ୍ରରେ ମିଳିତଭାବେ କାର୍ଯ୍ୟ କରିବାକୁ ପରାମର୍ଶ
- ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ସମ୍ପର୍କ ଗଭୀର ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ,୪।୪: ଆମର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ମଜବୁତ କରିବାର ଆବଶ୍ୟକତା ରହିଛି । ଏଥିପାଇଁ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ସମନ୍ୱୟ ଜରୁରି ବୋଲି ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକଠାରେ ଆୟୋଜିତ ଷଷ୍ଠ ବିମଷ୍ଟେକ ସମ୍ମିଳନୀରେ ଯୋଗଦେଇ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି ଅବସରରେ ସେ ବିମଷ୍ଟେକ ରାଷ୍ଟ୍ରମାନଙ୍କ ମଧ୍ୟରେ ସହଯୋଗର ବିଭିନ୍ନ ଦିଗକୁ ଅନ୍ତର୍ଭୁକ୍ତ କରି ଏକ ୨୧ ସୂତ୍ରୀ କାର୍ଯ୍ୟ ଯୋଜନାର ପ୍ରସ୍ତାବ ରଖିଛନ୍ତି। ମୋଦୀ କହିଥିଲେ ଯେ ବିମଷ୍ଟେକ ରାଷ୍ଟ୍ରଗୁଡ଼ିକରେ ବ୍ୟବସାୟକୁ ପ୍ରୋତ୍ସାହିତ କରିବା ଏବଂ ଆଇଟି କ୍ଷେତ୍ରର ସମୃଦ୍ଧ ସମ୍ଭାବନାକୁ ଉପଯୋଗ କରିବା ଜରୁରି। ନିକଟରେ ମିଆଁମାର ଓ ଥାଇଲାଣ୍ଡରେ ହୋଇଥିବା ଭୂମିକମ୍ପକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ମୋଦୀ ଗୁରୁତ୍ୱାରୋପ କରିଥିଲେ। ମହାକାଶ ଦୁନିଆରେ କାମ କରିବା ଏବଂ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ଉପରେ ମଧ୍ୟ ସେ ମତ ରଖିଥିଲେ। ସାମୂହିକ ଭାବରେ ବିମଷ୍ଟେକକୁ ଉତ୍ସାହିତ କରିବାକୁ ଅନୁରୋଧ କରିବା ସହ ନେତୃତ୍ୱ ନେଉଥିବା ଯୁବଗୋଷ୍ଠୀଙ୍କ ଭୂମିକା ଉପରେ ଆଲୋକପାତ କରି ସାଂସ୍କୃତିକ ସଂପର୍କ ବିମଷ୍ଟେକ ରାଷ୍ଟ୍ରଗୁଡ଼ିକୁ • ପୃଷ୍ଠା ୫ ଦେଖନ୍ତୁ

## ବାଂଲାଦେଶ ଅନୁରୋଧ ରକ୍ଷାକଲା ଭାରତ

# ଗୋଟିଏ ମଞ୍ଚରେ ମୋଦୀ-ୟୁନୁସ



ନୂଆଦିଲ୍ଲୀ,୪।୪: ବ୍ୟାଙ୍କକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବାଂଲାଦେଶର ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଛି। ପୂର୍ବରୁ କୁହାଯାଉଥିଲା ଯେ ଦୁଇଦେଶ ମୁଖ୍ୟଙ୍କ ଭିତରେ ଆଲୋଚନା ହୋଇନପାରେ। କିନ୍ତୁ ବାଂଲାଦେଶର ବାରମ୍ବାର ଅନୁରୋଧ ପରେ ଉଭୟପକ୍ଷ ମଧ୍ୟରେ ଆଲୋଚନା ହୋଇଥିଲା। ଏହି ବୈଠକରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା, ସେଭେନ ସିଷ୍ଟର ଏବଂ ଚୀନ୍ ସହ ବାଂଲାଦେଶର ବନ୍ଧୁତା ଉପରେ ଆଲୋଚନା ହୋଇଥିଲା। ବୈଠକ ସେତେବେଳେ ବସିଥିଲା, ଯେତେବେଳେ ଦୁଇଦେଶ ମଧ୍ୟରେ ସଂପର୍କ ତିକ୍ତ ଥିଲା। ନିକଟରେ ଚୀନ୍ ଗସ୍ତରେ ଯାଇଥିବା ୟୁନୁସଙ୍କ ବୟାନ ମଧ୍ୟ ଭାରତରେ ଝଡ଼ ସୃଷ୍ଟି କରିଥିଲା। ୟୁନୁସ ଚୀନ୍‌ରେ ବିବାଦୀୟ ବୟାନ ଦେଇ କହିଥିଲେ ଯେ ବାଂଲାଦେଶ ହେଉଛି ସମୁଦ୍ରର ଗାର୍ଡିଆନ୍। ଏହାର ଜବାବରେ ଭାରତର ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ.ଜୟଶଙ୍କର କହିଥିଲେ ଯେ ବଙ୍ଗୋପସାଗରରେ ଭାରତର ଦୀର୍ଘତମ ଉପକୂଳ ଅଛି। ମୋଦୀ କହିଥିଲେ ଯେ ଗଣତାନ୍ତ୍ରିକ • ପୃଷ୍ଠା ୫ ଦେଖନ୍ତୁ

## କେନ୍ଦ୍ର କ୍ୟାବିନେଟ୍ ବୈଠକ

# ଓଡ଼ିଶାର ଦୁଇ ରେଳ ପ୍ରକଳ୍ପକୁ ଅନୁମୋଦନ



ନୂଆଦିଲ୍ଲୀ,୪।୪: କେନ୍ଦ୍ର କ୍ୟାବିନେଟରେ ଦେଶର ଚାରୋଟି ବଡ଼ ରେଳ ପ୍ରକଳ୍ପକୁ ଅନୁମୋଦନ ପ୍ରଦାନ କରାଯାଇଛି। ଏହି ଚାରୋଟି ପ୍ରକଳ୍ପ ମଧ୍ୟରୁ ଓଡ଼ିଶାର ଦୁଇଟି ରହିଛି। ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶା, ଛତିଶଗଡ଼ ଓ ମହାରାଷ୍ଟ୍ରରେ ନିର୍ମାଣ କରାଯିବ। ଏ ନେଇ ଶୁକ୍ରବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାରେ ରେଳ ପ୍ରକଳ୍ପର ବିକାଶ ପାଇଁ କେନ୍ଦ୍ର ସରକାର ସମ୍ବଲପୁର-ଜରପଡ଼ା ତୃତୀୟ ଓ ଚତୁର୍ଥ ଲାଇନ୍ କାର୍ଯ୍ୟ ଏବଂ ଝାରସୁଗୁଡ଼ା-ଶାସନ ତୃତୀୟ ଓ ଚତୁର୍ଥ ଲାଇନ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରିବେ। ୨୦୩୦-୩୧ ସୁଦ୍ଧା କାମ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ୪ଟି ପ୍ରକଳ୍ପପାଇଁ ୧୮,୬୫୮ କୋଟି ଟଙ୍କା ବ୍ୟୟ କରାଯିବ। ଜରପଡ଼ା-ସମ୍ବଲପୁର ମଧ୍ୟରେ ୧୨୭ କିଲୋମିଟର ବିଶିଷ୍ଟ ତୃତୀୟ ଓ ଚତୁର୍ଥ ରେଳ ଲାଇନ ପାଇଁ ୩୯୧୭ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପ ନିର୍ମାଣ ହେବାଦ୍ୱାରା ରାଜ୍ୟ ଜିଡିପିରେ ପରିବର୍ତ୍ତନ ଘଟିବ ଏବଂ ଅର୍ଥନୈତିକ କାରବାରରେ ସହାୟକ ହେବ। ଏହି ଚାରୋଟି ରେଳପ୍ରକଳ୍ପ ମହାରାଷ୍ଟ୍ର, ଛତିଶଗଡ଼ ଏବଂ ଓଡ଼ିଶାର ୧୫ଟି ଜିଲ୍ଲା ସହ ଯୋଗାଯୋଗ ରଖିବାରେ ସକ୍ଷମ ହୋଇପାରିବ। ଶାସନ-ଝାରସୁଗୁଡ଼ା ମଧ୍ୟରେ ତୃତୀୟ ଓ ଚତୁର୍ଥ ରେଳଲାଇନ ପାଇଁ ୧୧୮୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ୩୫ କିମି ବିଶିଷ୍ଟ ଏହି ରେଳ ଲାଇନ ନିର୍ମାଣ କରାଯିବ। ଅନ୍ୟ ପ୍ରକଳ୍ପଗୁଡ଼ିକ ହେଲା ଛତିଶଗଡ଼ର ଖରସିଆ-ନୟା ରାୟପୁର-ପରମଲ୍ଲକଷା। ୨୭୮ କିମି ରେଳ ଲାଇନ ପାଇଁ ୮୭୪୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ମହାରାଷ୍ଟ୍ରରେ ଗୋନ୍ଦିଆ-ବଲ୍ଲାରଶାହ ରେଳ ଲାଇନ ୨୪୦ କିମି ନିମନ୍ତେ ୪୮୧୯ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ରେଳ ଲାଇନରେ କୃଷିଜାତ ଦ୍ରବ୍ୟ, ସାର, କୋଇଲା, ଲୁହାପଥର, ଇସ୍ପାତ, ସିମେଣ୍ଟ, ଚୁନପଥର ଇତ୍ୟାଦି ସାମଗ୍ରୀର ପରିବହନ କରାଯିବ।

## ସଂକ୍ଷେପରେ...

### ଘରୁ ଡାକିଆଣି ଯୁବକଙ୍କୁ ହତ୍ୟା

ଜଟଣୀ, ୪।୪ (ଭାସ୍କର ନ୍ୟୁଜ୍): ବଜାର ଉପରେ ଗଡ଼ିଲା ମୁଣ୍ଡ । ଘରୁ ଡାକିଆଣି ଯୁବକଙ୍କୁ ନିର୍ମମ ହତ୍ୟା । ଗୁରୁବାର ବିଳମ୍ବିତ ରାତିରେ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ଅନ୍ତର୍ଗତ ଷଣ୍ଢପୁରଠାରେ ଏହି ହତ୍ୟାକାଣ୍ଡ ଘଟିଛି । ମୃତ ଯୁବକ ହେଲେ ଜଟଣୀ ନୂଆଗାଁ ଅଞ୍ଚଳର ମାନସ ଦଳେଇ । ତାଙ୍କୁ ଘରୁ ଡାକିଆଣି ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଜଟଣୀ ଥାନା ଷଣ୍ଢପୁର ଛକରେ ମାନସଙ୍କୁ ହତ୍ୟା କରାଯାଇଛି । ତାଙ୍କ ଉପରେ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଏମ୍ସରେ ଭର୍ତ୍ତି କରିଥିଲା । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।

### ଶିକାରୀ ଗୁଳିରେ ଶିକାରୀ ମୃତ

ଢେଙ୍କାନାଳ, ୪।୪ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ହିନ୍ଦୋଳ ବ୍ଲକ ରାସୋଳ ଥାନା ଅଞ୍ଚଳରେ ଅଭାବନୀୟ ଘଟଣା ଘଟିଛି। ଶିକାରୀ ଗୁଳିରେ ଅନ୍ୟ ଜଣେ ଶିକାରୀର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ପୋଲିସ୍ ଘଟଣାରେଅଭିଯୁକ୍ତକୁ ଗିରଫ କରିଥିବା ସୂଚନା ମିଳିଛି।


### ସଂସଦ ବଜେଟ ଅଧିବେଶନ ଶେଷ

ନୂଆଦିଲ୍ଲୀ,୪।୪: ସଂସଦର ବଜେଟ୍ ଅଧିବେଶନ ଶେଷ ହୋଇଛି । ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖାଯାଇଛି । ଲୋକସଭାରେ ବାଚସ୍ପତି ଓମ୍ ବିର୍ଲା ଗୃହକୁ • ପୃଷ୍ଠା ୫ ଦେଖନ୍ତୁ

ସେନ୍‌ସେକ୍ସ: ୭୫,୩୬୪.୬୯
ସର୍ବାଧିକ: ୩୪.୨ ଡିଗ୍ରୀ
ସର୍ବନିମ୍ନ: ୨୫.୮ ଡିଗ୍ରୀ

### ୪।୪ ।୨୦୨୫ ର ମତାମତ

ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଗଣତନ୍ତ୍ରର ମନ୍ଦିରକୁ ମୁଲତବୀ ରଖାଯିବା ଉଚିତ୍ କି ?




### ଆଜିର ପ୍ରସଙ୍ଗ

ଆୟୁଷ୍ମାନ ଭାରତ ଲାଗୁ ହେଲେ ଗରିବ ଲୋକ ଉପକୃତ ହେବେ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ପରଲୋକରେ ଭେଟେରାନ ଅଭିନେତା ମନୋଜ କୁମାର



### ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଶୋକ ପ୍ରକାଶ

ମୁମ୍ବାଇ,୪।୪: ଶୁକ୍ରବାର ଥିଲା ବଲିଉଡ୍ ଜଗତ ପାଇଁ ଏକ ଦୁଃଖଦ ଘଟଣା। ପରଲୋକରେ ଭେଟେରାନ ବଲିଉଡ୍ ଅଭିନେତା ତଥା ନିର୍ଦ୍ଦେଶକ ମନୋଜ କୁମାର। ୮୭ବର୍ଷ ବୟସରେ ମୁମ୍ବାଇସ୍ଥିତ ଧିରୁଭାଇ ଅମ୍ବାନୀ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ମନୋଜ କୁମାର ନିଜର ଦେଶାତ୍ମବୋଧକ ଚଳଚ୍ଚିତ୍ରଗୁଡ଼ିକ ପାଇଁ ବେଶ ଲୋକପ୍ରିୟ ରହିଥିଲେ। ତାଙ୍କୁ ଶ୍ରଦ୍ଧାରେ • ପୃଷ୍ଠା ୫ ଦେଖନ୍ତୁ

## ୱାକଫ୍ ସଂଶୋଧନ ବିଲ୍ ପାରିତ ପ୍ରସଙ୍ଗ

# ଭୋଟିଂକୁ ନେଇ ବିଜେଡିରେ ଅନ୍ତର୍ଦ୍ୱନ୍ଦ୍ୱ

ଭୁବନେଶ୍ୱର,୪।୪(ଭାସ୍କର ନ୍ୟୁଜ): ଗୁରୁବାର ରାତିରେ ରାଜ୍ୟସଭାରେ ବହୁଚର୍ଚ୍ଚିତ ୱାକଫ୍ ସଂଶୋଧନ ବିଲ୍ ପାରିତ ହେବାପରେ ଶୁକ୍ରବାର ବିଜୁ ଜନତାଦଳରେ ଅନ୍ତର୍ଦ୍ୱନ୍ଦ୍ୱ ଦେଖାଦେଇଛି। ବିଲ୍ ସପକ୍ଷରେ ଭୋଟ ଦେଇ ବିବାଦରେ ଥିବା ରାଜ୍ୟସଭା ସାଂସଦ ସସ୍ମିତ ପାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ସାମଲ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ସେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ମଧ୍ୟ କରିଛନ୍ତି। ଶ୍ରୀ ସାମିଲ କହିଛନ୍ତି, ସଂଖ୍ୟାଲଘୁଙ୍କ ହିତପାଇଁ ବିଜେଡି ସବୁବେଳେ କାମକରି ଆସୁଛି। ହେଲେ ଯେଉଁ ବିଲ୍ ସଂଖ୍ୟାଲଘୁଙ୍କ ହିତରେ ନୁହେଁ, ସେହି ବିଲ୍ ସପକ୍ଷରେ ସସ୍ମିତ କିପରି ଭୋଟ ଦେଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହା ଅତ୍ୟନ୍ତ ଦୁଃଖଦ ଓ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ସେହିପରି ଦଳର ବରିଷ୍ଠ ନେତା ବଦ୍ରିନାରାୟଣ ପାତ୍ର କହିଛନ୍ତି ଯେ ଭୋଟ ପୂର୍ବରୁ କିଛି ଖେଳ ହୋଇଛି। ଦଳ ନିଷ୍ପତ୍ତି ନେବାପରେ ଏଭଳି କାର୍ଯ୍ୟ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ସେହିପରି ବିଜେଡିର ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ କହିଛନ୍ତି, ଦଳ ନିଷ୍ପତ୍ତିରେ ଅସନ୍ତୋଷ ପ୍ରକାଶ କରି ମୁଁ ଭୋଟ ଦେଇ ନଥିଲି। ସୂଚନାଯୋଗ୍ୟ ଯେ ଦଳର ସଭାପତି ନବୀନ ପଟ୍ଟନାୟକ ସବୁ ରାଜ୍ୟସଭା ସାଂସଦଙ୍କୁ ବିଲ୍ ବିରୋଧରେ ଭୋଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଶେଷ ମୁହୂର୍ତ୍ତରେ ସ୍ଥିତି ବଦଳି ଯାଇଥିଲା। ପ୍ରଥମେ ରାଜ୍ୟସଭାରେ ସାଂସଦ ମୁନ୍ନା ଖାନ ଏହି ବିଲ୍ ବିରୁଦ୍ଧରେ ଭୋଟ ଦିଆଯିବ ବୋଲି କହିଥିବାବେଳେ ସାଂସଦ ସସ୍ମିତ ପାତ୍ର ବିବେକ ଅନୁସାରେ ଭୋଟ ଦେବାପାଇଁ ନିଷ୍ପତ୍ତି ନିଆଯାଇଥିବା କହିଥିଲେ। ତେବେ ୭ ସାଂସଦଙ୍କ ଭିତରୁ ମୁନ୍ନା ଖାନ ଓ ଦେବାଶିଷ ସାମନ୍ତରାୟ ଭୋଟ ଦେଇ ନଥିବାବେଳେ ସସ୍ମିତ ଭୋଟ ଦେଇଥିଲେ। • ପୃଷ୍ଠା ୫ ଦେଖନ୍ତୁ

### ନବୀନ ନିବାସରେ ଗୁରୁତ୍ୱପୂର୍ଣ୍ଣ ବୈଠକ

## ୧୧ରୁ ଲାଗୁ ହେବ ଆୟୁଷ୍ମାନ ଭାରତ

# ଶୁଭାରମ୍ଭ କରିବେ ନଡ୍ଡା



ଭୁବନେଶ୍ୱର,୪।୪(ଭାସ୍କର ନ୍ୟୁଜ): ଆସନ୍ତା ୧୧ ତାରିଖରେ ଓଡ଼ିଶାରେ ଲାଗୁ ହେବ ଆୟୁଷ୍ମାନ ଭାରତ ଯୋଜନା। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଏହାର ଶୁଭାରମ୍ଭ କରିବେ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ସେ କହିଛନ୍ତି, ଆସନ୍ତା ୧୦ ତାରିଖ ବିଳମ୍ବିତ ରାତିରେ ଶ୍ରୀ ନଡ୍ଡା ଭୁବନେଶ୍ୱରରେ ପହଞ୍ଚିବା ପରେ ୧୧ ତାରିଖରେ ଏହି ଯୋଜନାର ଶୁଭାରମ୍ଭ କରିବେ। ଶ୍ରୀ ନଡ୍ଡା ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ୧୨ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଓଡ଼ିଶାରେ ରହିବେ। ଏଥିପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ ଯେ ଆଗାମୀ ଦୁଇ ସପ୍ତାହ ମଧ୍ୟରେ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯିବ। ଏହି ଯୋଜନା ରାଜ୍ୟରେ ଲାଗୁ ହେଲେ ୩ କୋଟି ୫୨ଲକ୍ଷ ଲୋକ ଉପକୃତ ହେବେ। ରାଜ୍ୟ ଓ ରାଜ୍ୟ ବାହାରର ୨୯ହଜାର ହସ୍ପିଟାଲରେ ଲୋକେ ମାଗଣାରେ ଚିକିତ୍ସା ସୁବିଧା ପାଇପାରିବେ। ବିଜେଡି ସରକାର ଅମଳରେ ମାତ୍ର ୯ଶହ ହସ୍ପିଟାଲରେ ଏହି ଚିକିତ୍ସା ସୁବିଧା ମିଳୁଥିଲା। ଏବେ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ସହ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାର ମିଶ୍ରଣ ହେବା ଫଳରେ ରାଜ୍ୟ ଓ ରାଜ୍ୟ ବାହାରର ୨୯ହଜାର ଡାକ୍ତରଖାନାରେ ଲୋକେ ମାଗଣାରେ ସ୍ୱାସ୍ଥ୍ୟସେବା ପାଇପାରିବେ। ଏଥିପାଇଁ ପୂର୍ବରୁ ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଏକ ଚୁକ୍ତିନାମା ମଧ୍ୟ ସ୍ୱାକ୍ଷରିତ ହୋଇସାରିଛି। ଏଥିପୂର୍ବରୁ ଏପ୍ରିଲ ପହିଲାରେ ଏହି ଯୋଜନା ଲାଗୁ କରିବା ପାଇଁ ରାଜ୍ୟ ସରକାର ଘୋଷଣା କରିଥିଲେ। ତେବେ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ସଫ୍ଟଵେର୍ଣ୍ଣୱେ ଇଣ୍ଟିଗ୍ରେସନ ପାଇଁ ରାଜ୍ୟରେ ଏହି ଯୋଜନା କାର୍ଯ୍ୟକାରୀ କରିବାରେ ବିଳମ୍ବ ହେଉଥିବା ସରକାର କହିଥିଲେ।

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଧର୍ମ ନିରପେକ୍ଷ ଡିଣ୍ଡିମ ପିଟୁଛି
ବିଜୁ ଜନତାର ଦଳ,
ଲୋକେ କହୁଛନ୍ତି ହେଇଗଲା କିବା
ଦଳ ଏବେ ଦୁଇଫାଳ ।
ମାତ୍ର ସାତଜଣ ମେଳ,
ଦେଖିବା ଆଗକୁ ସପ୍ତରଥୀ ମିଶି
ଖେଳୁଛନ୍ତି କେଉଁ ଖେଳ !!




ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝରର ପ୍ରସିଦ୍ଧ ଶୈବପୀଠ କିଜେଶ୍ରୀ କପିଳେଶ୍ୱର ମହେଶଙ୍କର ମନ୍ଦିର ପ୍ରଶାସନର ବାର୍ଷିକ ବୈଠକ ଓ ଜଗରମୋହାର ଆୟବ୍ୟୟର ବିବରଣୀ ଉପରେ ଆଲୋଚନା କରାଯାଇଛି। କପିଳେଶ୍ୱର ସାଂସ୍କୃତିକ ମଞ୍ଚ ଉପରେ ମନ୍ଦିର ପ୍ରଶାସନ ସଦସ୍ୟ ଓ ଗ୍ରାମବାସୀଙ୍କୁ ନେଇ ସମ୍ପନ୍ନ ହୋଇଥିବା ଏହି ବୈଠକରେ ବିଗତ ଦୁଇବର୍ଷ ମଧ୍ୟରେ ମନ୍ଦିର ବେଢ଼ାରେ କରାଯାଇଥିବା ବିଭିନ୍ନ ବିକାଶ କାର୍ଯ୍ୟ ବିଷୟରେ ଆଲୋଚନା କରାଯିବା ସହିତ ଆଗାମୀ ବର୍ଷରେ ହେବାକୁ ଥିବା ବିକାଶ ଉପରେ ସମୀକ୍ଷା କରାଯାଇଥିଲା। ଆଗାମୀ ଦିନରେ ଏହି ପରିସରକୁ ଏକ ସୁପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବା ପାଇଁ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ମିଳିତ ସହଯୋଗ ପ୍ରଦାନ କରିବେ ବୋଲି କହିଥିଲେ। ଏହି ବୈଠକରେ ନୂତନ କମିଟି ଗଠନ କରାଯାଇଥିଲା। ବିଜୟ କୁମାର ମହାନ୍ତି ପୁଣି ଥରେ ସଭାପତି ଓ ଗୌରହରି ନାଏକ ସମ୍ପାଦକ ସର୍ବ ସମ୍ମତି ଭାବେ ନିର୍ବାଚିତ ହୋଇଥିଲେ। ଆଗାମୀ ଶିବବିବାହ ଓ ଶୀତଳଷଷ୍ଠୀ ପାଳନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ବୈଠକରେ ନରଣପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଗୀତା ନାୟକ, ଅନନ୍ତ ନାରାୟଣ ପଣ୍ଡା, ପ୍ରଶାନ୍ତ କୁମାର ପଣ୍ଡା, ଧବଳେଶ୍ୱର ମଲିକ, ରଞ୍ଜନ କୁମାର ସାହୁ, ଅମର ପ୍ରସାଦ ଦ୍ୱେତା, ସତ୍ୟଜିତ ସାମନ୍ତରାୟ, ପ୍ରଦୀପ କୁମାର ପଣ୍ଡା, ପଦ୍ମଲୋଚନ ନାଏକ, ରଞ୍ଜନ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ବେତନଟୀ ବୋହୂ ପୁନମ ଗୁପ୍ତା ଆର୍‌ବିଆଇର ନୂଆ ଡେପୁଟି ଗଭର୍ଣ୍ଣର



ବେତନଟୀ (ଭାସ୍କର ନ୍ୟୁଜ): ଡ. ପୁନମ ଗୁପ୍ତା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ)ର ନୂଆ ଡେପୁଟି ଗଭର୍ଣ୍ଣର ଭାବେ ନିଯୁକ୍ତ ହୋଇଛନ୍ତି। ସେ ୩ ବର୍ଷ ଲାଗି ଏହି ପଦବୀରେ କାର୍ଯ୍ୟ କରିବେ। ଏହାପୂର୍ବରୁ ସେ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦରେ ସଦସ୍ୟ ଭାବେ ଅଂଶଗ୍ରହଣ ଥିଲେ। ଜାନୁଆରୀରେ ଇସ୍ତଫା ଦେଇଥିବା ଡେପୁଟି ଗଭର୍ଣ୍ଣର ମାଇକେଲ ପାତ୍ରଙ୍କ ସ୍ଥାନରେ ଏବେ ଶ୍ରୀମତୀ ଗୁପ୍ତାଙ୍କୁ ନିଯୁକ୍ତି ଦେଇଛନ୍ତି କେନ୍ଦ୍ର ସରକାର। କେନ୍ଦ୍ର କ୍ୟାବିନେଟର ନିଯୁକ୍ତି କମିଟି ତାଙ୍କ ନିଯୁକ୍ତିକୁ ମଞ୍ଜୁରି ପ୍ରଦାନ କରିଛି। ୫ ଏପ୍ରିଲରେ ଅନୁଷ୍ଠିତ ହେବାକୁ ଥିବା ଆରବିଆଇର ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକ ପୂର୍ବରୁ ଶ୍ରୀମତୀ ଗୁପ୍ତାଙ୍କୁ ନିଯୁକ୍ତି ଦିଆଯାଇଛି। ବେତନଟୀର ବୋହୂ ପୁନମ ଗୁପ୍ତା। ବେତନଟୀର ଅବସରପ୍ରାପ୍ତ ବରିଷ୍ଠ ଇଞ୍ଜିନିୟର ଚିତ୍ତ ରଞ୍ଜନ ମିଶ୍ର ଏବଂ ରମା ମିଶ୍ରଙ୍କ ପୁଅ ଅର୍ଥନୀତିଜ୍ଞ ଦୀପକ ମିଶ୍ରଙ୍କ ଧର୍ମପତ୍ନୀ ହେଉଛନ୍ତି ପୁନମ ଗୁପ୍ତା। ଦୀପକ ମିଶ୍ର ବିଶ୍ୱବ୍ୟାଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଥିବାବେଳେ ବର୍ତ୍ତମାନ ସେ ଦିଲ୍ଲୀରେ ଇଣ୍ଡିଆନ କାଉନସିଲ ଫର ରିସର୍ଚ୍ଚ ଅନ୍ ଇଣ୍ଟରନ୍ୟାସନାଲ ଇକୋନୋମିକ ରିଲେସନ୍ସ (ଆଇ.ସି. ଆର.ଆଇ.ଇ.ଆର) ର ନିର୍ଦ୍ଦେଶକ ତଥା ଚିଫ୍ ଏକ୍ଜିକ୍ୟୁଟିଭ ଅଛନ୍ତି। ଦୀପକ ମିଶ୍ରଙ୍କ ଧର୍ମପତ୍ନୀ ପୁନମ ଗୁପ୍ତା ଏହା ପୂର୍ବରୁ ୨୦୨୧ରୁ ଶ୍ରୀମତୀ ଗୁପ୍ତା ନ୍ୟାସନାଲ କାଉନସିଲ ଅଫ୍ ଆପ୍ଲାଏଡ ଇକୋନୋମିକ ରିସର୍ଚ୍ଚ (ଏନ୍‌ସିଏଇଆର) ର ମହାନିର୍ଦ୍ଦେଶକ ଏବଂ ୧୬ ତମ ଅର୍ଥ ଆୟୋଗର ସଦସ୍ୟ ରହିଛନ୍ତି। ସେ ନୀତି ଆୟୋଗର ବିକାଶ ପରାମର୍ଶଦାତା କମିଟି ଏବଂ ଫିକିର ଏକ୍ଜିକ୍ୟୁଟିଭ କମିଟିରେ ସଦସ୍ୟ ଥିଲେ। ସେ ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସରୁ ସ୍ନାତକୋତ୍ତର ଏବଂ ୟୁଏସ୍‌ଏର ମେରିଲାଣ୍ଡ ୟୁନିଭରସିଟିରୁ ଅର୍ଥନୀତିରେ ପିଏଚଡି କରିଛନ୍ତି। ଆଇଏମ୍‌ଏଫ୍ ଏବଂ ବିଶ୍ୱ ବ୍ୟାଙ୍କ ଭଳି ଅନ୍ତର୍ଜାତୀୟ ଅନୁଷ୍ଠାନ ସହ କାମ କରିବାରେ ତାଙ୍କର ଦୀର୍ଘ ୨୦ ବର୍ଷର ଅଭିଜ୍ଞତା ରହିଛି। ବିଶ୍ୱ ବ୍ୟାଙ୍କର ପରାମର୍ଶଦାତା ପରିଷଦରେ ସେ ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି। ସେ ନିକଟରେ ୨୦ ଫେବ୍ରୁଆରୀରେ ମାଇକ୍ରୋ ଇକୋନୋମିକ୍ସ ଟାସ୍କ ଫୋର୍ସର ଅଧ୍ୟକ୍ଷ ଭାବେ ଶ୍ରୀମତୀ ଗୁପ୍ତା କାର୍ଯ୍ୟ କରିଥିଲେ ର ଅଭିଜ୍ଞତା ରହିଛି।

# ଘରପୋଡ଼ିରେ ଚାରିବଖରା ଭସ୍ମ

ପରଜଙ୍ଗ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ ଅନ୍ତର୍ଗତ ଜୟପୁରା କାଟେଣୀପଂଚାୟତ ସିଆରି ମାଳିଆ ନୂଆସାହିରେ ଗୁରୁବାର ରାତି ସାଢେ ଆଠଟା ପରେ ଚାଳଘରେ ନିଆଁ ଲାଗିଯିବାରୁ ଚାରି ବଖରା ଘରପୋଡି ଭସ୍ମୀଭୂତ ହୋଇଥିବା ଜଣାପଡିଛି। ପ୍ରାପ୍ତ ସୂଚନା ମୁତାବକ ସିଆରିମାଳିଆ ଦଳିତ ସାହିର ନୂଆସାହି ରେ ରହୁଥିବା ନିରାକାର ନାଏକ ଓ ଦୁର୍ଯ୍ୟୋ ନାଏକଙ୍କ ଘରେ କୌଣସି କାରଣବଶତଃ ନିଆଁ ଲାଗିଯିବାରୁ ଚାରି



ବଖରା ଘର ସହିତ ଘରେ ରହିଥିବା ଧାନ ଚାଉଳ ସମସ୍ତ ଆସବାବପତ୍ର ଓ ସାଇକେଲ, ଟିଭି ଆଦି ପୋଡି ନଷ୍ଟ ହୋଇଯାଇଛି। ଏ ସମ୍ବନ୍ଧେ ମୁକ୍ତାପଶି ଓ ବସୋଇ ରାଜସ୍ୱ ନିରୀକ୍ଷକ ଦୁଲେଇ କିଷାନ, ସଞ୍ଜୟ ଭୋଇ ଘଟଣା ସ୍ଥଳରେ ପହଞ୍ଚି କ୍ଷୟ କ୍ଷତି ର ଆକଳନ କରିଥିବା ବେଳେ, ଅଗ୍ନିବିପର୍ନ ପରିବାରଙ୍କୁ ଅସ୍ଥାୟୀ ଭାବେ ରହିବାକୁ ପାଲ ଯୋଗାଇ ଦେବାକୁ ସୂଚନା ଦେଇଛନ୍ତି। ଆଉମଧ ବିଡ଼ିଓ ସୌଭାଗ୍ୟ ବେହେରା ଘଟଣା ସ୍ଥଳରେ ପହଞ୍ଚି ଅଗ୍ନି ବିପନ୍ନ ପରିବାରଙ୍କୁ ସୁଖା ଖାଦ୍ୟ ସହ ରନ୍ଧାଖାଦ୍ୟ ପାଇଁ ସାମଗ୍ରୀମାନ ଯୋଗାଇଥିଲେ। ଏଥିପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ଉଭୟ ପରିବାର ଓ ପଡୋଶୀ ନିବେଦନ ରଖିଛନ୍ତି।

# ମାରାଗୁଡା ଲୋକ ମହୋତ୍ସବ ତୃତୀୟ ଦିବସରେ ବୌଦ୍ଧିକ ଚର୍ଚ୍ଚା



ନୂଆପଡ଼ା(ଭାସ୍କର ନ୍ୟୁଜ) ମାରାଗୁଡା ଲୋକମହୋତ୍ସବ ଅବସରରେ ଜିଲ୍ଲା ସଂସ୍କୃତି ପରିଷଦ ଓ ଜିଲ୍ଲା ପ୍ରଶାସନ, ପକ୍ଷରୁ ସ୍ଥାନୀୟ ନ୍ୟାସନାଲ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ତୃତୀୟ ଦିବସରେ 'ମାରାଗୁଡା ଅଞ୍ଚଳର ଐତିହ୍ୟ ଓ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ' ବିଷୟ ନେଇ ବୌଦ୍ଧିକ ଚର୍ଚ୍ଚା ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ଡକ୍ଟର ଫଣିନ୍ଦମ ସିଂ ଦେଓ ଅଧ୍ୟକ୍ଷତା କରିଥିବାବେଳେ ବିଶିଷ୍ଟ ଅତିଥି ଭାବରେ କବି ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଓ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର ଯୋଗ ଦେଇଥିଲେ। ବିଷୟ ବିଶେଷଜ୍ଞ ଭାବରେ ଅବସର ପ୍ରାପ୍ତ ଅଧ୍ୟାପକ ଲୋହିତାକ୍ଷ ଯୋଶୀ, ନାଟ୍ୟକାର ଜିତେନ୍ଦ୍ର ପଟ୍ଟନାୟକ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ଅଂଶ ଗ୍ରହଣ କରି ମାରାଗୁଡ଼ା ସଭ୍ୟତା ଏକ ଉନ୍ନତ ବିକଶିତ ସଭ୍ୟତା ଥିଲା ବୋଲି ମତବ୍ୟକ୍ତ କରିଥିଲେ। ନୂଆପଡ଼ାର ପ୍ରାଚୀନ ଐତିହ୍ୟର ସଂରକ୍ଷଣ ଓ ରକ୍ଷଣା ବେକ୍ଷଣ ର ଆବଶ୍ୟକତା ରହିଛି ବୋଲି ସର୍ବସମ୍ମତି ମତ ପ୍ରକାଶ ପାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସୁରଜିତ ସିଂ ମହରଥା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସୁନାଖଳା ତ୍ରିନାଥ ବଜାର ବଣିକ ସଂଘ ପକ୍ଷରୁ ଜଳଛତ୍ର

ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ ନିକଟସ୍ଥ ରାଜ ସୁନାଖଳା ତ୍ରିନାଥ ବଜାର ମୁଖ୍ୟ ରାସ୍ତା ଛକଠାରେ ତ୍ରିନାଥ ବଣିକ ସଂଘ ପକ୍ଷରୁ ଦହିପଣା, ଥଣ୍ଡା ପାନୀୟ ଓ ମିଶ୍ରି ପଣା ଆଦି ବାଟୋଇ ଯାତ୍ରୀମାନଙ୍କୁ ବଣ୍ଟନ କରାଯାଇଥିଲା। ଏହି ବଜାରଟି ରାଜ ସୁନାଖଳା-ଧଳାପଥର ରଣପୁର ଓ ଭୁବନେଶ୍ୱର ଓ ନୟାଗଡ ସଂଯୋଗ ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଶତାଧିକ ବାଟୋଇମାନେ ଅଟକି ରହି ଥଣ୍ଡା ପାନୀୟ ଜଳଗ୍ରହଣ କରିଥିଲେ। ଏହି ଜଳଛତ୍ର କାର୍ଯ୍ୟକ୍ରମକୁ ବଜାର କମିଟି ସମ୍ପାଦକ ନିରଞ୍ଜନ ପ୍ରଧାନଙ୍କ ସମେତ ବଜାର କମିଟିର ସମସ୍ତ ସଦସ୍ୟ ମାନେ ସହଯୋଗ କରି ପରିଚାଳନା କରୁଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଏହି ଜଳଛତ୍ର ବଣ୍ଟନ କାର୍ଯ୍ୟକ୍ରମ ୧୮ଦିନ ଧରି ବଣ୍ଟନ କରାଯିବ। ରାଜସୁନାଖଳା ବଜାର ଏହି ଅଞ୍ଚଳର ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳୀ ତଥା ଜନଗହଳି ପୂର୍ଣ୍ଣ ହୋଇଥିବାରୁ ଜଳଛତ୍ର କିଛି ମାତ୍ରରେ ବାଟୋଇମାନଙ୍କୁ ସହାୟକ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଜଳଛତ୍ର ବ୍ୟବସ୍ଥା କରାଯାଇନଥିବା ବେଳେ ଆଜିର ଜଳଛତ୍ରବଣ୍ଟନରେ ବହୁତ ବାଟୋଇ ଯାତ୍ରୀମାନେ ଦ୍ୱାରା ଉପକୃତ ହୋଇଥିବାରୁ ଏହାକୁ ଜନସାଧାରଣ ପ୍ରଶଂସା କରିଛନ୍ତି।

# 'ଆମ ସଂସ୍କୃତି ଆମ ଖେଳନା' ଉତ୍ସବ




କୃଷ୍ଣପ୍ରଶାଦ (ଭାସ୍କର ନ୍ୟୁଜ )ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକ ମାଲୁଦ ଶିକ୍ଷା ସର୍କଲ ଖୋଲଗଞ୍ଜ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳନା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ଦାସ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଭ୍ରମରବର ବିଶ୍ୱାଳ ପଥରଗଞ୍ଜ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ମଲ୍ଲିକ ସିଆରସିସି ବିଭୁତି ଭୂଷଣ ଦଳବେହେରା ମୁଖ୍ୟ ଅତିଥି କୃଷ୍ଣଚନ୍ଦ୍ର ବିଶ୍ୱାଳ, ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅନିମା ଜେନାଙ୍କ ଉପସ୍ଥିତିରେ ଆମ ସଂସ୍କୃତି ଆମ ଖେଳନା ଓ ବାର୍ଷିକ ଉତ୍ସବରେ ଯୋଗଦେଇ ଆମ ସଂସ୍କୃତି ଓଡ଼ିଆ ପରମ୍ପରା କେମିତି ଆମେମାନେ ମାନି ଚଳିବା ସହ ଉଜ୍ଜୀବିତ ରଖିବା ଭଲ ପାଠ ପଢିବା ଭଲ ମଣିଷ ହେବା ନିଜ ବାପା ମା ଗାଁ ଓ ବିଦ୍ୟାଳୟ ର ନାଁ ରଖିବା ପାଇଁ ମୁଖ୍ୟ ଅତିଥି ଶ୍ରୀ କୃଷ୍ଣ ଚନ୍ଦ୍ର ବିଶ୍ୱାଳ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ରେ ବିଭିନ୍ନ ପ୍ରକାର ନାଚ ଗୀତ ଦୌଡ଼ ଆଦି ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଓ ସ୍କୁଲ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତି ଛାତ୍ର ଛାତ୍ରୀଙ୍କୁ ମାନପତ୍ର ଓ ସିଲ ଦେଇ ଉତ୍ସାହିତ କରାଯାଇଥିଲା ଏଥିରେ ବିଦ୍ୟାଳୟ ପରିଚାଳନା କମିଟ ସଭ୍ୟ ସଭ୍ୟା ଓ ଅଭିଭାବକ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବୁଦ୍ଧିବର ଉନ୍ନୀତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଜେନା ମଞ୍ଚ ପରିଚାଳନା କରିଥିଲେ।

# ବିପ୍ଳବୀ ଧରଣୀଧରଙ୍କ ଜନ୍ମପୀଠକୁ ଭାଷା ସାହିତ୍ୟ ଗବେଷକଙ୍କ ଆଗମନ

କେନ୍ଦୁଝର(ଭାସ୍କର ନ୍ୟୁଜ) : କେନ୍ଦୁଝରର ଭୂୟାଁ ସଂପ୍ରଦାୟର ଲୋକମାନେ ସ୍ୱାଧୀନତା ପୂର୍ବ କାଳରେ ଅତ୍ୟାଚାରୀ ରାଜା ଓ ଇଂରେଜ ଶାସନ ବିରୋଧରେ ଅନେକ ଥର ବିଦ୍ରୋହ କରିଥିଲେ। ଏହି ବିଦ୍ରୋହଗୁଡ଼ିକୁ ଲୋକମୁଖରେ 'ମେଳି' ବୋଲି କୁହାଯାଏ। ସେଥିମଧ୍ୟରୁ ପ୍ରମୁଖ ବିଦ୍ରୋହ ଥିଲା ଧରଣୀଧର ଭୂୟାଁଙ୍କ ନେତୃତ୍ୱାଧୀନ 'ଧରଣୀଧରମେଳି'। ରାଜତନ୍ତ୍ର ଓ ଇଂରେଜ ବିରୋଧରେ ବିପ୍ଳବୀ ଧରଣୀଧରଙ୍କର ଏହି ସଂଗ୍ରାମ ଥିଲା ଓଡ଼ିଶା ଇତିହାସର ଏକ ଅନନ୍ୟ କିମ୍ବଦନ୍ତୀ। ଯିଏକି ପରବର୍ତ୍ତୀ ସମୟରେ ସନ୍ନ୍ୟାସୀ ଜୀବନ ଅତିବାହିତ କରି ଶେଷରେ ଓଡ଼ିଶା ପାଇଁ ଜୀବନ ଉତ୍ସର୍ଗ କରିଥିଲେ। ସେହିଭଳି ସ୍ୱାଧୀନତାର ମହାନାୟକ ବିପ୍ଳବୀ ଧରଣୀଧରଙ୍କ ଉପରେ ଏକ ଗବେଷଣାଧର୍ମୀ ପୁସ୍ତକ ରଚନା କରିବା ପାଇଁ ଓଡ଼ିଆ ଭାଷା ସାହିତ୍ୟ ଗବେଷକ , ସହସ୍ର ପୁସ୍ତକର ସ୍ରଷ୍ଟା ପଣ୍ଡିତ ଦୈତ୍ୟାରି ମହାପାତ୍ର ଖଣ୍ଡାଧାର ସମ୍ବାଦ ଓ ଫିଚର ପତ୍ରିକାର ପରିଚାଳନା ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ, ସଂଗ୍ରାହକ ଡମ୍ବରୁଧର ମହାନ୍ତଙ୍କ ନେତୃତ୍ୱରେ କେନ୍ଦୁଝରଗଡ଼ ଅନ୍ତର୍ଗତ ଧରଣୀଧରଙ୍କ ଜନ୍ମ ପୀଠ କୁସୁମିତା ଗ୍ରାମକୁ ଯାଇଥିଲେ। ବିପ୍ଳବୀ ଧରଣୀଧର ଆଞ୍ଚଳିକ ବିକାଶ କମିଟିର ସଭାପତି ନିଶାକର ନାଏକ ଏବଂ



ସମ୍ପାଦକ ନିରାକାର ନାଏକ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ। ଧରଣୀଧରଙ୍କ ନାତି ପବିତ୍ରମୋହନ ନାଏକ ରାଇସୁଆଁ ଏବଂ କୁସୁମିତାର ସମସ୍ତ ଗବେଷଣା କ୍ଷେତ୍ର ପରିଦର୍ଶନ କରାଇଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅବସରପ୍ରାପ୍ତ ଉପ ନିର୍ଦ୍ଦେଶକ ତଥା ଗବେଷକ ନବ କିଶୋର ଗିରି, ଗାଁ ବଞ୍ଚାଅ ଆନ୍ଦୋଳନର ରାଷ୍ଟ୍ରୀୟ ଅଧ୍ୟକ୍ଷ ତୁଳସୀରାମ ଜଗତ, ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଗୁମୁରା ପଞ୍ଚାୟତର ସରପଞ୍ଚ ତପନ କୁମାର ନାଏକ ଉପସ୍ଥିତ ରହି କ୍ଷେତ୍ର ପରିଦର୍ଶନ କରିଥିଲେ। ଗବେଷକ ପଣ୍ଡିତ ଦୈତ୍ୟାରି ମହାପାତ୍ର ଏବଂ ଉପସ୍ଥିତ ସମସ୍ତ ସମ୍ମାନିତ ଅତିଥି ପ୍ରଥମେ କୁସୁମିତାର ଦଣ୍ଡାୟମାନ ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରି ଅଧିକ ଗବେଷଣା କରିବା ପାଇଁ ବିପ୍ଳବୀ ଧରଣୀଧର ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନ କରି ଧରଣୀଧରଙ୍କ ଜନ୍ମ ପୀଠକୁ ଯାଇ ତାଙ୍କ ବଂଶଧର ଲୋକମାନଙ୍କ ସହିତ ମିଶି ବହୁ ଅନାଲୋଚିତ ତଥ୍ୟ ସଂଗ୍ରହ କରିଥିଲେ। ତାପରେ କୁସୁମିତା ଗ୍ରାମର ଦେହୁରୀ କୀର୍ତ୍ତନ ନାଏକ ଏବଂ ଭକ୍ତବନ୍ଧୁ ଦେହୁରୀ ଓ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ବିବିଧ ଶାଳ ପୂଜାର ପରମ୍ପରା, ପ୍ରକୃତି ପୂଜା ଏବଂ ଲୋକ ଜୀବନ, ଲୋକ ଭାଷା ଓ ଲୋକ ଗୀତ ଉପରେ ବହୁ ତଥ୍ୟ ସଂଗ୍ରହ କରିଥିଲେ। ସ୍ୱାଧୀନତାର ମହାନାୟକ ବିପ୍ଳବୀ ଧରଣୀଧରଙ୍କ ଉପରେ ଖୁବ୍ ଶୀଘ୍ର ଏକ ଗବେଷଣାଧର୍ମୀ ପୁସ୍ତକ ପ୍ରକାଶ ପାଇବ ବୋଲି ସାମ୍ବାଦିକ ଏବଂ ଉପସ୍ଥିତ ବୁଦ୍ଧିଜୀବୀମାନଙ୍କୁ ପଣ୍ଡିତ ମହାପାତ୍ର କହିଛନ୍ତି। ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ ପଣ୍ଡିତଙ୍କ ଏପରି ଗବେଷଣାତ୍ମକ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ।

# ବିନା କାର୍ଯ୍ୟାଦେଶରେ କାମ ଆରମ୍ଭ

## ବିଧାୟକ, ବ୍ଲକ ଅଧ୍ୟକ୍ଷ ଗୋଷ୍ଠୀ ମୁହାଁମୁହିଁ

ନିଆଳି (ଭାସ୍କର ନ୍ୟୁଜ): ନିଆଳି ବ୍ଲକ ପହଂଗା ପଂଚାୟତ ରେ ଥିବା ପହଂଗା ହାଟର ପିଣ୍ଡି ସହିତ ଛାଇ ନିମନ୍ତେ ଉପରେ ଆଜବେଷ୍ଟ ପକାଇବା ପାଇଁ ପଂଚାୟତ ସମିତି ପଇସାରୁ ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା କାର୍ଯ୍ୟରତ ବିଭାଗୀୟ ଜେଇଙ୍କୁ ଦେଇଥିବା ବେଳେ ବିଧାୟକଙ୍କ ଗୋଷ୍ଠୀର କିଛି ଲୋକ ହାଟ ପିଣ୍ଡି ବଦଳରେ ଉକ୍ତ ଟଙ୍କାରେ ଫେବର ପକାଇବା ପାଇଁ ବିନା କାର୍ଯ୍ୟାଦେଶ ରେ ଆଜି କାମ ଆରମ୍ଭ କରିଛନ୍ତି। ଯାହାଫଳରେ ଆଜି ବିଧାୟକ ଓ ଅଧ୍ୟକ୍ଷ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ନିଆଳି



ସହକାରୀ ନିର୍ବାହୀ ଯନ୍ତ୍ରୀ ଉକ୍ତ କାମ ପାଇଁ କାହାରିକୁ କାର୍ଯ୍ୟାଦେଶ ଦିଆଯାଇ ନଥିବା କଥା କୁହାଯାଉଥିବା ବେଳେ କାମ ଆରମ୍ଭ ପୂର୍ବରୁ ଦୁଇ ଗୋଷ୍ଠୀ ଙ୍କ ମଧ୍ୟରେ ଉପୁଜିଛି ବିବାଦ। ଏଠାରେ ସୂଚନା ଥାଉକି ଉକ୍ତ ହାଟଟି ପଂଚାୟତ ଅଧୀନରେ ଥିବାବେଳେ ହାଟରେ ଦୁଇଟି ପାଳିରେ ପଂଚାୟତ ପକ୍ଷରୁ ନିଲାମ ଦିଆଯାଇ କର ଆଦାୟ କରାଯାଇଥାଏ। ଉକ୍ତ ହାଟର ରକ୍ଷଣା ବେକ୍ଷଣ ଓ ଉନ୍ନତିକରଣର ଦାୟିତ୍ୱ ପଂଚାୟତର ହୋଇଥିବା ବେଳେ ଏବେ କାମ କିଏ କରିବ ସେ ନେଇ ଉପୁଜିଛି ବିବାଦ।

# ବୃଦ୍ଧଙ୍କୁ ମାରିଦେଲେ ଶଳା-ଭିଣୋଇ

ବେତନଟ(ଭାସ୍କର ନ୍ୟୁଜ) :ବେତନଟୀ ଥାନା ଅଧୀନ ମୁକ୍ତାପୁର ଗ୍ରାମର ଶଳା ଭିଣୋଇ ଉତ୍ୟକ୍ତହୋଇ ବୃଦ୍ଧଙ୍କୁ କୁରାଢୀରେ ହାଣିବା ସହିତ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିବା ଘଟଣା ସମଗ୍ର ବେତନଟୀ ଇଲାକାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ବେତନଟୀ ବ୍ଲକ ତଥା ଥାନା ଅଧୀନ ମୁକ୍ତାପୁର ଗ୍ରାମରେ। ମୃତକ ଜଣକ ହେଉଛନ୍ତି ଗ୍ରାମର ମନ୍ମଥ ଦେହୁରୀ(୬୮) । ଏତଲାକାରୀ ମୃତ ବୃଦ୍ଧଙ୍କ ପତ୍ନୀ ବାଦଲ ଦେହୁରୀଙ୍କ ଅଭିଯୋଗ ମୁତାବକ ଆଜି ପୂର୍ବାହ୍ନରେ ମୁଖ୍ୟ ହତ୍ୟାକାରୀ ବେତନଟୀଆ ଦେହୁରୀ ନିଜର ସମ୍ପର୍କୀୟ ଶଳା ବାବୁ ଦେହୁରୀ ସହିତ କୌଣସି କଥାକୁ ନେଇ ରାସ୍ତା ପାର୍ଶ୍ୱସ୍ଥ ଘର ସମ୍ମୁଖରେ ଗଣ୍ଡଗୋଳ ଲାଗିଥିଲେ। ସେହି ସମୟରେ ସାଇକେଲରେ ମନ୍ମଥ ଯାଉଥିବା ବେଳେ କ'ଣ ପାଇଁ କଳିଗୋଳ ଲାଗୁଛ କହି ପରାମର୍ଶ ଦେଇଥିଲେ। ମାତ୍ର ଏଥିରେ ଉତ୍ୟକ୍ତ ହୋଇ ବେତନଟୀଆ ଦେହୁରୀର ଶଳା ବାବୁ ଦେହୁରୀ ଏକ କୁରାଢ଼ିରେ ମନ୍ମଥଙ୍କ ମୁଣ୍ଡରେ ଶକ୍ତ ପ୍ରହାର କରିବାରୁ ସେ ସାଇକେଲରୁ ତଳେ ପଡିଯାଇଥିଲେ। ମନ୍ମଥ ତଳେ ପଡିଯିବାପରେ ଏହାପରେ ରାଗ ଜର୍ଜରିତ ବେତନଟୀଆ ଦେହୁରୀ ଏକ ଧାରୁଆ କୁରାଢୀରେ ମନ୍ମଥଙ୍କ ମୁଣ୍ଡ ମୁହଁ ସମେତ ବିଭିନ୍ନ ସ୍ଥାନରେ ବାରମ୍ବାର ହାଣିଚାଲିଥିଲା। ମନ୍ମଥଙ୍କ ଚିତ୍କାରଶୁଣି ପୁଅ କଙ୍କା ଦେହୁରୀ, ଭାଇ ଗୋପୀନାଥ ଦେହୁରୀ ପ୍ରମୁଖ ଧାଇଁଯାଇ ରକ୍ଷାକରିବାକୁ ଚେଷ୍ଟା କରିଥିଲେ। ମାତ୍ର ସେତେବେଳକୁ ବେତନଟୀଆ ଦେହୁରୀର ବଡଭାଇ ବାରିପଦିଆ ଦେହୁରୀ, ଝୁନୁ ଦେହୁରୀ, ଅନ ଦେହୁରୀ, ଯଶୁ ଦେହୁରୀ ଓ ଶିବା ଦେହୁରୀ ପ୍ରମୁଖ ଠେଙ୍ଗାରେ ମନ୍ମଥଙ୍କ ସମେତ ମନ୍ମଥଙ୍କ ପୁଅ କଙ୍କା ସଂଘବଦ୍ଧ ଆକ୍ରମଣ କରିଚାଲିଥିଲେ। ଏଥିରେ ମନ୍ମଥ ଙ୍କ ମୃତ୍ୟୁ ଘଟିଥିବା ବେଳେ କଙ୍କା ଓ ଗୋପୀନାଥ ଆହତ ହୋଇଛନ୍ତି। ସମସ୍ତଙ୍କୁ ଉଦ୍ଧାରକରି ବେତନଟୀ ଡାକ୍ତରଖାନା ଆଣିଥିଲେ ସୁଦ୍ଧା ମନ୍ମଥଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏନେଇ ମୃତକଙ୍କ ପତ୍ନୀ ବାଦଲ ଦେହୁରୀଙ୍କ ଏତଲାମୂଳେ ବେତନଟୀ ପୁଲିସ ଏକ ହତ୍ୟାକାଣ୍ଡ ଜନିତ ମାମଲା ରୁଜୁକରି ଛାନଭିନ୍ ଆରମ୍ଭ କରିଥିବା ବେଳେ ବାରିପଦିଆ ଦେହୁରୀ ସମେତ ଦୁଇଜଣଙ୍କୁ ଗିରଫ କରିଛି। ମୁଖ୍ୟ ହତ୍ୟାକାରୀ ବେତନଟୀଆ ଦେହୁରୀ ସମେତ ଅନ୍ୟମାନେ ଫେରାର ହୋଇଯାଇଥିବା ଜଣାପଡ଼ିଛି।

# ବେଙ୍ଗଲୀ ଗ୍ରାମକୁ ରାଜସ୍ୱ ଗ୍ରାମ କରିବା ପ୍ରସ୍ତାବକୁ ଜିଲ୍ଲା ଆଦିବାସୀ ମହାସଂଘର ବିରୋଧ

ମାଲକାନଗିରି,(ଭାସ୍କର ନ୍ୟୁଜ୍): ଜିଲା ଆଦିବାସୀ ସମାଜ ମହାସଂଘର କର୍ମକର୍ତ୍ତା ମାନେ ଗୁରୁବାର ଦିନ ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀରେ ଜିଲ୍ଲାର ବେଙ୍ଗଲୀ ଗ୍ରାମକୁ ରାଜସ୍ୱ ଗ୍ରାମ ଭାବେ ସରକାରଙ୍କ ପ୍ରସ୍ତାବକୁ ବିରୋଧ କରିଛନ୍ତି। ସମ୍ବିଧାନରେ ପ୍ରଦତ୍ତ ୫ମ ଅନୁସୂଚିର ଖଣ୍ଡ ପାରା ୫(୨) କ, ଖ ଅନୁଯାୟୀ ଏହିଭଳି ଉପାନ୍ତ ଓ ପଞ୍ଚମ ଅନୁସୂଚିତ ଅଞ୍ଚଳରେ ଅଣ ଆଦିବାସୀଙ୍କୁ ସ୍ଥାନୀୟ ଅଞ୍ଚଳରେ ବିନା ଅନୁମତିରେ ଥଇଥାନ କରିବା ବେଆଇନ କାର୍ଯ୍ୟ। କେଉଁ ନିୟମ



ବଳରେ ହଜାର ହଜାର ବଙ୍ଗୀୟ ସରଣାର୍ଥୀ ସମସ୍ତେ ଅନ୍ୟ ଅଣ ଆଦିବାସୀଙ୍କୁ ଏହି ଅଞ୍ଚଳରେ ବସତି ସ୍ଥାପନ କରାଗଲା। ବିଗତ ସରକାର ଙ୍କ ସମୟରେ ଏହି ଅଞ୍ଚଳରେ କେତେକ ବଙ୍ଗୀୟ ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ନିମନ୍ତେ ଚିଠା ପ୍ରସ୍ତୁତ ବେଳେ ଏହାକୁ ଜିଲା ଆଦିବାସୀ ସମାଜ ମହାସଂଘ ତରଫରୁ ପ୍ରତିବାଦ କରି ଉଚ୍ଚ ନ୍ୟାୟାଳୟରେ ମାମଲା ଦାଏର କଲା ପରେ ହାଇକୋର୍ଟ ଆଦିବାସୀ ସପକ୍ଷରେ ସ୍ୱତନ୍ତ୍ର ଗ୍ରାମସଭା ନିଷ୍ପତିକୁ ଗୁରୁତ୍ୱ ଦେବାକୁ ରାୟ ଦେଇଥିଲେ। ବର୍ତ୍ତମାନ ସରକାର ଏହି ନିୟମ ଉଲ୍ଲଙ୍ଘନ କରି ପୁନର୍ବାର ରାଜସ୍ୱ ଗ୍ରାମର ମନ୍ୟତା ପାଇଁ ପ୍ରସ୍ତୁତ ହୋଇଛନ୍ତି ଓ ଯଦିଓ ସରକାର ବଙ୍ଗୀୟ ଶରଣାର୍ଥୀଙ୍କୁ ଏହି ଜିଲାରେ ଥଇଥାନ କଲେ ସେହି ସମୟ ଅପେକ୍ଷା ବର୍ତ୍ତମାନ ଦଶ ଗୁଣ ବଙ୍ଗଳାଦେଶୀ ମାନେ ଆସି ସମସ୍ତ ଅଞ୍ଚଳରେ ବିଛେଇ ହୋଇ ଯାଇଛନ୍ତି। ଏଥିସହ ବଙ୍ଗୀୟମାନଙ୍କୁ ଏଠାରେ ଥଇଥାନ ସହ ସେମାନଙ୍କୁ ଭୋଟର, ଆଧାର, ରାସନ କାର୍ଡ, ଜାତିଗତ ଓ ସ୍ଥାୟ ବାସିନ୍ଦା ପ୍ରମାଣ ପତ୍ର ପ୍ରଦାନ କରାଯାଉଛି। ଘରବାରୀ,ଚାଷ ଜମି ପ୍ରଦାନ କରିବାକୁ ସରକାର ତତ୍ପରତା କାହିଁକି ଦେଖାଉଛନ୍ତି। ବର୍ଷ ବର୍ଷ ଧରି ଏହି ଅଞ୍ଚଳରେ ବାସ କରୁଥିବା ଆଦିବାସୀ ସମ୍ପ୍ରଦାୟ ଲୋକଙ୍କୁ ଏହି ସମସ୍ତ ପ୍ରାମଣପତ୍ର କିମ୍ବା ପଟ୍ଟା ମିଳିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଫଳରେ ଜିଲାର ସରଳ ନିରୀହ ଆଦିବାସୀଙ୍କୁ ନିଜ ଭିଟାମାଟିରୁ ଛଡାଇ ବିସ୍ଥାପନ କରି ମାରିଦେବାକୁ ଚେଷ୍ଟା କରୁଛନ୍ତି। ଏହାକୁ ସଂଘ ବରଦାସ୍ତ କରିବ ନାହିଁ। ଆଗାମୀ ଦିନରେ ଆନ୍ଦୋଳନ କରାଯିବା ସହ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ମହାସଂଘ ସଭାପତି ବନ୍ଧୁ ମୁଦୁଲି ଙ୍କ ସମେତ ବୁଦ୍ରା କର୍ତ୍ତାମୀ, ବାଗା ମାଡକାମି, ଜାରାଶବର ମାଢ଼ି, ଘେନୁ ମୁଦୁଲି, ଲବ ପୂଜାରୀ, କୁମାର ଜାଲିଆ, ଏରା ପଡିଆମି, ଡି. କାମେଶ୍ୱର ରାଓ, ବାବୁଲୁ ମୁର୍ମୁ ପ୍ରମୁଖ ପ୍ରକାଶ କରିଛନ୍ତି।

# ମାସୁଦପୁରରେ ୧୬ ଜବର ଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ନିର୍ଦ୍ଦେଶ




କୋରାଇ(ଭାସ୍କର ନ୍ୟୁଜ) :ବ୍ୟାସନଗର ତହସିଲ ଅନ୍ତର୍ଗତ କୋରାଇ ବ୍ଲକ ଅଧିନରେ ଗୋଳେଇପୁର ଗ୍ରାମପଞ୍ଚାୟତର ମସୁଦ୍ ପୁରରେ ଦୀର୍ଘ ବର୍ଷ ଧରି କିଛି ମୁଷ୍ଟିମେୟ ଲୋକ ଗୋଚର ଜମିକୁ ଜବରଦଖଲ କରି ରଖିଥିଲେ,ଯାହାକୁ ନେଇ ବିଭିନ୍ନ ସମୟରେ ବ୍ୟାସନଗର ତହସିଲରେ ଜବର ଦଖଲ ଉଚ୍ଛେଦ ପାଇଁ ଅଭିଯୋଗ ହେଉଥିଲା।କିନ୍ତୁ ଦୁଃଖର ବିଷୟ ପୂର୍ବରୁ କିଛି ରାଜନୈତିକ ବ୍ୟକ୍ତିବିଶେଷଙ୍କ ଚାପରେ ତହସିଲଦାର ଚେପା ହୋଇ ହାଇକୋର୍ଟଙ୍କ ଚିଠିକୁ ଫାଇଲ ତଳେ ଚାପି ଦେଉଥିଲେ। ନୂତନ ସରକାର ଆସିବା ପରେ ଜବରଦଖଲ କାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ, ଯାହା ବର୍ତ୍ତମାନ କୋରେଇ ଅଞ୍ଚଳରେ ବିଭିନ୍ନ ସରକାରୀ ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହେଉଥିବା ଦେଖିବାକୁ ମିଳୁଛି। ଆଜି ବ୍ୟାସନଗର ତହସିଲ୍ କାର୍ଯ୍ୟାଳୟ ତରଫରୁ ଚିଠି ନମ୍ବର ୧୫୫/୨୦୨୦ ଜିଲ୍ଲାପାଳଙ୍କ କେସ ନମ୍ବର ୬୫/ ୨୦୨୨ ରେ ଏପ୍ରିଲ ୫ ତାରିଖ ସୁଦ୍ଧା ଗୋଚର ଜମିରୁ ଜବରଦଖଲକାରୀମାନେ ଅପସରି ଯିବା ପାଇଁ ନିର୍ଦ୍ଦେଶ ଅଛି।ଏହି ନିର୍ଦ୍ଦେଶ କୁ ଜବରଦଖଲ କାରୀ ମାନେ ନ ମାନିଲେ ସେମାନଙ୍କ ବିପକ୍ଷରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଜବରଦଖଲ ଉଚ୍ଛେଦ ପାଇଁ ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ଏଠାରେ ସୂଚନା ଯୋଗ୍ୟକି ଏ ନେଇ ଆମେ ପୂର୍ବରୁ ଜବର ଦଖଲ ଉଚ୍ଛେଦ ପାଇଁ ଆରୋପ ରେ ଖବର ପ୍ରସାରଣ କରିଥିଲୁ, ପରେ ଜିଲ୍ଲାପାଳ ଏ ନେଇ ହାଇକୋର୍ଟ ଯାଇଥିଲେ.ଆଜି ତାର ପ୍ରଭାବ ଦେଖିବାକୁ ମିଳିଛି।

# ଶ୍ରେଷ୍ଠ ଏସ୍‌ଆଇ ଭାବରେ ତୁଷାରକାନ୍ତ ସମ୍ବର୍ଦ୍ଧିତ



ବୋଲଗଡ (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ବୋଲଗଡ ଥାନା ବାଂକୋଇ ଫାଣ୍ଡିର ଏଏସ୍‌ଆଇ ତୁଷାରକାନ୍ତ ନାୟକ ପୋଲିସ ପ୍ରତିଷ୍ଠା ଦିବସରେ ଖୋର୍ଦ୍ଧା ଜିଲ୍ଲା ସ୍ତରରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଜିଲ୍ଲା ଅଧିକ୍ଷିକା ସୁଶ୍ରୀ ସାଗରୀକା ନାଥ ରିଜର୍ଭ ପୋଲିସ ପଡିଆଠାରେ ଆୟୋଜିତ ପ୍ରତିଷ୍ଠା ଉତ୍ସବ ଜିଲ୍ଲାର ଅନେକ ପୋଲିସ ମାନଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ବୋଲଗଡ ଥାନାର ବାଂକୋଇ ଫାଣ୍ଡିର ଏସ୍‌ଆଇ ତୁଷାରକାନ୍ତ ନାୟକଙ୍କୁ ଖୋର୍ଦ୍ଧା ଜିଲ୍ଲାର ଶ୍ରେଷ୍ଠ ଏସଆଇ ଭାବରେ ସମ୍ବର୍ଦ୍ଧିତ କରିଛନ୍ତି। ଜଣେ କର୍ତ୍ତବ୍ୟ ନିଷ୍ଠ କର୍ମଚାରୀ ଭାବରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରତ୍ୟେକ ଦାୟିତ୍ୱ ନିଷ୍ଠାର ସହ ନିର୍ବାହ କରିଥିବାରୁ ସମାଜ ପ୍ରତି କର୍ତ୍ତବ୍ୟ ଓ ସେବାକୁ ସଦାସର୍ବଦା ବଜାୟ ରଖିବା ସହ କିପରି ଲୋକଙ୍କର ନିକଟତର ହୋଇ ବିଭିନ୍ନ କ୍ଷେତ୍ରରେ ସୁରକ୍ଷା ଓ ସେବା ଯୋଗାଇ ଥିବାରୁ ଜିଲ୍ଲାର ଶ୍ରେଷ୍ଠ ଏସଆଇ ଭାବରେ ଶ୍ରୀ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପୁରସ୍କାର ତାଙ୍କୁ ଅଧିକ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ନାୟକ ଆଶା କରିଛନ୍ତି।

# କାଜୁବାଡ଼କୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

କୋରାପୁଟ(ଭାସ୍କର ନ୍ୟୁଜ୍ ) : କାଜୁବାଡକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ବିବାଦମୁଣ୍ଡ ଟେକିଥିଲା। ନ୍ୟାୟ ପାଇଁ ଗୋଟିଏ ପକ୍ଷ କୋରାପୁଟ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ସତ୍ୱେ ନ୍ୟାୟ ନମିଳିବାରୁ ଗ୍ରାମର ଶତାଧିକ ପୁରୁଷ ମହିଳା ଓ ଛାତ୍ରଛାତ୍ରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ଉପଜିଲ୍ଲାପାଳ ପ୍ରେମଲାଲ ହିଆଳଙ୍କ ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଥିଲେ ଗ୍ରାମବାସୀ। ସୂଚନା ଅନୁସାରେ, ମାଛକୁଣ୍ଡ ତହସିଲ ଅନ୍ତର୍ଗତ ବାଂଚିଆମ୍ବ ଗାଁ ଠାରେ ଏକ କାଜୁ ବଗିଚାକୁ ନେଇ ଗ୍ରାମବାସୀଙ୍କ ଭିତରେ ବିବାଦ ଲାଗି ରହିଛି। ମାମଲା କୋର୍ଟ ପହଞ୍ଚିବା ପରେ ବାଂଚିଆମ୍ବ ଗ୍ରାମବାସୀଙ୍କ ସପକ୍ଷରେ କୋର୍ଟ ରାୟ ଦେଇଥିଲେ। କିନ୍ତୁ ତହସିଲ କର୍ତ୍ତୃପକ୍ଷ ଅଦାଲତ ନିର୍ଦ୍ଦେଶକୁ ଆଜି ଯାଏଁ କାର୍ଯ୍ୟକାରୀ କରିନଥିବାରୁ ବାଂଚିଆମ୍ବ ଗ୍ରାମବାସୀ ଜିଲ୍ଲାପାଳଙ୍କ



କାର୍ଯ୍ୟାଳୟରେ ଧାରଣାରେ ବସିଥିଲେ। କୋରାପୁଟ ଉପଜିଲ୍ଲାପାଳ ଗ୍ରାମବାସୀଙ୍କ ସହ ଆଲୋଚନା କରି ଆସନ୍ତା ୬ତାରିଖରେ ଗ୍ରାମକୁ ଯାଇ ପୋଲିସ, ତହସିଲଦାରଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କ ମଧ୍ୟରେ ଆପୋଷ ବୁଝାମଣା କରି ସମସ୍ୟାର ସମାଧନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଥିଲେ ଗ୍ରାମବାସୀ।

# ମହୁଲି ମଦ ନଷ୍ଟ, ୨ ଗିରଫ

କରଞ୍ଜିଆ(ଭାସ୍କର ନ୍ୟୁଜ): କରଞ୍ଜିଆ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଭାବେ ଆଜି ଦିନ ତମାମ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହିତ ବିପୁଳ ପରିମାଣର ମହୁଲି, ମହୁଲ ପୋଚ ନଷ୍ଟ କରାଯାଇଥିବା କରଞ୍ଜିଆ ଅବକାରୀ ଓଆଇସି ଅପରାହ୍ନ ୫ ଘଟିକା ସମୟରେ ସୂଚନା ଦେଇଛନ୍ତି। ବେଆଇନ ମହୁଲି ମଦ କାରବାର ବୃଦ୍ଧି ପାଉଥିବାବେଳେ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର ଓ ଉପ ଅଧିକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଇନ୍ସପେକ୍ଟର ସଞ୍ଜୟ କୁମାର କାଣ୍ଡିଙ୍କ ନେତୃତ୍ୱରେ କରଞ୍ଜିଆ ଅବକାରୀ ଓଆଇସି ରଶ୍ମି ରଂଜନ ନାୟକ, ଏଏସଆଇ ଫୁଲମଣୀ ନାଏକ, କନଷ୍ଟେବଲ ପିଥନାଥ ମୁର୍ମୁ, ଅଂଶୁମାନ ପରିଡ଼ା ଓ ଆଲୋକ ସୁତାରଙ୍କ ସହିତ ଅବକାରୀ ବିଭାଗର ଏକ ଦଳ ଓ ଥାନା ପକ୍ଷରୁ ସବ୍‌ଇନ୍ସପେକ୍ଟର ଗୁରୁବାରି ମୁଣ୍ଡାଙ୍କ ନେତୃତ୍ୱରେ ଏକ ଦଳ ଆଜି ଦିନ ତମାମ ଢାଲିଆଡାଳ ଓ ମିରିଗିନଣ୍ଡି ଗ୍ରାମ ତଥା ଗ୍ରାମ ନିକଟସ୍ଥ ନଦୀକୂଳ ମାନଙ୍କରେ ଚଢ଼ାଉକରି ବିପୁଳ ପରିମାଣରେ ମହୁଲ ପୋଚ, ମହୁଲି ନଷ୍ଟ କରିଥିବା ଏବଂ ମିରିଗିନଣ୍ଡି ଗ୍ରାମରୁ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ଏହି ଚଢାଉରେ ୬,୮୦୦ ଲିଟର ମହୁଲ ପୋଚ ସହିତ ୩,୮୦ ଲିଟର ମହୁଲି ମଦ ନଷ୍ଟ କରାଯାଇଛି। ସେହିପରି ବାଘଲତା ଗ୍ରାମରୁ ୫୦ ଲିଟର ମହୁଲି ସହିତ ମୋହନ ମୁର୍ମୁକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଓଆଇସି ଶ୍ରୀ ନାୟକ ସୂଚନା ଦେଇଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର





କଟକ(ଭାସ୍କର ନ୍ୟୁଜ): ଓଡ଼ିଆ ପକ୍ଷ ପାଳନ ଅବସରରେ ଶୁକ୍ରବାର କଟକ ଜିଲ୍ଲା ପ୍ରଶାସନ ଏବଂ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ ପକ୍ଷରୁ ଓଡ଼ିଆରେ ନାମଫଳକ ଅଭିଯାନ ଓ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଦଯାତ୍ରାର ଶୁଭାରମ୍ଭ କରିବା ସହିତ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ । ବ୍ୟବସାୟୀମାନେ ନିଜ ନିଜ ଅନୁଷ୍ଠାନରେ ଓଡ଼ିଆରେ ନାମଫଳକ ଲେଖିବାକୁ ଶ୍ରୀ ସେଠୀ ପରାମର୍ଶ ଦେଇଥିଲେ । ଜିଲ୍ଲାରେ ଓଡ଼ିଆ ଭାଷାରେ ନାମଫଳକ ଲିପିବଦ୍ଧ ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ନିଜ ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନରେ ନାମଫଳକ ଓଡ଼ିଆରେ ଲେଖି ଓଡ଼ିଆ ଭାଷାକୁ ସମ୍ମାନ ଦେବା ପାଇଁ ଏହି ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ । ଏହି ସଚେତନତା କାର୍ଯ୍ୟକ୍ରମରେ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ୍ ଅନୁଯାୟୀ ଓଡ଼ିଆ ଭାଷାରେ ନାମ ଫଳକ ଲେଖା ସମ୍ପର୍କରେ ବିଭିନ୍ନ ପ୍ଲାକାର୍ଡ, ପାମ୍ପଲେଟ, ବ୍ୟାନର ଇତ୍ୟାଦି ପ୍ରଦର୍ଶନ କରାଯାଇଥିଲା । ଏହି ଶୋଭାଯାତ୍ରାରେ ଯୁଗ୍ମ ଶ୍ରମ ଆୟୁକ୍ତ ଜଗନ୍ନାଥ ମିଶ୍ର, ପ୍ରଭାଗୀୟ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକ, ଜିଲ୍ଲା ଶ୍ରମ ଅଧିକାରୀ ପ୍ରାତିକ୍ଷଣ ପତେଇଙ୍କ ସମେତ ସମସ୍ତ ସହକାରୀ ଶ୍ରମ ଅଧିକାରୀ, ଶ୍ରମ କାର୍ଯ୍ୟାଳୟର କର୍ମଚାରୀ, ଟ୍ରେଡ ୟୁନିଅନ କର୍ମଚାରୀ ଓ ଶ୍ରମିକ, କର୍ମଚାରୀମାନେ ସାମିଲ ହୋଇ ସଚେତନତା କରାଇଥିଲେ ।

### ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

# ବିଭିନ୍ନ ନିଷ୍ପତ୍ତିର କାର୍ଯ୍ୟକାରିତା ସଂପର୍କରେ ସମୀକ୍ଷା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶୁକ୍ରବାର ମୁଖ୍ୟ ଶାସନ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଗତ ମାର୍ଚ୍ଚ ମାସ ୧୧ରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତିର କାର୍ଯ୍ୟକାରିତା ସଂପର୍କରେ ସମୀକ୍ଷା କରାଯାଇଥିଲା । ଜନସାଧାରଣଙ୍କୁ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ କରିବାରେ ରାଜ୍ୟ ସରକାରଙ୍କ ଯେଉଁ ପ୍ରତିବଦ୍ଧତା ରହିଛି, ତାହାକୁ ଦୃଷ୍ଟିରେ ରଖି ବିଭାଗମାନେ ବିଭାଗୀୟ କାର୍ଯ୍ୟ ନିଷ୍ପାଦନ ସହ ସମ୍ପାଦନ ପାଇଁ ପ୍ରୟାସ ଜାରି ରଖିବାକୁ ମୁଖ୍ୟ ଶାସନ ସଚିବ ବୈଠକରେ ଗୁରୁତ୍ୱ ଦେଇଥିଲେ । ବୈଠକରେ ଆର୍ଥିକ ବର୍ଷ ୨୦୨୪-୨୫ ସୁଦ୍ଧା ବିଭିନ୍ନ ବିଭାଗର ଖର୍ଚ୍ଚ ପ୍ରତିଶତ ସମୀକ୍ଷା କରାଯାଇଥିଲା । ୨୦୨୫-୨୬ ଆର୍ଥିକ ବର୍ଷରେ ବିଭିନ୍ନ ବିଭାଗ ପାଇଁ ବଜେଟ୍ ପ୍ରାବଧାନ ଅନୁସାରେ ଅର୍ଥ ବ୍ୟବହାର ସୁନିଶ୍ଚିତ କରିବା ପାଇଁ ବାର୍ଷିକ କାର୍ଯ୍ୟ ଯୋଜନା ପ୍ରସ୍ତୁତି ଓ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦିଆଯାଇଛି । ସେହିପରି ୨୦୨୪-୨୫ବର୍ଷରେ କେନ୍ଦ୍ରୀୟ ଅନୁଦାନ ପ୍ରାପ୍ତି ବାବଦରେ କରାଯାଇଥିବା ଖର୍ଚ୍ଚ ଓ ବିନିଯୋଗ ପ୍ରମାଣପତ୍ର ପ୍ରଦାନକୁ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା- ଭିଜନ ୨୦୩୬ ଓ ୨୦୪୭ ପ୍ରସଙ୍ଗରେ ଆଲୋଚନା କରାଯାଇ ବିଭିନ୍ନ ବିଭାଗର ପ୍ରମୁଖ ପଦକ୍ଷେପ ସଂପର୍କରେ ଆଲୋଚନା କରାଯାଇଥିଲା । ବିଭିନ୍ନ ନିର୍ମାଣ କାର୍ଯ୍ୟ ସମ୍ବନ୍ଧରେ ସୂଚନା ଉପଲବ୍ଧି ହେବା ପାଇଁ ୱାର୍କ ପାସବୁକ୍ ବ୍ୟବସ୍ଥା କାର୍ଯ୍ୟକାରୀ ଅଗ୍ରଗତି ସଂପର୍କରେ ଆଲୋଚନା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଜଳସମ୍ପଦ ବିଭାଗ ସହଯୋଗରେ ପାନୀୟ ଜଳ ଓ ଏଲ୍ଆଇ ପଏଣ୍ଟରେ ପାଇପ୍ ଯୋଗେ ଜଳସେଚନ ବ୍ୟବସ୍ଥାର ରିଅଲ ଟାଇମ୍ ମନିଟରିଂ ପାଇଁ ଏକ କେନ୍ଦ୍ରୀୟ ବ୍ୟବସ୍ଥା ବିକଶିତ କରିବା ପାଇଁ ନିଆଯାଇଥିବା ପଦକ୍ଷେପର ଅଗ୍ରଗତି, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଦ୍ୱାରା ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ଅନ୍ୟାନ୍ୟ ପଛୁଆ ବର୍ଗ କଲ୍ୟାଣ ବିଭାଗର ଷ୍ଟାଫ୍ କ୍ୱାର୍ଟର୍ସ ସମେତ ବିଦ୍ୟାଳୟ ଏବଂ ହଷ୍ଟେଲ ବିଲ୍ଡିଂର ଆସେଟ୍ ମ୍ୟାନେଜମେଣ୍ଟ ପାଇଁ ଏକ ପୋର୍ଟାଲ ବିକଶିତ କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରାଯାଇଥିଲା । ବୈଠକରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଅନ୍ୟ ସମସ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।



ଜୟଦେବ ଭବନଠାରେ ଆୟୋଜିତ ଅମର ସହିଦ ରଘୁ-ଦିବାକରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ

## 'ଶହୀଦ ରଘୁ-ଦିବାକରଙ୍କ ଆତ୍ମ ବଳୀଦାନ ଅତୁଳନୀୟ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ପୁଜ୍ୟପୁଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ରଣପୁର ପ୍ରଜା ଆନ୍ଦୋଳନରେ ଶହୀଦ ହୋଇଥିବା ଯୁଗ ଅଗ୍ନିଜନ କବି, ବିପ୍ଳବୀ, ମହାନ୍ ବାଙ୍ଗିତ୍ୱର ଅଧିକାରୀ ଶହୀଦ ରଘୁ-ଦିବାକରଙ୍କ ୮୪ତମ ବଳିଦାନ ଦିବସ ପାଳିତ ହୋଇଯାଇଛି । ପ୍ରଥମେ ଭୁବନେଶ୍ୱର ୟୁନିଟ୍-୯ସ୍ଥିତ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ବିଶିଷ୍ଟ ଅତିଥି ତଥା ସଂଯୋଜକ ଭାବରେ ବରିଷ୍ଠ ସାମ୍ବାଦିକ ତଥା ପୁଜ୍ୟପୁଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ସଂଗଠନ ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ପୁଜ୍ୟପୁଜା ପ୍ରାଣ ଲକ୍ଷ୍ମୀଧର ବେହେରା, ସମ୍ମାନିତ ଅତିଥି ଭାବରେ ସରକାରଙ୍କ ଅଧିକାରୀ ସୁଚେତା ପ୍ରିୟଦର୍ଶିନୀ, ବିଜୁ ଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ରହିବା ସହ ଶହୀଦଙ୍କ ଦେଶ ମାତୃକା ପ୍ରତି ଥିବା ସମର୍ପିତ ପ୍ରାଣ, ନିଷ୍ଠା ତଥା ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ । ବାଚସ୍ପତି ଶ୍ରୀମତୀ ପାଢ଼ୀ ତତ୍କାଳୀନ ରାଜାଙ୍କ ଅତ୍ୟାଚାର ବିରୋଧରେ ଶହୀଦ ରଘୁ-ଦିବାକରଙ୍କ ସଂଗ୍ରାମ ଆଜିବି ସ୍ୱତନ୍ତ୍ର ଭାବରେ ସମସ୍ତଙ୍କ ହୃଦୟରେ ରହିଛି ବୋଲି ମତବ୍ୟକ୍ତ କରିଥିଲେ । ରାଜଧାନୀରେ ଶହୀଦଙ୍କ ଭବ୍ୟ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ବାଚସ୍ପତି ଦୃଢ଼ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ପାଇକଗୁରୁ କବିରାଜ ପ୍ରଧାନ, ସାମ୍ବାଦିକ ବିଜ୍ଞାନ କୁମାର ବିଶ୍ୱାଳଙ୍କୁ ଶହୀଦ ରଘୁ-ଦିବାକର ସ୍ମୃତି ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା।

## ଭାରତ ସମେତ ୬ ଦେଶର ଶତାଧିକ ଯୁବତୀଙ୍କୁ ଫସାଇଛି ରେମଣ୍ଡ

କଟକ(ଭାସ୍କର ନ୍ୟୁଜ): କମିଶନରେଟ ପୋଲିସ ରିମାଣ୍ଡ ଆଣିଥିବା ନାଇଜେରିଆ ଯୁବକ ଜେଜେ ରେମଣ୍ଡ ନିକଟରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ସୂଚନା ମିଳିଛି। ଅଭିଯୁକ୍ତ ଭାରତ ସମେତ ୬ଟି ଦେଶର ବିଭିନ୍ନ ଯୁବତୀଙ୍କୁ ବ୍ଲାକମେଲ୍ କରି ରେମଣ୍ଡ କୋଟିଏରୁ ଅଧିକ ଟଙ୍କା ହାତେଇଥିବା ସ୍ୱୀକାର କରିଛି। ଭାରତ ସହ ଯାଇ ୬ଟି ଦେଶର ଶତାଧିକ ଯୁବତୀ ଫସିଛନ୍ତି । ରେମଣ୍ଡର ପାସପୋର୍ଟ ସମ୍ପର୍କରେ ଜାଣିବାକୁ ଦୁଇଟି ଦେଶର ସହାୟତା ନେଉଛି କମିଶନରେଟ ପୋଲିସ । ନାଇଜେରିଆ ସହ ଆଉ ଗୋଟିଏ ଦେଶ ପାସପୋର୍ଟ ରେମଣ୍ଡକୁ ମିଳିଥିଲା। କଟକର ଜଣେ ଡାକ୍ତର ଯୁବତୀଙ୍କୁ ବ୍ଲାକମେଲ କରି ଘଟଣାରେ ଦିଲ୍ଲୀ ଉତ୍ତମନଗରରୁ ରେମଣ୍ଡଙ୍କୁ କମିଶନରେଟ ପୋଲିସ ଗିରଫ କରିଥିଲା । ପ୍ରଥମେ ଫେସବୁକରେ ବନ୍ଧୁତା କରିବା ପରେ ହ୍ୱାଟ୍ସଆପ୍ ନମ୍ବର ଆଣୁଥିଲା । ପରେ ସମ୍ପର୍କ ମଜବୁତ ହେବା ପରେ ପ୍ରାଇଭେଟ୍ ଫଟୋ ମାଗୁଥିଲା । ଏହି ପ୍ରାଇଭେଟ୍ ଫଟୋ ରଖି ବ୍ଲାକମେଲ୍ କରୁଥିଲା ଆଉ ଟଙ୍କା ମାଗୁଥିଲା । ଅଭିଯୁକ୍ତ ରେମଣ୍ଡ ଦିଲ୍ଲୀରେ ରହି ଠକିବାର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରୁଥିଲା । ଦୀର୍ଘ ବର୍ଷ ଧରି ସୋସିଆଲ ମିଡିଆରେ ମହିଳାଙ୍କୁ ଟାର୍ଗେଟ୍ କରି ଠକେଇ କରୁଥିଲା । କଟକର ଡାକ୍ତରଙ୍କୁ ହାଇରାଣ କରୁଥିଲା ଏହି ନାଇଜେରିଆ ଯୁବକ ରେମଣ୍ଡ । ଆପତ୍ତିଜନକ ଭିଡିଓ ରଖି କରୁଥିଲା ବ୍ଲାକମେଲିଂ । ଶେଷରେ ଯୁବତୀ ଜଣଙ୍କ ଜୀବନ ହାରିବା ପରେ ଥାନାରେ ହୋଇଥିଲା ଅଭିଯୋଗ ।

## ଡବଲ ଏନ୍‌କାଉଣ୍ଟର ପରେ ଅପରାଧୀଙ୍କୁ ପୋଲିସ କମିଶନରଙ୍କ ଚେତାବନୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀରେ ଡବଲ ଏନକାଉଣ୍ଟର । ପୋଲିସ ଗୁଳିରେ ଆହତ ହୋଇଛନ୍ତି ଦୁଇ ଦୁର୍ଦ୍ଦାନ୍ତ ବିହାରୀ ଲୁଟେରା । ବଡ଼ଗଡ଼ ଥାନା ବାଙ୍କୁଆଳ ନଦୀପଠାରେ ଦୁଇ ଲୁଟେରାଙ୍କୁ ଏନକାଉଣ୍ଟର କରିଛି କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାର୍ଡ । ଦୁଇ ଲୁଟେରା ହେଲେ ବିହାରର ସୋନୁ ଯାଦବ ଓ ମନୋଜ ଯାଦବ । ଉଭୟଙ୍କ ବାମଗୋଡ଼ରେ ଗୁଳି ବାଜିଛି । ଏନକାଉଣ୍ଟର ପରେ ଉଭୟଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଉଭୟଙ୍କ ନିକଟରୁ ଦୁଇଟି ଦେଶୀ ବନ୍ଧୁକ ଓ ବାଇକ ଜବତ କରିଛି ପୋଲିସ । ଏନକାଉଣ୍ଟର ପରେ ପୋଲିସ କମିଶନର ହିନ୍ଦୀ ଫିଲ୍ମ ଡାଇଲଗ ମାରି ଚେତାବନୀ ଦେଇଛନ୍ତି । ପୋଲିସ କମିଶନର କହିଛନ୍ତି, କିଛିଦିନ ହେଲାଣି ପୋଲିସକୁ ଅପରାଧୀମାନେ ଫ୍ଲାୱାର ଭାବୁଛନ୍ତି । ହେଲେ ପୋଲିସ ଫ୍ଲାୱାର୍ ନେହି ଫାୟାର । ତେଣୁ ଆଗକୁ ଯେଉଁମାନେ ରାଜ୍ୟ ବାହାରୁ ଆସି ଏଭଳି ଅପରାଧ ଘଟାଉଛନ୍ତି ସେମାନଙ୍କ ଉପରେ ପୋଲିସ କଡ଼ା ନଜର ରଖି ଜବାବ ଦେବ । ଦୁଇ ଅଭିଯୁକ୍ତ ବିହାରରୁ ଟ୍ରେନରେ ଆସୁଥିଲେ । ଷ୍ଟେସନରୁ ଓହ୍ଲାଇବା ପରେ ଆଖପାଖରୁ ବାଇକ ଚୋରି କରୁଥିଲେ । ପରେ ସେହି ବାଇକରେ ଚେନ ଛିଣ୍ଡାଇ ପୁଣି ଷ୍ଟେସନରେ ବାଇକ ରଖି ଛୁ ମାରୁଥିଲେ । ଗତ ମାସ ୨୦ ତାରିଖରେ ଭୁବନେଶ୍ୱରରେ ଗୋଟିଏ ଦିନରେ ୫ଟି ଚେନ ଛିନ୍ତାଇ ନେଇଥିଲେ । ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ସେମାନଙ୍କୁ ଧରିବା ପାଇଁ ଜାଲ ବିଛାଇ ଥିଲା । ଗୁରୁବାର ରାତି ପ୍ରାୟ ୧୦ଟା ବେଳେ ଦୁଇ ଲୁଟେରା ଏକ ବାଇକ ଯୋଗେ ଯାଉଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା । ପୋଲିସକୁ ଦେଖି ଦୁଇ ଲୁଟେରା ପ୍ରଥମେ ଗୁଳି ଚଳାଇଥିଲେ । ଯାହାର ପାଲଟା ଜବାବ ଦେଇଥିଲା ପୋଲିସ । ପୁରୀରେ ମଧ୍ୟ ଏମାନେ ଚେନ ସ୍ନାଚିଂ କରିଥିବା ତଦନ୍ତ ବେଳେ ସାମ୍ନା ଆସିଛି ତଥ୍ୟ । ଘଟଣା ସ୍ଥଳରୁ ଗୋଟିଏ ପଲସର ଟୁ ଟ୍ୱେଣ୍ଟି ବାଇକ, ଗୋଟିଏ ବ୍ୟାଗ, ଦୁଇଟି ବନ୍ଧୁକ, ଖୋକା ଜବତ କରିଛି ପୋଲିସ ।

## ତାରା ବାହିନୀପତିଙ୍କ ଅଧ୍ୟକ୍ଷତାରେ ମାଇନିଂ କମିଟି ଗଠନ କଲା କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୁନ୍ଦରଗଡ଼ ଜିଲ୍ଲାରେ ହୋଇଥିବା ଖଣି ଅନିୟମିତତା ଓ ଖଣି ଅଂଚଳର ଅଧିବାସୀ ମାନଙ୍କର ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବାପାଇଁ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ମାଇନିଂ କମିଟି ଗଠନ କରିଛନ୍ତି । କମିଟିରେ ବିଧାୟକ ତାରା ପ୍ରସାଦ ବାହିନୀପତି ଅଧ୍ୟକ୍ଷ ରହିଥିବା ବେଳେ ବିଧାୟକ ସିଏସ ରାଜନ ଏକ୍କା, ବିଧାୟକ ଅଶୋକ ଦାସ, ବିଧାୟକ ସତ୍ୟଜିତ ଗମାଙ୍ଗୋ ଏବଂ ବିଧାୟକ ସାଗର ଚରଣ ଦାସ ସଭ୍ୟ ରହିଛନ୍ତି ବୋଲି ପ୍ରଦେଶ କଂଗ୍ରେସ ପ୍ରଶାସକ ସମିର କୁମାର ରାଉତରାୟ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

## ପଦ୍ମଶ୍ରୀ ମନୋଜ କୁମାରଙ୍କ ବିୟୋଗରେ ନବୀନ ପଟ୍ଟନାୟକଙ୍କ ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପଦ୍ମଶ୍ରୀ ମନୋଜ କୁମାରଙ୍କ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି । ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ପଦ୍ମଶ୍ରୀ ଓ ଦାଦା ସାହେବ ଫାଲକେ ମନୋଜ କୁମାରଙ୍କ ବିୟୋଗରେ ଦୁଃଖିତ । ସେ ଜଣେ ଏଣ୍ଟରଟେନର ଦେଶପ୍ରେମ ଭୂମିକାରେ ତାଙ୍କ ଭୂମିକା ପ୍ରଶଂସନୀୟ । ବିଶ୍ୱରେ ସିନେମା ଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଶୋକ ସନ୍ତପ୍ତ ପରିବାର, ଫ୍ୟାନ୍ସ ଓ ଅନୁଗାମୀଙ୍କ ପ୍ରତି ସମବେଦନା ଜଣାଇଛନ୍ତି ଶ୍ରୀ ପଟ୍ଟନାୟକ ।

## ଧନୁଆ ନଦୀରେ ଆସୁଥିବା ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ରୋଡ୍ ମ୍ୟାପ୍ ପ୍ରସ୍ତୁତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଲୋକସେବା ଭବନର କାର୍ଯ୍ୟାଳୟରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ଧନୁଆ ନଦୀର ବନ୍ୟା ପରିସ୍ଥିତିର ସ୍ଥାୟୀ ପ୍ରତିକାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଶ୍ରୀମତୀ ପରିଡା ଧନୁଆ ନଦୀରେ ପ୍ରତିବର୍ଷ ଆସୁଥିବା ବନ୍ୟା ପରିସ୍ଥିତିର ସ୍ଥାୟୀ ପ୍ରତିକାର ଉପରେ ଆଲୋଚନା କରିବା ସହ ନିମାପଡା ଓ ପାଖାପାଖି ଅଞ୍ଚଳର କୃଷି ଓ ଜନଜୀବିକା କ୍ଷୟକ୍ଷତି ଉପରେ ମଧ୍ୟ ବିଶଦ ଆଲୋଚନା କରିଥିଲେ । ଏହି ବୈଠକରେ ଅତିରିକ୍ତ ଶାସନ ସଚିବ ତଥା ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗଙ୍କ ସମେତ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଡ଼. ଚନ୍ଦ୍ର ଶେଖର ପାଢ଼ୀ ଓ ବିଭାଗୀୟ ସମ୍ପୃକ୍ତ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ କି ଭାର୍ଗବୀ ନଦୀର ଅଚ୍ୟୁତପୁର କାଜ ଠାରୁ ଧନୁଆ ନଦୀ ବାଲିଅନ୍ତା ଓ ବାଲିପାଟଣା ଦେଇ ପୁରୀ ଜିଲ୍ଲାକୁ ପ୍ରଭାବିତ ହେଉଛି । ପୁରୀ ଜିଲ୍ଲାର ଦୁଃଖ ହୋଇ ଧନୁଆ ନଦୀର ବନ୍ୟା ପ୍ରତିବର୍ଷ ନିମାପଡା ଓ ପାଖାପାଖି ଅଞ୍ଚଳରେ ଜୀବନ ଜୀବିକା ଉପରେ ପ୍ରଭାବ ପକାଇଥାଏ । ଗାଁ ଗଣ୍ଡାରେ ବନ୍ୟା ପାଣି ପଶି ଶହ ଶହ ହେକ୍ଟର ଧାନ ଜମି, ପରିବା ଫସଲ ଜମି ନଷ୍ଟ କରିଥାଏ । ଧନୁଆ ନଦୀରେ ବନ୍ୟା ଆସିଲେ ବନ୍ୟାଜଳ ନିଷ୍କାସନ ହେବା ପାଇଁ ଏକ ସପ୍ତାହରୁ ଅଧିକ ସମୟ ଲାଗିଥାଏ। ଯାହାଦ୍ୱାରା ନିମାପଡା ଏବଂ ଗୋପ ଅଞ୍ଚଳର ଅନେକ ପଞ୍ଚାୟତ ପ୍ରଭାବିତ ହୋଇଥାଏ ବୋଲି ବୈଠକରେ ଶ୍ରୀମତୀ ପରିଡା ପ୍ରକାଶ କରିଥିଲେ। ଏହି କ୍ଷୟକ୍ଷତିକୁ ରୋକିବା ସହ ଚାଷୀ ଓ ସାଧାରଣ ଲୋକମାନଙ୍କର ଜୀବନ ଜୀବିକାକୁ ସୁରକ୍ଷା ଦେବା ନିମନ୍ତେ ଏକ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବା ସହ ବର୍ଷା ଋତୁ ଆସିବା ପୂର୍ବରୁ ଏହି ପ୍ଲାନକୁ କାର୍ଯ୍ୟକାରୀ କରିବା ପାଇଁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ନିର୍ଦ୍ଦେଶ ଦେଇଛନ୍ତି ।

### କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ଓଡ଼ିଶା ପାଇଁ ୨ ରେଳ ପ୍ରକଳ୍ପ ମଞ୍ଜୁର

## ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କେନ୍ଦ୍ର ସରକାରଙ୍କ ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ୍ କମିଟି ଆଜି ସାରା ଦେଶରେ ୪ ରେଳ ପ୍ରକଳ୍ପ ମଞ୍ଜୁର କରିଥିବା ବେଳେ ୨ଟି ଓଡିଶା ପାଇଁ ଉଦ୍ଦିଷ୍ଟ । ଓଡିଶାର ଏହି ଦୁଇଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଓଡିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଫୋକସ ରହିଆସିଛି ଏବଂ କେନ୍ଦ୍ର ସରକାର ନିୟମିତ ଭାବରେ ଓଡିଶା ପ୍ରତି ଯେଉଁଭଳି ଗୁରୁତ୍ୱପୂର୍ଣ୍ଣ ବିକାଶ ପ୍ରକଳ୍ପଗୁଡିକ ମଞ୍ଜୁର କରୁଛନ୍ତି ଏହା ତା'ର ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡିଶା ନିଶ୍ଚିତ ଭାବେ ଦେଶର ଏକ ଗ୍ରୋଥ୍ ଇଞ୍ଜିନ ଭାବେ ବିକଶିତ ହେବ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି ।

## ଭୂମିକା ଚକ୍ଷୁ ଚିକିତ୍ସାଳୟକୁ ଭ୍ରାମ୍ୟମାଣ ମେଡିକାଲ୍ ଭ୍ୟାନ୍ ପ୍ରଦାନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଷ୍ଟେଟ ବ୍ୟାଙ୍କ ପେନସନ୍ ଫଣ୍ଡ ପ୍ରାଇଭେଟ ଲିମିଟେଡ୍ ଦ୍ୱାରା ଭୂମିକା ଚକ୍ଷୁ ଚିକିତ୍ସାଳୟକୁ ଏକ ଭ୍ରାମ୍ୟମାଣ ମେଡିକାଲ୍ ଭ୍ୟାନ ଏବଂ ଯନ୍ତ୍ରପାତି ପ୍ରଦାନ କରାଯାଇଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ଭୁବନେଶ୍ୱର ପରିସରରେ ତା ୪ ଏପ୍ରିଲ ୨୦୨୫ଦିନ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣୟ ରଞ୍ଜନ ଦ୍ୱିବେଦୀ ଭୁମିକା ଚକ୍ଷୁ ଚିକିତ୍ସାଳୟର ଅଧିକାରୀଙ୍କୁ ଏହି ଗାଡି ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଦୀନେଶ ପ୍ରୁଥିଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରଙ୍କ ନିର୍ଦ୍ଦେଶରେ ୮ରେ ବିଜେଇଏମ୍ ସ୍କୁଲ ଦୁର୍ନୀତି ତଦନ୍ତ ପାଇଁ କମିଟି ଘୋଷିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜେଇଏମ ସ୍କୁଲ କର୍ତ୍ତୃପକ୍ଷଙ୍କ ହାଇକୋର୍ଟଙ୍କ ମିଛ କାଗଜ ବାହାନାରେ ସବ୍ କମିଟି ତଥ୍ୟକୁ ଦେଖାଇ, ପ୍ରତ୍ୟେକ ବର୍ଷ ୨୦ ଶତକଡା ଫି ବୃଦ୍ଧି ଓ ଏଲ୍‌କେଜି ଆଡ଼ମିଶନରେ ପ୍ରତ୍ୟେକ ବର୍ଷ ଡେଭଲପମେଣ୍ଟ ଫି ନାରେ ଡବଲ ଫିରେ କୋଟି କୋଟି ଟଙ୍କା ଟଙ୍କାର ଜାଲିଆତି ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସ୍କୁଲ ଅଭିଭାବକ ସଂଘ ପକ୍ଷରୁ ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ଦାବି କରାଯାଇଥିଲା । ଗତ ମାର୍ଚ୍ଚ ୮ରେ ମଧ୍ୟ ବଡଗଡ ଥାନାରେ ମିଥ୍ୟା ତଥ୍ୟ ଦେଖାଇ ଫି ବୃଦ୍ଧି କରୁଥିବା ଦର୍ଶାଇ ସ୍କୁଲ୍ ଫି ଆଦାୟ ପ୍ରତିବାଦରେ ଏତଲା ଦେଇଥିଲା ଅଭିଭାବକ ସଂଘ । ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସ୍କୁଲର ଚାଲିଥିବା ମହା ଦୁର୍ନୀତିକୁ ନିରପକ୍ଷ ତଦନ୍ତ ପାଇଁ ସଂଘ ଦାବି କରିଥିଲା । ରାଜ୍ୟ ଶିକ୍ଷା ବିଭାଗ ଦୁଇ ତଦନ୍ତ ଅଫିସର ନିଯୁକ୍ତି କରିଛି । ସରକାରୀ ବିଦ୍ୟାଳୟ, ୟୁନିଟ୍-୧ର ପ୍ରଧାନଶିକ୍ଷକ ରିନା ମଲିକ ଓ ସରକାରୀ ଉଚ୍ଚବିଦ୍ୟାଳୟ, ଚନ୍ଦ୍ରଶେଖରପୁରର ଗୋବିନ୍ଦ ହେମ୍ବ୍ରମ । ଅଭିଭାବକ ସଂଘ ପକ୍ଷରୁ ୪ଜଣ ତଦନ୍ତରେ ଭାଗନେବେ ବୋଲି ସଂଘ ସଭାପତି ରଂଜନ କୁମାର ଦାସ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି । ସତ୍ୟ ଓ ଧର୍ମର ଜିତ୍ ସହ ଉଚିତ ନ୍ୟାୟ ମିଳିବ ବୋଲି ଆଶା କରିଛନ୍ତି ସ୍କୁଲର ପ୍ରାୟ ୪୦୦୦ ଅଭିଭାବକଙ୍କ ପରିବାର । ଏହି ଘଟଣାର ସଠିକ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ହେଲେ ଏହା ଅନ୍ୟସବୁ ପ୍ରାଇଭେଟ ଶିକ୍ଷାନୁଷ୍ଠାନ ପାଇଁ ସତର୍କ ଘଣ୍ଟି ହେବ ବୋଲି ଓଡିଶା ଅଭିଭାବକ ମହାସଂଘ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି ।

## କଂଗ୍ରେସ ଦଳର ଜିଲ୍ଲା ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଗାମୀ ଦିନରେ କଂଗ୍ରେସର ଜିଲ୍ଲାସ୍ତରୀୟ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ, ବିକ୍ଷୋଭ, ରାଲି ଇତ୍ୟାଦି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ କଂଗ୍ରେସର ୩୫ ଗୋଟି ସାଂଗଠନିକ ଜିଲ୍ଲା ନିମନ୍ତେ ଜିଲ୍ଲା ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ଏହି ପର୍ଯ୍ୟବେକ୍ଷକମାନେ ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ସହଯୋଗ କରି ଜିଲ୍ଲା କାର୍ଯ୍ୟକ୍ରମକୁ ସଫଳ କରାଇବେ। ଏହି କ୍ରମରେ ଅନୁଗୁଳ ଜିଲ୍ଲା ନିମନ୍ତେ ଲଳାଟେନ୍ଦୁ ଦାସ ଓ ଅନିମା ମିଞ୍ଜ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିବା ବେଳେ ବାଲେଶ୍ୱର-ବନ୍ଦିତା ପରିଡ଼ା ଓ ପଦ୍ମାକର ଗୁରୁ, ବରଗଡ଼-ଘାସିରାମ ମାଝୀ ଓ ଫାରକୁ ମହମ୍ମଦ, ଭଦ୍ରକ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ଅଜିତ ଜେନା (ମୟୁରଭଞ୍ଜ), ଭୁବନେଶ୍ୱର-ଡ.ଦେବାଶିଷ ପଟ୍ଟନାୟକ, ବଲାଙ୍ଗିର-ନିଳମାଧବ ହିକକା ଓ ମନୋଜ ବିଶ୍ୱାଳ, ବୌଦ୍ଧ- ସଂଗ୍ରାମ କେଶରୀ ମହାନ୍ତି, କଟକ- ଡ.ଲଲାଟେନ୍ଦୁ ମହାପାତ୍ର, କଟକ ସିଟି- ମନୋଜ ଜେନା ଓ ହିଂମାଶୁ ଲେଙ୍କା, ଦେଓଗଡ଼- ସଂଗ୍ରାମ କେଶରୀ ଦାସ, ଢ଼େଙ୍କାନାଳ- ଚିନ୍ମୟ ସୁନ୍ଦର ଦାସ ଓ ବିଶ୍ୱଜିତ ଦାଶ, ଗଞ୍ଜାମ (ପୂର୍ବ)-ବିଧାୟକ ପ୍ରଫୁଲ ପ୍ରଧାନ ଓ ପ୍ରଦୀପ କୁମାର ଦାସ, ଗଞ୍ଜାମ (ପଶ୍ଚିମ)- ଅଭିମନ୍ୟୁ ବେହେରା ଓ ବିଜୟ କୁମାର ପ୍ରଧାନ, ଗଜପତି- ଦୁର୍ଗା ପଣ୍ଡା, ଜଗତସିଂହପୁର-ରାଜକିଶୋର ବାରିକ ଓ ସିଧାର୍ଥ ମହାନ୍ତି, ଯାଜପୁର- ଚିନ୍ମୟ ପ୍ରସାଦ ବେହୁରା ଓ ସୁଦର୍ଶନ ଦାସ, ଝାରସୁଗୁଡ଼ା- ସିଦ୍ଧାର୍ଥ ସ୍ୱରୂପ ଦାସ, କଳାହାଣ୍ଡି- ମନୋରଞ୍ଜନ ତ୍ରିପାଠୀ ଓ ଅଜିତ ଦାସ, କନ୍ଧମାଳ- ବିଧାୟକ ରମେଶ ଚନ୍ଦ୍ର ଜେନା, କେନ୍ଦ୍ରାପଡ଼ା- ଶାନ୍ତାୟନ ମିଶ୍ର, କେନ୍ଦୁଝର- ପୃଥିବଲ୍ଲଭ ପଟ୍ଟନାୟକ ଓ ସସ୍ମିତା ବେହେରା, ଖୋର୍ଦ୍ଧା-ସୁଜିତ ପାଢ଼ୀ ଓ ବାଙ୍କନିଧି ବେହେରା, କୋରାପୁଟ- ବିଧାୟକ ସତ୍ୟଜିତ ଗମାଙ୍ଗୋ, ମୟୁରଭଞ୍ଜ (ପୂର୍ବ)- ଯଶବନ୍ତ ଲାଗୁରି ଓ ତରୁଣ ମିଶ୍ର, ମୟୁରଭଞ୍ଜ (ପଶ୍ଚିମ) ନଳିନୀ ମହାନ୍ତି, ମାଲକାନଗିରି- ବିଧାୟକ ପବିତ୍ର ସାଉଣ୍ଟା ଓ ଦ୍ୱାରିକା ମହାପାତ୍ର, ନବରଙ୍ଗପୁର- ବଳଭଦ୍ର ମାଝୀ ଓ ପୁରୁଷୋତମ ଗୁପ୍ତା, ନୂଆପଡ଼ା- ମୁରଲିଧର ନାୟକ, ନୟାଗଡ଼-ଅମିୟ ପଟ୍ଟନାୟକ ଓ ୟାସିର ନୱାଜ, ପୁରୀ-ମନୋରଞ୍ଜନ ଦାଶ ଓ ମନୋରଞ୍ଜନ ପଟ୍ଟନାୟକ, ରାୟଗଡ଼ା- ଦ୍ରୌପଦୀ ମାଝୀ ଓ ପ୍ରଦୀପ ମହାପାତ୍ର, ରାଉରକେଲା- ରାଜ କିଶୋର ଷଡ଼ଙ୍ଗୀ, ସମ୍ବଲପୁର-ସନ୍ତୋଷ ସିଂ ସାଲୁଜା ଓ ବିଜୟାନନ୍ଦ ଚାଉଳିଆ, ସୁବର୍ଣ୍ଣପୁର- ରତିକାନ୍ତ କାନୁନଗୋ ଓ ଗଣେଶ ସାହୁ, ସୁନ୍ଦରଗଡ଼- ମାନସ ମଲ୍ଲିକ ଓ ରଞ୍ଜନ ସେଠୀ ଦାୟିତ୍ୱରେ ରହିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

## ନୂଆ ରେଲଲାଇନ ପାଇଁ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କେନ୍ଦ୍ର କ୍ୟାବିନେଟ୍‌ରେ ଓଡିଶାରେ ଦୁଇଟି ନୂଆ ରେଳ ଲାଇନ ପାଇଁ ମଞ୍ଜୁରି ମିଳିଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏକ୍ସରେ କେନ୍ଦ୍ରମନ୍ତ୍ରୀ ଲେଖିଛନ୍ତି କେନ୍ଦ୍ର କ୍ୟାବିନେଟ୍ ବୈଠକରେ ୧୨୭ କିମି ବିଶିଷ୍ଟ ପ୍ରସ୍ତାବିତ ସମ୍ବଲପୁର – ଜରପଡ଼ା ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ରେଳ ଲାଇନ ଏବଂ ୩୫ କିମି ବିଶିଷ୍ଟ ଝାରସୁଗୁଡ଼ା – ଶାସନ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ରେଳ ଲାଇନ ନିର୍ମାଣ ପାଇଁ ମଞ୍ଜୁରି ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ। ଦୁଇଟି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ପ୍ରାୟ ୫,୧୦୦ କୋଟି ଟଙ୍କା ଖର୍ଚ୍ଚ ହେବାର ଆକଳନ କରାଯାଇଛି। ଏହି ନୂଆ ଲାଇନ ପଣ୍ୟ କାରବାରକୁ ପ୍ରୋତ୍ସାହନ ଦେବା ସହ ପରିବହନ ଖର୍ଚ୍ଚକୁ ହ୍ରାସ କରିବାରେ ସହାୟକ ହେବ ।

## ସାଂସ୍କୃତିକ କାର୍ଯ୍ୟକ୍ରମ 'ନୃତ୍ୟାୟନ'



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ସଂସ୍କୃତିକ କାର୍ଯ୍ୟକ୍ରମ 'ନୃତ୍ୟାୟନ' ରବିନ୍ଦ୍ର ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର, ଉପ-ନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ, ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେ଼ମୀ ପୁରସ୍କାର ପ୍ରାପ୍ତ, ଗୁରୁ ମୀରା ଦାସ ଓ ବିଶିଷ୍ଟ ଛଉ ଏବଂ ଓଡ଼ିଶୀ ନୃତ୍ୟ ଗୁରୁ ସମ୍ମାନିତ ଅତିଥି ଭାବେ ଗୁରୁ ଅଶୋକ କୁମାର କୁମାର ଘୋଷାଲ, ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଗୁରୁ ଚନ୍ଦନ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଆରମ୍ଭରୁ ମହାବିଦ୍ୟାଳୟର ଛଉ ନୃତ୍ୟ ବିଭାଗର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମହାଦେବ ଓ ସାଗର ସଙ୍ଗମ ପରିବେଷଣ କାରାଯାଇଥିଲା ବାଦ୍ୟ ନିର୍ଦ୍ଦେଶନା ଦେଇଥିଲେ ଗୁରୁ ପ୍ରଦ୍ୟୁମ୍ନ ମହାନ୍ତି, ଗୁରୁଶ୍ରୀ ଗୌରି ମୋହନ ମହାନ୍ତି । ପରେ ଓଡିଶୀ ନୃତ୍ୟ ବିଭାଗ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଗଣେଶ ଓ ବସୁଧା ଦଳଗତ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲା ।

## ରାଜା ଚକ୍ର ଓକିଲଙ୍କ ବୟାନ ଉପରେ ବିଜେପିର ଜବାବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜା ଚକ୍ରଙ୍କ ମାମଲା ଦିନକୁ ଦିନ ନୂଆ ମୋଡ ନେବାରେ ଲାଗିଛି । ରାଜା ଚକ୍ରଙ୍କ ଓକିଲ ସୀତାଂଶୁ ମୋହନ ଦ୍ୱିବେଦୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ବିଜେପି ସରକାରକୁ ଆସିବା ସମୟରେ ରାଜାଙ୍କଠାରୁ ୧୪ଲକ୍ଷ ଟଙ୍କା ମାଗିଥିଲେ । ପରେ ଏକ ରିଜୋଲ୍ୟୁସନ୍‌ରେ ପାସ୍ କରାଯାଇ ୧କୋଟି ଟଙ୍କା ମାଗିଥିଲେ । ଯଦି ଦିଆନଯିବ ତେବେ ତାଙ୍କ ସଂସ୍ଥାକୁ ବନ୍ଦ କରିଦିଆଯିବ ବୋଲି ଏଭଳି ସଂଗୀନ୍ ଅଭିଯୋଗ ବାଢ଼ିଛନ୍ତି ଶ୍ରୀ ଦ୍ୱିବେଦୀ । ଏହି ଘଟଣା ପରେ ବିଜେପି ପକ୍ଷରୁ ଜବାବ ଦିଆଯାଇ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ, ଅଭିଯୁକ୍ତ ରାଜା ଚକ୍ରଙ୍କ ଓକିଲଙ୍କ ବକ୍ତବ୍ୟ ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ। ଏଥିରେ କୌଣସି ସତ୍ୟତା ନାହିଁ। ଏହା କେବଳ ନିଜ କ୍ଲାଇଂଟକୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ। ଏଭଳି ମନଗଢ଼ା ଖବରପ୍ରକାଶ ପାଇବା ଦ୍ୱାରା ଖବରକାଗଜର ବିଶ୍ୱାସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପିର ବରିଷ୍ଠ ମୁଖପାତ୍ର ସଜ୍ଜନ ଶର୍ମା କହିଛନ୍ତି। ଶ୍ରୀ ଶର୍ମା କହିଛନ୍ତି ଯେ, ଗଣମାଧ୍ୟମରେ ସତ୍ୟ କଥା ଉପସ୍ଥାପନ କରାଯିବ ବୋଲି ଆମର ଆଶା ଥିଲା। ମାତ୍ର ଗଣାମାଧ୍ୟମ କେବଳ ବକ୍ତବ୍ୟ ଉପସ୍ଥାପନ କରିବାର ଦାୟିତ୍ୱ ନେଇ ଭାରତୀୟ ଜନତାପାର୍ଟିର ରାଜ୍ୟ ସଭାପତି ଓ ଭାରତୀୟ ଜନତା ପାର୍ଟିର ଯେଉଁ ଛବି ରହିଛି, ତାହାକୁ ନଷ୍ଟ କରିବାକୁ ଉଦ୍ୟମ କରିଛି। ଏହା ଆଦୌ କ୍ଷମଣୀୟ ନୁହେଁ। ଏହି ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି ଉପସ୍ଥିତ ଥିଲେ।

### ମୋ ଆକାଉଣ୍ଟ ନମ୍ବର ନେଇ ଚେକ୍ କରନ୍ତୁ: ମନମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜା ଚକ୍ରଙ୍କ ଠାରୁ ବିଜେପି ନେତା ଟଙ୍କା ନେଇଥିବା ତାଙ୍କ ଓକିଲା ଅଭିଯୋଗ କରିବା ପରେ ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ସେ କହିଛନ୍ତି ଆମ ଜୀବନ ଖୋଲା ବହି । ଆମ ଦଳର ନେତା ମାନଙ୍କ ଜୀବନ ବି ଖୋଲା । ଆକାଉଣ୍ଟ ନମ୍ବର ନେଇ ଚେକ୍ କରନ୍ତୁ। ଦାୟିତ୍ୱହିନ ମନ୍ତବ୍ୟ ଦେବା କଥା ନୁହେଁ। ଦଳର ଭାବମୂର୍ତ୍ତି ବହୁ ତ୍ୟାଗ ତପସ୍ୟା ପରେ ତିଆରି ହୋଇଛି। ଏମିତି ଦାୟିତ୍ୱହୀନ କଥା ଗଣମାଧ୍ୟମକୁ ନଆସୁ। ମୋ ଆକାଉଣ୍ଟ ନମ୍ବର ନେଇ ଚେକ୍ କରନ୍ତୁ। ଦଳ ଆକାଉଣ୍ଟ ଖୋଲା ଅଛି। ସୂଚନାଯୋଗ୍ୟ ଯେ, ମନମୋହନ ସାମଲଙ୍କୁ ୧କୋଟି ଟଙ୍କା ଦିଆଯାଇଥିବା ରାଜା ଚକ୍ରଙ୍କ ଓକିଲ କହିଥିଲେ ।

### ୫ ଲକ୍ଷ ଟଙ୍କା ମୂଲ୍ୟର ଧଳାଜହର ଜବତ, ବେପାରୀ ଗିରଫ

କଟକ(ଭାସ୍କର ନ୍ୟୁଜ);ଜଗତପୁର ଥାନା ଅନ୍ତର୍ଗତ ପଦ୍ମପୁର ମେଡିକାଲ ବଜାରୁ ଜଣେ ନିଶା ବ୍ୟବସାୟୀଙ୍କୁ ପୁଲିସ ଗିରଫ କରିଛି। ଗ୍ରାହକଙ୍କୁ ବିକ୍ରୟ କରିବାକୁ ଅପେକ୍ଷା କରିଥିବା ନିଶା ବ୍ୟବସାୟୀ ପର୍ଶୁରାମ ଲେଙ୍କାକୁ ପୁଲିସ ଧରିଥିଲା। ପର୍ଶୁରାମକୁ ଯାଞ୍ଚ କରିବା ସମୟରେ ପୋଲିସ ତାଙ୍କ ନିକଟରୁ ୫୮୦ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ଗିରଫ ଜବତ ଧଳଜହରର ମୂଲ୍ୟ ୫ ଲକ୍ଷ ୮୦ହଜାର ଟଙ୍କା ମୂଲ୍ୟ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଦୀର୍ଘଦିନ ଧରି ପଦ୍ମପୁର ଓ ଏହାର ଆଖପାଖରେ ଥିବା ଯୁବକଙ୍କୁ ଟାର୍ଗେଟ କରି ପର୍ଶୁରାମ ନିଶା ବିକ୍ରୟ କରୁଥିଲା। ପୂର୍ବରୁ ସେ ଏକାଧିକ ବାର ଗିରଫ ହୋଇଥିବା ପୋଲିସଠାରୁ ପ୍ରକାଶ। ସେ ଭଦ୍ରକରୁ ନିୟମିତ ଧଳାଜହର ଆଣି ଏଠାରେ ବିକ୍ରି କରିବା ସହ ଅନ୍ୟମାନଙ୍କୁ ଯୋଗାଇ ଆସୁଥିଲେ।

## ରାଜଧାନୀ ପ୍ରତିଷ୍ଠା ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସନ୍ତା ୧୩ ଓ ୧୪ ତାରିଖରେ ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କରାଯିବ । ଏଥିନିମନ୍ତେ ପୂର୍ବରୁ ସରକାରଙ୍କ ପକ୍ଷରୁ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଏହାକୁ ମହାଆଡ଼ମ୍ବରରେ ପାଳନ କରିବା ସହ ମହାବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ୟାରେଡ ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ହୋଇଛି । ବୈଠକ ପ୍ରାରମ୍ଭରେ ଭୁବନେଶ୍ୱର ମହାନଗର ନିଗମ ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ ପ୍ରତିଷ୍ଠା ଦିବସ ପାଳନ ସମ୍ପର୍କରେ ଉଚ୍ଚସ୍ତରୀୟ ବୈଠକରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇଥିଲେ । ଏହାକୁ କାର୍ଯ୍ୟକ୍ଷମ କରିବା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କ୍ୟାପିଟାଲ୍ ହାଇସ୍କୁଲ ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଛି । ଏତଦ୍‌ବ୍ୟତୀତ ସମସ୍ତ ସରକାରୀ ଓ ବେସରକାରୀ, ବାଣିଜ୍ୟକ ପ୍ରତିଷ୍ଠାନ କୋଠାଗୁଡ଼ିକର ଆଲୋକୀକରଣ ପାଇଁ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପୂର୍ବରୁ ଉକ୍ତ ବୈଠକରେ ରାଜଧାନୀ ପ୍ରତିଷ୍ଠା ଦିବସ ଆୟୋଜନ କମିଟିର ଅଧ୍ୟକ୍ଷ ତଥା 'ଓଡ଼ିଶା ଭାସ୍କର'ର ମୁଖ୍ୟ ସମ୍ପାଦକ ପ୍ରଦୋଷ ପଟ୍ଟନାୟକ ଏହି ଦିବସ ପାଳନ ସଂପର୍କରେ ସୂଚନା ଦେଇଥିଲେ । ବୈଠକରେ ଭୁବନେଶ୍ୱର ମହାନଗର ନିଗମ ଆସିଷ୍ଟାଣ୍ଟ କମିଶନର କେ.ଗଣେଶ, ମାଧ୍ୟମିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ହିମାଂଶୁ ଶେଖର ବେହେରା, ଭୁବନେଶ୍ୱର ବ୍ଲକ୍ ଶିକ୍ଷା ଅଧିକାରୀ ଡ.ପ୍ରଜ୍ଞା ପାରମିତା ଜେନା, ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀ ସାନ୍ଧ୍ୟରାଣୀ ରାଉତ, କ୍ୟାପିଟାଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ମଙ୍ଗରାଜ, ରାଜଧାନୀ ପ୍ରତିଷ୍ଠା ଦିବସ କମିଟିର ଉପାଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର, ଶିକ୍ଷକ, ଶିକ୍ଷୟିତ୍ରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ ।



ନିଜେ ବିତରି ନ ଜାଣେ କୃପଣ,
ଖଣ୍ଟେ ନିଅନ୍ତି ବଳେ ତାର ଧନ।
ଖଣ୍ଟ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ



# ସୁଶ୍ରୀ ମମତାଙ୍କୁ 'ସୁପ୍ରିମ୍' ଝଟ୍‌କା

## ଅନ୍ଧାରରେ ୨୫ହଜାର ଶିକ୍ଷକଙ୍କ ଭବିଷ୍ୟତ

ପଶ୍ଚିମବଙ୍ଗ ସରକାର ଗତ ୨୦୧୬ ମସିହାରେ ସ୍କୁଲ ସିଲେକ୍‌ସନ୍ କମିଶନ ଜରିଆରେ ରାଜ୍ୟରେ ୨୫ ହଜାର ୭୫୩ଜଣ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରିଥିଲେ। ମାତ୍ର ଏହି ମନୋନୟନ ପ୍ରକ୍ରିୟାରେ ଆଦୌ ସ୍ୱଚ୍ଛତା ନଥିବା ଏବଂ ଏଥିରେ ବ୍ୟାପକ ଦୁର୍ନୀତି ଓ ଜାଲିଆତି ହୋଇଥିବାର ଅଭିଯୋଗ ମୂଳରୁ ହୋଇ ଆସିଥିବା ବେଳେ ବିଗତ ଆଠବର୍ଷ ଧରି ଏହା ଏକ ବିତର୍କିତ ପ୍ରସଙ୍ଗ ହୋଇଛି। ବିରୋଧୀ ଦଳଗୁଡ଼ିକ ମଧ୍ୟ ବିଭିନ୍ନ ସମୟରେ ଶିକ୍ଷକ ନିଯୁକ୍ତି ଦୁର୍ନୀତି ଅଭିଯୋଗକୁ ନେଇ ସୁଶ୍ରୀ ମମତା ବାନାର୍ଜୀଙ୍କ ସରକାରକୁ ଟାର୍ଗେଟ୍ କରିଥିଲେ। ପରବର୍ତ୍ତୀ ସମୟରେ କୋଲକାତା ହାଇକୋର୍ଟରେ ଏଥିନେଇ ମାମଲା ରୁଜୁ ହୋଇଥିଲା ଏବଂ ମାନ୍ୟବର ହାଇକୋର୍ଟ ଦୀର୍ଘ ଶୁଣାଣି ପରେ ରାଜ୍ୟ ସରକାରଙ୍କ ଦ୍ୱାରା ହୋଇଥିବା ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତିକୁ ରଦ୍ଦ କରିଦେଇଥିଲେ। ପୂରା ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ହେରଫେର ଓ ଜାଲିଆତି ହୋଇଥିବାର ମାନ୍ୟବର ହାଇକୋର୍ଟ ଅନୁଭବ କରିବା ସଙ୍ଗେ ସଙ୍ଗେ କଡ଼ା ଟିପ୍ପଣୀ ଦେଇଥିଲେ। ତେବେ ହାଇକୋର୍ଟଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ରାୟରେ ବିଚଳିତ ନହୋଇ ମମତା ସରକାର ଏହା ବିରୋଧରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ। ଗୁରୁବାର ଦିନ ସୁପ୍ରିମ୍‌କୋର୍ଟଙ୍କ ଖଣ୍ଡପୀଠ ଏହି ମାମଲାର ରାୟ ଶୁଣାଇ ୨୫ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କ ନିଯୁକ୍ତିକୁ ରଦ୍ଦ କରି ଦେଇଛନ୍ତି। ମାନ୍ୟବର ପ୍ରଧାନ ବିଚାରପତି ସଞ୍ଜିବ ଖାନ୍ନା ଓ ବିଚାରପତି ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଏହି ଖଣ୍ଡପୀଠ ପୂର୍ବରୁ କୋଲକାତା ହାଇକୋର୍ଟ ଦେଇଥିବା ରାୟକୁ କାଏମ୍ ରଖିଛନ୍ତି। ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଦୁର୍ନୀତି, ହେରଫେର ଓ ଜାଲିଆତି ହୋଇଥିବାର ପୂର୍ବରୁ ହାଇକୋର୍ଟ ଯେଉଁ ମତ ରଖିଥିଲେ, ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ସେଥିରେ ପୂରା ସହମତ ହୋଇଛନ୍ତି। କେବଳ ସେତିକି ନୁହେଁ, ପୂରା ନିଯୁକ୍ତି ପ୍ରକ୍ରିୟାକୁ ରଦ୍ଦ କରିବା ବ୍ୟତୀତ କୌଣସି ସୁଧାର କରାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ଉଲ୍ଲେଖ କରିଛନ୍ତି।

କୋଲକାତା ହାଇକୋର୍ଟଙ୍କ ରାୟରେ ହସ୍ତକ୍ଷେପ କଲାଭଳି କିଛି ନାହିଁ ବୋଲି ମତ ଦେଇ ଖଣ୍ଡପୀଠ ଏହାକୁ ବଳବତ୍ତର ରଖିଛନ୍ତି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏବଂ କୋଲକାତା ଉଚ୍ଚ ନ୍ୟାୟାଳୟଙ୍କ ସମାନ ଧରଣର ନିଷ୍ପତ୍ତି ମମତା ସରକାରକୁ ଡବଲ୍ ଝଟ୍‌କା ଦେଲାଭଳି ମନେ ହେଉଛି। ଏଥିଯୋଗୁଁ ୨୫ ହଜାରରୁ ଅଧିକ ଶିକ୍ଷକ ଓ କର୍ମଚାରୀ ଏବେ ଆଠବର୍ଷ ପରେ ଚାକିରୀ ହରାଇ ଘରେ ବସିବାକୁ ଯାଉଛନ୍ତି। ତେବେ ସେମାନଙ୍କ ପାଇଁ ଏତିକି ଆଶ୍ୱସ୍ତିର ବିଷୟ ହେଉଛି ଯେ, ସେମାନେ ଆଠବର୍ଷ ଧରି ସରକାରୀ ରାଜକୋଷରୁ ନେଇଥିବା ଦରମା ଟଙ୍କା ଆଉ ଫେରାଇବାକୁ ପଡ଼ିବ ନାହିଁ ବୋଲି ସୁପ୍ରିମକୋର୍ଟ ରାୟରେ ସ୍ପଷ୍ଟ କରିଦେଇଛନ୍ତି। ଅନ୍ୟ ଗୋଟିଏ ଆଶ୍ୱାସନାର ବିଷୟ ହେଉଛି, ଯେଉଁ ପ୍ରାର୍ଥୀମାନେ ଦାଗୀ ଗୋଷ୍ଠୀରେ ସାମିଲ ନାହାନ୍ତି ଅର୍ଥାତ୍ ଜାଲିଆତି ଜରିଆରେ ଚାକିରୀ ପାଇନଥିଲେ, ସେମାନେ ପୂର୍ବ ପଦ ଫେରି ପାଇବାକୁ ଆବେଦନ କରିବା ପାଇଁ ସୁପ୍ରିମକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ତିନିମାସ ମଧ୍ୟରେ ସେମାନଙ୍କ ଆବେଦନ ଉପରେ ପଦକ୍ଷେପ ନେବାକୁ କୁହାଯାଇଛି। ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ ନୂଆ ନିଯୁକ୍ତି ନହେବା ପର୍ଯ୍ୟନ୍ତ ଚାକିରୀ ହରାଇଥିବା ଦିବ୍ୟାଙ୍ଗ ପ୍ରାର୍ଥୀଙ୍କୁ ଦରମା ମିଳିବ ଏବଂ ସେମାନଙ୍କୁ ନୂଆ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଯିବ। ମୁଖ୍ୟମନ୍ତ୍ରୀ ମମତା ବ୍ୟକ୍ତିଗତ ଭାବରେ ସୁପ୍ରିମକୋର୍ଟଙ୍କ ରାୟକୁ ଗ୍ରହଣ କରିପାରିବେ ନାହିଁ ବୋଲି ପ୍ରତିକ୍ରିୟା ରଖିଥିଲେ ହେଁ ତାଙ୍କ ଆଗରେ ଅନ୍ୟ କୌଣସି ବାଟ ନାହିଁ। ରାଜ୍ୟ ସରକାର ଏହି ରାୟକୁ ସ୍ୱୀକାର କରିବେ ଓ ପୁଣିଥରେ ଚୟନ ପ୍ରକ୍ରିୟା ହେବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମୁଖ୍ୟ ବିରୋଧୀ ଦଳ ବିଜେପି ଏହି ରାୟ ପରେ ମୁଖ୍ୟମନ୍ତ୍ରୀ ପଦରୁ ମମତାଙ୍କ ଇସ୍ତଫା ଦାବି କରିଛି। ପଶ୍ଚିମବଙ୍ଗରେ ଆଉ ବର୍ଷକ ପରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ତା'ପୂର୍ବରୁ ଏଭଳି ଗୁରୁତ୍ୱପୂର୍ଣ୍ଣ ରାୟ ସରକାରଙ୍କ ଭାବମୂର୍ତ୍ତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

# ମୁଁ ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କ ଦାୟାଦ କହୁଛି



ମୀରା ବେଉରା
ଦେଉଳ ସାହି, ତୁଳସୀପୁର, କଟକ
ମୋ: ୯୮୫୩୩୫୦୩୮୪

ସ୍ୱାଭିମାନ ଓ ସୁରକ୍ଷାର ସହ ବଞ୍ଚିବା ପ୍ରତ୍ୟେକ ଭାରତୀୟ ନାରୀର ପ୍ରାକୃତିକ ଓ ଜନ୍ମଗତ ଅଧିକାର। ରାଷ୍ଟ୍ରର ପ୍ରଥମ ଓ ପ୍ରଧାନ ଦାୟିତ୍ୱ ହେଲା ନାରୀକୁ ସୁରକ୍ଷା ଯୋଗାଇ ଦେଇ ତାକୁ ବ୍ୟକ୍ତିଭାବେ ପ୍ରତିଷ୍ଠିତ କରି ତାର ମାନବିକ ମୂଲ୍ୟବୋଧକୁ କ୍ଷୁର୍ଣ୍ଣ ନକରି ତା'ର ଅଧିକାର ପ୍ରତି ସଜାଗ ଓ ସଚେତନ ହେବା। ନାରୀ ପ୍ରତି ଅସମ୍ମାନ କରୁଥିବା ରାଷ୍ଟ୍ର ହେଉ ବା ବ୍ୟକ୍ତି ହେଉ ଏହା କଦାପି କ୍ଷମଣୀୟ ନୁହେଁ। ଏହା ଗୋଟିଏ ଜାତି ପାଇଁ କଳଙ୍କ, ବିପଦ ଓ ଅଭିଶାପ। ଏହାକୁ ପ୍ରତ୍ୟକ୍ଷଦର୍ଶୀ ଭାବେ ଚଳଚ୍ଚିତ୍ର ପରି ଉପଭୋଗ କରି ପ୍ରତିବାଦ କରୁନଥିବା ବ୍ୟକ୍ତି ଓ ରାଷ୍ଟ୍ର ତା'ର ଦାୟିତ୍ୱହୀନତାକୁ ସୂଚାଇଥାଏ। ଯେଉଁ ରାଷ୍ଟ୍ର ତା'ର ଗଣତନ୍ତ୍ରର ଅର୍ଦ୍ଧେକ ଜାତିକୁ ସୁରକ୍ଷା ଯୋଗାଇ ପାରିବାରେ ଅସମର୍ଥ ସେ ରାଷ୍ଟ୍ର ରାଜନୈତିକ, ସାମରିକ ଓ ଅର୍ଥନୈତିକ କ୍ଷେତ୍ରରେ ଯେତେ ସମୃଦ୍ଧ ହେଲେ ମଧ୍ୟ ପ୍ରକୃତରେ ବିକଶିତ କିମ୍ବା ସମୃଦ୍ଧ ରାଷ୍ଟ୍ରରେ କଦାପି ପରିଗଣିତ ହୁଏନାହିଁ। ନାରୀକୁ ବଳତ୍କାର କରି ତାକୁ ମୃତ୍ୟୁମୁହଁକୁ ଠେଲି ନିଜକୁ ସଭ୍ୟ ବୋଲାଉଥିବା ସଭ୍ୟ ସମାଜ ଓ ରାଷ୍ଟ୍ର ବିଶ୍ୱର କେବେ ଗୁରୁ ହୋଇପାରେନା। ନାରୀର ଅଧିକାର ଓ ତା'ର ସ୍ୱାଭିମାନକୁ ଲୁଟି ତା' ପ୍ରତି ଅସଦ ଆଚରଣ କରି ତାକୁ ମୃତ୍ୟୁ ମୁହଁକୁ ଠେଲି ଦେବା, ଯାହା ଗୋଟିଏ ରାଷ୍ଟ୍ରକୁ ଅସମ୍ମାନ କରି ତା'ର ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଗଳାଚିପି ହତ୍ୟା କରିବା ସହ ସମାନ। ଭାରତବର୍ଷକୁ ଭାରତମାତା ରୂପେ ପୂଜା କରୁଥିବା ସଭ୍ୟ ମାନବଜାତି ପ୍ରତ୍ୟେକଟି ଜନମାନସକୁ ଏଭଳି ଜଘନ୍ୟ ତଥା ସ୍ପର୍ଶକାତର ଲୋମ ହର୍ଷଣକାରୀ ଘଟଣା ବ୍ୟଥିତ କରୁନି କିପରି? ଏହା ଏକ ବିରାଟ ପ୍ରଶ୍ନ ଭାରତର ପ୍ରତ୍ୟେକ ନାଗରିକଙ୍କୁ। ଥରେ ନିଜକୁ ପ୍ରତ୍ୟେକ ଭାରତୀୟ ପ୍ରଶ୍ନ କରୁ ଯେ ସେ କେତେ ସଭ୍ୟ, କେତେ ଶିକ୍ଷିତ ଓ ସେ ରାଷ୍ଟ୍ର ପ୍ରତି କେତେ ଦାୟିତ୍ୱବାନ? ସେ ଜଣେ ରକ୍ତ ମାଂସ ଧାରୀ ମଣିଷ ତ? କେବଳ କଲିକତା ନୁହେଁ କି ଦିଲ୍ଲୀ ନୁହେଁ, ଦିଲ୍ଲୀରୁ ସୁରତ ପର୍ଯ୍ୟନ୍ତ, ଉତ୍ତର ପ୍ରଦେଶର ହାଥରସ ଠାରୁ ହରିୟାନାର ଫରିଦାବାଦ୍ ପର୍ଯ୍ୟନ୍ତ ସବୁଠି ନାରୀ ପ୍ରତି ନାରକୀୟ କାଣ୍ଡ କରାଯାଉଛି।

ଆଗରୁ ଆମେ ଚିନ୍ତା କରିଥିଲୁ ଯେ କେବଳ ନାରୀଟିଏ ସ୍ୱାବଲମ୍ବୀ ହେଲେ ନାରୀର ସ୍ୱାଭିମାନ ଓ ଆତ୍ମମର୍ଯ୍ୟାଦା ବୃଦ୍ଧି ପାଇବ। କିନ୍ତୁ କଲିକତାର ଆର.ଜି. ମେଡିକାଲ କଲେଜରେ ମହିଳା ଡାକ୍ତରାଣୀଙ୍କ ପ୍ରତି ଯେଉଁ ବର୍ବରୋଚିତ ଲୋମହର୍ଷଣକାରୀ ଭୟାନକ ଘଟଣା ଘଟିଛି ତାହା କେବଳ ଯେ ସଭ୍ୟ ସମାଜର ଛାତିକୁ ଦୋହଲାଇ ଦେଇନି ବରଂ ସଂପ୍ରତି ସମଗ୍ର ଭାରତବର୍ଷର କନ୍ୟା ଯେ ଆଜି କେତେ ଅସୁରକ୍ଷିତ ତା'ର ବଳିଷ୍ଠ ପ୍ରମାଣ ଦେଇଛି। ସତରେ ପରାଧୀନ ଭାରତବର୍ଷଠାରୁ ଆହୁରି ଅଧିକ ଅସୁରକ୍ଷିତ ଭାରତୀୟ ନାରୀର ଶରୀର ମନ ଓ ଆତ୍ମା। ଅସହାୟ ନାରୀର ରକ୍ତରେ ହୋଲି ଖେଳି ପୁରୁଷ ନିଜର ପାଶବିକ ପ୍ରବୃତ୍ତିକୁ ଚରିତାର୍ଥ କରିବାରେ ଲାଗିଛି। ନିଜ ଶରୀର କ୍ଷୁଧା ପାଇଁ ସବୁ ପଶୁ ଜଗତକୁ ମଧ୍ୟ ପଛରେ ପକାଇ ଦେଇଛି ପୁରୁଷ ସମାଜ। ଯୁଗେ ଯୁଗେ ନାରୀ ଅସୁରକ୍ଷିତ। ଆମେ ପଶୁଠାରୁ ମଧ୍ୟ ହୀନ ବୋଲି ନିଜକୁ ପ୍ରମାଣିତ କରି ସାରିଛୁ। କାରଣ ଯଦି କୁକୁରଟିଏ ଆମ ମଣିଷ ଜାତିକୁ କାମୁଡୁଛି ତେବେ କିଛିଦିନ ଚିକିତ୍ସା ପରେ ଆମେ ବିଷମୁକ୍ତ ହୋଇପାରୁଛୁ। ଯଦି ବିଷଧର ସାପଟିଏ ବା ବିଛାଟିଏ ଆମକୁ ଦଂଶନ କରୁଛି ତେବେ ତିନି ଚାରି ଦିନ ଚିକିତ୍ସା ପରେ ଆରୋଗ୍ୟ ଲାଭ ହଉଛି, କିନ୍ତୁ ଯଦି ଦିବ୍ୟଜ୍ଞାନ ଥିବା ଦୁଇ ଗୋଡ଼ିଆ ମଣିଷଟିଏ ମଣିଷକୁ କାମୁଡୁଛି ତେବେ ସେହି ବିଷ ଦ୍ୱାରା ମଣିଷ ବଞ୍ଚିବା ଆଶା ବହୁତ୍ କମ୍। ଏ ପୃଥିବୀରେ ସବୁଠାରୁ ଭୟଙ୍କର ଓ ଅବିଶ୍ୱାସୀ ପ୍ରାଣୀ ହେଉଛି ମଣିଷ ଯିଏ ନିଜର ଦେହର କ୍ଷୁଧା ମେଣ୍ଟାଇବା ପାଇଁ ମଣିଷକୁ ଦଂଶନ କରି ଆନନ୍ଦ ପାଏ।

ବିଷଧର ଜନ୍ତୁକୁ ଭୟ କରିବା ସ୍ୱାଭାବିକ, କିନ୍ତୁ ମଣିଷକୁ ଭୟ କରିବା ଏହା କେତେଦୂର ଯୁକ୍ତିଯୁକ୍ତ। ଅବିଶ୍ୱାସ, ଭଷ୍ଟାଚାର, ଦୁଷ୍କର୍ମ ଆଦି ସାମାଜିକ ପ୍ରଦୂଷଣରେ ଆଜି ସମଗ୍ର ମାନବ ସମାଜ କବଳିତ। ଏକବିଂଶ ଶତାବ୍ଦୀର ସବୁଠାରୁ ଆଶ୍ଚର୍ଯ୍ୟଜନକ ଘଟଣା ହେଲା ମଣିଷ ମଣିଷକୁ ଭୟ କରୁଛି। ମର୍ଯ୍ୟାଦାର ସହ ସ୍ୱାଭିମାନ ସହ ବଞ୍ଚିବା ପାଇଁ ରାଷ୍ଟ୍ର ଠାରୁ ସୁରକ୍ଷା ଲୋଡୁଛି। ସତ କହିବାକୁ ଗଲେ ଭାରତୀୟ ନାରୀ କ'ଣ ଏତେ ଅସହାୟ? ଏହାର ସଠିକ ଉତ୍ତର ହେଲା ନା। ଭାରତୀୟ ନାରୀ କଦାପି ଅସହାୟ ହୋଇ ପାରେନା। ଏ ଭାରତ ବର୍ଷ ପୁଣ୍ୟ ପବିତ୍ର ଭୂମି, ଯେଉଁଠି ସୀତା ସାବିତ୍ରୀ ଯିଏ ଯମରାଜ ଠାରୁ ସ୍ୱାମୀର ଜୀବନକୁ ଫେରାଇ ଆଣିପାରେ। ଏ ପୁଣି ବୀରାଙ୍ଗନା ଝାନ୍ସି ରାଣୀ ଲକ୍ଷ୍ମୀବାଈଙ୍କ ଭୂମି, ଯିଏ ସ୍ୱାମୀର ମୃତ୍ୟୁପରେ ମଧ୍ୟ ଘୋଡ଼ାରେ ଚଢ଼ି ନିଜ ପୁତ୍ରକୁ ଅଣ୍ଟାରେ ବାନ୍ଧି ଦେଇ ଖଣ୍ଡା ଧରି ଦୁର୍ଦ୍ଦାନ୍ତ ଇଂରେଜମାନଙ୍କ ବିରୁଦ୍ଧରେ ଦେଶ ଜାତି ପାଇଁ ସଂଗ୍ରାମ କରିପାରେ। କେବଳ ସେତିକି ନୁହେଁ ଏ ପୁଣି ମହିଷା ମର୍ଦ୍ଦିନୀ ଦଶଭୁଜା ଦୁର୍ଗାଙ୍କ ଭୂମି, ଯେଉଁଠି ଦେବତାମାନେ ଦୁଷ୍ଟ ମହିଷାସୁରକୁ ହତ୍ୟା କରିବାକୁ ଅସମର୍ଥ ହେଇଥିଲେ, ସେଠାରେ ମା' ଦୁର୍ଗା ଏକୁଟିଆ ମହିଷାମର୍ଦ୍ଦିନୀ ହୋଇ ଦୁଷ୍ଟ ମହିଷାସୁରକୁ ବଦ୍ଧ କରିଥିଲେ। ଏ ପୁଣି ରାଣୀ ଦୁର୍ଗାବତୀଙ୍କ ଦେଶ। ଏ ସବୁ ଇତିହାସର ପୃଷ୍ଠା ପ୍ରମାଣ କରିଦିଏ ଯେ ଭାରତୀୟ ନାରୀ କେବେ ଅସହାୟ ହୋଇ ପାରେନା।

ଦୁଃଖ କେବଳ ଏତିକି ଯେ ଆମେ ଏମିତି ଗୋଟିଏ ହିଂସ୍ର ସମାଜରେ ବଞ୍ଚୁଛୁ, ଯେଉଁଠି କୌଣସି କୋଣରେ ବି ଆମ ଝିଅଟିକୁ ଆମେ ସୁରକ୍ଷାର ବଳୟ ଯୋଗାଇ ପାରୁନାହୁଁ। ସେଇଥିପାଇଁ ତ ନୋବେଲ ପୁରସ୍କାର ବିଜେତା ସାରାମାଗୋ କହିଥିଲେ- 'ଇଏ ଏମିତି ଗୋଟିଏ ବିଶ୍ୱ ଯିଏ ମଙ୍ଗଳ ଗ୍ରହକୁ ଯନ୍ତ୍ର ପଠାଏ, ଚନ୍ଦ୍ରକୁ ମଣିଷ ପଠାଏ ଅଥଚ ନିଜ ଇଲାକାରେ ନାରୀ ପ୍ରତି ବଳାତ୍କାର ଓ ହିଂସା ବନ୍ଦ କରି ନାରୀକୁ ସୁରକ୍ଷା ଦେଇ ପାରେ ନାହିଁ। କହିବାର ତାତ୍ପର୍ଯ୍ୟ ହେଉଛି ସମଗ୍ର ମାନବ ସମାଜ ଓ ସଂସ୍କୃତି ଆଜି Sex and Violence ହୋଇଯାଉଛି। କେବଳ ଭାରତବର୍ଷରେ ନୁହେଁ ଆମେରିକାର ନ୍ୟୁୟର୍କରେ ମଧ୍ୟ ଆତ୍ମ ଘୋଷିତ ଗୁରୁ କିଥ୍ ରାନିଅରଙ୍କୁ ସଂସ୍କୃତି ନାମରେ ମହିଳାଙ୍କୁ ଖଟାଇ ସଂସାର ଯୌନ ଦାସୀ କରିବା ହେତୁ ନ୍ୟୁୟର୍କ ବ୍ରୁକ୍‌ଲିନ୍ କୋର୍ଟ ୧୨୦ ବର୍ଷ ଜେଲ ଓ ୧.୭୫ ନିୟୁତ ଡଲାର ଜୋରିମାନା ଆଦେଶ କରିଛନ୍ତି। କିଛି ଅସଭ୍ୟ କ୍ରୂର ବିକଳାଙ୍ଗ ମାନସିକଧାରୀ ଲୋକ ଏହାକୁ ଏକ ଚିରାଚରିତ ଦେହସୁଆ ଓ ନିୟମିତ ଘଟଣାରେ ପରିଣତ କରି ନିଜକୁ ଓ ନିଜର ପୌରୁଷକୁ ଜାହିର କରିବାକୁ ଯାଇ ନ୍ୟୂନ ଚିନ୍ତାଧାରାରେ କବଳିତ ହୋଇଛନ୍ତି। ଗୋଟିଏ ପଟେ ଆମ ଅଗଷ୍ଟ ୯ର କ୍ରାନ୍ତି ଦିବସ ପାଳୁଥିବା ସମୟରେ ଆଉ ଗୋଟିଏ ପଟେ ନାରୀ ସ୍ୱାଧୀନତାକୁ ବଳି ପକାଇ ତାକୁ ପାଶବିକ ଅତ୍ୟାଚାର କରି ମୃତ୍ୟୁମୁହଁକୁ ଠେଲି ଦେଇ ଭାରତବର୍ଷକୁ କିପରି ଅନ୍ଧକାର ଭିତରକୁ ଠେଲି ଦେଉଛୁ।

ଏଇଠି ମନେ ପଡୁଛି ପ୍ରସିଦ୍ଧ ଲେଖିକା ଏଲିଜାବେଥ୍ କାଲସ୍କିଙ୍କ ବହୁ ଚର୍ଚ୍ଚିତ ପୁସ୍ତକ 'ଦି ରୁଲ୍ ଅଫ୍ କଲୋନିଆଲ ଇନଡିଫରେନ୍ସ' ଯାହାର ଓଡ଼ିଆ ଅନୁବାଦ ହେଉଛି ଔପନିବେଶିକ ଉଦାସୀନତାର ରାଜତ୍ୱ। ଏହି ପୁସ୍ତକର ସବୁଠାରୁ ବଡ଼ ଆଲୋଡ଼ନକାରୀ ତଥ୍ୟଟି ହେଉଛି ଔପନିବେଶିକ ଅଦାଲତର ମହାମାନ୍ୟ ବିଚାରପତିମାନଙ୍କର ଏକ ମୂଳ ଓ ବଦ୍ଧ ଧାରଣା ରହିଥିଲା ଯେ ଭାରତୀୟ ସମାଜରେ ଧର୍ଷଣ ଏକ ଚିରାଚରିତ ଦେହସୁହା ଓ ନିୟମିତ ବ୍ୟାପାର।

ତତ୍କାଳୀନ ଗୋରା ସାମ୍ରାଜ୍ୟ କବଳିତ ଭାରତରେ ବ୍ରିଟିଶ ଲେଖକ ମାଥ୍ୟୁ ହେଲଙ୍କ ବିଚାର ଓ ତତ୍ତ୍ୱକୁ ସମ୍ଭବତଃ ଭାରତରେ ଶାସନାଧୀନ ଇଂରେଜ ବିଚାରପତିମାନେ ଏହାକୁ ଏକାନ୍ତରେ ଗ୍ରହଣ କରିବା ସହ ନିୟମରେ ଦୃଢ଼ ଏକମତ ଥିଲେ ଯେ ଭାରତୀୟ ନାରୀମାନେ ନିଜ ଇଚ୍ଛାରେ ଅନେକ କାର୍ଯ୍ୟରେ ଲିପ୍ତ ରହି ପରେ ଏହାକୁ ବଳତ୍କାର ଭାବେ ପ୍ରଚାର କରିଥାନ୍ତି। ଏହା ସୂଚାଇ ଦିଏ ଯେ କେଉଁଭଳି ମାନସିକତାରେ ଜର୍ଜରିତ ଆମ୍ଭେ ଓ ଆମର ଦୁଃସ୍ଥ ମନ। ୨୦୧୨ ମସିହାରେ ମଧ୍ୟ ଦିଲ୍ଲୀରେ ଏହିଭଳି ନିର୍ଭୟା ଗଣ ଦୁଷ୍କର୍ମ ମାମଲା ଘଟିଥିଲା। ଆଉ ଗୋଟିଏ ଘଟଣା ଭାରତର ସବୁଠାରୁ ଲୋମହର୍ଷଣକାରୀ ମଧୁରା ଗଣଦୁଷ୍କର୍ମ ମାମଲା ଯାହା ଘଟିଥିଲା ୧୯୭୨ ମାର୍ଚ୍ଚ ମାସ ୨୬ ତାରିଖରେ। ମହାରାଷ୍ଟ୍ରର ଦେଶାଇଗ ଥାନାର ଦୁଇଜଣ ପୋଲିସଙ୍କ ଦ୍ୱାରା ଘଟିଥିବା ଦୁଷ୍କର୍ମ ତତ୍କାଳୀନ ଜନମାନସକୁ ଏପରି ତୀବ୍ର ପ୍ରତିବାଦ କରିବାକୁ ବାଧ କରିଥିଲା ଯେ ସରକାର ଶେଷକୁ ବାଧ ହୋଇ 'ଦି କ୍ରିମିନାଲ ଲ ଆମେଣ୍ଡମେଣ୍ଟ ଆକ୍ଟ: ୧୯୮୩' (ନଂ୪୩) ମାଧ୍ୟମରେ ଭାରତୀୟ ଦୁଷ୍କର୍ମ ଆଇନର ସଂଶୋଧନ କରିବାକୁ ଏକପ୍ରକାର ବାଧ ହୋଇଥିଲେ। ସେହିଭଳି ଏହି କଲିକତାର ମହିଳା ଡାକ୍ତରଙ୍କ ପ୍ରତି ଯେଉଁ ବର୍ବରୋଚିତ କାଣ୍ଡ କରାଯାଇଛି, ଏହି ଅଶୋଭନୀୟ ଘଟଣା ପରେ ପୁଣି ଥରେ ଭାରତୀୟ ଆଇନ ସଂଶୋଧନର ସମୟ ଆସିଛି। ଦୋଷୀକୁ କଠୋରରୁ କଠୋର ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ ଆବଶ୍ୟକ। ଯେପରି ପୁନର୍ବାର ସେପରି କର୍ମ ଦୋହରାଇବାକୁ କେହି ସାହସ କରିବେ ନାହିଁ। କେବଳ ଆଜୀବନ କାରାଦଣ୍ଡ ବ୍ୟବସ୍ଥା କଲେ ହେବନାହିଁ, ଏଥିପାଇଁ ବିରାଟ ସମାଜିକ ଜନ ଆନ୍ଦୋଳନ ହେବା ଆବଶ୍ୟକ।


ସତର୍କ ଓ ସଚେତନ ହୋଇ ନାରୀ ତା'ର ଅଧିକାର ପାଇଁ ସଂଘର୍ଷ କରିବା ଆବଶ୍ୟକ। କାରଣ ଧାରା ୨୧ କହେ ସ୍ୱାଭିମାନ ସହ ବଞ୍ଚିବା ନାରୀର ସାମ୍ବିଧାନିକ ଅଧିକାର। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଦୋଷୀକୁ ଦଣ୍ଡ ଦେବା ପାଇଁ ଆମ ଆଇନ ଯେତିକି ତୀବ୍ର ବେଗରେ ଧାଉଁନି, ଦୋଷୀକୁ ନିର୍ଦ୍ଦେଷ କରିବା ପାଇଁ ଆମର କିଛି ଆଇନଜୀବୀ ନିଜର ମାନବିକତାକୁ ହତ୍ୟାକରି ତାକୁ ଘଣ୍ଟ ଘୋଡ଼ାଇବା ପାଇଁ ପ୍ରୟାସ କରୁଛନ୍ତି।

କେବଳ ସରକାର ଚାହିଁଲେ କି ଆଇନ ପରିବର୍ତ୍ତନ ହେଲେ ଏହାର ସମାଧାନ ହେବନାହିଁ। ଏ ଦିଗରେ ପ୍ରଥମେ ପରିବାର, ବିଦ୍ୟାଳୟ, ମହାବିଦ୍ୟାଳୟ ଓ ପ୍ରତ୍ୟେକ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ବ୍ୟକ୍ତି ମଧ୍ୟ ସମାଜ ଓ ସଚେତନ ହେବା ଆବଶ୍ୟକ। ପ୍ରଥମେ ମଣିଷ ପରିବର୍ତ୍ତନ ହେବା ସହ ତାର ଚରିତ୍ର ମଧ୍ୟ ପରିବର୍ତ୍ତନ ହେବା ଉଚିତ୍। ଶିକ୍ଷା କ୍ଷେତ୍ରରେ ମଧ୍ୟ କେବଳ ଚାକିରୀ ଓ ଜଗତୀକରଣକୁ ଅଧିକ ଗୁରୁତ୍ୱ ନଦେଇ ଶିକ୍ଷା କ୍ଷେତ୍ରରେ ନୈତିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାକୁ ଅଧିକ ପ୍ରାଧାନ୍ୟ ଦିଆଯାଉ। ଆଜିର ପ୍ରତ୍ୟେକ ନାରୀ ମଧ୍ୟ କଦାପି ଭୁଲି ନଯାଉଯେ ସେ ମହିଷା ମର୍ଦ୍ଦିନୀ ମା' ଦୁର୍ଗାଙ୍କ ପ୍ରତିରୂପ ତା'ର ଜନ୍ମ ଏଭଳି ଏକ ରାଷ୍ଟ୍ରରେ ଯେଉଁଠି ଝାନ୍ସୀ ରାଣୀ ଲକ୍ଷ୍ମୀବାଈ ଇଂରେଜ ସହ ଲଢ଼ି ଦେଶକୁ ସ୍ୱାଧୀନ କରିବାରେ ସହଯୋଗ କରିଥିଲେ। ସେ ନିଜେ ଗଢୁ ତା'ର ସୁରକ୍ଷା ବଳୟ। ଏକଥା ବି ଆମେ ପୁରାଣରେ ପଢ଼ିଛୁ ଯେ ସାବିତ୍ରୀ ପତ୍ନୀ ହୋଇ ନିଜର ପତିର ଜୀବନକୁ ଯମ ଦ୍ୱାରରୁ ଫେରାଇ ଆଣିଥିଲେ। କିନ୍ତୁ ବଡ଼ ଦୁଃଖର କଥା ପତ୍ନିକୁ ଯମଦ୍ୱାରରୁ ଫେରାଇ ଆଣିପାରୁଥିବା ପତିଙ୍କ ସାଧନା ପୁରାଣରେ କେଉଁଠି ନାହିଁ। ଅପରାଧୀକୁ ଘଣ୍ଟ ଘୋଡ଼ାଇ ରଖିବା ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରର ନୀତି ବିରୁଦ୍ଧ କାର୍ଯ୍ୟକଳାପ। ବିଚାର ବ୍ୟବସ୍ଥା ବିଳମ୍ବିତ ନହେଉ ଯାହାଦ୍ୱାରା ପ୍ରମାଣପତ୍ର ନଷ୍ଟକରି ଦିଆଯାଉଛି। ଯେଉଁ ଆଇନଜୀବୀ ଦୋଷୀକୁ ବଞ୍ଚାଇବା ପାଇଁ ଚେଷ୍ଟା କରୁଛନ୍ତି, ତାଙ୍କ ପ୍ରତି ମଧ୍ୟ କଠୋର ଦଣ୍ଡବିଧାନ ରହୁ। ସଂପ୍ରତି ମହିଳା ଓ କନ୍ୟା ସନ୍ତାନଙ୍କ ସୁରକ୍ଷା ପାଇଁ ପଶ୍ଚିମ ବଙ୍ଗରେ 'ଅମରାଜିତା ବିଲ' ସେପ୍ଟେମ୍ବର ୩, ୨୦୨୪ରେ ପ୍ରଣୋଦିତ ହୋଇ ସାରଛି। ଏହା କେବଳ ପଶ୍ଚିମ ବଙ୍ଗ କାହିଁକି ସବୁ ରାଜ୍ୟରେ ମହିଳା ଓ କନ୍ୟା ସନ୍ତାନଙ୍କ ସୁରକ୍ଷା ପାଇଁ ଆଇନ ପ୍ରଣୟନ ହେବା ସହିତ ତାହା କିପରି କଡ଼ା କଡ଼ି ଭାବେ ପାଳନ କରାଯିବ ସେ ଦିଗରେ ସରକାରଙ୍କ ଠାରୁ ଆରମ୍ଭ କରି ଜନସାଧାରଣ ପ୍ରୟାସ ଜାରି ରଖିବା ଦରକାର।

ଶେଷରେ ଏତିକି କୁହାଯାଇପାରେ ଯେ ଯେଉଁ ଜାତି ବା ରାଷ୍ଟ୍ର ନାରୀକୁ ତା'ର ବଞ୍ଚିବାର ଅଧିକାର ଯୋଗାଇ ପାରୁନି ତେବେ କାହିଁକି ମାତୃଶକ୍ତି ପୂଜାର ପ୍ରହସନ କରି ସ୍ୱର୍ଣ୍ଣ, ହୀରା, ମୋତି, ମାଣିକ୍ୟ ଖଚିତ ମୁକୁଟରେ ମା'ଙ୍କୁ ସଜାଇ ପାଟବସ୍ତ୍ର ଓ ଅଳଙ୍କାର ପିନ୍ଧାଇ ପୂଜା, ସଂସ୍କୃତି ଓ ପରମ୍ପରାର ଦ୍ୱାହି ଦେଇ ପରମ୍ପରାର ରକ୍ଷକ ବୋଲି ଦାବି କରିବା? ଗୋଟିଏ ପଟେ ତାକୁ ଦିବ୍ୟ ମୂର୍ତ୍ତିରେ ସଜାଇ ଆଉ ଗୋଟିଏ ପଟେ ତାଙ୍କୁ ବିବସ୍ତ୍ର କରି ତା' ପ୍ରତି ପାଶବିକ ଅତ୍ୟାଚାର କରି ଶେଷରେ ମୃତ୍ୟୁମୁହଁକୁ ଠେଲି ଦେଉ। ଏହା ଆମ ଭାରତୀୟ ସଂସ୍କୃତି ପ୍ରତି ଛଳନା ନୁହେଁ ତ ଆଉ କ'ଣ!

ଯେଉଁ ଦିନ ଆମେ ତାଙ୍କୁ ସୁରକ୍ଷା ଦେଇ ବଞ୍ଚିବାର ଅଧିକାର ଯୋଗାଇ ଦେବା ସେହି ଦିନ ଆମେ ଦାବି କରିବା ଆମେ ପୁଣ୍ୟଭୂମି ପବିତ୍ରଭୂମି ଭାରତବର୍ଷର ପ୍ରକୃତ ଦାୟାଦ।

# ରୁକୁଣା ଯାତ୍ରା ଓ ଏହାର କିମ୍ବଦନ୍ତୀ



ଉତ୍କଳାନନ୍ଦ ଅଜୟ କୁମାର ବେହେରା
ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ
କଟକ, ମୋ: ୯୪୩୭୦୩୧୨୫୩

ଐତିହାସିକଙ୍କ ମତରେ ଏହି ଯାତ୍ରା ୧୦ତମ ଶତାବ୍ଦୀର। ତେବେ ପୌରାଣିକ ତଥ୍ୟ ଅନୁସାରେ ଏହା ଉପରେ କିଛି ନିର୍ଦ୍ଦିଷ୍ଟ ମତ ନାହିଁ। ଐତିହାସିକ ତଥା ଗବେଷକଙ୍କ ମତରେ ଶୈବକ୍ଷେତ୍ର ହେବା ପୂର୍ବରୁ ଏହା ବୌଦ୍ଧ ରଥଯାତ୍ରା ଥିଲା। ପରେ ଏହା ଶୈବ ରଥଯାତ୍ରା ହେଲା। ଏଥିପାଇଁ ଅନେକ ବିରୋଧ ମଧ୍ୟ ହୋଇଥିଲା। ପରେ ଗବେଷକମାନେ ଏ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କଲେ। କାଶୀରେ ଶୈବମାନଙ୍କ ଉପରେ ବୌଦ୍ଧମାନେ ଅତ୍ୟାଚାର କରିବାରୁ ସେମାନେ ଅନ୍ୟତ୍ର କାଶୀସ୍ୱରୂପ ଶୈବକ୍ଷେତ୍ର ପ୍ରତିଷ୍ଠା ସନ୍ଧାନରେ ଥିଲେ। ସେହି ସମୟରେ ଏଠାରେ ମଧ୍ୟ ବୌଦ୍ଧ ଥିଲେ। ଲକୁଳୀଶ ପନ୍ଥୀ ଶୈବମାନେ ଏଠାରେ ଆସି ଶୈବକ୍ଷେତ୍ର ପ୍ରତିଷ୍ଠା କରିବାକୁ ଉଦ୍ୟମ କଲେ। ଯାହାକୁ ସ୍ଥାନୀୟ ବୌଦ୍ଧମାନେ ପ୍ରତିରୋଧ କଲେ। ଏହାକୁ ନେଇ ଶୈବମାନଙ୍କ ସହ ତାଙ୍କର ବିବାଦ ଦେଖାଦେଲା। ଯାହା ପରବର୍ତ୍ତୀ ସମୟରେ ଯୁଦ୍ଧରେ ପରିଣତ ହୋଇଥିଲା। କାଶୀର ଅଶାନ୍ତ ବାତାବରଣରେ କ୍ଷୁବ୍ଧ ହୋଇ ଶିବ ଏକାମ୍ର କ୍ଷେତ୍ର ଚାଲି ଆସିଥିଲେ। ଏଠାରେ ଥିବା ଅସୁରମାନଙ୍କୁ ନିପାତ କଲେ। ସେହି ସମୟରେ ବେଦ ବରୋଧୀଙ୍କୁ ଅସୁର କୁହାଯାଉଥିଲା। ବୌଦ୍ଧମାନଙ୍କୁ ଏହା ସଙ୍କେତ କରୁଥିଲା। ଏହି ଯୁଦ୍ଧର ଫଳ ସ୍ୱରୂପ ଏଠାକାର ସମସ୍ତ ବୌଦ୍ଧଙ୍କୁ ନିପାତ ଓ ବିତାଡ଼ିତ କରାଗଲା। ଯେଉଁ ବୌଦ୍ଧମାନେ ବଶତା ସ୍ୱୀକାର କଲେ ସେମାନଙ୍କୁ ଅସ୍ପୃଶ୍ୟ ଓ ଶୁଦ୍ର ଭାବେ ସ୍ଥାନ ଦିଆଗଲା। ଅଶୋକାଷ୍ଟମୀର ଏହି ରଥଯାତ୍ରା ଏହି ବିଜୟର ସ୍ମାରକୀ ବୋଲି କିଛି ଆଲେଖ୍ୟ ସୂଚନା ଦେଇଛନ୍ତି ଗବେଷକ ଭାଗୀରଥି ମହାସୁଆର। ରାମେଶ୍ୱରମନ୍ଦିର ପାଖ ପଡ଼ିଆକୁ ବିଜୟ ପଡ଼ିଆ ବୋଲି କୁହାଯାଏ। ସେହିଦିନ ଠାରୁ ଏହି ରୁକୁଣା ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଶ୍ରୀଲିଙ୍ଗରାଜ ମନ୍ଦିରରୁ ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଏହି ରଥ ଟଣାଯାଏ। ମଝି ରାସ୍ତାରେ ଅସୁର କିଆରିରେ ଅସୁରମାନଙ୍କୁ ଭୋଗ ଦିଆଯାଏ। ଏହା ରାସ୍ତା ଅବରୋଧକାରୀ ବୌଦ୍ଧ ମାନଙ୍କୁ ସନ୍ତୁଷ୍ଟୀକରଣ ପାଇଁ କରାଯାଇଥିବା ଅନୁମାନ କରାଯାଉଛି।

ମରୀଚିକୁଣ୍ଡର କାହାଣୀ : ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା କଥା ପଡ଼ିଲେ ମରୀଚିକୁଣ୍ଡ କଥା ଆସେ। କାରଣ ଏହି କୁଣ୍ଡ ପାଣିରେ ରଥର ଅନୁକୂଳ କରାଯାଏ। ବିଶ୍ୱାସ ରହିଛି ଏହି ପାଣିରେ ଗାଧୋଇବା ଦ୍ୱାରା ନିଃସନ୍ତାନ ନଥିବା ମହିଳାମାନେ ସନ୍ତାନପ୍ରାପ୍ତି ହୁଅନ୍ତି। ମୁକ୍ତେଶ୍ୱର ମନ୍ଦିର ଭିତରେ ଏହି କୁଣ୍ଡ ରହିଛି। ଯାହା ରଥଯାତ୍ରା ପୂର୍ବଦିନ ମଧ୍ୟରାତ୍ରିରେ ଖୋଲାଯିବ। ଇତିହାସକୁ ଦେଖିଲେ ରାମାୟଣରେ ରାମ, ସୁବାହୁ ଓ ମାରୀଚ ନାମକ ଦୁଇଜଣ ଅସୁରଙ୍କୁ ମାରିଥିଲେ। ଯେଉଁଠାରୁ ଏହି ମରୀଚିକୁଣ୍ଡ ସୃଷ୍ଟି ହୋଇଛି। ଅପରପକ୍ଷରେ ଐତିହାସିକଙ୍କ ମତରେ ମୁକ୍ତେଶ୍ୱର ମନ୍ଦିର ପୂର୍ବରୁ ଏଠାରେ ମରୀଚି କୁଣ୍ଡ ରହିଥିଲା। ରଥ ଅନୁକୂଳ ସହ ଶୈବ କ୍ଷେତ୍ରରେ ମନ୍ଦିର ନିର୍ମାଣ କାମରେ ଏହି ପାଣି ବ୍ୟବହାର ହୋଇଛି। ଏହି କୁଣ୍ଡ ଜଳରେ ଗାଧୋଇବା ଦ୍ୱାରା ସନ୍ତାନପ୍ରାପ୍ତ ହୁଏ ବୋଲି ଲୋକକଥା ରହିଛି। ବାଞ୍ଛାର ପ୍ରତିଶବ୍ଦ ହେଉଛି ମଡ଼ିଛି। ଯେହେତୁ ନିଃସନ୍ତାନ ମହିଳାମାନେ ଏହି ପାଣିରେ ଗାଧୋଇବା ଦ୍ୱାରା ସେମାନଙ୍କର ସନ୍ତାନପ୍ରାପ୍ତ ହୁଏ ତେଣୁ ପରବର୍ତ୍ତୀ ସମୟରେ ମଡ଼ିଛିର ରୂପାନ୍ତରିତ ହୋଇ ମରିଛି କୁଣ୍ଡ ହୋଇଛି ବୋଲି ଗବେଷକଙ୍କ ମତ।

ମାଉସୀମା ମନ୍ଦିର : ଏହି ରୁକୁଣାରଥ ଯାତ୍ରାରେ ଶ୍ରୀଲିଙ୍ଗରାଜ ମାଉସୀମା ମନ୍ଦିରକୁ ଯାଆନ୍ତି। କିନ୍ତୁ ପୁରାଣରେ ଏହାର ବଳିଷ୍ଠ ପ୍ରମାଣ ନଥିବା ଗବେଷକମାନେ କହିଛନ୍ତି। ଯେଉଁ ମାଉସୀମା ମନ୍ଦିରକୁ ମହାଦେବ ଯାଆନ୍ତି ତାହା ରାମେଶ୍ୱର କ୍ଷେତ୍ର। ମାଉସୀମା ମନ୍ଦିର ଏକ ମନଗଢ଼ା କାହାଣୀ ବୋଲି ଗବେଷକମାନେ କହିଛନ୍ତି। ବଙ୍ଗୀୟ ଲୋକକଥାରୁ ଏହା ଉଦ୍ଧୃତ କରାଯାଇଛି। ରାମେଶ୍ୱର ମନ୍ଦିର ବା ରାମେଶ୍ୱର କ୍ଷେତ୍ରରେ ଲକ୍ଷ୍ମଣେଶ୍ୱର ମନ୍ଦିର, ଭରତେଶ୍ୱର ମନ୍ଦିର, ଲବ ମନ୍ଦିର ଓ କୁଶ ମନ୍ଦିର ରହିଛି। ସେହିପରି ଏଠାରେ ଯେଉଁ ପୁଷ୍କରିଣୀ ରହିଛି ତାହାର ବାସ୍ତବ ନାମ ରାମକୁଣ୍ଡ ଅଟେ। ଏହାକୁ ପରବର୍ତ୍ତୀ ସମୟରେ ଅଶୋକଙ୍କ ଅନୁଗତ ବୌଦ୍ଧମାନେ ଅଶୋକାକୁଣ୍ଡ କହୁଥିଲେ। ଏହାପରେ ହିନ୍ଦୁମାନେ ରାମାୟଣକୁ ଆଧାର କରି ଏହାକୁ ଅଶୋକାକୁଣ୍ଡ କରିଥିଲେ।

ରୁକୁଣାରଥରେ ବିଜେପ୍ରତିମା : ଶ୍ରୀଲିଙ୍ଗରାଜ ଲିଙ୍ଗ ସ୍ଥାନାନ୍ତରିତ ହେବା ଅସମ୍ଭବ। ତେଣୁ ତାଙ୍କର ଚଳନ୍ତି ପ୍ରତିମା ବା ଯାହାକୁ ବିଜେପ୍ରତିମା କୁହାଯାଏ ସିଏ ଏହି ରଥରେ ଆସିଥାନ୍ତି। ଶ୍ରୀଲିଙ୍ଗରାଜଙ୍କ ବିଜେ ପ୍ରତିମା ଚନ୍ଦ୍ରଶେଖର ଏହି ରଥରେ ଯାତ୍ରା କରନ୍ତି। ତାଙ୍କ ରୁକ୍ମିଣୀ ବା ଦୁର୍ଗା ଓ ଦୋଳଗୋବିନ୍ଦ ବା ବିଷ୍ଣୁ ଏହି ରଥରେ ବିରାଜମାନ କରନ୍ତି।

ରୁକୁଣାରଥର କାରୁକାର୍ଯ୍ୟ : ପୌରାଣିକ ପ୍ରଥା ଅନୁସାରେ ମାଉସୀମା ମନ୍ଦିର କୁହାଯାଉଥିବା ରାମେଶ୍ୱର ମନ୍ଦିରର ଉଚ୍ଚତା ସହ ରୁକୁଣା ରଥର ଉଚ୍ଚତା ସମାନ। ଆହୁରି ମଧ୍ୟ ରାମେଶ୍ୱର ମନ୍ଦିର ଉଚତ୍ତାର ମାପ ନିଆଯାଇ ରୁକୁଣାରଥ ନିର୍ମାଣ କରାଯାଏ ବୋଲି ବିଶ୍ୱାସ ରହିଛି। ରଥର ଉଚ୍ଚତା ୪୫ ଫୁଟ ହୋଇଥିବାବେଳେ ଚଉଡା ୨୭ ଫୁଟ ଓ ଲମ୍ବା ୨୬ ଫୁଟ ରହିଥାଏ। ସେହିପରି ରଥରେ ୪ଟି ଚକା ଲାଗେ। ଯାହାର ଉଚ୍ଚତା ୮ଫୁଟ। ରଥରେ୪ଟି ଘୋଡ଼ା ରହିଥିବାବେଳେ ଏହାର ରଙ୍ଗ ଧଳା ଓ କସରା।

# ଅଶୋକାଷ୍ଟମୀ

ପୁଷ୍ପମିତ୍ର ମହାପାତ୍ର
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ମୋ: ୯୪୩୭୨୨୫୬୮୯

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପରି ଚୈତ୍ର ମାସରେ ଭୁବନେଶ୍ୱରର ଆରାଧ୍ୟ ମହାପ୍ରଭୁ ଶ୍ରୀ ଶ୍ରୀ ଲିଙ୍ଗରାଜଙ୍କ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ଚୈତ୍ର ମାସ ଶୁକ୍ଳ ଅଷ୍ଟମୀ ଦିନ ଯାତ୍ରାକୁ ଅଶୋକାଷ୍ଟମୀ କୁହାଯାଏ। ଏହି ଦିନ ଯାତ୍ରାର ରଥକୁ ରୁକୁଣା ରଥ କୁହାଯାଏ। ଏହି ସମୟରେ ଦେବୀ ଦୁର୍ଗାଙ୍କ ବାସନ୍ତୀ ଦୁର୍ଗା ପୂଜା ଚାଲିଥାଏ ଆଉ ଅଶୋକାଷ୍ଟମୀ ପରଦିନକୁ ରାମ ନବମୀ କୁହାଯାଏ। ରମନବମୀ ପୂର୍ବଦିନ ଅଶୋକ ନାମ ଯୁକ୍ତଥିବାରୁ ରାମାୟଣରେ ବର୍ଣ୍ଣିତ ଅଶୋକ ବନ ସାଧାରଣତଃ ସ୍ମରଣକୁ ଆସିଥାଏ। ପ୍ରାଚୀନ ଭେଷଜ ଶାସ୍ତ୍ରରୁ ଜଣାଯାଏ ଅଶୋକ ବୃକ୍ଷ ହେଉଛି ଦୈନନ୍ଦିନ ଚିକିତ୍ସା ବିଶେଷକରି ସ୍ତ୍ରୀଲୋକମାନଙ୍କ ପାଇଁ ଉପକାରୀ। ସେହିପରି ରୁକ୍ମଣୀ ରଥର ନାମକରଣ ପଛରେ ରହିଛି ଶ୍ରୀକୃଷ୍ଣଙ୍କ ପତ୍ନୀ ରୁକ୍ମିଣୀଙ୍କ ନାମାନୁଯାୟୀ ଏହା ନାମିତ ହୋଇଛି ଯାହାକି ବୈଷ୍ଣବ ଯୁଗରୁ ଚଳି ଆସିଛି। ତେବେ ଏହି ରଥ ପ୍ରକୃତରେ ଅଶୋକଙ୍କ ସମୟରୁ ହିଁ ଆରମ୍ଭ ହୋଇଛି। ଲିଙ୍ଗରାଜ ମନ୍ଦିର ଠାରୁ ରଥ ଯେଉଁ ପର୍ଯ୍ୟନ୍ତ ଆସେ ସେ ସ୍ଥାନଟିର ନାମ ବିଜୟ ପଡ଼ିଆ। ସମସ୍ତଙ୍କ ଧାରଣା ତ୍ରିପୁରାସୁରକୁ ବଧ କରି ଶିବ ରଥାରୋହଣ କରିଥିବା ହେତୁ ଏହି ରଥରେ ଶିବ ବିଜୟ କରନ୍ତି ଏବଂ ସେହି ରଥର ସାରଥୀ ବ୍ରହ୍ମା ହୋଇଥିବାରୁ ରୁକୁଣା ରଥର ସାରଥୀ ବ୍ରହ୍ମା କୁହାଯାଏ। ଅଶୋକ ବର୍ତ୍ତମାନର ଓଡ଼ିଆ ତଥା ତତ୍କାଳୀନ କଳିଙ୍ଗ ଜୟ କରିବାକୁ ଆସି ଯାହା କରିଥିଲେ ତାହା ଅଶୋକଙ୍କ ତ୍ରୟୋଦଶ ଶିଳାନୁଶାସନରୁ ଜଣାପଡ଼େ। ସେ ଚଣ୍ଡାଶୋକରୁ ତାଙ୍କ ହୃଦୟ ବିଚଳିତ ହୋଇ ଧର୍ମାଶୋକରେ ପରିଣତ ହୋଇଥିଲା। ଭାରତୀୟ ସଂସ୍କୃତିରେ ଚୈତ୍ରମାସ ଈଶ୍ୱର ଉପାସନା ନିମିତ୍ତ ପ୍ରସିଦ୍ଧ ଲାଭ କରିଆସିଛି। ବୈଦିକ ଯୁଗରେ ଅଶ୍ୱମେଧ ଯଜ୍ଞାନୁଷ୍ଠାନ ଚୈତ୍ରମାସର ଚିତ୍ରା ନକ୍ଷତ୍ରେ ଅନୁଷ୍ଠିତ ହେଉଥିଲା। ସେହିପରି ରୁକୁଣା ରଥର ଦିଅଁମାନେ ରଥରୁ ଓହ୍ଲାରି ଯେଉଁ ମନ୍ଦିରରେ ରହନ୍ତି ତାହା ରାମେଶ୍ୱର ମନ୍ଦିର ନାମରେ ପ୍ରସିଦ୍ଧ। ରାମେଶ୍ୱର ମନ୍ଦିରର କେତେ ଗଜ ପୂର୍ବ ଦକ୍ଷିଣକୁ ଲକ୍ଷ୍ମଣେଶ୍ୱର, ଭରତେଶ୍ୱର ଓ ଶତ୍ରୁଘ୍ନେଶ୍ୱର ମନ୍ଦିର।

ଓଡ଼ିଶାର ବିଭିନ୍ନ ରଥଯାତ୍ରା ଭିତରେ ଭୁବନେଶ୍ୱରର ଅଶୋକାଷ୍ଟମୀ ରଥଯାତ୍ରା ବେଶ୍ ପ୍ରସିଦ୍ଧ। କୁହାଯାଏ ପୁରୀର ବଡ଼ ଠାକୁରଙ୍କ ରଥଯାତ୍ରା, କେନ୍ଦ୍ରାପଡ଼ାର ବଳଦେବଜୀଉଙ୍କ ରଥଯାତ୍ରା ପରେ ଭୁବନେଶ୍ୱରର ଏହି ରୁକୁଣା ରଥର ଯାତ୍ରା ଅତ୍ୟନ୍ତ ଆଡ଼ମ୍ବର ଓ ଦର୍ଶନୀୟ। ସମ୍ପ୍ରତି ମନ୍ଦିର ପରିଚାଳନା ବୋର୍ଡ଼ ବିଭିନ୍ନ ସମୟ ନିର୍ଘଣ୍ଟ ଭିତରେ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନେଇ ପ୍ରଶଂସିତ ହେଉଛନ୍ତି। ଅଶୋକାଷ୍ଟମୀ ଦିନ କେବଳ ଭୁବନେଶ୍ୱରକୁ ଛାଡ଼ିଦେଲେ ରାଜ୍ୟର ଅନ୍ୟ କୌଣସି ସ୍ଥାନରେ ଶିବଙ୍କର ଉତ୍ସବ ହୁଏନାହିଁ। ଏବଂ ଏହି ଦିନ ତ୍ରିପୁରାଶୁର ମଧ୍ୟ ବଧ ହୋଇନଥିଲା। ତାହା ହୋଇଥିଲେ ସର୍ବତ୍ର ଶିବ ବା ମହାଦେବଙ୍କ ପୀଠରେ ଏ ଉତ୍ସବ ପାଳିତ ହୋଇଥାନ୍ତା। ସେହିପରି କୌତୁହଳପୂର୍ଣ୍ଣ କଥା ହେଉଛି ରଥର ନାମ ରୁକୁଣା ରଥ ହୋଇଥିବାରୁ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ରଥରେ ବସାଇ ପଳାଇ ଆସିଥିବା କଥା ସ୍ୱତଃ ମନରେ ଆସିପାରେ। ମାତ୍ର ଏଠାରେ ଏଇ ପ୍ରଶ୍ନ ଅବାନ୍ତର। କାରଣ ରୁକ୍ମିଣୀ ଶିଶୁପାଳଙ୍କୁ ବିବାହ କରିବାର ସ୍ଥିର ହୋଇଥିଲା। ଐତିହାସିକଙ୍କ ତଥ୍ୟ ଅନୁଯାୟୀ ଭୁବନେଶ୍ୱର ଶିଶୁପାଳର ନିଜ ଭୂମି। ଶିଶୁପାଳ ପକ୍ଷରେ ଏହା ଅସମ୍ମାନ ସୂଚକ ଅବସ୍ଥା। ତାହାରି ରାଜଧାନୀରେ ଏଭଳି ଅସମ୍ମାନ ସୂଚକ ବ୍ୟବସ୍ଥା କିଏ କରିବ? କେହି କେହି ଐତିହାସିକ କୁହନ୍ତି ଯେ ଏହି ଯାତ୍ରା ସମ୍ରାଟ ଅଶୋକଙ୍କ ବିଜୟ ଚିହ୍ନ କଳିଙ୍ଗ ସ୍ୱରୂପ ସେ ଯେଉଁ ବିଜୟ ରଥଯାତ୍ରା ପ୍ରବର୍ତ୍ତନ କରିଯାଇଥିଲେ ତାହା ହିଁ ବର୍ତ୍ତମାନର ରୁକୁଣା ରଥ।

# ସମ୍ପର୍କରେ ନୈତିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ



ମାନସ କୁମାର କର
କୋଟାଙ୍ଗ, କୋଣାର୍କ
ମୋ: ୭୩୮୧୩୮୨୨୧୦

ଆପଣମାନେ ପ୍ରାୟତଃ ସ୍ୱାମୀ-ସ୍ତ୍ରୀ ଏବଂ 'ସେ' ବିଷୟରେ ଶୁଣିଥିବେ, କିନ୍ତୁ ଯଦି 'ସେ' ଯୋଗୁଁ ମିରଟ ହତ୍ୟାକାଣ୍ଡ ଭଳି ଏକ ବିପର୍ଯ୍ୟୟ ଘଟେ, ତେବେ ଏହା ସମାଜକୁ ଥରାଇ ଦିଏ। ମିରଟରେ ଘଟିଥିବା ହତ୍ୟାକାଣ୍ଡ ଆଜିକାଲି ବହୁତ ଚର୍ଚ୍ଚାରେ ଅଛି। ସ୍ୱାମୀ-ସ୍ତ୍ରୀ ଭଳି ଘନିଷ୍ଠ ସମ୍ପର୍କରେ ଏପରି ଆକ୍ରମଣାତ୍ମକ ଆଚରଣ ଏବଂ ଅପରାଧ ଘଟଣା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଭାବିବାକୁ ବାଧ୍ୟ କରେ ଯେ ଆମେ କେଉଁ ପ୍ରକାରର ସମାଜରେ ବାସ କରୁଛୁ? ସମ୍ପର୍କରେ ପାରସ୍ପରିକ ପ୍ରେମ, ସ୍ନେହ, ମର୍ଯ୍ୟାଦା ଏବଂ ସମ୍ମାନ ଭଳି ମୂଲ୍ୟବୋଧ ଧୀରେ ଧୀରେ ଲୋପ ପାଇବାକୁ ଲାଗିଛି। ସେମାନଙ୍କ ସ୍ଥାନରେ କ୍ରୋଧ ଏବଂ ନିଷ୍ଠୁରତା ଭଳି ଖରାପ ବ୍ୟବହାର ଆସିଯାଉଛି।

ଅଧିକାଂଶ ଲୋକ ଖବରକାଗଜ ପଢ଼ି ସକାଳ ଆରମ୍ଭ କରନ୍ତି, କିନ୍ତୁ ଏହା ଭାବିବା ଉଚିତ ଯେ ଏପରି ଭୟଙ୍କର ଖବର ପଢ଼ିବା ପରେ ଜଣେ ବ୍ୟକ୍ତିଙ୍କୁ ମାନସିକ ଆଘାତର ଅବସ୍ଥା ଦେଇ ଗତି କରିବାକୁ ପଡ଼ିଥାଏ। ଦିନସାରା ସେହି ଖବରଗୁଡ଼ିକ ବିଷୟରେ ଭାବି ବ୍ୟକ୍ତିଟି ଏକ ଅଜବ ଦ୍ୱନ୍ଦ୍ୱରେ ପଡ଼ି ରହିଥାଏ। ଏପରି ଘଟଣା କେବଳ ମାନସିକ ଆଘାତ ସୃଷ୍ଟି କରେ ନାହିଁ ବରଂ ସାଧାରଣ ଲୋକଙ୍କ ମଧ୍ୟରେ ଭୟ, ଆତଙ୍କ, କ୍ରୋଧ ଏବଂ ଅବିଶ୍ୱାସର ଭାବନା ମଧ୍ୟ ସୃଷ୍ଟି କରେ। ଯେତେବେଳେ ଆମେ ଏହି ଘଟଣାର ମନସ୍ତାତ୍ତ୍ୱିକ ବିଶ୍ଳେଷଣ କରୁ, କିଛି ଗୁରୁତ୍ୱପୂର୍ଣ୍ଣ କାରଣ ସାମ୍ନାକୁ ଆସେ। ଯେପରିକି ନିଶା କିମ୍ବା ନିଶାଦ୍ରବ୍ୟର ସେବନ । ଏହା ଅପରାଧିକ ଆଚରଣକୁ ଉତ୍ସାହିତ କରେ, ଯାହା ନିଶାଦ୍ରବ୍ୟ ସେବନ ପାଇଁ କିମ୍ବା ନିଶାଦ୍ରବ୍ୟର ପ୍ରଭାବରେ ଅପରାଧ କରିବା ସହଜ ହୋଇଥାଏ। ନିଶା ସାମାଜିକ ପ୍ରତିବନ୍ଧକକୁ ନଷ୍ଟ କରିଦିଏ, ଯାହାଫଳରେ ଜଣେ ବ୍ୟକ୍ତି ଚରମ ସୀମାକୁ ଯାଇ ଯେକୌଣସି ଅପରାଧ କାର୍ଯ୍ୟ କରିଥାଏ। ମିରଟ ମାମଲାରେ, ମହିଳା ଜଣକ ଜଣେ ନିଶା ଶକ୍ତ ଏବଂ ନିଶା ସେବନ ଜାରି ରଖିବାର ଇଚ୍ଛା ଦ୍ୱାରା ପ୍ରେରଣ ହୋଇ, ସେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିବା ପାଇଁ ଏକ ଷଡ଼ଯନ୍ତ୍ର ରଚିଥିଲେ, ଯିଏ ତାଙ୍କ ନିଶା ପାଇଁ ପ୍ରତିବନ୍ଧକ ହୋଇପାରନ୍ତି। ନିଶାର ପ୍ରଭାବ ଯୋଗୁଁ, ଭାବନା ଶୂନ୍ୟ ହୋଇଯାଏ। ଅନ୍ୟ ବ୍ୟକ୍ତି ପ୍ରତି ଦୟା ଅନୁଭବ କରିବା କିମ୍ବା ତାଙ୍କ ଯନ୍ତ୍ରଣାକୁ ଅନୁଭବ କରିବାର କ୍ଷମତା ହ୍ରାସ ପାଇଥାଏ ।

ବିବାହ ବହିର୍ଭୂତ ସମ୍ପର୍କ ମଧ୍ୟ ସମ୍ପର୍କ ନଷ୍ଟ ହେବାର ଏକ ବଡ଼ କାରଣ। ଯଦି ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କ ମଧ୍ୟରେ ଅନ୍ୟଜଣେ ବ୍ୟକ୍ତି ଆସେ, ତେବେ ଜୀବନରେ ଉତ୍ତେଜନାର ପରିସ୍ଥିତି ସୃଷ୍ଟି ହେବା ସ୍ୱାଭାବିକ ।

ଏକ ଦୈନିକ ଟେଲିଭିଜନ ଚ୍ୟାନେଲରେ ପ୍ରସାରିତ କାର୍ଯ୍ୟକ୍ରମ 'ମୁସକାନ-ସାହିଲକୁ ଫାଶି ଦିଅ' ପରକୀୟା ପ୍ରୀତି ଓ ହତ୍ୟାକାଣ୍ଡକୁ ନେଇ ଆଲୋଚନାରେ ସମାଜ ବିଜ୍ଞାନୀ (ଡକ୍ଟର ଅବଶ ପରିଡାଙ୍କ)ମତରେ ଏହାକୁ ସଂକୋଚ ଏବଂ ସଂରକ୍ଷଣ ଭିତରେ ବ୍ୟକ୍ତିଗତ ମାମଲା କହି ସଙ୍କୁଚିତ କରିବା ଉଚିତ ନୁହେଁ। ଏହା ଏକ ବିରାଟ ସାମାଜିକ ସମସ୍ୟା, ଏହି ସାମାଜିକ ସମସ୍ୟାର ମୁଖ୍ୟ କାରଣ ହେଉଛି ପରକୀୟା ପ୍ରୀତି। ଯଦି ଆମେ ବିଗତ ଦିନର (ଏନ୍‌ସିଆରବି) ଡାଟାକୁ ଦେଖିବା ତେବେ ଏହାର ୧୦% ହତ୍ୟାକାଣ୍ଡ କେବଳ ପରକୀୟା ପ୍ରୀତି ଯୋଗୁ ହିଁ ଘଟୁଛି ଏବଂ ମେଟ୍ରୋ ସହରରେ ଘଟୁଥିବା ହତ୍ୟାକାଣ୍ଡ ହେଉଛି ପରକୀୟା ପ୍ରୀତି ତୃତୀୟ ସର୍ବ ବୃହତ ଉଦ୍ଦେଶ୍ୟ।

ଟିଭି, ୱେବସିରିଜ୍ ଏବଂ ଫିଲ୍ମରେ ହତ୍ୟା, ଅପରାଧ, ବିବାହ ବହିର୍ଭୂତ ସମ୍ପର୍କ ଇତ୍ୟାଦି ବହୁତ ଦେଖାଯାଉଛି। ଏହି ମାଧ୍ୟମଗୁଡ଼ିକ ମଣିଷ ଜୀବନରେ ଦର୍ପଣର ଭୂମିକା ଗ୍ରହଣ କରନ୍ତି, ଏହାକୁ ଦେଖି ଅନେକ ଲୋକ ପ୍ରେରଣା ପାଆନ୍ତି। ଦେଖାଯାଇଛି ଯେ ବିବାହ ପରେ ବିବାହ ବହିର୍ଭୂତ ସମ୍ପର୍କ ରଖିବାର ମୁଖ୍ୟ କାରଣ ହେଉଛି ଭାବପ୍ରବଣ ସମର୍ଥନ ପାଇବା ଏବଂ ଏକାକୀତା ଦୂର କରିବା। ଜଣେ ବ୍ୟକ୍ତି, ଯିଏ ନିଜ ବ୍ୟକ୍ତିଗତ ସମ୍ପର୍କରେ ଏହା ପାଏନାହିଁ, ସେ ଏହାକୁ ବାହାରେ ଅନ୍ୟଜଣେ ବ୍ୟକ୍ତିରେ ଖୋଜେ। ଏହି ଘଟଣାଗୁଡ଼ିକରେ, ଅପରାଧ ସମ୍ବେଦନଶୀଳତା, ସହନଶୀଳତା, ପାରସ୍ପରିକ ଆସକ୍ତି ଭଳି ଭାବନାର ଦୁର୍ବଳତାକୁ ପ୍ରତିଫଳିତ କରେ। ନୈତିକ ମୂଲ୍ୟବୋଧର ହ୍ରାସ ଏକ ଉଜ୍ଜ୍ୱଳ ସମାଜର ଭବିଷ୍ୟତ ପାଇଁ ଭଲ ନୁହେଁ। ନୈତିକ ମୂଲ୍ୟବୋଧ ବ୍ୟାଖ୍ୟା କରେ ଯେ କିପରି ମଣିଷର ଆଚରଣକୁ ମାର୍ଗଦର୍ଶନ କରାଯିବ ଯାହାଦ୍ୱାରା ଜଣେ ବ୍ୟକ୍ତି ଠିକ୍ ଏବଂ ଭୁଲ ମଧ୍ୟରେ ପାର୍ଥକ୍ୟ ବୁଝିପାରିବ। ସଚ୍ଚୋଟତା, ସହାନୁଭୂତି, ଦୟା, ଆତ୍ମ-ଶୃଙ୍ଖଳା, ସମ୍ପର୍କରେ ସମନ୍ୱୟ, ପାରସ୍ପରିକ ସମ୍ମାନ ଇତ୍ୟାଦି ନୈତିକ ମୂଲ୍ୟବୋଧ ଜଣେ ବ୍ୟକ୍ତିଙ୍କ ଚରିତ୍ର ଗଠନର ମୂଳଦୁଆ ସୃଷ୍ଟି କରେ ଏବଂ ଚରିତ୍ର ଗଠନ ପ୍ରକ୍ରିୟାରେ, ଜଣେ ବ୍ୟକ୍ତି ଦୈନନ୍ଦିନ ନିଷ୍ପତ୍ତିରେ ଠିକ୍ ଏବଂ ଭୁଲ ମଧ୍ୟରୁ ବାଛିବା ଶିଖେ। ଠିକ୍ ଏବଂ ଭୁଲ ନିଷ୍ପତ୍ତି ନେବାର ଏହି ଶିକ୍ଷା ପରବର୍ତ୍ତୀ ସମୟରେ ଗମ୍ଭୀର ସମସ୍ୟା ପାଇଁ ମଧ୍ୟ ପ୍ରଯୁଜ୍ୟ।

କିନ୍ତୁ ଦୁର୍ଭାଗ୍ୟବଶତଃ ଆଜି ଏହି ସମସ୍ତ ମୂଲ୍ୟବୋଧ ନିମ୍ନ ସ୍ତରକୁ ଆସିଯାଇଛି। ପୂର୍ବରୁ ସ୍କୁଲଗୁଡ଼ିକରେ ମଧ୍ୟ ନୈତିକ ମୂଲ୍ୟବୋଧର ପାଠ ପଢ଼ାଯାଉଥିଲା କିନ୍ତୁ ଆଜିର ସମୟରେ କେବଳ ମାର୍କ ବୃଦ୍ଧି ପାଇଁ ପ୍ରତିଯୋଗିତା ଚାଲିଛି, ଯାହା କାରଣରୁ ସାମାଜିକ ମୂଲ୍ୟବୋଧ ହଜିଯାଉଛି। ଆମକୁ ନିରନ୍ତର ଆତ୍ମ-ପ୍ରତିଫଳନ ମାଧ୍ୟମରେ ଆମର ଆଚରଣର ମୂଲ୍ୟାଙ୍କନ କରିବାର ଆବଶ୍ୟକତା ଅଛି ଯାହାଦ୍ୱାରା ଆମେ ସମୟ ମଧ୍ୟରେ ଠିକ୍ ଏବଂ ଭୁଲ୍‌କୁ ସଂଶୋଧନ କରିବାର ସୁଯୋଗ ପାଇପାରିବା। ଆଜିକାଲି ସମ୍ପର୍କରେ ନୈତିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ସହାନୁଭୂତି ଏବଂ ସହନଶୀଳତା ଭଳି ଗୁଣଗୁଡ଼ିକୁ ଗ୍ରହଣ କରି ସୁସଜ୍ଜିତ ସମ୍ପର୍କର ମୂଳଦୁଆ ସ୍ଥାପନ କରାଯାଇଥାଏ ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ମାଲକାନଗିରି(ଭାସ୍କର ନ୍ୟୁଜ): ଓଡ଼ିଆ ପକ୍ଷ ପାଳନର ଚତୁର୍ଥ ଦିନରେ ଓଡ଼ିଆରେ ନାମ ଫଳକ ଅଭିଯାନ ସଚେତନତା ଶୋଭାଯାତ୍ରା ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଛି । ଜିଲ୍ଲାର ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ମାନଙ୍କରେ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ ସୁନିଶ୍ଚିତ କରିବା ନିମନ୍ତେ ଏହି ସଚେତନତା ପଦଯାତ୍ରା କରାଯାଇଥିଲା କ୍ଷ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜେଶ ଦେବବର ପ୍ରଧାନ ସବୁଜ ପତାକା ଦେଖାଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଶୋଭାଯାତ୍ରା ବସ୍‌ଷ୍ଟାଣ୍ଡ ଠାରୁ ଆରମ୍ଭ କରି ଡିଏନକେ ଖେଳ ପଡିଆ ପର୍ଯ୍ୟନ୍ତ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ପ୍ରଶାନ୍ତ କୁମାର ପାଣିଗ୍ରାହୀ ଓ ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଗୁରୁ ଉପସ୍ଥିତ ଥିଲେ। ଏହି ସଚେତନତା ପଦଯାତ୍ରାରେ ପ୍ରାୟ ୧୫୦ ଜଣ ମହାବିଦ୍ୟାଳୟ ଛାତ୍ରୀ, ପରିବର୍ତ୍ତନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମଚାରୀଙ୍କ ସମେତ ଶିଶୁ ସୁରକ୍ଷା, ଜିଲ୍ଲା ସୂଚନା ଲୋକ ସମ୍ପର୍କ, ଜିଲ୍ଲା ସଂସ୍କୃତି ବିଭାଗ ଓ ମାଲକାନଗିରି ପୌରପାଳିକା, ଚାଇଲ୍ଡ ଲାଇନ, ବୁଦ୍ଧିଜୀବୀ ଏବଂ ଜନ ସାଧାରଣ ଏଥିରେ ଭାଗ ନେଇଥିଲେ । ଜିଲ୍ଲା ଶ୍ରମ ବିଭାଗ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ । ଶେଷରେ କିଛି ନିର୍ମାଣ କାର୍ଯ୍ୟସ୍ଥଳରେ ଶ୍ରମିକମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।



# ତହସିଲ୍‌ଦାର ଏବଂ ଥାନା ଅଧିକାରୀଙ୍କୁ ନିଆଳି ଗୌରବ ସମ୍ମାନ




ନିଆଳି(ଭାସ୍କର ନ୍ୟୁଜ): ନିଆଳି ତଥା ଓଡିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ତଥା ଗାନ୍ଧିବାଦୀ ଅନୁଷ୍ଠାନ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟର ୧୯ ତମ ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ହେଉଛି ଗ୍ରାମୀଣ ମହୋତ୍ସବ ୨୦୨୫ । ଏହା ସହ ନିଆଳୀ ପ୍ରେସ ୟୁନିଟ ନିଆଳୀ ତରଫରୁ ଶ୍ରୀନାରଦ ମହୋତ୍ସବ ଏବଂ ଦ୍ୱାଦଶ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଦ୍ୱିତୀୟ ଦିବସ ରେ ଉଦଘାଟକ ରୂପେ ବାବାଜୀ ଅମୃତାନନ୍ଦ ଦାସ ମହାରାଜ ଜୀ, ମୁଖ୍ୟ ଅତିଥି ରୂପେ ନିଆଳୀ ତହସିଲଦାର ଲିଲନ ପ୍ରସାଦ ସାହୁ ମୁଖ୍ୟ ବକ୍ତା ରୂପେ ଇତିହାସ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ପ୍ରଫେସର ଡ଼ ପ୍ରଶାନ୍ତ ପ୍ରଧାନ, ସମ୍ମାନିତ ଅତିଥି ରୂପେ ନିଆଳୀ ଭାରପ୍ରାପ୍ତ ଥାନା ଅଧିକାରୀ ବିଜୟ କୁମାର ମଲ୍ଲିକ, ଓଡ଼ିଆ ଅଧ୍ୟାପକ ଡ଼ ବିରଂଚି କୁମାର ସାହୁ, ସମାଜସେବୀ ବିଜୟ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ । ମହୋତ୍ସବ ମଞ୍ଚରେ ସଭାପତିତ୍ୱ କରୁଥିଲେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡ଼ ଦେବକ କଲ୍ଲୁମୁଲ୍ଲା, ଅନୁଷ୍ଠାନର ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ପ୍ରମୋଦ କୁମାର ମଲ୍ଲିକ, ସ୍ଥାୟୀ ସଭାପତି ପ୍ରସନ୍ନ ପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ । ଗାନ୍ଧୀ ଦର୍ଶନ ଗାନ୍ଧୀ ବିଚାର ଉପରେ ଆଲୋଚନା ହୋଇଥିଲା । ଏହି ଅବସରରେ ଜଗତସିଂହପୁରର ପୂର୍ବତନ ସାଂସଦ ଜନପ୍ରିୟ ରାଜନେତା, ନିଆଳୀର ଗାନ୍ଧୀ ସ୍ୱର୍ଗତ ତ୍ରିଲୋଚନ କାନୁନଗୋଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଫେସର ଡ଼ ପ୍ରଶାନ୍ତ ପ୍ରଧାନଙ୍କୁ ଜ୍ଞାନଦୀପ ତ୍ରିଲୋଚନ କାନୁନଗୋ ଶିକ୍ଷା ସମ୍ମାନ ୨୦୨୫ରେ ସମ୍ମାନିତ କରାଯାଇଥିଲା । ସେପରି ମହାପାତ୍ର ନୀଳମଣି ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଡ଼ ବିରଂଚି କୁମାର ସାହୁଙ୍କୁ ମହାପାତ୍ର ନୀଳମଣି ସାହୁ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା । ନିଆଳି ବ୍ଲକରେ କାର୍ଯ୍ୟରତ ତହସିଲଦାର ଲିଲନ ପ୍ରସାଦ ସାହୁ ଏବଂ ଥାନା ଅଧିକାରୀ ବିଜୟ କୁମାର ସାହୁଙ୍କୁ ନିଆଳି ଗୌରବ ସମ୍ମାନ ୨୦୨୫ରେ ସମ୍ମାନିତ କରାଯାଇଥିଲା । ସେପରି ବାବାଜୀ ଅମୃତାନନ୍ଦ ଦାସ ମହାରାଜ ଜୀଙ୍କୁ ସ୍ୱାମୀ ଚେତନାନନ୍ଦ ସରସ୍ୱତୀ ଜ୍ଞାନ ଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧ୍ୟକ୍ଷ ଯୁବ ସମାଜସେବୀ ସନ୍ତୋଷ କୁମାର ମାଝୀ, ଉପସଭାପତି ଦ୍ୱିଜବର ମହାପାତ୍ର, କୋଷାଧ୍ୟକ୍ଷ ହେମନ୍ତ କୁମାର ମଲ୍ଲି, ସହ ନିର୍ଦ୍ଦେଶକ ଲଲାଟେନ୍ଦୁ ସାହୁ, ମହିଳା ସମ୍ପାଦିକା ପାୟଲ ପ୍ରିୟଦର୍ଶନୀ ପରିଡା, ସହ ସମ୍ପାଦିକା ପ୍ରିୟଙ୍କା ସେନାପତି, ପ୍ରାତିମୁକ୍ତା ପଟ୍ଟନାୟକ, ଚିରଶ୍ରୀ ପରିଡା, ମହୋତ୍ସବ ସଂଯୋଜିକା ମୋନାଲିସା ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଇଣ୍ଡିଆ ଏବଂ ଭେଦା ବିଳାଶୁଣୀ ସହଯୋଗ କରିଥିଲେ ।

# ଜନଶୁଣାଣିକୁ ବାଣୀପଦା ଗ୍ରାମବାସୀଙ୍କ ବିରୋଧ



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣିପଦା ପଞ୍ଚାୟତରେ ଥିବା ଇଡକୋ ଜମିରେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ମାଣ ହେବାକୁ ଥିବା ବାୟୋ ମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ପାଇଁ ଆହୂତ ଜନଶୁଣାଣିକୁ ବାଣୀପଦା ଗ୍ରାମବାସୀଙ୍କ ତରଫରୁ ବିରୋଧ କରାଯାଇଥିବା ଜଣାପଡ଼ିଛି । ଗ୍ରାମବାସୀଙ୍କ ପ୍ରବଳ ବିରୋଧ ଯୋଗୁ ଅନୁଷ୍ଠିତ ହେବାକୁ ଥିବା ଜନଶୁଣାଣି ବନ୍ଦ ରହିଛି । ଶୁକ୍ରବାର ଜନଶୁଣାଣି ପାଇଁ ଉପଜିଲ୍ଲାପାଳଙ୍କ ସମେତ ଇଡକୋ ଅଧିକାରୀ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ, ସ୍ଥାନୀୟ ସରପଞ୍ଚ ଓ ଲୋକ ପ୍ରତିନିଧି ଉପସ୍ଥିତ ରହିଥିବା ଓ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା ହୋଇଥିବା ବେଳେ ଗ୍ରାମବାସୀଙ୍କ ତରଫରୁ ଏଭଳି ବିରୋଧାଭାସ ଦେଖି ବାଧ୍ୟ ହୋଇ ଅଧିକାରୀମାନେ ଘଟଣାସ୍ଥଳରୁ ଫେରି ଯାଇଥିଲେ । ଜନଶୁଣାଣି ତାରିଖକୁ ପ୍ରଶାସନ ତରଫରୁ କିଛିଦିନ ପାଇଁ ଘୁଞ୍ଚାଇ ଦିଆଯାଇଥିବା ଅତିରିକ୍ତ ଜିଲ୍ଲାପାଳ ଡ଼. ବିଦ୍ୟାଲୋଚନ ମହନ୍ତ ସୂଚନା ଦେଇଛନ୍ତି । ଗ୍ରାମ ନିକଟରେ ପ୍ରକଳ୍ପ ନିର୍ମାଣ ହେଲେ ପରିବେଶ ଅତିମାତ୍ରାରେ ପ୍ରଦୂଷିତ ହେବା ସହ ଏହାର କୁପ୍ରଭାବ ଜନବସତି ଉପରେ ପଡିବାର ସମ୍ଭାବନା ଥିବାରୁ ଏବେ ନୁହେଁ କି ଆଗାମୀ ଭବିଷ୍ୟତରେ ମଧ୍ୟ ପ୍ରକଳ୍ପ କରାଇ ଦିଆଯିବ ନାହିଁ ବୋଲି ଗ୍ରାମବାସୀମାନଙ୍କ ତରଫରୁ ସୂଚନା ଦିଆଯାଇଛି । ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ଚୌଦ୍ୱାର ଥାନା ଆଇଆଇସି ବିଶ୍ୱ ରଞ୍ଜନ ସାହୁଙ୍କ ନେତୃତ୍ୱରେ ଶତାଧିକ ପୋଲିସ ଫୋର୍ସ ଘଟଣାସ୍ଥଳରେ ମୁତୟନ ହୋଇଥିଲେ ।

## ବନ ବିଭାଗ ପକ୍ଷରୁ ଦୁଇ ବାଲି ଗାଡ଼ି ଜବତ



ଭୁବନ(ଭାସ୍କର ନ୍ୟୁଜ): ବେଆଇନ ବାଲି ଚୋରିକୁ ରୋକିବା ସକାଶେ ରାଜ୍ୟ ସରକାର ବେଶ୍ ତତ୍ପରତା ପ୍ରକାଶ କରିଛନ୍ତି । ବାଲି ଚୋରିକୁ ଦୃଢ଼ ହସ୍ତରେ ଦମନ କରିବା ସହ ମାଫିଆଙ୍କୁ ସାବାଡ଼ କରିବାକୁ ଆଇନ କରି ବନ ବିଭାଗ ଓ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ରମରେ ବେଆଇନ ବାଲି ଚାଲାଣ ହେଉଥିବା ଖବର ପାଇ ଜିଲାର ବନପାଳ କବିତା ବିଶ୍ୱାଳଙ୍କ ନେତୃତ୍ୱରେ ମଳତା କୁଆଁର ଓ ସ୍କ୍ୱାର୍ଡ ଚଢ଼ାଉ କରି ଡିଗ୍ରି ଓ ଗୋରଡିଆରୁ ୨ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିଲେ ।

## ସନ୍ଦେହଜନକ ଅବସ୍ଥାରେ ମୃତଦେହ ଉଦ୍ଧାର

ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା ଅଧୀନସ୍ଥ ନିଆଳି ପଞ୍ଚାୟତ ପ୍ରଭଞ୍ଜଷ ନାହାକ ସାହିର ଗରୁଡ଼ ଭୋଇ (୪୮)ଙ୍କ ମୃତଦେହ ନିଆଳି କେନାଲରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ନିଆଳି ପୋଲସକୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ନିଆଳି ପୋଲିସ ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠେଇଛି । ଏ ନେଇ ନିଆଳି ଥାନାରେ ଅପମୃତ୍ୟୁ ମାମଲା ୨/୨୦୨୫ ରୁଜୁ ହୋଇଛି । ଗରୁଡ଼ଙ୍କୁ ସାଇକେଲ ପୋଲ ଉପରେ ଥିବା କେନାଲରୁ ଗଲା ବେଳେ ତାଙ୍କ ମୃତଦେହ କେନାଲରୁ ମିଳିଛି । ଏ ନେଇ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ କହିଛନ୍ତି ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ।

## ବିଦ୍ୟୁତ୍ ଖୁଣ୍ଟ ଟେକିବା ବେଳେ ଶ୍ରମିକ ମୃତ

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ଥାନ ମୁକୁନ୍ଦପୁର ପଞ୍ଚାୟତ ଅଧୀନ ତାଙ୍ଗାମଳ ଗ୍ରାମ ନିକଟରେ ବିଦ୍ୟୁତ୍ ଖୁଣ୍ଟ ଉଠାଉଥିବା ବେଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଜଣା ପଡ଼ିଛି । ମୃତ ଶ୍ରମିକଙ୍କ ନାମ ସଂଜୟ ଭୋଇ (୩୬) ଏବଂ ଘର କଟକ ଜଲା କଶୋରନଗର ଥାନା ଅଧୀନ ଖେନ୍ତାଳ ଗ୍ରାମରେ । ଶ୍ରମିକ କିଶୋର ଅନ୍ୟ କେତେକ ଶ୍ରମିକଙ୍କ ସହିତ ବିଦ୍ୟୁତ୍‌ଖୁଣ୍ଟ ଶାବଳ ସାହାଯ୍ୟରେ ଉଠାଉଥିଲେ। ଏହି ସମୟରେ ଶାବଳଟି ଖସିଆସି ତାଙ୍କ ଛାତିରେ ମାଡ଼ ହୋଇଥିଲା। ଶାବଳ ଆଘାତରେ ସେ ଗୁରୁତର ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ତିହିଡ଼ି ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପୁଲିସ ୧୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି।

## ଭୁବନ ଏନ୍ଏସିରେ ଓଡ଼ିଆ ପକ୍ଷ ପାଳିତ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଓଡ଼ିଆ ପକ୍ଷ ପାଳିତ ହୋଇଯାଇଛି । ଏହି ଅବସରରେ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ବେଜ୍, କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର ନାଥ ସାହୁ, ପ୍ରାଣକୃଷ୍ଣ ଓଝା, ବିଶ୍ୱାସ ମହାନ୍ତି, ସଚିନ ମହାନ୍ତି, ସନ୍ତୋଷ କୁମାର ମିଶ୍ର, ଜ୍ୟୋତି ରଞ୍ଜନ ବେହେରା ପ୍ରମୁଖ ସମସ୍ତ କର୍ମଚାରୀ ପାରମ୍ପରିକ ପୋଷାକ ପରିଧାନ କରିଥିଲେ । ଏବଂ ଆମ ପୋଷାକ, ଆମ ପରିଚୟ । ମୁ ଓଡିଆ, ମୋ ଭାଷା ବଢିଆ ନାରାବାଜି କରିଥିଲେ । ଓଡ଼ିଆ ପକ୍ଷ ପାଳନ ପାଇଁ ସନ୍ଧ୍ୟାରେ ଏନ୍ଏସି କାର୍ଯ୍ୟାଳୟକୁ ରଙ୍ଗୀନ ଆଲୋମାଳାରେ ରେ ସଜ୍ଜିତ କରାଯାଇଥିଲା ।

## ପୋଖରୀରେ ପଡ଼ି ଯୁବକର ମୃତ୍ୟୁ

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ଥାନା ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଝିଙ୍କିରିଆ ଗ୍ରାମର ଗଦାଧର ମହାଲିକ(୩୭) ନାମକ ଜଣେ ଯୁବକ ପୋଖରୀରେ ପଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପୋଲିସ ୧୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ମୃତ ଗଦାଧର ଗାଁରେ ଶ୍ରମିକ ଭାବେ କାମ କରୁଥିଲେ। ଗୁରୁବାର ଅପରାହ୍ନରେ ସେ ତାଳପଦା ପଞ୍ଚାୟତସ୍ଥିତ ମାଳସାହି ଗ୍ରାମରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ। ଗ୍ରାମବାସୀ ଖବର ପାଇ ଖୋଜାଖୋଜି କରି ନପାଇବାରୁ ଦମକଳ ବାହିନୀକୁ ଖବର ଦେଇଥିଲେ। ତିହିଡ଼ି ଦମକଳ ବାହିନୀ ବହୁ ଖୋଜାଖୋଜି ପରେ ରାତି ୯ଟାରେ ଗଦାଧରଙ୍କ ମୃତଦେହ ଉଦ୍ଧାର କରିଥିଲେ।

## ବ୍ୟବସାୟୀଙ୍କ ବିୟୋଗରେ ଶୋକ, ଚକ୍ଷୁଦାନ କରି ମହାନତା ଦେଖାଇଲେ ପରିବାର



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ରାମଚନ୍ଦ୍ର ବଜାର ଠାରେ ଜଳଖିଆ ଦୋକାନୀ ବାବାଜୀ ଚରଣ ସ୍ୱାଇଁ (୬୨)ଙ୍କ ଅକାଳ ବିୟୋଗରେ ବ୍ୟବସାୟୀ ମହଲରେ ଶୋକର ଛାୟା ଖେଳିଯାଇଛି । ପାରିବାରିକ କଳହ କାରଣରୁ ବିଷ ଖାଇ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିବା ବେଳେ ପରିବାର ଲୋକେ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲକୁ ନେଇ ଯାଇଥିଲେ । ମାତ୍ର ଦୁଇଦିନ ଚିକିତ୍ସା ହେବାପରେ ତାଙ୍କର ମୃତ୍ୟୁ ଘଟିଥିଲା । ତେବେ ଚିକିତ୍ସା କରୁଥିବା ଡାକ୍ତରଙ୍କ ପରାମର୍ଶରେ ପରିବାର ଲୋକେ ତାଙ୍କର ଦୁଇଟି ଚକ୍ଷୁ ଦାନ କରିଥିଲେ । ତାଙ୍କ ଅକାଳ ବିୟୋଗରେ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିବା ବ୍ୟବସାୟୀ ଭାଇମାନେ ଶୋକରେ ମର୍ମାହତ ହୋଇ ପଡ଼ିଥିଲେ । ବାବାଜୀ ଜଣେ ଉତ୍ତମ ମିଠା କାରିଗର ଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ । ପତ୍ନୀ ମୃତ୍ୟୁ ପରେ ସେ ପୁରା ଏକୁଟିଆ ହୋଇ ଗୁମସୁମ ରହୁଥିଲେ । ତେବେ ତାଙ୍କ ମୃତ୍ୟୁରେ ଦିନତମାମ ବଜାର ବନ୍ଦ ହୋଇଥିଲା । ତାଙ୍କ ମରଶରୀର କାକଟପୁର ପହଞ୍ଚିବା ପରେ ତାଙ୍କ ପରବାର, ବନ୍ଧୁ ବର୍ଗ, ବ୍ୟବସାୟୀ ଭାଇମାନେ ଶେଷ ଦର୍ଶନ କରିଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା ।

### ଘରେ ପଶି ଦମ୍ପତିଙ୍କୁ ଲୁହାରଡ଼ରେ ଆକ୍ରମଣ

# ବିପୁଳ ସୁନା ଓ ଟଙ୍କା ଲୁଟିନେଲେ ଡକାୟତ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକରେ ଡ଼କାୟତଙ୍କ ଆତଙ୍କ ଚାଲିଥିବା ବେଳେ ବଳଙ୍ଗା ଥାନା ଅଞ୍ଚଳରେ ଡ଼କାୟତମାନେ ବିଳମ୍ବିତ ରାତ୍ରରେ ଜଣେ ବ୍ୟକ୍ତିଙ୍କ ଘରେ ପଶି ଦମ୍ପତିଙ୍କୁ ଆକ୍ରମଣ କରିବା ସହ ଲକ୍ଷ ଲକ୍ଷ ଟଙ୍କାର ସୁନା ଗହଣା ସହ ବିପୁଳ ଟଙ୍କା ଲୁଟି ନେଇ ପଳାଇଛନ୍ତି । ଗୁରୁତର ଆହତ ଦମ୍ପତି ଡାକ୍ତରଖାନାରେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ବଳଙ୍ଗା ଥାନାଧିକାରୀ, ପିପିଲି ପୋଲିସ ଉପଖଣ୍ଡ ଅଧିକାରୀ ଦେବାଶିଷ ମିଶ୍ର, ପୁରୀ ଜିଲ୍ଲା ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ଅନୁଧ୍ୟାନ କରିବା ସହ ଡକାୟତଙ୍କୁ ଧରିବାକୁ ଜୋର ଦେଇ କ୍ଲୁ ପାଇଁ ଖୋଜି ଚାଲିଛନ୍ତି ତାହାକୁ ନେଇ ପୋଲିସ ଜୋରଦାର ତଦନ୍ତ ଜାରି ରଖିଛି । ଅଭିଯୋଗ ଆଧାରରେ ପୋଲିସ ଡ଼କାୟତ ମାମଲା ରୁଜୁ କରିଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ବଳଙ୍ଗା ଥାନା କମଦରୀ ଗ୍ରାମର କୁମାର ଛାଟୋଇ ଜଣେ ଚାଷୀ ହୋଇଥିବା ବେଳେ ଟେଣ୍ଟ୍ ମାଲିକ ଭାବେ ପରିଚିତ । ଗତ ଗୁରୁବାର ପରିବାର ଖାଇପିଇ ଶୋଇଥିବା ବେଳେ ବିଳମ୍ବିତ ରାତ୍ରରେ ବାରିପଟ କବାଟ ଭାଙ୍ଗି ମୁଖା ପିନ୍ଧି ଦୁଇଜଣ ଡ଼କାୟତ ଘରେ ପଶି ବାକ୍ସ ଭାଙ୍ଗି ଟଙ୍କା, ସୁନା ଲୁଟୁଥିବା ବେଳେ ହଠାତ୍ କୁମାର ଛାଟୋଇ ଓ ତାଙ୍କର ପତ୍ନୀ ଶୈଳବାଳାଙ୍କ ନିଦ ଭାଙ୍ଗି ଯିବାରୁ ହୋହାଲ୍ଲା କରିବାରୁ ଦୁଇଜଣ ଡ଼କାୟତ ଲୁହାରଡ଼ରେ କିମ୍ବା କୌଣସି ମାରଣାସ୍ତ୍ରରେ ପତିପତ୍ନୀଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରିବାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପତିପତ୍ନୀ ତଳେ ପଡ଼ିଯାଇଥିଲେ । ସେହି ଘରେ ଥିବା ଆଲମାରୀ ଚାବି ନିକିତା ଛଡ଼ାଇ ନେଇ ଆଲମାରୀ ଭାଙ୍ଗି ଓ ଘର ଭିତରେ ପଶି ଯାଇଥିଲେ । ଚୋରମାନେ ସମସ୍ତ ଟଙ୍କା ନେଇ ବାହାରକୁ ଖସି ପଳାଇଥିବା ବେଳେ ନିକିତାଙ୍କ ପାଟି ଶୁଣି ତାଙ୍କ ପରିବାର ଓ ପଡ଼ୋଶୀ ଧାଇଁ ଆସିଥିଲେ । ଗୁରୁତର ଆହତ ଦମ୍ପତିଙ୍କୁ ଚିକିତ୍ସା ପାଇଁ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି । ଏ ସଂପର୍କରେ ଆହତଙ୍କ ପୁଅ ମଙ୍ଗୁଳି ଚରଣ ଛାଟୋଇ ବଳଙ୍ଗା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଧାରାରେ ଡ଼ାକାୟତି ମାମଲା ରୁଜୁ କରିଥିବା କରିଥିବା ବେଳେ ପୁରୀ ଜିଲ୍ଲା ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରି ଫେରିଛନ୍ତି । ଏପରି ଘଟଣାକୁ ଦେଖି ଗ୍ରାମବାସୀମାନେ ଆତଙ୍କିତ ଅବସ୍ଥାରେ ରହିଥିବା ଜଣାପଡ଼ିଛି ।

## ଖଣ୍ଡକୁଦ ଜଗନ୍ନାଥ ମନ୍ଦିରରେ ଆନନ୍ଦବଜାର ଗୃହର ଭୂମିପୂଜା



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ସ୍ଥିତ ପୁରାତନ ଖଣ୍ଡକୁଦ ବସ୍ତିରେ ଥିବା ଆରାଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରରେ ଏକ ଆନନ୍ଦ ମଣ୍ଡପ ଗୃହ ନିର୍ମାଣ ପାଇଁ ଭୂମିପୂଜା କାର୍ଯ୍ୟକ୍ରମ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ଟ୍ରଷ୍ଟ ଆନୁକୂଲ୍ୟରେ ଯଥା ରୀତିନୀତି ଅନୁଯାୟୀ ଆୟୋଜିତ ଏହି ଭୂମି ପୂଜନ କାର୍ଯ୍ୟକ୍ରମରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇ ଏହି ଗୃହର ଶିଳାନ୍ୟାସ କରି ପୂଜା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୧୮ ନଂ ୱାର୍ଡର ପରିଷଦ କେ.ଜଗନ୍ନାଥ ରାଓ, ମନ୍ଦିର ଟ୍ରଷ୍ଟ ସଭାପତି ଦୀପକ ବେହେରା, ଗଦାଧର ଦାସ, ଅକ୍ଷୟ ଜେନା, ଶୁକଦେବ ବେହେରା, ରାଓ ଓଝା, କେଦାର ପରିଡା, ପବିତ୍ର ନାୟକ, ଭ୍ରମରବର ନାୟକ, ସୁଜିତ ପରିଡା, ନୀଳମଣି ପରିଡା, ବିପିନ ସାମଲ, ଗଣେଶ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ସୂଚନାଥାଉ କି ମନ୍ଦିରରେ ରୋଷଶାଳା ନଥିବାରୁ ପ୍ରସାଦ ପ୍ରସ୍ତୁତିରେ ବ୍ୟାପକ ଅସୁବିଧା ସୃଷ୍ଟି ହେଉଥିଲା । ତେବେ ପୌରପାଳିକା ସହାୟତାରେ ଏହି ଆନନ୍ଦ ବଜାର ନିର୍ମାଣ ପରେ ପ୍ରସାଦ ପ୍ରସ୍ତୁତି ସହଜସାଧ୍ୟ ହେବ ବୋଲି ମନ୍ଦିରର ଟ୍ରଷ୍ଟି ଦୀପକ ବେହେରା କହିଛନ୍ତି ।

## ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବ୍ଲକ ଅନ୍ତର୍ଗତ ବାରୁଆଁ ( ବି)ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତ ବର୍ଷ ଶିଶୁ ବାଟିକା ପାଇଁ ଖଡ଼ି ଛୁଆଁ ଉତ୍ସବ ପୂଜା ପାଠ ସହିତ ଶୁଭାରମ୍ଭ କରାଯାଇଛି। ଆଜି ସାତଜଣ ଛାତ୍ରଛାତ୍ରୀ ଖଡ଼ି ଛୁଇଁ ଶିଶୁ ବାଟିକାରେ ନାମ ଲେଖାଇଥିଲେ ଓ ପ୍ରଥମ ଶ୍ରେଣୀରେ ଚାରିଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରବେଶ ପ୍ରାରମ୍ଭ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ସରସ୍ୱତୀ ପରିଡ଼ା ଯୋଗଦେଇଥିବା ବେଳେ ପ୍ରଧାନ ଶିକ୍ଷକ ଉତ୍କଳମଣି ବେହେରା ଅଧକ୍ଷତା କରିଥିଲେ । ମୁଖ୍ୟବକ୍ତା ମଣିବ୍ରତ ଦାସ ସିଆରସିସି ବାରୁଆଁ (ବି), ସମ୍ମାନିତ ଅତିଥି ରୂପେ ଝୁନୁଲତା ବେହେରା ଏବଂ ଜ୍ୟୋତ୍ସ୍ନା ରାଉତ ଯୋଗଦେଇ ଥିଲେ। ଶିଶୁ ବାଟିକା ଶୁଭାରମ୍ଭର ଉଦ୍ଦେଶ୍ୟ ସଂପର୍କରେ ମୁଖ୍ୟବକ୍ତା କହିଲେ ଯେ ଶିଶୁଙ୍କ ସରଳତା ଶିକ୍ଷାର ଉଦଗମ ସ୍ଥଳ ସହିତ ସହଜରେ ପରିଚୟ କରାଇପାରିବ। ଫଳରେ ଶିଶୁ ସହଜରେ ବିଷୟଜ୍ଞାନ, ସଂଖ୍ୟା ଜ୍ଞାନ, ସୃଜନାତ୍ମକ ଜ୍ଞାନ ହାସଲ କରିପାରିବ । କାରଣ ଶିଶୁ ବାଟିକାର ପରିବେଶ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହାୟତାରେ ଶିଶୁ ବିଚାରର ଉଦ୍‌ଗମସ୍ଥଳ ସହ ପରିଚୟ ହୋଇପାରିବ। ପ୍ରଧାନ ଶିକ୍ଷକ ଓ ଅତିଥିଗଣ ବିଦ୍ୟାଳୟର ଉପଲବ୍ଧ ସମସ୍ତ ସୁବିଧା, ସୁଯୋଗ ବିଷୟରେ ଅଭିଭାବକ, ଅଭିଭାବିକାଙ୍କୁ ବୁଝାଇ ଥିଲେ। ବୈଠକର ପରିଚାଳନା ବରିଷ୍ଠ ଶିକ୍ଷକ ପ୍ରକାଶ କୁମାର ବେହେରା କରିଥିବାବେଳେ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଗୀତାଞ୍ଜଳି ଆଚାର୍ଯ୍ୟ, ସୁଶ୍ରୀ ଶୁଭଲକ୍ଷ୍ମୀ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା ସାହାଯ୍ୟ ଓ ସହଯୋଗ କରିଥିଲେ।

# ପାରାଦୀପ କିମ୍ବା ଜଗତସିଂହପୁରରେ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ସ୍ପଷ୍ଟୀକରଣ ମାଗିଲେ ସାମାଜିକ କର୍ମୀ

ପାରାଦୀପ(ଭାସ୍କର ନ୍ୟୁଜ): ରାଜ୍ୟରେ ଆଠଟି ମେଡିକାଲ କଲେଜ ସ୍ଥାପନ କରାଯିବା ପାଇଁ ପ୍ରସ୍ତାବ ଥିବାବେଳେ ଜଗତସିଂହପୁର ଜିଲ୍ଲା ପାଇଁ ଗୋଟିଏ ମେଡିକାଲ କଲେଜ ଭାଗ ପଡ଼ିଥିବାରୁ ସମଗ୍ର ଜିଲ୍ଲାରେ ଆନନ୍ଦ ପ୍ରକାଶ ପାଇଛି। ଜିଲ୍ଲା ପାଇଁ ମେଡିକାଲ କଲେଜର ଶ୍ରେୟ ନେବାପାଇଁ ସାଂସଦ ବିଭୁପ୍ରସାଦ ତରାଇ ଓ ସ୍ଥାନୀୟ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁଙ୍କ ସମର୍ଥକ ମଧ୍ୟରେ ନିରବ ପ୍ରତିଯୋଗୀତା ଆରମ୍ଭ ହୋଇ ପାରାଦୀପ ବନ୍ଦର ସାରା ଅଲଗା ଅଲଗା ବ୍ୟାନର ଯୁଦ୍ଧ ଆରମ୍ଭ ହୋଇ ଯାଇଛି। ଏହାକୁ ସେତେ ଗୁରୁତ୍ୱ ନଦେଇ ଜନସାଧାରଣଙ୍କ ଭିତରେ ପ୍ରଶ୍ନ ଉଠିଛି ମେଡିକାଲ କଲେଜ କେଉଁଠି ହେବ ? ପାରାଦୀପ ନା ଜଗତସିଂହପୁର। ଏ ସମ୍ପର୍କରେ ଆମ ପ୍ରତିନିଧିଙ୍କ ସହ ଅନଔପଚାରିକ ଆଲୋଚନା ବେଳେ ସାମାଜିକ କର୍ମୀ ତଥା ବିଶିଷ୍ଟ ସାହିତ୍ୟିକ ପୀତାମ୍ବର ତରାଇ କହିଛନ୍ତି କୁଜଙ୍ଗ ପାରାଦୀପ ବନ୍ଦର ସମେତ ଶିଳ୍ପ ନଗରୀ ପାଇଁ ପ୍ରାୟ ୩୦ ହଜାର ଏକର ଭୂସମ୍ପତ୍ତି ସାଗମାଛ ମୂଲ୍ୟରେ ଦେଇ ସାରିଛି। ପ୍ରତିବଦଳରେ ନା ନିଯୁକ୍ତି ନା ବ୍ୟବସାୟ ନା ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ସୁବିଧା ସୁଯୋଗ ପାଇଛନ୍ତି। ଦେଶରେ ଯେଉଁଠି କଳ କାରଖାନା ଗଢ଼ି ଉଠିଛି, ସେଠି ସ୍ଥାନୀୟ ଅଧିବାସୀ ସମସ୍ତ ସୁବିଧା ସୁଯୋଗ ପାଉଥିବା ବେଳେ ପାରାଦୀପ ଏକ ବ୍ୟତିକ୍ରମ ବୋଲି ଶ୍ରୀ ତରାଇ କ୍ଷୋଭପ୍ରକାଶ କରିଛନ୍ତି। ରାଜନୈତିକ ଇଚ୍ଛାଶକ୍ତି, ସ୍ଥାନୀୟ ଅଧିବାସୀଙ୍କ ଗୌଣ ଭୂମିକା ହିଁ କେତେକ କାରଣ ହୋଇଥିବା ବେଳେ ଅଧିକାର ଅପହୃତ ହୋଇଚାଲିଛି। ଏତେ ଗୁଡା ଜମି ଦେଇ ପ୍ରଦ୍ୟୁଷଣ ଜନିତ ସଂକ୍ରମଣ ଯୋଗୁ ନାନା ବ୍ୟାଧିରେ ବହୁ ପରିବାର ପୀଡିତ ହୋଇ ଧାରକରଜ କରି ତଥାପି ରୋଗ ମୁକ୍ତ ହୋଇପାରୁନାହାନ୍ତି। ପାନ, ମୀନ, ଧାନ ପାଇଁ କୁଜଙ୍ଗର ଯେଉଁ ଖ୍ୟାତି ଥିଲା ତାହା କଳ କାରଖାନା ପାଇଁ ପ୍ରଦ୍ୟୁଷଣର କୁପ୍ରଭାବରେ ପୂର୍ଣ୍ଣଚ୍ଛେଦ ପଡିସାରିଛି। ବେକାର ଯୁବକ ଯୁବତୀ ଦାଦନ ଖଟିବାକୁ ଯାଉଛନ୍ତି ପରଦେଶ। ଏହା ଯେତିକି ନବାଧୁଛି, ବେଶି କଷ୍ଟ ଦେଉଛି ସ୍ୱାସ୍ଥ୍ୟ କ୍ଷେତ୍ରରେ ଯେଉଁ ବ୍ୟବଧାନ ସୃଷ୍ଟି ହୋଇଛି। ସାମାନ୍ୟ ଜର, କାଶ, ଶ୍ୱାସ ଓ ଦୁର୍ଘଟଣା ଠାରୁ ଆରମ୍ଭ କରି ସନ୍ତାନ ପ୍ରସବ ପାଇଁ ମହିଳାଟିଏ କଟକର ବଡ଼ ଡ଼ାକ୍ତରଖାନା ଉପରେ ନିର୍ଭରଶୀଳ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଦୀର୍ଘଦିନ ଧରି ଅଞ୍ଚଳବାସୀ ଶୋଭାଯାତ୍ରା, ସତ୍ୟାଗ୍ରହ, ଗଣ ଆନ୍ଦୋଳନ ଜରିଆରେ ଏକ ସୁପର ହସ୍ପିଟାଲ ସ୍ଥାପନ ନିମନ୍ତେ ଦାବି କରି ଆସୁଛନ୍ତି। ଏବେ ସ୍ଥାନୀୟ ବିଧାୟକ ତଥା ଶିଳ୍ପମନ୍ତ୍ରୀ ଓ ସାଂସଦ କୁଜଙ୍ଗର ହୋଇଥିବାରୁ ପାରାଦୀପରେ ମେଡିକାଲ କଲେଜ ସ୍ଥାପନର ଆଶା କରାଯିବା ସ୍ୱାଭାବିକ ବୋଲି ଶ୍ରୀ ତରାଇ କହିଛନ୍ତି। ବନ୍ଦର ସମେତ ଶିଳ୍ପ ନଗରୀ ପାଇଁ ଏତେ ତ୍ୟାଗ ସହିଲା ପରେ ଆମ ମାଟି ପାଇଁ କାହିଁକି ମେଡିକାଲ କଲେଜ ମିଳିବ ନାହିଁ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

### ସ୍ତ୍ରୀ ସରପଞ୍ଚ, ସ୍ୱାମୀ କରୁଛନ୍ତି ବାଲି ଚୋରି

## ବାଡ଼ିରେ ଶହ ଶହ ଟ୍ରିପ୍ ବାଲି ଗଦା, କାର୍ଯ୍ୟାନୁଷ୍ଠାନ ନେଉନି ପୋଲିସ୍



କଣ୍ଟାପଡା(ଭାସ୍କର ନ୍ୟୁଜ): କଣ୍ଟାପଡା ତହସିଲ ଅଧିନସ୍ତ ଗୋବିନ୍ଦପୁର ପଞ୍ଚାୟତ ଦେବୀନଦୀରୁ ପ୍ରତ୍ୟେକ ଦିନ ଲୁଟ ହେଉଛି ଶହ ଶହ ଟ୍ରିପ୍ ବାଲି। ଏହି ବାଲି ଚୋରା ଚାଲାଣ କରୁଛନ୍ତି ଖୋଦ୍ ସରପଞ୍ଚଙ୍କ ସ୍ୱାମୀ। ଏଭଳି ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ଗ୍ରାମବାସୀଙ୍କ କହିବା କଥା ସରପଞ୍ଚଙ୍କ ସ୍ୱାମୀ ନମ୍ବର ବିହୀନ ଟ୍ରାକ୍ଟରରେ ଦେବୀନଦୀରୁ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ କରି ନିଜ ବାଡ଼ିରେ ଗଛିତ ରଖିଛନ୍ତି। ଏହାକୁ ଗ୍ରାମବାସୀଙ୍କୁ ଚଢା ଦରରେ ବିକ୍ରି କରୁଛନ୍ତି। ଗ୍ରାମବାସୀମାନେ ଅତିଷ୍ଟ ହୋଇ ଅଭିଯୋଗ ଆଣିଛନ୍ତି ଉକ୍ତ ବାଲିକୁ ଜବତ କରି ସରକାରୀ ଖାତାକୁ ନିଆଯାଉ ଟଙ୍କାକୁ। ସରପଞ୍ଚଙ୍କ ସ୍ୱାମୀ ଶହ ଶହ ଟ୍ରିପ ବାଲି ଗଦାଇଥିଲେ ବି ଏହାର ଚତୁର୍ପାର୍ଶ୍ୱରେ ଘୋଡାଇଛନ୍ତି ନୀଳ କପଡା। ଜିଲ୍ଲା ମାଇନ୍ସ ବିଭାଗ ଓ କଣ୍ଟାପଡା ତହସିଲଦାର କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସି କରିଛନ୍ତି ଦାବି।

## ରାହୁଲ ମହାରଣାଙ୍କୁ ଜାତୀୟ ଯୁବ ପୁରସ୍କାର ପ୍ରଦାନ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ୨୦୨୦ମସିହାରୁ ପରିବେଶ ପାଇଁ ଅହରହ ଚେଷ୍ଟା ଜାରି ରଖିଥିବା ରାହୁଲ ମହାରଣାଙ୍କୁ ଜାତୀୟ ଯୁବ ପୁରସ୍କାର ପ୍ରଦାନ କରାଯାଇଛି। ଉପକୂଳ ଓଡିଶାର ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ବର୍ଜ୍ୟ ସଫେଇ, ହେନ୍ତାଳବଣର ପୁନଃଉଦ୍ଧାର, ଜୈବବିବିଧତାର ସଂରକ୍ଷଣ ଓ ସଚେତନତା ଜାଗରଣ ଦିଗରେ ଉତ୍ସର୍ଗୀକୃତ କାର୍ଯ୍ୟ କରୁଥିବାରୁ ଓଡିଶାର ଯୁବ ସ୍ୱେଚ୍ଛାସେବୀ ରାହୁଲ ମହାରଣାଙ୍କୁ ଗୁରୁବାର ଜାତୀୟ ଯୁବ ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଗୁରୁବାର କେନ୍ଦ୍ର ସରକାରଙ୍କ କ୍ରୀଡା, ଯୁବ ବ୍ୟାପାର ତଥା ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡବିୟ ଏହା ପ୍ରଦାନ କରିଛନ୍ତି। ୨୦୨୧-୨୨ ଏବଂ ୨୦୨୨-୨୩ବର୍ଷ ପାଇଁ ସାରା ଦେଶରୁ ମୋଟ ୨୩ବ୍ୟକ୍ତି ଓ ଗୋଟିଏ ଅନୁଷ୍ଠାନ ଏହା ପାଇଥିବା ବେଳେ ରାହୁଲ ଏକମାତ୍ର ଓଡ଼ିଆ ଭାବେ ଏହି ସମ୍ମାନ ଗ୍ରହଣ କରିଛନ୍ତି। ପୁରସ୍କାର ବାବଦକୁ ରାହୁଲଙ୍କୁ ଅର୍ଥରାଶି, ପଦକ ଓ ଫଳକ ପ୍ରଦାନ କରାଯାଇଛି।୨୫ବର୍ଷୀୟ ରାହୁଲ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକ ଆମ୍ବଡିହ ଗ୍ରାମ କିଶୋର ମହାରଣାଙ୍କ ପୁଅ। ଓଡିଶାରୁ ରାହୁଲ ଜାତୀୟ ଯୁବ ପୁରସ୍କାର ପାଇଥିବାରୁ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାହୁଲଙ୍କୁ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ, ୨ବର୍ଷ ତଳେ ରାହୁଲଙ୍କ ସାମାଜିକ କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ମନକୀ ବାତ କାର୍ଯ୍ୟକ୍ରମରେ ଉଚ୍ଚ ପ୍ରଶଂସା କରିଥିଲେ। ସାଧାରଣତନ୍ତ୍ର ଦିବସରେ ବି ସ୍ୱତନ୍ତ୍ର ଅତିଥି ଭାବେ ଅଂଶଗ୍ରହଣ କରିଥିଲେ।

# ଭାର୍ଗବୀ ନଦୀ ପାଲଟିଛି ବାଲିମାଫିଆଙ୍କ ରୋଜଗାର, ଲକ୍ଷାଧିକ ଟଙ୍କାର ରାଜସ୍ୱ ଚୋରି

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍‌ରେ ଲଘୁ ଖଣିଜ ଦ୍ରବ୍ୟ ବ୍ୟାପକ ମାତ୍ରାରେ ଲୁଣ୍ଠନ ହେଉଥିବା ବେଳେ ପ୍ରଶାସନ ନୀରବ ସାଜିଛି । ଖଣି ବିଭାଗର ଦେଖା ମିଳୁ ନାହିଁ। ତହସିଲଦାର ଓ ପୋଲିସ ନୀରବରେ ବସିଥିବା ବେଳେ ରାଜସ୍ୱ ନିରୀକ୍ଷକ କ୍ଷେତ୍ର ପରିଦର୍ଶନ କରୁନାହାନ୍ତି । ଯାହାକୁ ନେଇ ଗ୍ରାମବାସୀ ବାରମ୍ବାର ଖଣି ବିଭାଗଠାରୁ ଆରମ୍ଭ କରି ତହସିଲଦାର ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ଅଭିଯୋଗ ଦେଲେ ମଧ୍ୟ ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ଭିତିରି ବୁଝାମଣାରେ ବାଲି ଲୁଟ୍ ହେଉଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ପୁଣି ମଧ୍ୟ ନିମାପଡ଼ା ତହସିଲଦାରଙ୍କୁ ଭେଟି ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ହରିପୁର ଗ୍ରାମ ପଞ୍ଚାୟତ ଜନସାଧାରଣ ନିମାପଡ଼ା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି ସମରେଇ ଶାସନ ଗ୍ରାମ ଭାର୍ଗବୀ ନଦୀ ଗର୍ଭରୁ ପ୍ରତ୍ୟେକ ଦିନ ବେଆଇନ ଭାବେ ଲକ୍ଷ ଲକ୍ଷ ଟଙ୍କାର ବାଲି ଚୋରା ଚାଲାଣ ହେଉଛି । ଭାର୍ଗବୀ ନଦୀ ବନ୍ଧକୁ କାଟି କିଛି ବ୍ୟକ୍ତି ଜଙ୍ଗଲ ଜମିରେ ରାସ୍ତା ନିର୍ମାଣ କରି ଜେସିବି ସହାୟତାରେ ଏକମାସ ହେବ ଟ୍ରାକ୍ଟର ସାହାଯ୍ୟରେ ବାଲି ଚୋରାଇ ବିକୁଛନ୍ତି । ପ୍ରତ୍ୟେକ ଦିନ ପଚାଶରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ସାହାଯ୍ୟରେ ବାଲି ଚାଲାଣ ହେଉଥିବା ବେଳେ ଲକ୍ଷ ଲକ୍ଷ ଟଙ୍କା ସରକାରଙ୍କର ରାଜସ୍ୱ କ୍ଷତି ଘଟୁଛି । ଅଞ୍ଚଳବାସୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗ କରିଥିବା ବେଳେ ଅଭିଯୋଗ ଉପରେ ଖଣି ବିଭାଗ ତହସିଲଦାର କିମ୍ବା ପୋଲିସ କୌଣସି ପଦକ୍ଷେପ ନେଉ ନଥିବାରୁ କୋଟି କୋଟି ଟଙ୍କାର ସରକାରଙ୍କ ରାଜସ୍ୱ କ୍ଷତି ଘଟୁଛି । ଘଟଣା ପ୍ରତି ପ୍ରଶାସନ ଦୃଷ୍ଟି ନ ଦେଲେ ଗ୍ରାମବାସୀ ଆଇନକୁ ହାତକୁ ନେଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଦେଉଳି ଓ ପିପିଲିରେ ମଧ୍ୟ ବ୍ୟାପକ ବାଲି ଚୋରି ହେଉଥିବା ବେଳେ ଭାର୍ଗବୀ ନଦୀଗର୍ଭ ବେଳକୁ ବେଳ ଖାଲ ହୋଇ ଯାଉଥିବାରୁ ଅତୀତରେ ଅନେକ ଦୁର୍ଘଟଣା ଘଟିଛି । ବର୍ତ୍ତମାନ ମଧ୍ୟ ବାଲି ତାଡ଼ିବା ଦ୍ୱାରା ନଦୀ ଗର୍ଭ ଖାଲ ହୋଇଯାଉଛି । ଯାହାଦ୍ୱାରା ନଦୀକୂଳବାସୀଙ୍କ ପାଇଁ ଏହା ବିପଦ ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି ।

## ସାମ୍ବାଦିକ ନାରାୟଣ ସାହାଣୀଙ୍କ ସ୍ମୃତିସଭା

କେନ୍ଦ୍ରାପଡା(ଭାସ୍କର ନ୍ୟୁଜ): ସାମ୍ବାଦିକ ସ୍ୱର୍ଗତ ନାରାୟଣ ଚନ୍ଦ୍ର ସାହାଣୀ ସାମ୍ବାଦିକତା କ୍ଷେତ୍ରରେ ଏକ ଅମ୍ଳାନ ପ୍ରତିଭା । ସାମ୍ବାଦିକତା ସହିତ ସମାଜସେବାକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରି ସାଧାରଣ ଜନତାଙ୍କ ସ୍ୱର ପାଲଟି ଯାଇଥିବା ନାରାୟଣ ସାହାଣୀଙ୍କ ବୃତ୍ତିଗତ ଜୀବନ ଅନ୍ୟଙ୍କୁ ପ୍ରେରଣା ଯୋଗାଇବ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି । ହୋଟେଲ ଗୌରିଶଙ୍କରରେ ବିଶିଷ୍ଟ ସାମ୍ବାଦିକ ସ୍ୱର୍ଗତ ନାରାୟଣ ଚନ୍ଦ୍ର ସାହାଣୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କେନ୍ଦ୍ରାପଡା ପୌରାଧ୍ୟକ୍ଷା ସରିତା ସାହୁ, ବିଜେପି ନେତା ସଞ୍ଜୟ ରଥ, କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ, ପୂର୍ବତନ ବିଧାୟିକା ଡକ୍ଟର ସିପ୍ରା ମଲ୍ଲିକ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ନାରାୟଣ ସାହାଣୀଙ୍କ ସ୍ମୃତି ଚାରଣ କରିଥିଲେ । ଉତ୍କଳ ସାମ୍ବାଦିକ ସଂଘ ଜିଲା ସଭାପତି ସାମ୍ବାଦିକ ହିମାଂଶୁ ଶେଖର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସମାଜସେବୀ ରମଣୀ ରଞ୍ଜନ ରାଉତରାୟ, ଗଯାଧର ଧଳ, ଗଣେଶ ଚନ୍ଦ୍ର ସାମଲ, ଧୀରେନ୍ ସାହୁ, ପରେଶ ଦାସ, ପ୍ରଶାନ୍ତ ନାୟକ, ନିରଞ୍ଜନ ମେକାପ, ରବି ନାରାୟଣ ପତି, ରାଜେଶ ବେହେରା, ସୁଶାନ୍ତ ନାୟକ, ମଳୟ ସାହୁ, ମନୋଜ ସ୍ୱାଇଁ, ଦିଲ୍ଲୀପ ମହାନ୍ତି, ରାଧାକାନ୍ତ ମହାନ୍ତି, ହରେକୃଷ୍ଣ ବେହେରା, ପ୍ରଭାତ ପରିଡା, ପ୍ଲାବନ ସ୍ୱାଇଁ, ରଶ୍ମି ରଞ୍ଜନ ମହାପାତ୍ର, ଜଗନ୍ନାଥ ଧଳ, ପ୍ରଭାତ ରଞ୍ଜନ ଜେନା ସନ୍ତୋଷ ପଣ୍ଡା, ପ୍ରଦୀପ୍ତ ମହାନ୍ତି, ସରୋଜ କୁମାର ପରିଡା, ବିରେନ୍ଦ୍ର ଦାସ, ସୋମନାଥ ସାହୁ, ସନ୍ତୋଷ ପୋଥାଳ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ ।

# ଓଡ଼ିଶା ଜୀବିକା ମିଶନ ଇସି ସଂଘ ସମୟସୀମା ବୃଦ୍ଧି ପାଇଁ ବିଡିଓଙ୍କୁ ଦାବିପତ୍ର



ତିହିଡ଼ି(ଭାସ୍କର ନ୍ୟୁଜ): ଭାରତୀୟ ମଜଦୁର ସଂଘ ଦ୍ୱରା ପରିଚାଳିତ ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ସରକାରଙ୍କ ନିର୍ଦ୍ଦେଶନାମାର ସମୟସୀମାକୁ ବୃଦ୍ଧି କରାଯିବା ନେଇ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ଇସି ସଂଘର ମାମିନା କର, ପଦ୍ମିନୀ ବେହେରା, ମଂଜୁଲତା ବାରିକ, ରଜନୀ ସାହୁ, ପୂର୍ଣ୍ଣିମା ବେହେରା, କାମିନୀ ଦାସ, ଅନସୂୟା ଖୁଣ୍ଟିଆ, ଉଷାରାଣୀ ନାୟକ, ସନ୍ଧ୍ୟାରାଣୀ ସାହୁ, ଲକ୍ଷ୍ମୀପ୍ରିୟା ଗିରି, ବାସନ୍ତି ମହାଳିକ, ସରସ୍ୱତୀ ମହାଳିକ ପ୍ରମୁଖଙ୍କ ସମେତ ଇସି କର୍ମକର୍ତ୍ତା ଓ ସଦସ୍ୟମାନେ ବିଡିଓ ନିରଂଜନ ବାରିକଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଇସି ସଂଘ ପୁନର୍ଗଠନ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଇସି ସଦସ୍ୟମାନଙ୍କୁ ସ୍କୁଟି ଲୋନ ପ୍ରଦାନ କରାଯାଇଛି। ସରକାରଙ୍କ ନିୟମ ଅନୁଯାୟୀ ଇସି ସଂଘ ପୁନର୍ଗଠନ କରାଗଲେ ଇସି ସଦସ୍ୟମାନେ ସ୍କୁଟି ଲୋନ ପରିଶୋଧ କରିପାରିବେ ନାହିଁ। ଯେଉଁ ଇସି ସଦସ୍ୟମାନେ ସ୍କୁଟି ଲୋନ ନେଇଛନ୍ତି ସେମାନେ ସରକାରଙ୍କ ନିୟମ ଅନୁସାରେ ପୁନର୍ଗଠନ ପ୍ରକ୍ରିୟାରେ ବଦଳି ଗଲେ ଲୋନ ଶୁଝିବା ସମ୍ଭବପର ହୋଇପାରିବ ନାହିଁ। ଯାହାଫଳରେ ଇସି ସଦସ୍ୟମାନେ ଅସୁବଧାର ସମ୍ମୁଖୀନ ହେବେ। ତେଣୁ ଏହି ପୁନର୍ଗଠନ ପ୍ରକ୍ରିୟାକୁ ଆଉ କିଛିଦିନ ସମୟସୀମା ବୃଦ୍ଧି କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

# ନିରନ୍ତର ପୁନର୍ବାସ ଶିକ୍ଷା କାର୍ଯ୍ୟକ୍ରମ ଉଦ୍‌ଯାପିତ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିଙ୍ଗଳାକ୍ଷୀ ପବ୍ଲିକ୍ ୱେଲଫେୟାର ଅର୍ଗାନାଇଜେସନ୍ ଦ୍ୱାରା ପରିଚାଳିତ ପିଙ୍ଗଳାକ୍ଷୀ କଲେଜ ଅଫ୍ ସ୍ପେସିଆଲ୍ ଏଜୁକେସନ୍ ଦ୍ୱାରା ଏକ ଦୁଇ ଦିନିଆ ନିରନ୍ତର ପୁନର୍ବାସ ଶିକ୍ଷା କାର୍ଯ୍ୟକ୍ରମ ୩ ଓ ୪ ଏପ୍ରିଲ୍ ୨୦୨୫ରିଖରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଭାରତୀୟ ପୁନର୍ବାସ ପରିଷଦ ଦ୍ୱାରା ୫୦ ଜଣ ସ୍ୱତନ୍ତ୍ର ଶିକ୍ଷକ ମାନଙ୍କୁ ପ୍ରଶିକ୍ଷଣ ଦେବା ନିମନ୍ତେ ସ୍ୱୀକୃତି ମିଳିଥିଲା । ତା.୦୩.୦୪.୨୦୨୫ରିଖି ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଚିନ୍ମୟ ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ, ନିମାପଡ଼ା ଉପସ୍ଥିତ ଥିଲେ । ତତ୍ ସହିତ ଅନୁଷ୍ଠାନର ସାଧାରଣ ସଂପାଦକ ଗଗନ ବିହାରୀ ଦାସ ଏବଂ କୋଷାଧକ୍ଷ ପଦ୍ମଲୋଚନ ମହାନ୍ତି ଉପସ୍ଥିତ ଥିଲେ । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ୫୦ ଜଣ ସ୍ୱତନ୍ତ୍ର ଶିକ୍ଷକମାନଙ୍କୁ ପ୍ରଥମ ଦିନର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଜାତୀୟ ଶିକ୍ଷାନୀତି-୨୦୨୦ ଶୀର୍ଷକ ପ୍ରଶିକ୍ଷଣରେ ତାଲିମଦାତା ଭାବରେ ପ୍ରଥମ ଦିନରେ ଗଗନ ବିହାରୀ ଦାସ, ଜନ୍ମେଜୟ ସ୍ୱାଇଁ, ଡ଼କ୍ଟର ଭାଗିରଥୀ ମହାପାତ୍ର ଓ ଡ଼କ୍ଟର ବିନୟ ଭୂଷଣ ମହାପାତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଦ୍ୱିତୀୟ ଦିନରେ ତା.୦୪.୦୪.୨୦୨୫ରିଖରେ ତାଲିମଦାତା ଭାବେ ପ୍ରଶାନ୍ତ କୁମାର ରଥ, ଅବସରପ୍ରାପ୍ତ ସହାୟକ ନିର୍ଦ୍ଦେଶକ, ରାଜ୍ୟ ଶିକ୍ଷକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଭୁବନେଶ୍ୱର, ମନତୋଷ ବେହେରା, ଅଧକ୍ଷ, ସ୍ୱତନ୍ତ୍ର ବିଦ୍ୟାଳୟ, ପ୍ରଜ୍ଞା ପରିମିତା ବେହେରା, ପ୍ରିୟଙ୍କା ପ୍ରିୟଦର୍ଶିନୀ, ମୌସୁମୀ ରାୟଦସିଂହ, ଅଧ୍ୟାପିକା ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ନିରନ ନାୟକ, ଅତିରିକ୍ତ ତହସିଲଦାର ନିମାପଡ଼ା, ଚିନ୍ମୟ ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଏନ୍ଏସି ନିମାପଡ଼ା, ପବିତ୍ର ମୋହନ ମହାପାତ୍ର, ଯୁଗ୍ମ ସଂପାଦକ ଏବଂ ଗଗନ ବିହାରୀ ଦାସ, ସାଧାରଣ ସଂପାଦକ ଅଧକ୍ଷତା କରିଥିଲେ । ୫୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିବା ସହ ସମସ୍ତ ସ୍ୱତନ୍ତ୍ର ଶିକ୍ଷକମାନଙ୍କୁ ନିଜର ବୃତିକୁ ବ୍ରତ ଭାବରେ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପିପିଡବ୍ଲ୍ୟୁଓର ଗୀତିନନ୍ଦା ପଟ୍ଟନାୟକ, ପ୍ରଭାତ ବେହେରା, ପ୍ରଜ୍ଞା ପରିମିତା ପରିଡ଼ା, ଭବାନୀ ଶଙ୍କର ମହାରଣା ଆଦି ପରିଚାଳନା କରିଥିଲେ । ପରିଶେଷରେ ପଦ୍ମଲୋଚନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।



କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ମସ୍ତିପୁଟ ପଞ୍ଚାୟତ ଅନ୍ତର୍ଗତ ଜାନିଗୁଡା ସରକାରୀ ସେବାଶ୍ରମରେ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଭି କୀର୍ତି ଭାସନ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଏଥିରେ ଜିଲ୍ଲା ଶିକ୍ଷାଧିକାରୀ, କୋରାପୁଟ ବ୍ଲକର ପଞ୍ଚାୟତର ସମିତି ଅଧ୍ୟକ୍ଷ, ବିଡିଓ, ଜିଲ୍ଲା ମଙ୍ଗଳ ଅଧିକାରୀ, ସ୍ଥାନିୟ ସରପଞ୍ଚ, ବିଦ୍ୟାଳୟ ପରିଚାଳନା କମିଟି ଓ ସ୍ୱୟଂ ସହାୟିକା ଗୋଷ୍ଠୀ ସାମିଲ ରହିଥିଲେ । ଜିଲ୍ଲାର ୨୧୬୬ ପ୍ରାଥମିକ ବିଦ୍ୟାଳୟରେ ସ୍କୁଲ ପରିଚାଳନା କମିଟି ଅଭିଭାବକ ମଧ୍ୟରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀର ନାମଲେଖା ବୟସ ଓ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟର ନୂତନ ପିଲାମାନଙ୍କୁ ଫୁଲ ଓ ଚନ୍ଦନ ଦେଇ ସ୍ୱାଗତ କରିଥିଲେ । ଶିକ୍ଷକମାନେ ପିଲାମାନଙ୍କୁ ଆଶୀର୍ବାଦ ଦେବା ପରେ ସେମାନଙ୍କ ହାତ ଧରି ଖଡି ଛୁଆଁଇଥିଲେ । ପିଲାଙ୍କୁ ବିଦ୍ୟାଳୟ ପକ୍ଷରୁ ମାଣ୍ଡିଆ ଲଡୁ ଓ କିଟ୍ ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ଭାସନ ପତାକା ଦେଖାଇ କୋରାପୁଟ ବ୍ଲକ ପାଇଁ ଉଦ୍ଦିଷ୍ଟ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ । ଜିଲ୍ଲାରେ ୩୮ ହଜାର ୬୦୪ ପିଲାଙ୍କ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ଲକ୍ଷ୍ୟ ରଖାଯାଇଥିବା ସୂଚନା ମିଳିଛି ।



# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

## ହତ୍ୟା ଅଭିଯୋଗ



ମାଲକାନାଗିରି (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲାର କାଲିମେଳା ସଦର ମହକୁମାସ୍ଥିତ ଇପିଡିପି କଲୋନୀରେ ରହୁଥିବା ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ଅନ୍ୟପଟେ ସ୍ୱାମୀ ଓ ଶଶୁର ଘର ଲୋକେ ହତ୍ୟା କରିବା ପରେ ଶବ ଝୁଲାଇ ଦେଇଥିବା ନେଇ ମୃତ ମହିଳାଙ୍କ ପରିବାର ଲୋକ କାଲିମେଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରିବା ସହିତ ମହିଳା ମୃତ୍ୟୁବରଣ କରିଥିବା ଘରକୁ ସିଲ୍ କରି ଦେଇଛନ୍ତି । ଆସନ୍ତାକାଲି କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତନାଘନା କରିବା ପରେ ଏହି ଘଟଣାର ରହସ୍ୟ ଉନ୍ମୋଚିତ ହେବ ବୋଲି ପୋଲିସ କହିଛି । ସୂଚନା ଅନୁଯାୟୀ, ଓର୍କେଲ ଥାନା ଅଧୀନସ୍ଥ ଏମ୍‌ଭି- ୧୦୯ ଗ୍ରାମର ରାମକ୍ରୀଷ୍ଣ କବିରାଜଙ୍କ ଝିଅ ପ୍ରମିଳା କବିରାଜ( ୨୬) ଏମ୍‌ଭି-୭୦ ଗ୍ରାମର ପ୍ରସନ୍ନଜିତ ଦତ୍ତଙ୍କୁ ୨ବର୍ଷ ତଳେ ବିବାହ କରିଥିଲେ । ପ୍ରସନ୍ନଜିତ ଓ ତାଙ୍କ ପରିବାର ଦୀର୍ଘଦିନ ହେଲା କାଲିମେଲା ଇପିଡିପି କଲୋନୀରେ ଘର କରି ରହି ଆସୁଛନ୍ତି । ପ୍ରସନ୍ନଜିତ କାଲିମେଳାରେ ଏକ ଦୋକାନ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ । ତେବେ ପ୍ରସନ୍ନଜିତ ଗତକାଲି ଅପରାହ୍ନରେ ଦୋକାନ ବନ୍ଦ କରି ଘରକୁ ଖାଇବାକୁ ଆସିବା ବେଳେ ଭିତର ପଟୁ କବାଟ ବନ୍ଦ ଥିବା ଦେଖିବାକୁ ପାଇଥିଲେ । ପରେ ପ୍ରମିଳାଙ୍କ ମୋବାଇଲକୁ ବାରମ୍ବାର କଲ୍ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳିନଥିଲା । ସନ୍ଦେହ ହେବାରୁ ଘର କବାଟ ଭାଙ୍ଗି ଦେଖିବା ବେଳକୁ ଘର ଭିତରେ ପ୍ରମିଳାଙ୍କ ଶବ ଝୁଲୁଥିବା ଦେଖିବାକୁ ପାଇଥିଲେ । ଏ ସଂପର୍କରେ କାଲିମେଲା ପୁଲିସକୁ ଖବର ଦିଆଯିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା । ଏଥିସହ ପ୍ରମିଳା ମୃତ୍ୟୁବରଣ କରିଥିବା ଘରକୁ ସିଲ୍ କରି ଦେଇଥିଲା । ଖବର ପାଇ ମୃତ ପ୍ରମିଳାଙ୍କ ବାପଘର ପରିବାର ଲୋକ କାଲିମେଳାରେ ପହଞ୍ଚିଥିଲେ । ତାଙ୍କ ଝିଅକୁ ହତ୍ୟା କରିବା ପରେ ଝୁଲାଇ ଦିଆଯାଇଥିବା ନେଇ ପିରବାର ଲୋକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପ୍ରସନ୍ନଜିତ ଅନ୍ୟଜଣେ ଝିଅ ସହିତ ସଂପର୍କ ରଖିଥିବାରୁ ଅନେକ ସମୟରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିଲା ବୋଲି ପ୍ରମିଳାଙ୍କ ମାମୁ ଅଭିଯୋଗ କରିଛନ୍ତି । ପୂର୍ବରୁ ମଧ୍ୟ ପ୍ରସନ୍ନଜିତ ପ୍ରମିଳାଙ୍କ ତଣ୍ଟିଚିପି ମାରି ଦେବାକୁ ଉଦ୍ୟମ କରିଥିବା ବେଳେ ଆପୋସ ବୁଝାମଣାରେ ସମାଧାନ କରାଯାଇଥିଲା । ଏଥିଯୋଗୁଁ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଅନେକ ସମୟରେ ଗଣ୍ଡଗୋଳ ଲାଗି ରହୁଥିବାରୁ ପ୍ରମିଳା ଅଧିକାଂଶ ସମୟ ଶାଶୁଘର ବଦଳରେ ବାପଘରେ ରହୁଥିଲେ ବୋଲି ସୂଚନା ମିଳିଛି । କାଲିମେଳା ପୋଲିସର ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲ ଥାନା ଅଧିକାରୀ ପ୍ରକାଶ କରିଛନ୍ତି ।

# ପାରମ୍ପରିକ ପୋଷାକ ପରିଧାନ ଅଭିଯାନ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ) : ରାଜ୍ୟ ବ୍ୟାପୀ ଓଡ଼ିଆ ପକ୍ଷ ପାଳିତ ଅବସରରେ ଗଜପତି ଜିଲ୍ଲାସ୍ତରୀୟ ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟ୍ଟା, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରିଥିଲେ । ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶ କ୍ରମେ ଓଡ଼ିଶା ଦିବସ ୧ ଅପ୍ରେଲ ଠାରୁ ମହାବିଷୁବ ସଂକ୍ରାନ୍ତି ୧୪ ଅପ୍ରେଲ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯିବ । ଏହି ଅବସରରେ ପ୍ରତ୍ୟେକ ଦିନ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକ୍ରମ ଗୁଡ଼ିକ ସ୍ଥିର କରାଯାଇଛି । ଆମ ବସ୍ତ୍ର ହେଉଛି ଆମ ସ୍ୱାଭିମାନ ଓ ଆମ ପରିଚୟ । ଓଡ଼ିଶା ହସ୍ତତନ୍ତର ସମଗ୍ର ବିଶ୍ୱରେ ପ୍ରସିଦ୍ଧ ରହିଛି । ଏଣୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଆସନ୍ତୁ, ଆମେ ସମସ୍ତେ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ଅଭ୍ୟାସରେ ପରିଣତ କରିବା । କେବଳ ଆଜି ନୁହେଁ, ସବୁ ଦିନ ପିନ୍ଧିବା ଏବଂ ଆମ ବୁଣାକାର ଓ ଗ୍ରାମ୍ୟ ଅର୍ଥନୀତିକୁ ସଶକ୍ତ କରିବା ସହ ସମୃଦ୍ଧ ଓଡ଼ିଶା ଗଠନରେ ଅଂଶୀଦାର ହେବା ।

## ଖଡ଼ିଛୁଆଁ କାର୍ଯ୍ୟକ୍ରମ

ଉମରକୋଟ(ଭାସ୍କର ନ୍ୟୁଜ) : ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆଜି ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଆଜି ଉମରକୋଟ ସହର ଗତିଗୁଡା ଠାରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର ଯୋଗଦେଇ ନୂଆରେ ପ୍ରବେଶ କରିବା ପାଇଁ ଆସିଥିବା କୁନି କୁନି ପିଲାଙ୍କ ସହ ତଳେ ବସି ସେମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲାପାଳଙ୍କ ସହ ଉମରକୋଟ ପୌରାଧ୍ୟକ୍ଷା ରାଧା ଭତ୍ରା, ସ୍ଥାନୀୟ କାଉନସିଲର ଚିତ ରଞ୍ଜନ ପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ରେଶମ ଲାଲ ନାୟକ, ବ୍ଲକ ଶିକ୍ଷା ଅଧିକାରୀ ଈଶ୍ୱର ମାଝି, ଉମରକୋଟ ପୌର ପରିଷଦର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ପୁରୁଷୋତ୍ତମ ମାଝି, ସିଆରସିସି ହେମନ୍ତ କୁମାର ସାହୁ, ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ଦେବନାଥ ଓ ସ୍କୁଲର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ । ପ୍ରଥମ ଦିନରେ ସମଗ୍ର ଉମରକୋଟ ବ୍ଲକରେ ୨୯୧୦ଜଣ ଛାତ୍ରଛାତ୍ରୀ ବାଳ ବାଟିକା ଓ ପ୍ରଥମ ଶ୍ରେଣୀରେ ପ୍ରବେଶ କରିଥିବା ଉମରକୋଟ ବ୍ଲକ୍ ଶିକ୍ଷା ଅଧିକାରୀ ଈଶ୍ୱର ମାଝି ସୂଚନା ପ୍ରଦାନ କରିଛନ୍ତି ।

# ‘ଆମ ପୋଷାକ ଆମ ପରିଚୟ’ କାର୍ଯ୍ୟକ୍ରମ

ବୌଦ୍ଧ(ଭାସ୍କର ନ୍ୟୁଜ) : ବୌଦ୍ଧ ସ୍ଥିତ ଜିଲ୍ଲା ସଂଗ୍ରହାଳୟ ଠାରେ ଜିଲ୍ଲାସ୍ତରୀୟ ଓଡିଆ ପକ୍ଷ ପାଳନ ସମାରୋହ ଅବସରରେ ପାରମ୍ପରିକ ପୋଷାକ ପରିଧାନ ଦିବସ ‘ଆମ ପୋଷାକ ଆମ ପରିଚୟ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ପ୍ରଶାସନ ଓ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଆଜିର କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପାରମ୍ପରିକ ପୋଷାକ ପରିଧାନ କରିବାକୁ ଆହ୍ୱାନ ଦେଇଥିଲେ । ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ବିନାୟକ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ- ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ସାହିତ୍ୟିକ ରମେଶ ପ୍ରସାଦ ମେହେର, ନୀଳ ଲୋହିତ ମହାପାତ୍ର, ପ୍ରଧାନଶିକ୍ଷକ, କମିରା ସରକାରୀ ଉଚ୍ଚ ବିଦ୍ୟାଳୟ ସୁଶାନ୍ତ କୁମାର ମହାପାତ୍ର, ଏସ୍.ଆର୍.ସି.ଏସ୍. ରଘୁନାଥ ପୂଝାରୀ, ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ପାଣି ପ୍ରମୁଖ ଉପସ୍ଥିତ ରହି ଏହି ଦିବସର ତାତ୍ପର୍ଯ୍ୟ ବିଷୟରେ ନିଜ ନିଜ ଅଭିମତ ରଖିଥିଲେ । ସଭାରେ ଉପସ୍ଥିତ ସମସ୍ତ ଅତିଥି ଏବଂ ବୁଣାକାର, ବୁଦ୍ଧିଜୀବୀ ପାରମ୍ପରିକ ସମ୍ବଲପୁରୀ ପୋଷାକ ପରିଧାନ କରିଥିଲେ । ରାଜ୍ୟ ସରକାର ଚଳିତବର୍ଷ ଓଡ଼ିଶା ଦିବସ ଠାରୁ ଓଡିଆ ନବବର୍ଷ ବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡିଆ ପକ୍ଷ ପାଳନ କରୁଥିବା ବେଳେ ସମ୍ବଲପୁରୀ ହସ୍ତତନ୍ତ ପୋଷାକ ସାମଗ୍ରୀର ପ୍ରଚାର ପ୍ରସାର ଓ ବଜାର ସୃଷ୍ଟି ପାଇଁ ଆଜିକାର ଦିବସରେ ସମସ୍ତେ ପାରମ୍ପରିକ ପୋଷାକ ପରିଧାନ କରିବାକୁ ଅତିଥିମାନେ ଆହ୍ୱାନ କରିଥିଲେ । ସମସ୍ତ ଜିଲ୍ଲାସ୍ତରୀୟ, ବ୍ଲକସ୍ତରୀୟ କାର୍ଯ୍ୟାଳୟ ମାନଙ୍କରେ ମଧ୍ୟ ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନେ ସମ୍ବଲପୁରୀ ପୋଷାକ ପରିଧାନ କରି ନିଜ ନିଜ କାର୍ଯ୍ୟାଳୟରେ ଆମ ପୋଷାକ ଆମ ପରମ୍ପରା ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ପରିଚାଳନା କରିଥିବା ବେଳେ ସିଆରସିସି ସତ୍ୟ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମଧ୍ୟ ଇଂରାଜୀ ବିଦ୍ୟାଳୟ ସ୍ତରୀୟ (ଷଷ୍ଠରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଶ୍ରୀଜିତ ପାଣିଗ୍ରାହୀ, ଗୌରୀଶଙ୍କର ପବ୍ଲିକ ସ୍କୁଲ - ପ୍ରଥମ, ସୁନନ୍ଦା ପାଢ଼ୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ - ଦ୍ୱିତୀୟ, ଅନ୍ୱେଷା ପ୍ରଧାନ, ଓଡିଶା ଆଦର୍ଶ ବିଦ୍ୟାଳୟ, ତେତେଲେଙ୍ଗା-ତୃତୀୟ ଏବଂ ଉଚ୍ଚ ବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଆର୍ଯ୍ୟ ନାରାୟଣ ଦେବ, ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲ -ପ୍ରଥମ, ଶ୍ରୀଶାନ୍ତ ପଟ୍ଟନାୟକ, ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ - ଦ୍ୱିତୀୟ, ପଦ୍ମଜକ୍ଷ ମହାପାତ୍ର, ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲ, ବୌଦ୍ଧ - ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ବିଚାରକ ଭାବେ ସହକାରୀ ଶିକ୍ଷକ, ମାଳିସାହି ସରକାରୀ ଉ. ପ୍ରାଥ. ବିଦ୍ୟାଳୟ ପ୍ରଦୀପ କୁମାର ପଣ୍ଡା, ଆଇନଜୀବି ଯସସ୍ମିତା ମହାକୁଡ଼ ବିଚାରକ ଭାବେ ଯୋଗ ଦେଇଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ରୁର ଯାନୀ ଏବଂ ବୟନ ତତ୍ତ୍ୱାବଧାରକ ଟୁନି ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠ ସହାୟକ ଶୁଭ୍ରଜିତ ଦାନୀ, ଗ୍ରନ୍ଥାଗାରିକ ଅକ୍ଷୟ କୁମାର ମହାକୁଡ଼, କର୍ମଚାରୀ ଜିତେନ୍ଦ୍ର ମହାନ୍ତି, ବୀର କିଶୋର କର୍ମୀ, ସଂଗ୍ରହାଳୟର କର୍ମଚାରୀ ଅମରେଶ ପାଣିଗ୍ରାହୀ, ଜୟଦେବ ବେହେରା, ମାନସ ବେହେରା, ସଚିନ ପ୍ରଧାନ, ବାବୁଲାଲ ନାଏକ, କୌଶଲ୍ୟା ମେଘିଆ, ସଂଯୁକ୍ତା ମିର୍ଧା, ଶ୍ୟାମ ମିର୍ଧା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ୨୭ରୁ ମେ ୮ ଯାଏଁ ‘ବୈଶାଖୀ ମହୋତ୍ସବ ଓ ବାଣିଜ୍ୟ ମେଳା’

କନ୍ଧମାଳ(ଭାସ୍କର ନ୍ୟୁଜ୍): ଏପ୍ରିଲ ୨୭ରୁ ମେ ୮ ଯାଏଁ ଦୀର୍ଘ ୧୨ଦିନ ବ୍ୟାପୀ ଫୁଲବାଣୀ ସ୍ଥିତ କୋରନେସନ ପଡିଆରେ ବୈଶାଖୀ ମହୋତ୍ସବ ଓ ବାଣିଜ୍ୟ ମେଳା ଅନୁଷ୍ଠିତ ହେବ । ଏହି ପରିସରରେ ବନାନ କଳା ସଙ୍ଗମ ସମ୍ମିଳନୀ କକ୍ଷଠାରେ ବରିଷ୍ଠ ସାମ୍ବାଦିକ ତଥା କମିଟିର ସଭାପତି ସୁନୀଲ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମହୋତ୍ସବକୁ ଅଧିକ ସରସ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ମତପ୍ରକାଶ ପାଇଥିଲା । ଏହି ଅବସରରେ ଉପସ୍ଥିତ ଥିବା କମିଟିର ଉପଦେଷ୍ଟା ତଥା ବରିଷ୍ଠ ଆଦିବାସୀ ନେତା ଆଇନଜୀବୀ କୁଇ ସମାଜ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ଲମୋଦର କହଁର ଓ ବରିଷ୍ଠ ସାମ୍ବାଦିକ, ଜିଲ୍ଲା ନାଗରିକ ମଞ୍ଚ ସଭାପତି ଅରୂପ ଜେନାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରଯାଇଥିଲା ଓ ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବର ପରିଚଳନା କମିଟି ଅଧ୍ୟକ୍ଷ ରାଧା ମୋହନ ସମେତ ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦିଗାଲ, ଆଦିବାସୀ ଯୁବନେତା ସମୀର ଘଟାଲ, ଫୁଲବାଣୀ ଦୁଇ ସମାଜ ସମିତି ସମ୍ପାଦକ ଅବନା କହଁର, ସମାଜସେବୀ ତଥା ମହୋତ୍ସବ କମିଟି କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ସ୍ୱାଇଁ, ବିରେନ୍ଦ୍ର କହଁର, ସୁନିତା ଅଚାରି, ରୂପୟିକା ତ୍ରିପାଠୀ, ସରସ୍ୱତୀ ସାହୁ, ରୋଟାରୀ କ୍ଲବ୍ ପୂର୍ବତନ ସଭାପତି ଶ୍ରୀମତୀ ବିରାଜିନି ମହାପାତ୍ର ଓ ଅନ୍ୟ ସଭ୍ୟମାନେ ଉପସ୍ଥିତ ରହିଥିଲେ । କହିବାକୁ ଗଲେ ଏହି କମିଟିର ବୈଠକରେ ଆଦିବାସୀ ନେତା ଆଇନଜୀବୀ କୁଇ ସମାଜ ସମନ୍ୱୟ ସମିତି ସାଧାରଣ ସଂପାଦକ ଲମୋଦର କହଁରଙ୍କ ଉପସ୍ଥିତକୁ ନେଇ ଏବେ ବଡ଼ ଚର୍ଚ୍ଚା ଜୋର ଧରିଛି । ଏହା ସହିତ ମଧ୍ୟ କୁଇ ସମାଜ ସମନ୍ୱୟ ସମିତି ସାଧାରଣ ସମ୍ପାଦକଙ୍କ କାନ୍ଧରେ ବନ୍ଧୁକ ରଖି ଅନ୍ୟ କୌଣସି ମନ୍ଦ ଉଦ୍ଦେଶ୍ୟ ରଖି ଏହି ମହୋତ୍ସବ ଓ ବାଣିଜ୍ୟ ମେଳା ହେଉନାହିଁ ତ ବୋଲି ଏବେ ଚର୍ଚ୍ଚା ଜୋର ଧରିଛି । ଅନ୍ୟପଟେ ଖେଳ ପଡିଆକୁ ଖେଳ ଉଦ୍ଦେଶ୍ୟରେ ବ୍ୟବହାର ନହୋଇ ବିଭିନ୍ନ କାର୍ଯ୍ୟକ୍ରମ କରି ଖେଳ ପଡିଆକୁ ନଷ୍ଟ ମଧ୍ୟ କରାଯାଉଛି । ପ୍ରଶାସନ ଏହା ଉପରେ ଗୁରୁତ୍ୱ ଦେବା ପାଇଁ ଜନସାଧାରଣ ଦାବି କରୁଛନ୍ତି ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥାର ଶୁଭାରମ୍ଭ




ବୌଦ୍ଧ(ଭାସ୍କର ନ୍ୟୁଜ) :ବୁଧବାର ସନ୍ଧ୍ୟା ୫ ଘଣ୍ଟା ସମୟରେ ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ନିକଟରେ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ମେସିନର ଶୁଭାରମ୍ଭ କରିଛନ୍ତି ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା । ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ବିଭିନ୍ନ ଅଭିଯୋଗ ଓ କାର୍ଯ୍ୟ ନେଇ ଆସୁଥିବା ଜିଲ୍ଲାର ଜନସାଧାରଣ ଓ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ବ୍ୟବହାର ପାଇଁ ଜିଲ୍ଲାପାଳ ଲୋକାର୍ପଣ କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟାଳୟର କଣ୍ଟିଜେନସି ଫଣ୍ଡରୁ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ମେସିନ ପ୍ରତିଷ୍ଠା କରା ଯାଇଥିବା ସୂଚନା ମିଳିଛି । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତୀ ବଳିଆର ସିଂ, ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ରୁର ଜାନୀ, ନିଜାରତ୍ ଅଫିସର ଭଗବାନ୍ ଜାନୀ, ସହକାରୀ ଜିଲ୍ଲାପାଳ ସୁଧର୍ମା ମଲ୍ଲିକ, ଚାନ୍ଦିନୀ ମେହେର, ନିଜାରତ୍ ଉପ ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ସମ୍ବିତ ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ




ବାଲିମେଳା (ଭାସ୍କର ନ୍ୟୁଜ୍ ) : ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ପାଇଁ ଏପ୍ରିଲ୍ ପହିଲାରୁ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ସାରା ରାଜ୍ୟରେ ପାଳନ କରାଯାଉଛି ଓଡ଼ିଆ ପକ୍ଷ । ଓଡ଼ିଆ ପକ୍ଷ ପାଳନ ନେଇ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଗତକାଲି ଠାରୁ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ପାଳନ କରାଯାଇଥିବାବେଳେ ଆଜି ବାଲିମେଳା ଏନଏସି ମଧ୍ୟରେ ଶିକ୍ଷା ସଚେତନତା ରଥ ପ୍ରବେଶ କରିଥିଲେ । ପ୍ରଥମେ ବାଲିମେଳା ପ୍ରବେଶ ଦ୍ୱାର ନିକଟରେ ଥିବା ନୂଆଗୁଡା ପ୍ରାଥମିକ ବିଦ୍ୟାଳୟ ଠାରେ ରଥକୁ ସ୍ୱାଗତ କରାଯାଇଥିଲା ଏହାପରେ ଏହି ରଥ ବାଲିମେଳାର ବିଭିନ୍ନ ବିଦ୍ୟାଳୟକୁ ଭ୍ରମଣ କରିଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ବାଲିମେଳା ନଗର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ । ଦୀପ ଧୂପ ଦେଇ ରଥକୁ ସ୍ୱାଗତ କରିବା ପରେ ରୀତିନୀତି ଭାବେ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ପାଳନ କରାଯାଇଥିଲା । ଅନ୍ୟତମ ଭାବରେ ଉପସ୍ଥିତ ଥିଲେ ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶିଳା ହିଆଲ, ସିଆରସିସି ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ, ଶିକ୍ଷକ ଭୀମସେନ ଖିଲ ଓ ଅନ୍ୟମାନେ ସହଯୋଗ କରିଥିଲେ । ଏହି ରଥ ଚିତାପାରି , ବାଲିମେଳା , ନିଳାଦ୍ରିନଗର, ଓ ପୁରୁଣା ଚିମିଟାପାଲି ଯିବ ବୋଲି ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ ।

# ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପରିକ୍ରମା ରଥ ଶୁଭାରମ୍ଭ

ଲହୁଣୀପଡ଼ା(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରବେଶ ଓ ଖଡ଼ି ଛୁଆଁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଲହୁଣିପଡା ଗୋଷ୍ଠୀ ଶିକ୍ଷା ମଣ୍ଡଳର ଲହୁଣିପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ରଥ ପରିକ୍ରମା ଶୁଭାରମ୍ଭ କରାଯାଇଛି । ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ପ୍ରଥମଥର ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଶୁଭାରମ୍ଭ କରାଯିବାର ପ୍ରକିୟା ଆରମ୍ଭ କରାଯିବା ବେଳେ ବିଭିନ୍ନ କ୍ଲଷ୍ଟର ଗଡିଥିବା ଜଣାପଡ଼ିଛି । ପ୍ରଥମ ଦିନରେ ଲହୁଣିପଡା କ୍ଲଷ୍ଟରୁ ଖଡ଼ି ଛୁଆଁ ରଥ ପରିକ୍ରମା ଆରମ୍ଭ କରି ଶରଧାପୁର, ପୁରୁଣା ପାଣି, ଦର୍ଜିଂ ସମେତ ୧୭ଟି ପଞ୍ଚାୟତ ପରିକ୍ରମା କରିବାର ଯୋଜନା ରହିଛି । ଏହି କାର୍ଯ୍ୟକ୍ରମରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ବର୍କିରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପିଏଆଇଟିଡି ଏ ସ୍ୱଦୀପ୍ତ ଟୋପ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଲହୁଣିପଡା ବିଡିଓ ଅନୁରାଗ ମିଶ୍ର, ଲହୁଣିପଡା ଆଇଆଇସି ସ୍ୱରାଜ ଝଙ୍କାର, ଜିଲ୍ଲାପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ସାଂସଦ ପ୍ରତିନିଧି ଅନିଲ କୁମାର ମାହାନ୍ତ, ଅଙ୍ଗନୱାଡି ସୁପରଭାଇଜର ପୁଷ୍ପଲତା ବେହେରା, ଏବିଇଓ ନରହରି କିଷାନ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ପରିକ୍ରମା ରଥକୁ ସବୁଜ ପତାକା ହଲାଇ ପରିକ୍ରମାର ଶୁଭାରମ୍ଭ କରିଥିଲେ ।



# ଛାତ୍ରଛାତ୍ରୀଙ୍କ ବିଶ୍ୱବିଦ୍ୟାଳୟ ପରିଦର୍ଶନ



କୋରାପୁଟ(ଭାସ୍କର ନ୍ୟୁଜ୍ ) : ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ୩୪ଜଣ ଛାତ୍ରଛାତ୍ରୀ ଓ ଦୁଇଜଣ ଅଧ୍ୟାପକ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ମୃତ୍ୟୁଞ୍ଜୟ ସ୍ୱାଇଁଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ପରିଦର୍ଶନରେ ଆସିଛନ୍ତି । ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ଆସୋସିଏଟ ପ୍ରଫେସର ଡ. ମିନତି ସାହୁ ସ୍ୱାଗତ କରିଥିଲେ । ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ରଥିକାନ୍ତ କୁମ୍ଭାର ପ୍ରଥମେ ସମ୍ବର୍ଦ୍ଧିତ କରିଥିଲେ । ପ୍ରଫେସର କୁମ୍ଭାର ଶୈକ୍ଷିକ ବିନିମୟ କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ପ୍ରକାଶ କରିବା ସହ ଭବିଷ୍ୟତର ସହଯୋଗକୁ ପ୍ରୋତ୍ସାହିତ କରିବା ସହ ଏହି ଧାରା ବଜାୟ ରହୁ ବୋଲି କହିଥିଲେ । ପ୍ରଫେସର ସ୍ୱାଇଁ ଛାତ୍ରଛାତ୍ରୀଙ୍କ ପାଇଁ ଏହାର ଉପକାରିତା ଏବଂ ଭବିଷ୍ୟତର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅଧିବେଶନରେ ଉଭୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ସେମାନଙ୍କ ପର୍ଯ୍ୟବେକ୍ଷଣ ଓ ଅନୁଭୂତି ଆଲୋଚନା ମାଧ୍ୟମରେ ଭାବ ବିନିମୟ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟ ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି । ଅର୍ଥନୀତି ବିଭାଗ ଆସୋସିଏଟ ପ୍ରଫେସର ଡ. ପ୍ରଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ବିଶ୍ୱଜିତ ଭୋଇ ଡ. ବବଲୁ ଜାଖର, ଡ. ପ୍ରିୟମ୍ବଦା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଦିବାସୀ ପରମ୍ପରାର ମୁଖ୍ୟ ପର୍ବ ଚଇତି ଆରମ୍ଭ



ଖଇରପୁଟ (ଭାସ୍କର ନ୍ୟୁଜ୍ ) : ଅଞ୍ଚଳର ଗଣପର୍ବ ତଥା ଆଦିବାସୀ ପରମ୍ପରାର ମୁଖ୍ୟ ପର୍ବ ଚଇତି ପର୍ବ ଖଇରପୁଟ ଅଞ୍ଚଳର ପ୍ରତ୍ୟେକ ଗାଁରେ ଆରମ୍ଭ ହୋଇଛି । ସାତଦିନ ବ୍ୟାପୀ ଚାଲୁଥିବା ଏ ପର୍ବ ମୁଖ୍ୟତଃ କୃଷି ଓ ଶୀକାର ଭିତ୍ତିକ ପର୍ବ । ଶତାବ୍ଦୀ ଶତାବ୍ଦୀ ଧରି ଏ ଅଞ୍ଚଳର ସୁନ୍ଦର ପରମ୍ପରାକୁ ଧରି ରଖିଥିବା ଗଣପର୍ବରେ ସାତଦିନ ଧରି ପ୍ରତ୍ୟେକ ଦିନର କିଛି ନା କିଛି ମହତ୍ୱ ରହିଛି । ପ୍ରକୃତି ଓ ଈଶ୍ୱରଙ୍କ ପ୍ରତି ଧନ୍ୟବାଦ ଜ୍ଞାପନ ସହିତ ଆସନ୍ତା ନୂଆ ବର୍ଷସାରା ପାଇଁ ଆଶୀର୍ବାଦ ଆଶାରେ ପାଳନ ହେଉଥିବା ଏ ପର୍ବରେ ଅଞ୍ଚଳର ସବୁ ଜାତି ଓ ବୟସର ଲୋକ ମହାଆନନ୍ଦରେ ସାମିଲ ହୋଇଥାନ୍ତି । ପ୍ରଥମ ଦିନ ବଙ୍ଗଲାନୀରୁ ଆରମ୍ଭ ହୁଏ ପର୍ବ, ସେଦିନ ମା’ ମାଉଳୀଙ୍କୁ ପୂଜା ଦେଇ ବର୍ଷସାରା ହୋଇଥିବା ପାପର କ୍ଷମା ପ୍ରାର୍ଥନା କରାଯାଏ । ମା’ଙ୍କୁ ବିଭିନ୍ନ ରଙ୍ଗର କୁକୁଡା ଓ ଅଣ୍ଡା ବଳୀ ଦେଇ ଢୋଲ ମହୁରୀ ବଜେଇ ଗାଁର ଶେଷ ମୁଣ୍ଡରେ ଗୋଟେ ଅସ୍ଥାୟୀ ଛୋଟ ଛାମୁଣ୍ଡିଆ କରି ଗାଁର ଦିଶାରୀ ଓ ପୂଜାରୀ ଗାଁ ମୁଖିଆ ନାୟକ ଓ ବାରିକଙ୍କ ସାମନାରେ ପର୍ବର ଶୁଭାରମ୍ଭ ଘୋଷଣା କରିଥାନ୍ତି । ଏ ଦିନ ଗାଁର ଛୋଟ କିଶୋରମାନେ ବିଭିନ୍ନ ଡାଳ ଧରି ଓ ବେଶ ପିନ୍ଧି ଗୁଡିକ ନାଚରେ ଗାଁକୁ ମା’ଙ୍କ ସ୍ୱାଗତ କରିଥାନ୍ତି । ପୂଜାରେ ମା’ଙ୍କୁ କ୍ଷମା ପ୍ରାର୍ଥନା କରାଯାଏ । ମା’ଙ୍କୁ ସନ୍ତୁଷ୍ଟ ରହିବାକୁ ପ୍ରାର୍ଥନା କରାଯାଏ । ଦ୍ୱିତୀୟ ଦିନ ନ୍ୟୁତା କହନ୍ତି, ଏଥିରେ ପ୍ରତ୍ୟେକ ଘରୁ ଧାନ, ବିରି, ମୁଗ ଆଦି ଯାହାର ଯାହା ଚାଷ ହୋଇଥାଏ ସେଥିରୁ କିଛି କିଛି ନେଇ ଗାଁର ହୁଣ୍ଡି କୁହାଯାଉଥିବା ଗ୍ରାମ ଦେବତୀଙ୍କ ନିକଟକୁ ନେଇ ସନ୍ଧ୍ୟା, ସମୟରେ ପୂଜା ସହିତ ସମର୍ପଣ କରାଯାଏ ଓ ରାତିସାରା ଗ୍ରାମଦେବତୀଙ୍କ ନିକଟରେ ରଖାଯାଏ । ତୃତୀୟ ଦିନ ଗ୍ରାମଦେବତୀଙ୍କ ପୂଜା ପରେ ଗାଁ ଦିଶାରୀ ସେ ଶସ୍ୟକୁ ନିକଟରେ ବିଲରେ ଆଶୀର୍ବାଦ ଆଶାରେ ଅପେକ୍ଷା କରିଥିବା ଗ୍ରାମବାସୀଙ୍କ ଉପରକୁ ଫିଙ୍ଗନ୍ତି । ଯାହା ହାତରେ ଯେତିକି ଶସ୍ୟ ପହଞ୍ଚେ ତାକୁ ଆସନ୍ତା ପରିସର ବିହନ ସହିତ ମିଶେଇ ନିଜ କ୍ଷେତରେ ବିହନ ଭାବେ ବୁଣିବା ପାଇଁ ସଂଗ୍ରହ କରାଯାଏ । ତା’ସହିତ ଏ ଦିନଟି ହେଉଛି ମୁଖ୍ୟ ପର୍ବ ପାଳନ ହୁଏ । ନୂଆ ଫଳିଥିବା ଆମ୍ବ ପୂଜା ହେବା ପରେ ପ୍ରଥମଥର ଖାଇବା ଆରମ୍ଭ ହୁଏ । ତା’ସହିତ ଯାହାର ଯାହା ମାନସିକ ଥାଏ ଛେଳି, କୁକୁଡା ଆଦି ବଳୀ ଦିଆଯାଏ । ବଳିର ମାଂସ ଓ ନୂଆ ଆମ୍ବ ଆଦି ଫଳ ଖାଇବା ସହିତ ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଢୋଲ ମହୁରୀ ବାଦ୍ୟ ସହିତ ନାଚଗୀତ ଚାଲେ । ଗାଁର ପ୍ରତ୍ୟେକ ଘରର ସବୁ ବୟସର ଲୋକେ ଏ ଆନନ୍ଦ ଉତ୍ସବରେ ବଡ ଉତ୍ସାହରେ ଭାଗ ନିଅନ୍ତି । ଚତୁର୍ଥ ଦିନ ହୁଏ ଟିଙ୍ଗରି ବେଣ୍ଟ । ଏ ଦିନ ଗାଁର ଛୋଟ ଓ କିଶୋର ମାନେ ଗାଁ ନିକଟସ୍ଥ ଜଙ୍ଗଲକୁ ଗୋଟେ ଛୋଟ ଶୀକାର ପାଇଁ ଯାଆନ୍ତି । ଛୋଟ ଚଢେଇ, ମୂଷା, ସାପ ଯାହାକୁ ଯାହା ମିଳେ ତାକୁ ଶୀକାର କରିବା ସହିତ ଜଙ୍ଗଲରେ ଥିବା ଝରଣା ନିକଟରେ ଭୋଜି କରି ଶୀକାର ଧରି ସନ୍ଧ୍ୟାରେ ଗାଁକୁ ଫେରନ୍ତି । ଏକ ଜଙ୍ଗଲି ଫୁଲ ପତ୍ରରେ ସଜା ହୋଇଥିବା ଦୋଳାରେ ଶୀକାରକୁ ସଜେଇ ଗାଁର ସମସ୍ତଙ୍କ ଦ୍ୱାରରେ ବୁଲେଇ ନିଜ ପାରିବା ପଣିଆର ପ୍ରଦର୍ଶନ ହୁଏ ଓ ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ନାଚଗୀତ ହୁଏ ପୂର୍ବଦିନ ପରି । ପଞ୍ଚମ ଦିନ ଗାଁର ମହାବେଣ୍ଟ ପଡ଼ିଆରେ ଯୁବକମାନେ ନିଜ ଧନୁଶର, ଟାଙ୍ଗିଆ, ଫାର୍ସା ଆଦି ଅସ୍ତ୍ରଶସ୍ତ୍ର ଧରି ଏକାଠି ହୁଅନ୍ତି । ଏଠି ଦିଶାରୀ ସମସ୍ତଙ୍କ ଅସ୍ତ୍ରଶସ୍ତ୍ରରୁ ପୂଜନ ପରେ ସେମାନଙ୍କ ଶୀକାର ବା ବେଣ୍ଟ ସଫଳ ହେବାର ପ୍ରାର୍ଥନା ପୂଜା କରନ୍ତି । ତା’ସହିତ ଗାଁର ମହିଳାମାନେ ପୁରୁଷଙ୍କୁ ଫୁଲରେ ସଜେଇ ଶୀକାର ପାଇଁ ଉତ୍ସାହିତ କରନ୍ତି । ତା’ ସହିତ ସେଠି ଗୋବର ରଖାଯାଏ ଯଦି ଶୀକାର ସଫଳ ନହୁଏ ପୁରୁଷଙ୍କୁ ଅପମାନିତ କରିବା ପାଇଁ ଏକ ସନ୍ଦେଶ ପାଇଁ । ଏ ବେଣ୍ଟ କାର୍ଯ୍ୟକ୍ରମ ଦିନେ ଦୁଇଦିନ ପର୍ଯ୍ୟନ୍ତ ଚାଲେ । ତେବେ ପୂର୍ବରୁ ଅନେକ ଦିନ ପର୍ଯ୍ୟନ୍ତ ଶୀକାରକୁ ଲୋକେ ଯାଉଥିଲେ କିନ୍ତୁ ଆଧୁନିକତାର ସ୍ପର୍ଶରେ ଏସବୁ ପରମ୍ପରା ବନ୍ଦ ହେବାକୁ ବସିଲାଣି । ଜଙ୍ଗଲ ବିଭାଗ ମଧ୍ୟ ବିଲୁପ୍ତ ହେବାକୁ ବସିଥିବା ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବାକୁ ବ୍ୟାପକ ସଚେତନତା କରିବା ପରେ ଶୀକାର ପ୍ରାୟତଃ ବନ୍ଦ ହେଲାଣି, କେବଳ ପରମ୍ପରା ପାଇଁ କିଛି ସମୟ ଯୁବକମାନେ ଜଙ୍ଗଲକୁ ଯାଇ ଚଢେଇ ଭଳି କିଛି ଶୀକାର କରି ଫେରି ଆସୁଛନ୍ତି । ତେବେ ପରବର ଉତ୍ସାହରେ ବେଶୀ କିଛି ପାର୍ଥକ୍ୟ ଆସିନି । ରାତିର ଢୋଲ ମହୁରୀ ବାଦ୍ୟ, ଢେମସା ନାଚ, ଗାଆଁ ସାରା ଲୋକଙ୍କ ରାଗରୁଷା ଭୁଲି ଏକାଠି ହୋଇ ପାଳନ ହେଉଥିବା ଏ ପର୍ବର ଶେଷ ଦିନ ମହିଳାମାନେ ବିଭିନ୍ନ ବେଶ ପିନ୍ଧି ଏକ ଝିଅ ଚୋରୀ ଓ ବିବାହ ନାଟକ କରନ୍ତି ଓ ଶେଷରେ ସେଠି ବିଚାରକ ଭାବେ ନାଟକ କରୁଥିବା ମହିଳା ନ୍ୟାୟ ଶୁଣେଇବା ପରେ ଚଇତି ପର୍ବଶେଷ ଘୋଷଣା ହୁଏ । ତା’ ପରଦିନ ଠାରୁ ପୁଣି ନିଜ ନିଜ କର୍ମରେ ଲିପ୍ତ ହୁଅନ୍ତି ଲୋକେ । କେବଳ ଖଇରପୁଟ ନୁହେଁ ପୁରା ଜିଲ୍ଲାର ଏ ପର୍ବର ସାତଦିନ ଧରି କୌଣସି ଲୋକ କୌଣସି ରୋଜଗାର ଭିତ୍ତିକ କାମ କରନ୍ତି ନାହିଁ । ତା’ସହିତ ସବୁ ଗାଁରେ ରାସ୍ତାରେ କାମ ପାଇଁ ଯାଉଥିବା ଲୋକଙ୍କୁ ଗାଁର ଛୋଟ ପିଲା ଓ ମହିଳାମାନେ ଅଟକାଇ ଅର୍ଥଦଣ୍ଡ ରୂପେ ଫାଜର ମାଗନ୍ତି । ତେବେ ଏଥିରେ ବହୁତ ଅଧିକ କାହାକୁ ଚାପରେ ଟଙ୍କା ମଗା ଯାଏନି, କେବଳ ପ୍ରତୀକ ରୂପେ ଗାଁର ଝିଅ ମାନେ ଦିନସାରା ଢେମସା ନାଚି ଗାଁର କୌଣସି ଗୋଟେ ସ୍ଥାନରେ ଜମା ହୋଇ ଯାତ୍ରୀଙ୍କୁ ଫାଜର ମାଗନ୍ତି । ଏଥିରେ ମିଳିଥିବା ଚାଉଳ, ପରିବା ଓ ଟଙ୍କାରେ ସମସ୍ତେ ମିଶି ଭୋଜି କରନ୍ତି ।

# ୭ରେ ମାଓ ସଂଗଠନର ବନ୍ଦ ଡାକରା

## ଏନ୍‌କାଉଣ୍ଟରକୁ ବିରୋଧ

ମାଲକାନଗିରି(ଭାସ୍କର ନ୍ୟୁଜ୍ ) : ମାର୍ଚ୍ଚ ୨୯ରେ ଛତିଶଗଡ଼ରେ ଘଟିଥିବା ଯବାନ ଓ ମାଓବାଦୀଙ୍କ ଗୁଳିବିନିମୟ ଘଟଣାକୁ ବିରୋଧ କରି ଆସନ୍ତା ୭ତାରିଖରେ ବିଭିନ୍ନ ସ୍ଥାନରେ ବନ୍ଦ ଡାକରା ଦେଇଛି ମାଓ ସଂଗଠନ । ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାର କେରଲାପାଲ ଅଞ୍ଚଳର ଉପାମ, ନେଡୁମ ଏବଂ ନୀଲମ ଗ୍ରାମ ମଧ୍ୟରେ ଘଟିଥିବା ଏନକାଉଣ୍ଟରରେ ୧୭ଜଣ ମାଓବାଦୀ ମୃତ୍ୟୁବରଣ କରିଥିବା ବେଳେ ଏହାକୁ ନେଇ ଏକ ପ୍ରେସ ବିଜ୍ଞପ୍ତି ଦରଭା ମାଓ ଡିଭିଜନର ପ୍ରବକ୍ତା ସାଇନାଥ ଜାରି କରିଛନ୍ତି । ଛତିଶଗଡ଼ ସରକାରଙ୍କର ଆଦିବାସୀ ଦଳିତ ଉପରେ ନର୍ଯାତନା ବଢି ଚାଲିଛି । ଏହି ଅଞ୍ଚଳର ଖଣିଜ ପଦାର୍ଥକୁ ଲୁଟ କରିବା ପାଇଁ ସମସ୍ତ ବ୍ୟବସ୍ଥା ସରକାର କରୁଥିବା କୁହାଯାଇଛି । ଏହି ଏନକାଉଣ୍ଟରକୁ ବିରୋଧ କରି ଆମ୍ ୭ ତାରିଖ ଦିନ ବସ୍ତର ଜିଲ୍ଲା ସମେତ ସୁକମା, ଦନ୍ତେୱାଡା ଜିଲ୍ଲାରେ ପ୍ରେସ ବିବୃତ୍ତ ମାଧ୍ୟମରେ ବନ୍ଦ ଡାକରା ଦେଇଛି ମାଓ ସଂଗଠନ ।

# ଓଡ଼ିଆରେ ନାମଫଳକ ଲେଖିବାକୁ ଅଭିଯାନ

ନୂଆପଡ଼ା(ଭାସ୍କର ନ୍ୟୁଜ୍ ) : ନୂଆପଡ଼ା ଜିଲ୍ଲା ଖରିଆର ରୋଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଜିଲ୍ଲା ଶ୍ରମ ବିଭାଗ ମିଳିତ ଆନୁକୂଲ୍ୟରେ ଏକ ଶୋଭାଯାତ୍ରା ବାହାର ଖରୀଆର ରୋଡ ନଗର ପରିକ୍ରମା କରିଛନ୍ତି । ସମସ୍ତ ଦୋକାନ ବଜାର ଓ ବାଣିଜ୍ୟ ପ୍ରତିଷ୍ଠାନ ଏବଂ ସରକାରୀ ବେସରକାରୀ ଅନୁଷ୍ଠାନରେ ଓଡ଼ିଆ ଭାଷାରେ ନାମଫଳକ ନିଶ୍ଚିତଭାବେ ଲଗାଇବା ପାଇଁ ବାର୍ତ୍ତା ଦେଇଥିଲେ । ଓଡ଼ିଆ ଭାଷାକୁ ସମ୍ମାନ, ମାତୃଭାଷା ଅଟେ ଆମ ସ୍ୱାଭିମାନ । ତେଣୁ ଗର୍ବରେ ଆମେ ଓଡ଼ିଆ ସବୁଠୁ ବଢିଆ ବୋଲି ମତବ୍ୟକ୍ତ କରିଛନ୍ତି । କାର୍ଯ୍ୟ ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼ ନାଗରିକ ସ୍କୁଲ ଛାତ୍ରଛାତ୍ରୀ, ସାମିଲ ହୋଇ ସହାୟତା କରିଥିଲେ ।





ଚାନ୍ଦବାଲି (ଭାସ୍କର ନ୍ୟୁଜ୍) : ସ୍ଥାନୀୟ କୁଆଁରସର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ସହକାରୀ ଶିକ୍ଷକ ଲଲାଟେନ୍ଦୁ ପୁହାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କିସ୍ମତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରଜକିଶୋର ଦାସ ଯୋଗ ଦେଇ ଆନୁଷ୍ଠାନିକ ଭାବେ ସଭା କାର୍ଯ୍ୟର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଚାନ୍ଦବାଲି ଏନ୍‌ଏସିର ୨ନଂ ଓାର୍ଡର କାଉନସିଲର ମନୋରଞ୍ଜନ ମହାନ୍ତି, ସମ୍ମାନୀତ ଅତିଥି ଭାବେ ମଝୀ ଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ସାମଲ, ଅନ୍ୟତମ ଅତିଥି ଭାବେ ପରିଚାଳନା କମିଟି ଅଧ୍ୟକ୍ଷ ନୀରଞ୍ଜନ କର ଯୋଗ ଦେଇ ବାର୍ଷିକ କ୍ରୀଡା ଓ ଶିକ୍ଷାର ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ସିଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୁଷ୍ପାଞ୍ଜଳି ପାତ୍ର ବାର୍ଷିକ ବୀବରଣୀ ପାଠ କରିଥିଲେ ଓ ଅନୁସୟା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା କମିଟିର ସମସ୍ତ ସଦସ୍ୟ/ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ବାର୍ଷିକ କ୍ରୀଡାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମଞ୍ଚାସୀନ ଅତିଥି ମାନେ ପୁରସ୍କୃତ କରିଥିଲେ। ସର୍ବଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



### ହାଇସ୍କୁଲରେ ଆରମ୍ଭ ହେଲା ମଧ୍ୟାହ୍ନଭୋଜନ

## ପିଅନ କାଟିଲେ ପରିବା, ଶିକ୍ଷକ କଲେ ରୋଷେଇ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ସରକାରଙ୍କ ପକ୍ଷରୁ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ନିମନ୍ତେ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ହୋଇଛି। ପୂର୍ବରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ରହିଥିଲା। ଏବେ ନବମ ଓ ଦଶମ ଶ୍ରେଣୀ ପାଇଁ ମଧ ଆରମ୍ଭ ହେବାରୁ ଛାତ୍ରଛାତ୍ରୀ ଖୁବ୍ ଖୁସି। ଯେଉଁ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଛନ୍ତି ସେଠାରେ ମଧ୍ୟାହ୍ନଭୋଜନ ଆରମ୍ଭରେ ସେଭଳି କୌଣସି ସମସ୍ୟା ଦେଖାଯାଇନି। କିନ୍ତୁ ଯେଉଁଠି କେବଳ ନବମ ଓ ଦଶମଶ୍ରେଣୀ ରହିଛି ସେଠାରେ ଶିକ୍ଷକମାନଙ୍କ ଚିନ୍ତା ବଢ଼ିଯାଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର କିଛି ବିଦ୍ୟାଳୟରେ ମଧ୍ୟାହ୍ନଭୋଜନକୁ ନେଇ ଚିନ୍ତା ବଢିଛି। ବିଦ୍ୟାଳୟରେ କୌଣସି ଆନୁସଙ୍ଗିକ ବ୍ୟବସ୍ଥା ନଥିବା ବେଳେ ବହୁ କଷ୍ଟରେ ଆରମ୍ଭ ହୋଇଛି ମଧ୍ୟାହ୍ନ ଭୋଜନ। ଶିକ୍ଷକ ରୋଷେଇ କରୁଥିବା ବେଳେ ପିଅନ ପରିବା କାଟିଛନ୍ତି। ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା ନଥିବା ବେଳେ ହାଣ୍ଡି, ଚୁଲି, ରୋଷେୟା ଆଦି ବ୍ୟବସ୍ଥା ପାଇଁ କୌଣସି ସୂଚନା ନାହିଁ। ଏପରିକି କେତେ ଛାତ୍ରଛାତ୍ରୀଙ୍କ ପାଇଁ କେତେ ଚାଉଳ ଓ ପରିବା ଆବଶ୍ୟକ ତାହା ମଧ ନାହିଁ। ତେବେ ପିଲାଙ୍କ ଆଗ୍ରହକୁ ଓ ସରକାରଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ଚଳିତ ବର୍ଷ କେବଳ ନବମ, ଦଶମ ଛାତ୍ରଛାତ୍ରୀଙ୍କ ପାଇଁ ଭାତ, ଅଣ୍ଡା, ଡାଲମା ପ୍ରସ୍ତୁତ କରୁଛନ୍ତି। ସରକାରଙ୍କ ପକ୍ଷରୁ ଶୀଘ୍ର ପାଚିକା ଯୋଗାଇବା ସହ ଆନୁସଙ୍ଗିକ ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଥିବା ସାଧାରଣରେ ଆଲୋଚନା ହେଉଛି।

### ବିଳମ୍ବିତ ରାତିରେ ଭୟାଭୟ ଅଗ୍ନିକାଣ୍ଡ

## ସଟ୍‌ସର୍କିଟ୍‌ରୁ ଫାଟିଲା ଗ୍ୟାସ୍ ସିଲିଣ୍ଡର, ୫ବଖରା ଭସ୍ମ

ରଘୁନାଥପୁର (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା, ରଘୁନାଥପୁର ବ୍ଲକ ତରିକୁନ୍ଦ ପଞ୍ଚାୟତ ସ୍ଥିତ ନୂଆଦା ଗ୍ରାମର ସେକ ନିଜାମ ଉଦ୍ଦିନ ଓ ସେକ ଇସରାଫଙ୍କ ଗୁରୁବାର ବିଳମ୍ବିତ ରାତିରେ ୫ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଘଟଣାରୁ ପ୍ରକାଶ ଗୁରୁବାର ବିଳମ୍ବିତ ରାତିରେ ସେକ ନିଜାମ ଉଦ୍ଦିନ ଓ ସେକ ଇସରାଫଙ୍କ ପରିବାର ଶୋଇଥିବା ସମୟରେ ହଠାତ୍ ଘର ହୁହୁହୋଇ ଜଳୁଥିବାର ଦେଖି ବାହାରକୁ ଆସି ପାଟି କରିଥିଲେ। ପଡୋଶୀ ଲୋକେ ଦେଖି ତୁରନ୍ତ ରଘୁନାଥପୁର ଦମକଳ କେନ୍ଦ୍ରକୁ ଜଣାଇଥିଲେ। ଖବରପାଇ ଦମକଳ ବାହିନୀ ପହଞ୍ଚିବା ବେଳକୁ ଆଖି ପିଛୁଳାକେ ସବୁ ପୋଡି ପାଉଁଶ ହୋଇ ଯାଇଥିଲା। ଦମକଳ ବାହିନୀର କର୍ମଚାରୀ ବିଶ୍ୱରଞ୍ଜନ, ବିକ୍ରମ କୁମାର ବେହେରା, ସୁବାଷ କୁମାର ନନ୍ଦ, ସଂଗ୍ରାମ କିଶୋରେ ଦାସ, ଏକାଦଶ ରାଉତ, ସୀତାଂଶୁ କୁମାର ଦାସ, ପ୍ରଫୁଲ୍ଲ କୁମାର ପାତ୍ର, ଜଗନ୍ନାଥ ନାୟକ ପ୍ରମୁଖ ବହୁ ପରିଶ୍ରମ କରି ନିଆଁକୁ ଆୟତ କରିଥିଲେ ସୁଦ୍ଧା ଘର ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା। ୨ଟି ସାଇକେଲ, ୨୦ରୁ ଊର୍ଦ୍ଧ୍ୱ କୁକୁଡ଼ା, ସୁନା, ରୂପ, ଟଙ୍କା ଓ ଘରର ସମସ୍ତ ଆସବାସପତ୍ର ପୋଡି ନଷ୍ଟ ହୋଇଯାଇଛି। ଗ୍ରାମର ଜଣେ ସାହସୀ ଯୁବକ ମହମ୍ମଦ ଉମର ଆଲାମ ଘର ଜଳୁଥିବା ସମୟରେ ଆସବାସ କାଢିବାକୁ ଯାଇଥିଲାବେଳେ ଗ୍ୟାସ ସିଲିଣ୍ଡର ଫାଟିଥିଲା ଏବଂ ସେ ଗୁରୁତର ହୋଇପଡିଥିଲେ। ତୁରନ୍ତ ତାଙ୍କୁ ମେଡିକାଲରେ ଭର୍ତି କରାଯାଇଥିବା ଜଣା ଯାଇଛି। ତେବେ ସଟ୍‌ସର୍କିଟରୁ ନିଆଁ ଲାଗି ଗ୍ୟାସସିଲିଣ୍ଡର ଫାଟିବା ଯୋଗୁ ନିଆଁର ବେଗ ବଢିଯାଇଥିଲା ବୋଲି ଦମକଳ ଅଫିସ୍‌ରୁ ପ୍ରକାଶ। ଅଗ୍ନିବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।



## ବନ୍ୟଜନ୍ତୁଙ୍କ ଅଙ୍ଗ ଜବତ, ଜଣେ ଗିରଫ



ବାରିପଦା (ଭାସ୍କର ନ୍ୟୁଜ୍) : ବନ୍ୟଜନ୍ତୁ ସୁରକ୍ଷା ଅଧିନିୟମ ଉଲ୍ଲଙ୍ଘନ କରି ଅବୈଧ ଭାବେ ବନ୍ୟପ୍ରାଣୀ ଅଙ୍ଗ ସଂଗ୍ରହ ଏବଂ ରଖିଥିବା ଅଭିଯୋଗରେ ମୟୂରଭଞ୍ଜ ଜିଲ୍ଲା ଆସନକୁଦର ଅଞ୍ଚଳର ପୁରୁଣା ଖଡ଼ିଆସାହିରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଚମ୍ପାଇ ହେମ୍ବ୍ରମଙ୍କ ଘରୁ ୩ଟି ହରିଣ ଶିଙ୍ଗ ଏବଂ ଜଣ୍ଡିଆ ସୁଅରର ଦାନ୍ତ ଜବତ କରାଯାଇଛି। ବନ ବିଭାଗ ସୂଚନା ଅନୁଯାୟୀ, ଏହି ଅଭିଯାନ ସ୍ଥାନୀୟ ବନ କର୍ମଚାରୀମାନେ ଚଳାଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ ବନ୍ୟଜନ୍ତୁ ସୁରକ୍ଷା ଅଧିନିୟମ ଅନୁଯାୟୀ ମାମଲା ରୁଜୁ କରାଯାଇଛି ଏବଂ ସେମାନଙ୍କୁ ଆସନ୍ତାକାଲି ସମ୍ମାନୀୟ ଅଦାଲତରେ ପ୍ରସ୍ତୁତ କରାଯିବ। ବନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଏହି ଅଭିଯାନରେ କୌଣସି ପଶୁ ଚର୍ମ ଜବତ ହୋଇନଥିବା। ଏହି ଅଭିଯାନ ଏକ ବଡ଼ ସଫଳତା ବୋଲି ବନ ବିଭାଗ କର୍ମଚାରୀମାନେ କହିଛନ୍ତି। ଏହା ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ବନ୍ୟଜନ୍ତୁ ଅଙ୍ଗ ଚୋରା ଚାଲାଣ ବିରୋଧୀ ଅଭିଯାନକୁ ମଜବୁତ କରାଯିବ ବୋଲି କୁହାଯାଇଛି।

## ବାଲି ଉପରେ ପଢୁଛନ୍ତି ଅଙ୍ଗନୱାଡ଼ିର କୋମଳମତି ଶିଶୁ





ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଜୟପୁରା କାଟେଣୀ ପଂଚାୟତ ବେଲବସନ୍ତ ଗ୍ରାମରେ ଦେଖିବାକୁ ମିଳିଛି ଏଭଳି ଅବ୍ୟବସ୍ଥାରେ ପରିଚାଳିତ ହେଉଥିବା ଏକ ଅଙ୍ଗନୱାଡ଼ି କେନ୍ଦ୍ରର ଦୃଶ୍ୟ। ଏହା ଏକ ଆଦିବାସୀ ଅଧୁଷିତ ଘଞ୍ଚ ଜଙ୍ଗଲ ଘେରାରେ ସାନ୍ତାଳ ସମ୍ପ୍ରଦାୟ ବସ୍ତି ହୋଇଥିବା ବେଳେ, ଗ୍ରାମରେ ଗୋଟିଏ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି । କିନ୍ତୁ ବଡ ଦୁଃଖ ଓ ପରିତାପର ବିଷୟ ଏଠି ଯେଉଁ କେନ୍ଦ୍ର ଅଛି ତାହା କେଉଁ କାରଣରୁ ବିଗତ ବର୍ଷରୁ ଘରର ତଳ ମେଜିଆ ଏବଂ ବାହାର ବାରଣ୍ଡା ମେଜିଆ ନହୋଇ କେବଳ ବାଲି ପଡ଼ିଅଛି ଏବଂ ଏହି ବାଲି ଉପରେ ୧୯ରୁ ଉର୍ଦ୍ଧ କୁନିକୁନି ପିଲା ଆସି ଦୈନିକ ପାଠ ପଢୁଛନ୍ତି, ତତସହିତ ବାଲି ଉପରେ ଭୋଜନ ମଧ୍ୟ କରୁଛନ୍ତି ବୋଲି ଅଭିଭାବକ ସୂଚନା ଦେଇଛନ୍ତି । ଆଉମଧ୍ୟ ପିଲାଙ୍କ ଅଙ୍ଗନୱାଡ଼ିର ଖାଦ୍ୟ ଯଥା ଚାଉଳ, ଛତୁଆ, ଗହମ, ବୁଟ, ଅଣ୍ଡା ଇତ୍ୟାଦି ଓ ପିଲାଙ୍କ ଖେଳନା ସାମଗ୍ରୀ ସବୁ ଅସୁରକ୍ଷିତ ଅବସ୍ଥାରେ ବାଲି ଉପରେ ରହିଅଛି। ପାଇଖାନାର କଥା ନକହିବା ଭଲ, କାରଣ ଆରମ୍ଭରୁ ପାଇଖାନାରେ ପାଇପ ନାହିଁ କିମ୍ବା କେବେ ଚାଲୁ ହୋଇନାହିଁ । ଗତ ୨୦୨୪ରେ ଏହି ଖବର ଗଣମାଧ୍ୟମରେ ପ୍ରଚାର ପ୍ରସାର ହୋଇଥିବା ବେଳେ, ଏଥିପ୍ରତି ତତ୍ପର ହୋଇ ପରଜଙ୍ଗରୁ ବିଭାଗୀୟ ମିଳିତ ଅଧିକାରୀମାନେ ଆସି ସମସ୍ୟାକୁ ସମାଧାନ ଖୁବଶୀଘ୍ର କରାଯିବାକୁ ପ୍ରତିଶୃତି ଦେଇ, ଅଙ୍ଗନୱାଡ଼ି କର୍ମୀଙ୍କୁ ସମସ୍ୟା ସମ୍ବନ୍ଧୀୟ ଏକ ଲିଖିତ ଅଭିଯୋଗ କରିବାକୁ କହିଥିଲେ। କର୍ମୀ ଲିଖିତ ଅଭିଯୋଗ କଲା ପରେ ମଧ ପଦକ୍ଷେପ ଶୂନ ବୋଲି ସୂଚନା ଦେଇଛନ୍ତି। ଏଥିପ୍ରତି ବିଭାଗୀୟ ଦୃଷ୍ଟି ଦେଇ ଏହାର ପ୍ରତିକାର ନିମନ୍ତେ ମେଜିଆ କରି ମରାମତି କରିବାକୁ ସର୍ବସାଧାରଣରେ ଦାବି ହେଉଛି।

## ଓଡ଼ିଆରେ ନାମଫଳକ ଅଭିଯାନ ଓ ସଚେତନତା ପଦଯାତ୍ରା



ଛତ୍ରପୁର (ଭାସ୍କର ନ୍ୟୁଜ୍) : ଓଡ଼ିଆ ପକ୍ଷ ୨୦୨୫ ପାଳନ ଚାଲିଛି ଏବଂ ଏହା ଚଳିତ ମାସ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏପ୍ରିଲ ୪ ତାରିଖ ଓଡ଼ିଆରେ ନାମଫଳକ ଅଭିଯାନ ଓ ସଚେତନତା ପଦଯାତ୍ରା ଦିବସ ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ, ୧୯୫୬ ଅନୁଯାୟୀ ଛତ୍ରପୁର ଏନ୍‌ଏସି ଅଧୀନରେ ଥିବା ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ସମ୍ମୁଖରେ ଓଡିଆ ଭାଷାରେ ନାମଫଳକ ପ୍ରଦର୍ଶନ ସୁନିଶ୍ଚିତ କରିବା ପାଇଁ ଏକ "ଓଡିଆ ନାମଫଳକ ଅଭିଯାନ ସଚେତନତା ପଦଯାତ୍ରା କରାଯାଇଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାରେ ଏହି ଦିବସ ପାଳନ କରାଯାଇଛି। ଜିଲ୍ଲା ସଦର ମହାକୁମା ଛତ୍ରପୁର ସହରରେ ଓଡ଼ିଆରେ ନାମଫଳକ ଅଭିଯାନ ଓ ସଚେତନତା ପଦଯାତ୍ରାକୁ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଶୁଭାରମ୍ଭ କରିଥିଲେ। ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଓ ଦୋକାନ ମାନଙ୍କରେ କିଭଳି ଓଡ଼ିଆରେ ନାମଫଳକ ଲେଖାଯିବ ସେନେଇ ସୁନିଶ୍ଚିତ କରିବା ଏହାର ଲକ୍ଷ୍ୟ ବୋଲି ଜିଲ୍ଲାପାଳ କହିଛନ୍ତି । ଏଥିସହ କୌଣସି ବ୍ୟବସାୟ ପ୍ରତିଷ୍ଠାନ ଓ ଦୋକାନ ମାନଙ୍କରେ ଶିଶୁଶ୍ରମିକ ଅଛନ୍ତି କି ନାହିଁ ତା'ର ଯାଞ୍ଚ ଓ ଶ୍ରମ ଆଇନ ପାଳନ ହେଉଛି କି ନାହିଁ ତା'ର ତଦାରଖ ଶ୍ରମ ବିଭାଗ ପକ୍ଷରୁ କରାଯାଉଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହି ସଚେତନତା ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ ହୋଇ ଛତ୍ରପୁରର ବିଭିନ୍ନ ଦୋକାନ ବଜାର ପରିକ୍ରମା କରି ଅପର ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ବହୁ ନିର୍ମାଣ ଶ୍ରମିକ/ସ୍ୱେଚ୍ଛାସେବୀ ଯୋଗଦାନ କରିଥିଲେ ।

## ଆମ ସଂସ୍କୃତି ଆମ ଖେଳନା ଓ ବାର୍ଷିକ ଉତ୍ସବ

ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ପଞ୍ଚାୟତର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାଲିତୁଠରେ ବାର୍ଷିକ ଉତ୍ସବ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଓମ୍ ପ୍ରକାଶ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ମୁଖ୍ୟବକ୍ତା ଭାବରେ ନିରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ଓଡ଼ିଆ ସଂସ୍କୃତି ଓ ଓଡ଼ିଆ ଭାଷା ପରମ୍ପରା ଆମ୍ଭେମାନେ ମାନି ଚଳିବା, ଭଲ ପାଠପଢ଼ିବା, ଭଲ ମଣିଷ ହୋଇ ନିଜ ପିତା ମାତାଙ୍କ ସହିତ ବିଦ୍ୟାଳୟର ନାଁ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏନ୍‌ଏମ୍‌ସି ପାଇଥିବା ବିଦ୍ୟାଳୟର ୮ଜଣ ଛାତ୍ରଛାତ୍ରୀଙ୍କ ସହିତ ଗୀତନୃତ୍ୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର ଚନ୍ଦ୍ର ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହକାରୀ ଶିକ୍ଷକ ପ୍ରଦୀପ୍ତ କୁମାର ପରିଡା ଅତିଥି ପରିଚୟ ପ୍ରଦାନ କରିବା ସହିତ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ/ଶିକ୍ଷୟିତ୍ରୀ ସତ୍ୟପ୍ରିୟ ନାୟକ, ସାଇମନ୍ ସାହାଣୀ, ସରସ୍ୱତୀ ସାହାଣୀ ପ୍ରମୁଖଙ୍କ ସମେତ ବିଦ୍ୟାଳୟର ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ସଦସ୍ୟା ପରିଚାଳନା କରିଥିଲେ।

## ଶ୍ରୀ ମହାବୀରଙ୍କ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ କନ୍ଦରପୁର ସ୍ଥିତ ଶ୍ରୀ ଶ୍ରୀ ମହାବୀରଙ୍କ ପ୍ରାଙ୍ଗଣରେ ଅଷ୍ଟମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଯାଇଛି। ଗତକାଲି ସନ୍ଧ୍ୟାରେ ଏହି ଯଜ୍ଞର ଅଙ୍କୁରାରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ଆଜି ପ୍ରତ୍ୟୁଷରେ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ପଥରପଡ଼ା ଗ୍ରାମର ବାନାମ୍ବର ମହାପୁରୁଷଙ୍କ ପୋଖରୀରୁ ପୂଜାର୍ଚ୍ଚନା ପୂର୍ବକ ପବିତ୍ର ଜଳ ଯଜ୍ଞସ୍ଥଳକୁ ଅଣାଯାଇଥିଲା। ଏଥିନିମନ୍ତେ ସ୍ଥାନୀୟ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ନୂତନ ବସ୍ତ୍ର ପରିଧାନ ପୂର୍ବକ ବାନାମ୍ବରଙ୍କ ପୀଠରୁ ସଂକୀର୍ତ୍ତନ ଶୋଭାଯାତ୍ରରେ ପବିତ୍ର କଳସ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରାଯିବା ପରେ ଯଜ୍ଞାଗ୍ନି ସ୍ଥାପନ କରାଯାଇଥିଲା। ଆସନ୍ତା କାଲି ହନୁମାନ ଚାଳିଶା ପାଠ ଓ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହେବ। ଶନିବାର ଦିନ ଯଜ୍ଞର ପୂର୍ଣ୍ଣାହୂତୀ ଓ ଚରୁଅନ୍ନ ବଣ୍ଟନ କରାଯିବ ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ ଜଣାଇଛନ୍ତି।




### ଶ୍ରେଷ୍ଠ ଏସ୍‌ଆଇ ଭାବରେ ସମ୍ବର୍ଦ୍ଧିତ ହେଲେ ତୁଷାରକାନ୍ତ



ବୋଲଗଡ (ଭାସ୍କର ନ୍ୟୁଜ୍) : ଏପ୍ରିଲ ୧ ତାରିଖ ଓଡିଶାବାସୀ ଉତ୍କଳ ଦିବସ ପାଳନ କରୁଥିବା ବେଳେ ଓଡିଶାକୁ ସୁରକ୍ଷା ଓ ଶାନ୍ତି ଶୃଙ୍ଖଳା ଦେଉଥିବା ଆଇନର ରକ୍ଷକ ପୋଲିସମାନେ ପ୍ରତିଷ୍ଠା ଦିବସରୂପେ ପାଳନ କରିଥାନ୍ତି। ରାଜ୍ୟରେ ପୁଲିସ ମାନେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସଠିକ ଭାବରେ ପାଳନ କରି ଜନସାଧାରଣମାନଙ୍କୁ ସାହାଯ୍ୟ ନ୍ୟାୟ ପ୍ରଦାନ କରି ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ପୁଲିସ ମାନଙ୍କୁ ରାଜ୍ୟ ସରକାର ପୁଲିସ ବିଭାଗ ତରଫରୁ ସମ୍ମାନିତ କରାଯାଇଛି। ଖୋର୍ଦ୍ଧା ଜିଲ୍ଲା ବୋଲଗଡ ଥାନା ବାଂକୋଇ ଫାଣ୍ଡିର ଏଏସ୍‌ଆଇ ତୁଷାରକାନ୍ତ ନାୟକ ପୋଲିସ ପ୍ରତିଷ୍ଠା ଦିବସରେ ଖୋର୍ଦ୍ଧା ଜିଲ୍ଲା ସ୍ତରରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଜିଲ୍ଲା ଅଧିକ୍ଷିକା ସୁଶ୍ରୀ ସାଗରୀକା ନାଥ ରିଜର୍ଭ ପୁଲିସ ପଡିଆଠାରେ ଆୟୋଜିତ ପ୍ରତିଷ୍ଠା ଉତ୍ସବ ଜିଲ୍ଲାର ଅନେକ ପୋଲିସ ମାନଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ବୋଲଗଡ ଥାନାର ବାଂକୋଇ ଫାଣ୍ଡିର ଏସଆଇ ତୁଷାରକାନ୍ତ ନାୟକଙ୍କୁ ଖୋର୍ଦ୍ଧା ଜିଲ୍ଲାର ଶ୍ରେଷ୍ଠ ଏସଆଇ ଭାବରେ ସମ୍ବର୍ଦ୍ଧିତ କରିଛନ୍ତି। ଜଣେ କର୍ତ୍ତବ୍ୟ ନିଷ୍ଠ କର୍ମଚାରୀ ଭାବରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ଚଣ୍ଡିଖୋଲ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ

### ଅଢ଼େଇ ବର୍ଷ ହେଲା ଫାଙ୍କା ପଡିଛି ଥାନାଧିକାରୀ ପଦ

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ଯାଜପୁର ଜିଲ୍ଲାର ଏକମାତ୍ର ଚଣ୍ଡିଖୋଲ ଟ୍ରାଫିକ ଥାନାରେ ଦୀର୍ଘ ଅଢ଼େଇ ବର୍ଷ ହେବ ଥାନାଧିକାରୀ ପଦବୀ ଫାଙ୍କା ପଡିଛି। ଫଳରେ ଏହି ଥାନା ଏବେ କା'ରେ ଚାଲିଥିବା ଦେଖିବାକୁ ମିଳୁଛି । ସୂଚନା ମୁତାବକ ଚଣ୍ଡିଖୋଲ ଛକଟି ୧୬ ନମ୍ବର, ୫୩ ନମ୍ବର ଓ ୫୩-ଏ ଆଦି ତିନିଟି ଜାତୀୟ ରାଜପଥର ସଂଯୋଗ ସ୍ଥଳ ଅଟେ । ଏହି ଛକ ଦେଇ ରାତି ଆଉ ଦିନରେ ହଜାର ହଜାର ସଂଖ୍ୟକ ବିଭିନ୍ନ ଯାନବାହନ ରାଜ୍ୟ ତଥା ରାଜ୍ୟ ବାହାର ଅଞ୍ଚଳକୁ ଯାତାୟାତ କରିବା ସହିତ ସକାଳୁ ରାତି ପର୍ଯ୍ୟନ୍ତ ହଜାର ହଜାର ବସ୍ ଯାତ୍ରୀ ଓ ଜନ ସାଧାରଣଙ୍କର ଗହଳି ଲାଗି ରହିଥାଏ । ଫଳରେ ଏଠାରେ ଟ୍ରାଫିକ ସମସ୍ୟା ଗୁରୁତର ହେବା ସହିତ ଏଠାରେ ସଡକ ଦୁର୍ଘଟଣା ଘଟି ବହୁ ଧନ ଜୀବନର ହାନି ଘଟିଥାଏ। ତେବେ ଏହି ସମସ୍ୟାର ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ଗତ ୨୦୧୭ ମସିହାରେ ଚଣ୍ଡିଖୋଲ ଠାରେ ଜିଲ୍ଲାର ଏକମାତ୍ର ଟ୍ରାଫିକ ଥାନା ପ୍ରତିଷ୍ଠା କରିବା ସହିତ ସେତେବେଳେ ଏହି ଥାନାରେ ନୂତନ ଥାନାଧିକାରୀ ଓ ଅନ୍ୟ ଅଧିକାରୀଙ୍କ ସହିତ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିଲେ। ହେଲେ ଗତ ଅଢ଼େଇ ବର୍ଷ ହେବ ଏଠାରେ ଥାନାଧିକାରୀ ପଦବୀ ଖାଲି ପଡିଥିବା ଦେଖିବାକୁ ମିଳୁଛି। ହୃଦାନନ୍ଦ ବେହେରା ଶେଷ ଟ୍ରାଫିକ ଥାନାଧିକାରୀ ପଦବୀରେ ରହି ଅନ୍ୟତ୍ର ବଦଳି ହୋଇ ଗଲା ପରଠାରୁ ଆଉ ଏଠାରେ କାହାକୁ ଥାନାଧିକାରୀ ପଦବୀରେ ନିଯୁକ୍ତି ଦିଆଯାଇନାହିଁ । କେତେବେଳେ ବଡ଼ଚଣା ଥାନାଧିକାରୀ ତ କେତେବେଳେ ବାଲିଚନ୍ଦ୍ରପୁର ଥାନାଧିକାରୀ ଅବା ଆଉ କେତେବେଳେ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଏହି ଟ୍ରାଫିକ ଥାନାର ଅତିରିକ୍ତ ଦାୟିତ୍ୱ ତୁଲାଇ ଆସୁଛନ୍ତି । ତେବେ ଏଠାରେ କେହି ଅଧିକାରୀ ନିଯୁକ୍ତି ପାଉନଥିବାରୁ ଥାନା କାର୍ଯ୍ୟାଳୟଟି ଆଉ କାର୍ଯ୍ୟାଳୟ ଭଳି କାମ କରୁନାହିଁ । ଏହା ଏବେ କର୍ମଚାରୀ ମାନଙ୍କର ବିଶ୍ରାମ ସ୍ଥଳ ପାଲଟି ଯାଇଛି। ତେବେ କାହିଁକି ଓ କେଉଁଥି ପାଇଁ ଜିଲ୍ଲାର ଏକମାତ୍ର ଏହି ଟ୍ରାଫିକ ଥାନାରେ ଥାନାଧିକାରୀ ପଦବୀ ପୂରଣ କରାଯାଉ ନାହିଁ ତାହା ସମସ୍ତଙ୍କୁ ବିସ୍ମିତ କରିଛି। ଏଥିପାଇଁ ଚଣ୍ଡିଖୋଲ ଟ୍ରାଫିକ ଠାରୁ ଷ୍ଟେଟ ବ୍ୟାଙ୍କ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଠାରୁ ଚଣ୍ଡିଖୋଲ ଟ୍ରାଫିକ ପୋଷ୍ଟ ପର୍ଯ୍ୟନ୍ତ ଉଭୟ ସର୍ଭିସ ରୋଡରେ ବେଆଇନ ଭାବେ ମଟର ସାଇକେଲ ଓ କାର ପାର୍କିଂ ହେଉଥିବାରୁ ଉଭୟ ପଟ ରାସ୍ତା ବହୁ ଜାମ୍ ରହୁଥିବାରୁ ଜନସାଧାରଣଙ୍କୁ ଯାତାୟତରେ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଚଣ୍ଡିଖୋଲରେ ଦୁଇଟି ବସ୍‌ଷ୍ଟାଣ୍ଡ ହୋଇଥିବାବେଳେ ବସଷ୍ଟାଣ୍ଡରେ ବସ୍ ନରହି ଜାତୀୟ ରାଜପଥରେ ବସ୍ ରହୁଥିବାରୁ ବହୁବାର ଦୁର୍ଘଟଣା ଘଟୁଅଛି ।ତୁରନ୍ତ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକାରୀ ଏଥିପ୍ରତି ଆବଶ୍ୟକ ପଦକ୍ଷେପ ନେବାକୁ ଚଣ୍ଡିଖୋଲ ଅଞ୍ଚଳବାସୀ ଦାବି କରିଛନ୍ତି।




## ପୋଲିସ ସଚେତନତା କାର୍ଯ୍ୟକ୍ରମ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ସମୁଦ୍ରକୂଳ ଦେଇ ଅନୁପ୍ରବେଶ ଭୟ ସର୍ବଦା ରହିଛି। ଏହାଛଡା ନିଷିଦ୍ଧ କରାଯାଇଥିବା ସମୟରେ ବେଆଇନ ମାଛ ଧରିବାକୁ ଜଳସୀମା ଡେଇଁ ଟ୍ରଲର ପହଞ୍ଚିବାକୁ ରୋକିବା ସହ ସନ୍ଦିଗ୍ଧଙ୍କୁ ପ୍ରତିହତ ପାଇଁ ବଡ଼ ଚ୍ୟାଲେଞ୍ଜ। ଏ ସବୁକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ ସାମୁଦ୍ରିକ ଥାନା ୫ମେ ୨୦୧୪ ମସିହାରେ ସ୍ଥାପିତ ହୋଇଛି। ଗଭୀର ସମୁଦ୍ରକୁ ଯାଇଥିବା ବେଳେ ଯଦି କୌଣସି ସନ୍ଦିଗ୍ଧ ବ୍ୟକ୍ତି, ଅନୁପ୍ରବେଶକାରୀ ଅବା ସନ୍ଦେହଜନକ ସାମଗ୍ରୀ ନଜର ପଡେ, ତେବେ ତୁରନ୍ତ ଏ ନେଇ ପୋଲିସକୁ ସୂଚନା ଦେବା ସହ ସାମୁଦ୍ରିକ ଥାନା ପୋଲିସ ଓ ଜନସାଧାରଣ ସୁସମ୍ପର୍କ ରଖିବା ପାଇଁ ମୁଖ୍ୟ ଅତିଥି ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ଉପସ୍ଥିତ ରହି ନୂଆଗଡ ସାମୁଦ୍ରିକ ଥାନା ପରିସରରେ ପୁଲିସ ସଚେତନତା କାର୍ଯ୍ୟକ୍ରମ ମତଦେଇଥିଲେ। ଖବର ମୁତାବକ ଶୁକ୍ରବାର ପୂର୍ବାହ୍ନରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ ସାମୁଦ୍ରିକ ଥାନା ତରଫରୁ ଥାନା ପରିସରରେ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ମୁଖ୍ୟବକ୍ତା ନୂଆଗଡ ସରପଞ୍ଚ ଜିତେନ୍ଦ୍ର ସ୍ୱାଇଁ, ସମ୍ମାନୀତ ଅତିଥି ନୂଆଗଡ଼ ସମିତି ସଭ୍ୟା ରାମଚନ୍ଦ୍ର ନାୟକ, ଟେକ୍ନିକାଲ ଷ୍ଟାଫ ମାଷ୍ଟର ପ୍ରକାଶ ଦାଶ, ବିପ୍ରଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପୁଲିସ ଓ ସାଧାରଣ ଜନତା ହେଉଛନ୍ତି ପରସ୍ପର ବନ୍ଧୁତ୍ୱ। ସ୍ଥାନୀୟ ଅଞ୍ଚଳରେ ପରସ୍ପର ମଧ୍ୟରେ ଉତ୍ତମ ସମ୍ପର୍କ ରଖିବା ସହ ଶାନ୍ତିଶୃଙ୍ଖଳା ସହ ଚଳିବା ପାଇଁ ମୁଖ୍ୟବକ୍ତା ଜିତେନ୍ଦ୍ର ସ୍ୱାଇଁ ନିଜ ବକ୍ତବ୍ୟରେ କହିଥିଲେ। ମଞ୍ଚ ପରିଚାଳକ ଶ୍ରୀ ସ୍ୱାଇଁ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ। ସରକାରଙ୍କ ନିର୍ଦ୍ଦେଶ କ୍ରମେ ନୂଆଗଡ ସାମୁଦ୍ରିକ ଥାନା ପରିସରରେ ବୃକ୍ଷରୋପଣ, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଓ ସାଂସ୍କୃତିକ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିସହିତ ମତ୍ସ୍ୟଜୀବୀ ପରିବାରର ସହ ପଡୋଶୀ ଗ୍ରାମର ମହିଳା, ପୁରୁଷ ଓ ବିଦ୍ୟାଳୟ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହା ସହିତ ପୋଲିସକୁ ସହାୟତା କରୁଥିବା କେତେକ ବ୍ୟକ୍ତିଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଏହି ପୁଲିସ ସଚେତନ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳ ବୁଦ୍ଧିଜୀବୀ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଥାନା ଏଏସଆଇ ଯୁଧିଷ୍ଠିର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ରାଶିଫଳ

ଶନିବାର, ୦୫ ଏପ୍ରିଲ୍ ୨୦୨୫



**ମେଷ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଆପଣ ଆୟର ବୃଦ୍ଧି ହେବ। ଯେଉଁଥିପାଇଁ ଆପଣଙ୍କ ଚେହେରାରେ ଖୁସିର ଅନୁଭବ ଆସିବ। ଆପଣ ଆଜି ଅଫିସ୍‌ରେ ବସ୍‌ଙ୍କ ସହିତ କଥା ହେବେ। କେହି ଶ୍ୱଶୁର ଘର ଲୋକ ଭେଟିବାକୁ ଆସିପାରନ୍ତି। ଜୀବନସାଥୀ ବହୁତ ଖୁସି ହେବେ।




**ବୃଷ:** ଆଜି ଆପଣଙ୍କ ଦିନ ଉତ୍କଣ୍ଠାର ପରିପୂର୍ଣ୍ଣ ହେବ। ଖର୍ଚ୍ଚର ହଠାତ୍ ବୃଦ୍ଧି ଯୋଗୁଁ ଚିନ୍ତା ବଢ଼ିବ। ଘରର ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଏହା ଖରାପ ହୋଇପାରେ। ଅତୀତରେ କିଛି କାମ ପାଇଁ କରାଯାଇଥିବା କାର୍ଯ୍ୟ ଆଜି ଫଳ ଦେବାକୁ ଯାଉଛି। ଦାମ୍ପତ୍ୟ ଜୀବନରେ ସୁଖ ରହିବ।



**ମିଥୁନ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଆଜି ଲୋକଙ୍କ ପ୍ରତି ଭଲ କାମ କରିବାର ଅନୁଭବ ଜାଗ୍ରତ ହେବ। ଆଜି ଆପଣ ଆପଣଙ୍କ କାର୍ଯ୍ୟାଳୟର କାର୍ଯ୍ୟରେ ଧ୍ୟାନ ଦିଅନ୍ତୁ। ଆପଣ କିଛି ଅସମାପ୍ତ କାର୍ଯ୍ୟ ମଧ ସଂପୂର୍ଣ୍ଣ କରିବେ।



**କର୍କଟ:** ଆଜି ଆପଣଙ୍କର ଧ୍ୟାନ ପରିବାରର ଆବଶ୍ୟକତା ପୂରଣ ଉପରେ ରହିବ। ଅଫିସରେ ଜୁନିଅର ଯେ କୌଣସି କାର୍ଯ୍ୟରେ ଆପଣଙ୍କ ଠାରୁ ସାହାଯ୍ୟ ନେଇପାରନ୍ତି। ଆପଣ ସେମାନଙ୍କୁ ସାହାଯ୍ୟ କରନ୍ତୁ। ଆଜି ଖର୍ଚ୍ଚ ବୃଦ୍ଧି ହେତୁ ପକେଟରେ ଭାର ବଢ଼ିପାରେ। ବିବାହିତ ସାଥୀଙ୍କ ପତି କୌଣସି ଇଚ୍ଛା ପୂରଣ କରିବାକୁ ଯାଉଛନ୍ତି।



**ସିଂହ:** ଆଜି ଆପଣଙ୍କ ଦିନଟି ବହୁତ ବ୍ୟସ୍ତରେ କଟିବ। ଏହି ବ୍ୟସ୍ତତା ମଧ୍ୟରେ ଆପଣଙ୍କର ଖାଦ୍ୟର ଯତ୍ନ ନିଅ, ନଚେତ୍ ଆପଣଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ। କୋର୍ଟ ସହ ଜଡିତ ମାମଲାଗୁଡ଼ିକରେ ସଫଳତା ପାଇବାର ସମ୍ଭାବନା ଅଛି।




**କନ୍ୟା:** ଆଜି ଆପଣଙ୍କ ଦିନ ଟିକିଏ ଦୁର୍ବଳ ହେବ। ଆପଣଙ୍କ ବନ୍ଧୁ କିଛି କଥା ଆପଣଙ୍କୁ କହିପାରନ୍ତି, ଯାହା ଆପଣଙ୍କୁ ଖରାପ ଲାଗିପାରେ। ଆପଣ ଆପଣଙ୍କ କଥାକୁ ସଠିକ୍ ଉପାୟରେ ରଖିବା ଉଚିତ୍ । କାର୍ଯ୍ୟଭାର ଅଧିକ ହେବ, ଚାପ ନିଅନ୍ତୁ ନାହିଁ। ବିବାହିତ ଲୋକମାନଙ୍କ ପାଇଁ ଦିନଟି ଶୁଭ ଅଟେ, ଆପଣ ଏକାଠି ସମୟ ବିତାଇବେ।



**ତୁଳା:** ଆଜି ଆପଣଙ୍କର ଦିନ ମିଶ୍ରିତ ହେବ। କାର୍ଯ୍ୟରେ ଭଲ ଫଳାଫଳ ସହିତ ଆପଣ ସନ୍ତୁଷ୍ଟ ଅନୁଭବ କରିବେ। ଆଜି ଆପଣ କିଛି ପବିତ୍ର ସ୍ଥାନ ଦେଖିବାର ସୁଯୋଗ ପାଇବାକୁ ଯାଉଛନ୍ତି। ଶରୀର ସୁସ୍ଥ ରହିବ। ବିଦ୍ୟାର୍ଥୀମାନେ ବିଦ୍ୟାରେ ମନୋନିବେଶ କରିବେ।




**ବିଛା:** ଆଜି ଆପଣ ଅନେକ କାର୍ଯ୍ୟରେ ସମ୍ମୁଖୀନ ହେବ। ଯେଉଁ କାରଣରୁ ଆପଣ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଆପଣ ଚିନ୍ତା କରୁଥିବା କାମ ପ୍ରତି ଧ୍ୟାନ ଦେବା ଭଲ ହେବ। ଆଜି ଘରର ଜଣେ ସଦସ୍ୟ ଆପଣଙ୍କଠାରୁ କିଛି ଆଶା କରିବେ। ଆଜି ଜୀବନ ସାଥୀର ବୁଦ୍ଧି ଆପଣଙ୍କୁ ବହୁତ ଲାଭ ଦେବ।




**ଧନୁ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ। ବ୍ୟବସାୟୀମାନେ ଆଜି ବଡ଼ ଲାଭ କରିବାକୁ ଯାଉଛନ୍ତି। ଆପଣ ଏଥିରେ ଖୁସି ହେବେ। କାର୍ଯ୍ୟରତ ଲୋକମାନେ ସେମାନଙ୍କର କାର୍ଯ୍ୟକୁ ମନେ ରଖିବା ପରି କାମ କରିବେ। ପାରିବାରିକ ପରିବେଶ ସୁଖ ଏବଂ ଶାନ୍ତିରେ ପରିପୂର୍ଣ୍ଣ ହେବ। ଉଲ୍ଲେଖଥାଉ କି, ବିବାହିତ ଦମ୍ପତି ଆଜି ସତର୍କ ରୁହନ୍ତି, ବିବାଦ ହେବାର ସମ୍ଭାବନା ଅଛି।



**ମକର:** ଆଜି ଆପଣଙ୍କ ଦିନଟି ଭଲ ରହିବ। କୌଣସି ଭୁଲ ନିଷ୍ପତ୍ତି ନେବା ଠାରୁ ଦୂରେଇ ରୁହନ୍ତୁ। ନଚେତ୍ ଆପଣ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବେକାରୀମାନେ ଆଜି ସାଧାରଣ ଅପେକ୍ଷା ଅଧିକ ବ୍ୟସ୍ତ ଦେଖାଯିବେ। ଆଜି ପ୍ରେମ ଜୀବନରେ, ପ୍ରିୟ ହୃଦୟରୁ ପ୍ରେମ ପାଇବ।



**କୁମ୍ଭ:** ଆଜି ଆପଣଙ୍କର ସାଧାରଣ ଦିନ ହେବ। କିଛି ବିଷୟରେ ଚିନ୍ତା କରିବାରୁ ଅନାବଶ୍ୟକ ଭାବରେ ଆପଣଙ୍କୁ ବ୍ୟଥିତ କରିବ। ବର୍ଜ୍ୟବସ୍ତୁରୁ ଦୂରେଇ ରୁହନ୍ତୁ। ଆର୍ଥିକ ପ୍ରସଙ୍ଗରେ ଆପଣ ଜଣେ ବନ୍ଧୁଙ୍କଠାରୁ ପରାମର୍ଶ ପାଇପାରିବେ। ଶରୀର ଅସୁସ୍ଥତା କାରଣରୁ ଦୁର୍ବଳ ଲାଗିବ। ଦାମ୍ପତ୍ୟ ଜୀବନରେ ପ୍ରେମ ବଢ଼ିବ।



**ମୀନ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଅଫିସ୍ କାର୍ଯ୍ୟକୁ ସହଜରେ ମୁକାବିଲା କରିପାରିବେ। କିନ୍ତୁ ସହକର୍ମୀଙ୍କ ସହ କିଛି ବିଷୟରେ ବିତର୍କ ହୋଇପାରେ। ସେଥିପାଇଁ ଆପଣ ସାବଧାନ ହେବା ଉଚିତ୍। ଜୀବନସାଥୀ ଏକ କାମ କରିବାକୁ ଇଚ୍ଛା କରିପାରନ୍ତି। ପ୍ରେମରେ ଆଜି ଆପଣ ଆପଣଙ୍କ ପ୍ରିୟଙ୍କ ସହିତ ଭଲ ସମୟ ଅତିବାହିତ କରିବେ।



ଜ୍ୟୋତିଷ ଚର୍ଚ୍ଚା

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର ODISHA BHASKAR
ରାଜ୍ୟ ଖବର



ଉମରକୋଟ(ଭାସ୍କର ନ୍ୟୁଜ):ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଖାଣ୍ଡା ପଞ୍ଚାୟତ ଅନ୍ତର୍ଗତ ସେମିଳିଗୋଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସପନ ସରକାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ରମେଶ ଭତ୍ରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ତଥା ଦେଓପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସପନ ରାୟ, ସମ୍ମାନିତ ଅତିଥି ଭାବେ ଏବିଇଓ ଦେବେନ୍ଦ୍ର ବାଘ ,ମିରିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଜେନା, ଲିମାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଫନିନ୍ଦ୍ର ଗାଇନ, ଏକ୍ସବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତ୍ରିପତି ପଟ୍ଟନାୟକ, ସ୍କୁଲ ପରିଚାଳନା କମିଟି ସଭାପତି ଅଭି ସାହା ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ସହକାରୀ ଶିକ୍ଷକ ବିକାଶ ବେପଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।



# ଓକିଲ ସଂଘର ଶପଥ ଗ୍ରହଣ



ନବରଙ୍ଗପୁର(ଭାସ୍କର ନ୍ୟୁଜ): ନବରଙ୍ଗପୁର ଓକିଲ ସଂଘର ଶପଥ ଗ୍ରହଣ କାର୍ଯ୍ୟକ୍ରମ ନବରଙ୍ଗପୁର ଜିଲ୍ଲା କୋର୍ଟ ପରିସରରେ ଥିବା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ସଂଘର ନିର୍ବାଚନ ଅଧିକାରୀ ସି. ଏଚ. ବାବା ଯୁଗନ୍ଧର, ସହକାରୀ ନିର୍ବାଚନ ଅଧିକାରୀ କିଶୋର ପଟ୍ଟନାୟକ, ଡାକ ଇମ୍ରାନ ସରିଫ ପରିଚାଳନା କରିଥିଲେ । ଏଥିରେ ସଭାପତି ଭାବରେ ସିରାଜ ଉଦ୍ଦିନ ଅହମଦ, ଉପସଭାପତ ଭାବରେ ସଦାଶିବ ସାହୁ, ସମ୍ପାଦକ ଭାବରେ ତପନ ସିଂ, କୋଷାଧକ୍ଷ ଭାବରେ ସେକ୍ ବାବା ଅଲିଶା ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବରେ ଗଜେନ୍ଦ୍ର କୁମାର ଦାଶ ପ୍ରମୁଖ ପଦ ଓ ଗୋପନୀୟତା ର ଶପଥ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ସଦସ୍ୟ ଉମାଶଙ୍କର ତ୍ରିପାଠୀ, ହରିନାରାୟଣ ବେହେରା, ଅମିତାଭ ତ୍ରିପାଠୀ, ଅନିଲ ଦାନବନ୍ଧୁ, ସୁବୋଧ ଚନ୍ଦ୍ର ବେନିଆ, ମାନସ ତ୍ରିପାଠୀ, ଉପେନ୍ଦ୍ର ବିଶୋୟୀ,ସରୋଜ କୁମାର ବେହେରା, ଶ୍ରୀକାନ୍ତ କୁମାର ପଣ୍ଡା, ସିମାଞ୍ଚଳ ପାଢ଼ୀ, ଶର୍ମିଷ୍ଠା ରଥ, ମିନାକ୍ଷୀ ପାଢ଼ୀ, ସ୍ୱାଗତିକା ସାମନ୍ତରାୟଙ୍କ ସହ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଆମେ ଆଉ ମରିବାକୁ ଚାହୁଁନାହୁଁ , ସରକାରଙ୍କ ସହ କଥାବାର୍ତ୍ତା କରିବାକୁ ଚାହୁଁ : ମାଓବାଦୀ

ମାଲକାନଗିରି (ଭାସ୍କର ନ୍ୟୁଜ) : ଆସନ୍ତା ୫ ତାରିଖ ଦିନ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଛତିଶଗଡ ଦନ୍ତେୱାଡା ଜିଲ୍ଲା ଆସିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଭୟଭୀତ ହୋଇପଡିଛି ଲାଲ୍ ବାହିନୀ । କାରଣ ଛତିଶଗଡକୁ ମାଓମୁକ୍ତ କରିବା ଲାଗି ୩୧ ମାର୍ଚ୍ଚ ୨୦୨୬ ତାରିଖ ଧାର୍ଯ୍ୟ ହୋଇଥିବାବେଳେ ସୁକୁମା ବିଜାପୁର ଓ ଦନ୍ତେୱାଡା ଜିଲ୍ଲାରେ ଆରମ୍ଭ ହୋଇଛି ଜୋରଦାର ମାଓ ବିରୋଧୀ ଅପରେସନ । ଆଉ ଏହାରି ଭିତରେ ଆସନ୍ତା ୫ ତାରିଖ ଦିନ ମାଓ ମୁକାବିଲା ନେଇ ସମୀକ୍ଷା କରିବେ କେନ୍ଦ୍ର ଗୃହମନ୍ତ୍ରୀ । ମାଓ ବିରୋଧୀ ଅପରେସନ ଶେଷ ପର୍ଯ୍ୟାୟରେ ଚାଲିଥିବାବେଳେ ଭୟଭୀତ ମାଓ ସଂଗଠନ ଏବେ କେନ୍ଦ୍ରିୟ କମିଟି ଉପରେ ଦୋଷ ଲଦି ଦେଇ ଏକ ପ୍ରେସ ରିଲିଜ ଜାରି କରିଛି । ଯେଉଁଥିରେ ଉଲ୍ଲେଖ ରହିଛି ଯେ ଆମେ ଆଉ ମରିବାକୁ ଚାହୁଁନାହୁଁ । ସରକାରଙ୍କ ସହ କଥାବାର୍ତ୍ତା କରିବାକୁ ଚାହୁଁ । ତେବେ ପୂର୍ବରୁ ବାରମ୍ବାର ମାଓବାଦୀଙ୍କୁ ଏହି ବାର୍ତ୍ତା ଦିଆ ଯାଇଥିବା ବେଳେ ସେମାନେ ଏହାକୁ ଗ୍ରହଣ କରିନଥିଲେ।

# ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ଦିନିକିଆ ନୂଆପଡ଼ା ଗସ୍ତ



ନୂଆପଡ଼ା (ଭାସ୍କର ନ୍ୟୁଜ) : ନୂଆପଡ଼ା ଜିଲ୍ଲା କୋମନାକୁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏଙ୍କ ଦିନିକିଆ ଗସ୍ତରେ ଯାଇ କାର୍ଯ୍ୟକ୍ରମରେ ଯୋଗଦାନ କରିଛନ୍ତି। ଏହା ସହିତ ସେ ତାଙ୍କ ପରିବାର ସହ ବୈଷ୍ଣୋଦେବୀ ମନ୍ଦିର ଦର୍ଶନ କରିଛନ୍ତି। କୋମନା ନିବାସୀ ସଦନ ତିୱାରୀ ଙ୍କ ବୈଷ୍ଣୋ ଦେବୀ ମନ୍ଦିର ଦର୍ଶନ କରିବା ସହ ମନ୍ଦିରରେ ପୂଜା ଅର୍ଚ୍ଚନା କରିଥିଲେ। ତାଙ୍କ ସହ ତାଙ୍କ ଧର୍ମପତ୍ନୀ କୌଶଲ୍ୟା ସାଏ, ଉତ୍ତର ବିଧାୟକ ପୁରନ୍ଦର ମିଶ୍ର ଯୋଗ ଦେଇଛନ୍ତି। ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ, ନୂଆପଡ଼ା ଏସ ପି ଜି ରାଘବେନ୍ଦ୍ର, ଯୋଗ ଦେଇଥିବା ବେଳେ କଳାହାଣ୍ଡି ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, ଖରିଆର ରୋଡ ନଗର ଅଧକ୍ଷା ସୋନିଆ ଜୈନ, ବିଜେପି ଜିଲ୍ଲା ସଭାପତି କମଲେଶ ଦୀକ୍ଷିତ, ଅଭିନନ୍ଦନ ପଣ୍ଡା ଯୋଗ ଦେଇଥିଲେ। ପୁଣି ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ରହିଅଛି। ସ୍ୱତନ୍ତ୍ର ହେଲିକପ୍ଟର ଦିନ ୧୧ ଘଣ୍ଟା ୩୫ ମିନିଟରେ କୋମନା କୃଷ୍ଣା ପବ୍ଲିକ ସ୍କୁଲ ହେଲିପେଡରେ ଅବତରଣ କରିବା ଥିଲା କିନ୍ତୁ ସେ ୧ ଘଣ୍ଟା ୨୫ ମିନିଟ ବିଳମ୍ବରେ ୧୨ ଘଣ୍ଟା ୫୫ ମିନିଟ ରେ ଅବତରଣ କରିଥିଲେ। ସେଠାରୁ ସଡ଼କ ମାର୍ଗରେ ବୈଷ୍ଣୋ ଦେବୀ ମନ୍ଦିର ପରିଦର୍ଶନ କରି ଦର୍ଶନ କରି ପୂଜା ଅର୍ଚ୍ଚନା କରିଛନ୍ତି।

# ପେଣ୍ଡ୍ରାଣୀ ମହାବିଦ୍ୟାଳୟରେ ଯୁକ୍ତ ୨ ପରୀକ୍ଷା ଖାତା ମୂଲ୍ୟାୟନ




ଉମରକୋଟ(ଭାସ୍କର ନ୍ୟୁଜ) : ନୂତନ ଭାବେ ନବରଙ୍ଗପୁର ଜିଲ୍ଲାର ଉମରକୋଟ ଠାରେ ଥିବା ପେଣ୍ଡ୍ରାଣୀ ମହାବିଦ୍ୟାଳୟ ଠାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ଏହି ଖାତା ଦେଖା କାର୍ଯ୍ୟକ୍ରମ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ୨ ଏପ୍ରିଲ ରୁ ୧୩ ଏପ୍ରିଲ ଓ ଦ୍ୱିତୀୟ ପର୍ଯ୍ୟାୟ ୧୫ ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆଜିଠାରୁ ଇତିହାସ, ରାଜନୀତି ବିଜ୍ଞାନ, ଧନ୍ଦାମୂଳକର ଇଂରାଜୀ ଓ ଓଡ଼ିଆ ଅପସନାଲ ବିଷୟ ର ଖାତା ଦେଖା ଆରମ୍ଭ ହେଇ ଯାଇଛି । ମୂଲ୍ୟାୟନ ପାଇଁ ଓଡ଼ିଆ ବିଭିନ୍ନ କଲେଜରୁ ପ୍ରାୟ ୫ ହଜାର ଖାତା ଏହି କେନ୍ଦ୍ରରେ ପହଞ୍ଚି ସାରିଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ କଲେଜରୁ ମୋଟ ୩୧ ଜଣ ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କୁ ନିଯୁକ୍ତି ପ୍ରଦାନ କରିଛି । ମୂଲ୍ୟାଙ୍କନ କାର୍ଯ୍ୟ କରିବା ପାଇଁ ଆଜି ପ୍ରାୟ ସବୁ ଅଧ୍ୟାପକ ଓ ଅଧ୍ୟାପିକା ମାନେ ମୂଲ୍ୟାଙ୍କନ କେନ୍ଦ୍ରରେ ଯୋଗଦାନ କରିଛନ୍ତି। ଏଥି ପାଇଁ ଅଧ୍ୟାପକ ଅଧ୍ୟାପିକା ମାନଙ୍କ ପାଇଁ କଲେଜ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। କଲେଜ୍ ର ଜୋନ ସୁପରଭାଇଜର ତଥା ମହା ବିଦ୍ୟାଳୟ ର ଅଧକ୍ଷ ଡକ୍ଟର ଅନିଲ କୁମାର ମିଶ୍ର, ଡେପୁଟି ଜୋନ ସୁପର ଭାଇଜର ଅଧ୍ୟାପକ ଜି. ଧର୍ମେନ୍ଦ୍ର, ଡେପୁଟି ଜୋନ କୋଡ଼ିଂ ସୁପରଭାଇଜର ଅଧ୍ୟାପକ ଡକ୍ଟର ପ୍ରଦୋଶ କୁମାର ପଟ୍ଟନାୟକ, ଜୋନାଲ ଅଫିସର ଅଧ୍ୟାପକ ଡକ୍ଟର ଚିନ୍ମୟ କୁମାର ରାଉତ ଓ କୋଡିଂ ଅଫିସର ଅଧ୍ୟାପକ ଆଦୁ କିର୍ସାନୀ ପ୍ରମୁଖଙ୍କ ମିଳିତ ଉଦ୍ୟମରେ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ସମ୍ପନ୍ନ ହେଇଛି।

# ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ



ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଶିଶୁ ବାଟିକାର ଶୁଭାରମ୍ଭ ସହ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ସହର ସ୍ଥିତ ସ୍ଥାନୀୟ ଏକ୍ସ-ବୋର୍ଡ଼ ପ୍ରାଥମିକ ବିଦ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ 'ପ୍ରବେଶ ଉତ୍ସବ ଏବଂ ଖଡ଼ି ଛୁଆଁ' କାର୍ଯ୍ୟକ୍ରମ- ୨୦୨୫ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୬ ବର୍ଷର ଶିଶୁମାନେ ପ୍ରଥମ ଶ୍ରେଣୀ ଏବଂ ୫ବର୍ଷର ଶିଶୁମାନେ ଶିଶୁବାଟିକାରେ ନାମ ଲେଖାଇଥିଲେ। ଏହି କାର୍ଯ୍ୟକ୍ରମକୁ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦଘାଟନ କରିଥିବା ବେଳେ ଓଡ଼ିଶା ସରକାର ଙ୍କ ବିଦ୍ୟାବନ୍ତ ବିଦ୍ୟାର୍ଥୀ, ବିକଶିତ ଓଡ଼ିଶା ଯୋଜନା ଅଧୀନରେ ଶିକ୍ଷାର ବିକାଶ ଏବଂ ନୂତନ ଶିକ୍ଷା ନୀତି କାର୍ଯ୍ୟକାରିତା ପାଇଁ ପ୍ରତିବଦ୍ଧତା ର ବାର୍ତ୍ତା ରଖିଥିଲେ। ବରେଣ୍ୟ ଅତିଥି ଭାବରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଜିଲ୍ଲାପାଳ ତଥା ଅଧକ୍ଷ ସମଗ୍ର ଶିକ୍ଷା ନବରଙ୍ଗପୁର ଡ. ଶୁଭଙ୍କର ମହାପାତ୍ର, ନବରଙ୍ଗପୁର ପୌରପାଳିକା ଅଧକ୍ଷ କୁନୁ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ,ନବରଙ୍ଗପୁର ରମେଶ ରାୟ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ପରିଚାଳନା କରିଥିବା ବେଳେ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରେଶମଲାଲ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୨ ଜଣ ଶିଶୁ ବାଟିକାରେ ଏବଂ ୫ ଜଣ ଶିଶୁ ପ୍ରଥମ ଶ୍ରେଣୀ ରେ ନାମ ଲେଖାଇ ଥିଲେ। ଗଣଶିକ୍ଷା ମନ୍ତ୍ରୀ କୋଳରେ ବସାଇ ନିଜ କରକମଳରେ ଶିଶୁମାନଙ୍କ ଖଡ଼ିଛୁଆଁ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହାସହିତ ଜିଲ୍ଲାପାଳ, ମାନ୍ୟବର ବିଧାୟକ, ପୌରପାଳିକା ଅଧକ୍ଷ ଶିଶୁମାନଙ୍କୁ କୋଳରେ ବସାଇ ମନ୍ତ୍ର ଉଚ୍ଚାରଣରେ ସିଲଟରେ ଖଡିଛୁଆଁ କରାଇଥିଲେ ।ମଞ୍ଚରେ ସମସ୍ତ ଶିଶୁଙ୍କୁ ଶିକ୍ଷଣ ସାମଗ୍ରୀ ଯଥା ସ୍କୁଲ ବ୍ୟାଗ୍ ସହିତ ସିଲଟ, ବହି, ଡ୍ରଇଂ ବୁକ୍ କଲର୍ ବକ୍ସ, କମ୍ପାସ, ଚକ ପକେଟ୍ ସହିତ ବିତରଣ କରାଯାଇଥିଲା। ଶେଷରେ ଅତିଥିମାନେ ଆଞ୍ଚଳିକ ଦେଶିଆ ଭାଷାରେ ତିନୋଟି 'ପ୍ରବେଶ ଉତ୍ସବ' ସଙ୍ଗୀତ ଉନ୍ମୋଚନ କରିଥିଲେ, ଯାହାକି ସଚେତନତା ରଥ ଦ୍ୱାରା ଜିଲ୍ଲାର ସମସ୍ତ ବ୍ଲକ ଏବଂ ପୌରାଞ୍ଚଳ ରେ ଏହି କାର୍ଯ୍ୟକ୍ରମ ର ବହୁଳ ପ୍ରଚାର କରାଯିବ। ବିଦ୍ୟାଳୟରେ ସାକ୍ଷରତା, ସଂଖ୍ୟା ଜ୍ଞାନ ଏବଂ ସୃଜନଶୀଳତା କକ୍ଷ ନିର୍ମାଣ କରାଯାଇଛି। ଏହା ପରେ ମାନ୍ୟବର ମନ୍ତ୍ରୀ ୧୦ ଗୋଟି ବ୍ଲକ ନିମନ୍ତେ ଶିକ୍ଷା ସଚେତନ ରଥର ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁସୂଚିତ ଜାତି ଓ ଜନଜାତି ସଂଯୋଜକ ଶ୍ରୀ ଜଗଦାନନ୍ଦ ସୁନାରି ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ଅଭିଭାବକଗଣ ଉପସ୍ଥିତ ଥିଲେ। ଏଥିରେ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଭଙ୍ଗା ଘରେ ବିତୁଛି ଜୀବନ

## ଆବାସ ଘର ଯୋଗାଇଦେବାକୁ ଦାବି



ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ସରକାର ଗୃହହୀନ, କୁଡିଆ ଘରେ, କଚା ଘରେ ରହୁଥିବା ପରିବାରକୁ ପକ୍କା ଘର ଯୋଗାଇବାକୁ ପ୍ରଧାନମନ୍ତ୍ରୀ ଆବାସ, ଅନ୍ତ୍ୟୋଦୟ ଗୃହ ଯୋଜନା ଭଳି ଯୋଜନା କାର୍ଯ୍ୟକାରୀ କରାଉଛନ୍ତି। ହେଲେ ଖପ୍ରାଖୋଲ ବ୍ଲକ୍ ଭାନପୁର ପଞ୍ଚାୟତ ତୁର୍ଲା ଗାଁ ର ସୁକାନ୍ତି ନାଗ (୩୫) ପରିବାର ପାଇଁ ଆବାସ ଯୋଜନା ଅପହଞ୍ଚ। ସୁକାନ୍ତିର ପରିବାର କହିଲେ ପୁ ଚୁମନ୍(୮), ଝିଅ ବନ୍ଦିତା (୬)। ପ୍ରାୟ ଦୁଇବର୍ଷ ହେବ ସ୍ୱାମୀ ହିରାଧର ଆରପାରିରେ। ପରିବାରର ସବୁବୋଝ ସୁକାନ୍ତି ମୁଣ୍ଡରେ। ସରକାରି ସହାୟତା କହିଲେ ୧ ହଜାର ଟଙ୍କା ବିଧବା ଭତ୍ତା ଓ ୧୫ କେଜି ମାଗଣା ଚାଉଳ। ପିଲାଙ୍କୁ ଛାଡ଼ି ପର ମୂଳ ଲାଗିବା ସମ୍ଭବ ହେଉନଥିବା ବେଳେ ଝାଟି ମାଟି ଭଙ୍ଗା ଘରେ ପରିବାରର ବିତୁଛି ଜୀବନ। ଘର ଖଣ୍ଡେ ପାଇଁ ଅନେକଙ୍କୁ ଗୁହାରି କରିଥିଲେ ବି ମିଳିନଥିବା ରୁ କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ଘର ଯୋଗାଇବାକୁ ଦାବି କରିଛନ୍ତି।

# ଓଡ଼ିଆ ନାମଫଳକ ଲେଖିବା ନିମନ୍ତେ ସଚେତନ ଶୋଭାଯାତ୍ରା



ଗୁଣପୁର(ଭାସ୍କର ନ୍ୟୁଜ) :ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ନାମ ଫଳକ ଲେଖିବା ନିମନ୍ତେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଶୋଭାଯାତ୍ରା ସାଧୁ ପାଉଲ ପ୍ରାଥମିକ ବିଦ୍ୟାଳୟ ଠାରୁ ଆରମ୍ଭ ହୋଇ ସହର ପରିକ୍ରମା କରି ସମସ୍ତ ସରକାରୀ ଅନୁଷ୍ଠାନ, ବାଣିଜ୍ୟିକ ପ୍ରତିଷ୍ଠାନ ଆଦିରେ ଓଡ଼ିଆ ନାମ ଫଳକ ଲେଖିବା ନିମନ୍ତେ ସମସ୍ତଙ୍କୁ ସଚେତନ କରାଯାଇଥିଲା । ସହକାରୀ ଶ୍ରମ ଅଧିକାରୀ ସ୍ୱାତିଲଗ୍ନା ପାତ୍ର ଓ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ମାଧ୍ୟମରେ ଓଡିଶା ନାମ ଫଳକ ନିଜ ନିଜ ବ୍ୟବସାୟୀକ ଅନୁଷ୍ଠାନ ରେ ଲଗାଯିବା ନେଇ ସଚେତନ କରାଯିବା ସହ ଆଗାମୀ ଦିନରେ ଖିଲାପକାରୀଙ୍କ ବିରୋଧ ରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଦଣ୍ଡ ବିଧାନ କରାଯିବ ବୋଲି ସହକାରୀ ଶ୍ରମ ଅଧିକାରୀ ପ୍ରକାଶ କରିଥିଲେ। ଶୋଭାଯାତ୍ରାରେ ସାଧୁ ପାଉଲ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଶ୍ରମ ବିଭାଗର ଭାସ୍କର ପଟ୍ଟନାୟକ, ସୁନିଲ କୁମାର ପ୍ରମୁଖ ଯୋଗଦେଇଥିଲେ ଓ କାର୍ଯ୍ୟକ୍ରମକୁ ଅନନ୍ତ ପାତ୍ର ପରିଚାଳନା କରିଥିଲେ ।

# ସିଟି ଓ ଜିଏସ୍‌ଟି କମିଶନରଙ୍କ ଦୁଗ୍ଧ ଶୀତଳିକରଣ ପ୍ରକଳ୍ପ ପରିଦର୍ଶନ




ବୌଦ୍ଧ(ଭାସ୍କର ନ୍ୟୁଜ): ହରଭଙ୍ଗା ବ୍ଲକ ଚାରିଛକ ଠାରେ ବୌଦ୍ଧ ଜିଲ୍ଲା ଗସ୍ତରେ ଆସିଥିବା ରାଜ୍ୟ ସିଟି ଓ ଜିଏସଟି କମିଶନର ଜାମିନୀ ଷଡ଼ଙ୍ଗୀ ଚାରିଛକ ଠାରେ ଥିବା ଦୁଗ୍ଧ ଶୀତଳିକରଣ ପ୍ରକଳ୍ପ ପରିଦର୍ଶନ କରିଛନ୍ତି । ଉକ୍ତ ଅବସରରେ ସେଠାରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ମାଇ ବାଛୁରୀ ଯୋଜନାର ଶୁଭାରମ୍ଭ କରିଥିଲେ। ତା ସହିତ ବାଛୁରୀ ଦାନା ବିତରଣ କାର୍ଯ୍ୟକ୍ରମର ମଧ୍ୟ ଶୁଭାରମ୍ଭ କରିଥିଲେ । ଉପସ୍ଥିତ ହିତାଧିକାରୀ ତଥା ଗୋପାଳକମାନଙ୍କ ସହ ଏକ ବୈଠକରେ ଯୋଗ ଦେଇ ଉନ୍ନତ ପ୍ରଣାଳୀରେ ଗୋପାଳନ କରି ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଚାଷୀମାନେ ଲାଭବାନ ହେବାକୁ ପରାମର୍ଶ ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ-ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ହରଭଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ସେଠୀଙ୍କ ସମେତ, ଅନ୍ୟାନ୍ୟ ବ୍ଲକ ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀ, ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀ ଓ ଗୋପାଳକ ମାନେ ଉପସ୍ଥିତ ଥିଲେ।

# ଫେରାର ଅଭିଯୁକ୍ତ ଗିରଫ

ଉମରକୋଟ(ଭାସ୍କର ନ୍ୟୁଜ) : ଜଣେ ଫେରାର ଅଭିଯୁକ୍ତ କୁ ଆନ୍ଧ୍ରା ପୋଲିସ ଗିରଫ କରି ଉମରକୋଟ ପୋଲିସ କୁ ଜିମା ଦେଇଛି। ସୂଚନା ପ୍ରକାରେ ୩/୭/ ୨୦୨୪ତାରିଖରେ ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଅନ୍ତର୍ଗତ ରତାଖଣ୍ଡିଗୁଡା ପଂଚାୟତ ଅଧୀନରେ ଥିବା ରାଣୀ ଚଚରା ଗ୍ରାମ ର ନରହରି ହରିଜନ ନାମକ ଯୁବକ ବିଭିନ୍ନ ସହରକୁ ଯାଇ ଗଞ୍ଜେଇ ଚାଲାଣ କରୁଥିବା ଜଣାପଡିଛି। ନରହରି କିଛି ମାସ ପୂର୍ବେ ଆନ୍ଧ୍ରା ରାଜ୍ୟର ଏକ ରେଳ ଷ୍ଟେସନ ରେ ରହି କିଛି ଲୋକଙ୍କୁ ଫୋନ ଯୋଗେ ଗଞ୍ଜେଇ



ଚାଲାଣ କରିବି କହିଥିଲା ଏବଂ ସେମାନଙ୍କ ସହ ଗଞ୍ଜେଇ ବ୍ୟବସାୟ ମଧ୍ୟ କରୁଥିଲା। ଏନେଇ ନରହରି ହରିଜନ ଙ୍କ ନାମରେ ବିଶାଖାପାଟଣା ଜେ ଆର ପି ରେଲୱେ ପୋଲିସ ରେ ଲିଖିତ ଅଭିଯୋଗ କରାଯାଇଥିଲା। ଏହା ଜାଣି ନରହରି ଫେରାର ରହିଥିଲା। ବହୁ ଖୋଜା ଖୋଜି କରିବାରୁ ଆଜି ଦିନ ପ୍ରାୟ ୩ ଘଣ୍ଟା ସମୟରେ ଆନ୍ଧ୍ରା ପୋଲିସ ଉମରକୋଟ ପୋଲିସର ସହାୟତା ରେ ପୁରୁଣା ବସ ଷ୍ଟାଣ୍ଡରେ ନରହରି କୁ ଗିରଫ କରି ଥାନା ରେ ଜିମା ଦେଇଥିଲେ। ଉମରକୋଟ ଥାନା ଏସଆଇ ଶିବଜି ପଣ୍ଡା ଏବଂ କନେଷ୍ଟେବଳ ନରେନ୍ଦ୍ର ନାୟକ ନରହରି କୁ ଆନ୍ଧ୍ରା ପୋଲିସକୁ ହସ୍ତାନ୍ତର କରିଥିଲେ। ପରେ ଆନ୍ଧ୍ରା ପୋଲିସ ନରହରିକୁ ନିଜ ରାଜ୍ୟ ଆନ୍ଧ୍ରା ନେଇଯାଇଥିଲେ !

# ପାରମ୍ପରିକ ପୋଷାକ ପରିଧାନ କାର୍ଯ୍ୟକ୍ରମ




ମାଲକାନଗିରି(ଭାସ୍କର ନ୍ୟୁଜ): ଓଡ଼ିଆ ପକ୍ଷ ପାଳନର ତୃତୀୟ ଦିନରେ ଆମ ପୋଷାକ ଆମ ପରିଚୟ ଅଭିଯାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟରେ ପାରମ୍ପରିକ ବସ୍ତ୍ର ପରିଧାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଏହି ଅବସରରେ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରିଥିଲେ। ସେ କହିଛନ୍ତି ଆମ ବସ୍ତ୍ର ଆମ ସ୍ୱାଭିମାନ ଓ ପରିଚୟ ହେବା ଉଚିତ୍। ଆମ ଓଡ଼ିଶାର ହସ୍ତତନ୍ତ ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। ପ୍ରତ୍ୟେକ ହସ୍ତତନ୍ତ ବସ୍ତ୍ର ସହିତ ଏହାର ଐତିହ୍ୟ ଓ ଅଞ୍ଚଳର କାହାଣୀ ଜଡ଼ିତ ହୋଇ ରହିଛି। ହସ୍ତତନ୍ତ ମାଧ୍ୟମରେ ବୁଣାକାର ମାନଙ୍କ ସୃଜନାତ୍ମକ କୌଶଳ ପୀଢ଼ି ପରେ ପୀଢ଼ି ପ୍ରସାରିତ ହୋଇ ଆସୁଛି। ହସ୍ତତନ୍ତ ବସ୍ତ୍ର ପରିଧାନ ଦ୍ୱାରା ଆମ ଅର୍ଥନୀତି ମଧ୍ୟ ସମୃଦ୍ଧ ହୋଇଥାଏ। ସବୁଦିନ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ଅଭ୍ୟାସରେ ପରିଣତ କରିବା ଉଚିତ୍ ବୋଲି ସେ କହିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବରଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ପାରମ୍ପରିକ ପୋଷାକ ପରିଧାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

# ଶୁଖିଲା ପଡ଼ିଛି ଜଳାଶୟ, ପାଣିପାଇଁ ହାହାକାର

ସଇଁତଲା (ଭାସ୍କର ନ୍ୟୁଜ୍):ସ୍ଥାନୀୟ ଅଞ୍ଚଳରେ ଅନେକ ଜଳାଶୟ ଏବର୍ଷ ଯଥେଷ୍ଟ ଆଗରୁ ଶୁଖିଗଲାଣି। ଅନେକ ନଈନାଳରେ ଜଳସ୍ରୋତ ମଧ୍ୟ ଆଗୁଆ ବନ୍ଦ ହୋଇଗଲାଣି। ପୂର୍ବ ବର୍ଷ ଏପ୍ରିଲ ମାସରେ ଯେଉଁ ସ୍ଥିତି ଥାଏ ଏ ବର୍ଷ ଜାନୁଆରୀ ପରଠାରୁ ସେହି ସ୍ଥିତି ଦେଖାଗଲାଣି। ଗ୍ରୀଷ୍ମ ନ ହେଉଣୁ ଗ୍ରାମାଞ୍ଚଳରେ ଜଳକଷ୍ଟ ଆରମ୍ଭ ହୋଇଗଲାଣି। ନିତ୍ୟକର୍ମ ପାଇଁ ନଈନାଳ ଉପରେ ନିର୍ଭର କରି ଚଳୁଥିବା ଗ୍ରାମାଞ୍ଚଳବାସୀ ପ୍ରାକୃତିକ ଜଳାଶୟରେ ଜଳାଭାବଜନିତ କଷ୍ଟ ବହୁ ଆଗରୁ ଅନୁଭବ କଲେଣି। ତେଣୁ ଚଳିତ ବର୍ଷ ଗ୍ରୀଷ୍ମକଷ୍ଟ ଓ ଜଳକଷ୍ଟ ଉତ୍କଟ ହେବ ବୋଲି ଏବେଠାରୁ ଲକ୍ଷଣ ପ୍ରକାଶ ପାଇଲାଣି ଓ ଗ୍ରୀଷ୍ମ ଆହୁରି ତିନି ମାସ ଅବସ୍ଥା କେତେ କଷ୍ଟକର ହେବାକୁ ଯାଉଛି ତାହା ଏବେଠୁ ଜଳଜଳ ଦିଶିଲାଣି। ସଇଁତଲା ଅଞ୍ଚଳରେ ପାଣିର ଆବଶ୍ୟକତା ପୂରଣ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଥିବା ପ୍ରମୁଖ ନଦୀ ଲାନ୍ଥ ନଦୀରେ ଜଳସ୍ରୋତ ଏବର୍ଷ ଜାନୁଆରୀ ଶେଷ ବେଳଠୁ ଶୁଖି ସାରିଥିଲାଣି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏହି ନଈନାଳରେ ପୂର୍ବ ବର୍ଷ ପାଣି ଧାର ଏତେ ଆଗୁଆ ଶୁଖୁନଥିଲା । ଚଳିତ ବର୍ଷ ସ୍ୱାଭାବିକ ସମୟଠାରୁ ପ୍ରାୟ ଦୁଇ ଅଢେଇ ମାସ ଆଗରୁ ଏହି ସ୍ଥିତି ଉତ୍ପନ୍ନ ହୋଇଛି। ତେଣୁ ଗ୍ରୀଷ୍ମ ନ ଆସୁଣୁ ଜଳକଷ୍ଟ ଆରମ୍ଭ ହୋଇଗଲାଣି। ସ୍ନାନଶୌଚ କରିବା ପାଇଁ ସୁଦ୍ଧା ନଈନାଳରେ ପାଣି ନାହିଁ ଓ ଲାନ୍ଥ ନଦୀକୁ ସଇଁତଲା ବ୍ୟତିତ କରମତଳା, ଟିକ୍ରାପଡା, ବିବିନା, କେରମେଲି, ଆମପାଲି ପଂଚାୟତର ଏହି ନଦୀକୁ ଜୀବନରେଖା କହିଲେ ଅତ୍ୟୁକ୍ତି ହେବନାହିଁ ଓ ଚଳିତ ବର୍ଷ ଲାନ୍ଥ ନଦୀର ପାଣିଆଗୁଆ ଶୁଖାଯିବାରୁ ଜାନୁଆରୀ ଶେଷ ସପ୍ତାହରୁ ଆଖପାଖ ଅଞ୍ଚଳରେ ଉତ୍କଟ ଜଳାଭାବ ଆରମ୍ଭ ହୋଇଯାଇଛି। ଏହି ନଦୀରେ ପ୍ରବାହିତ ପାଣି ସଇଁତଲା ବ୍ଲକର ପାଣିର ଆବଶ୍ୟତା ପୂରଣ କରିଥାଏ। କିନ୍ତୁ ଏ ବର୍ଷ ଆସ୍ୱାଭାବିକ ଭାବେ ଲାନ୍ଥ ନଦୀର ପାଣିଧାର ଆଗୁଆ ଶୁଖିଯିବାରୁ ଅଞ୍ଚ ବହୁତ ଚାଷ ହୋଇଥିବା ରବି ଚାଷକୁ ଜଳଯୋଗାଣ ପାଇଁ ଟାଣିବା ପାଇଁ ନଦୀରେ ପାଣି ନାହିଁ ଓ ସବୁଆଡ଼େ ଶୁଖୁଲା ବାଲିଶଯ୍ୟା। ଶୁଖୁଲା ନଦୀ କେବଳ ଲୋକଙ୍କ ସମସ୍ୟା ବଢ଼ାଇ ନାହିଁ ବରଂ ନଈକୂଳିଆ ପନିପରିବା ଚାଷକୁ ମଧ୍ୟ ଉଜାଡି ଦେଲାଣି। ସ୍ଥାନୀୟ ଚାଷୀ ଏହି ନଈନାଳରୁ ମଟର ପମ୍ପ ଆଦି ଯୋଗେ ପାଣି ଉଠାଇ ଚାଷ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ । ବିଗତ ବର୍ଷ ଗୁଡ଼ିକରେ ଆସନ୍ନ ଜଳକଷ୍ଟକୁ ଦୃଷ୍ଟିରେ ରଖି ଲାନ୍ଥ ନଦୀର ବିଭିନ୍ନ ଦରହ ନିକଟରେ ଚୁଆଁ ଖୋଳି ପାଣିର ଆବଶ୍ୟକତା ପୂରଣ କରାଯାଇଥିଲା ଓ ନଦୀରେ ପାଣି ଧାର ଆସୁଥିବା ସମୟରେ ବାଲି ବନ୍ଧା (ଆଡ଼ିବନ୍ଧ) ଦେଇ ପାଣି ଅଟକାଇ ଆବଶ୍ୟକତା ପୂରଣ କରାଯିବାର ବ୍ୟବସ୍ଥା ପଞ୍ଚାୟତ ତରଫରୁ କରାଯାଉଥିଲା। କିନ୍ତୁ ଚଳିତ ବର୍ଷ ଜଳକଷ୍ଟ ଆହୁରି ଜଟିଳ ହୋଇପଡ଼ିଛି । ଆଜି ପର୍ଯ୍ୟନ୍ତ ଚୁଆଁ କିମ୍ବା ଆଡିବନ୍ଧର ବ୍ୟବସ୍ଥା କରିବାର ଉପକ୍ରମ ମଧ୍ୟ ପ୍ରଶାସନ କରିନାହିଁ ।ଏ ସଂକ୍ରାନ୍ତରେ ଗତ ଜିଲ୍ଲାପାଳଙ୍କ ଅଭିଯୋଗ ଶିବିରରେ ସରପଞ୍ଚ ସୁବ୍ରତ ନାଗ ଅଭିଯୋଗ ମଧ୍ୟ କରିଥିଲେ । ସେଥିରେ ଜିଲ୍ଲାପାଳ ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ । ଇତି ମଧ୍ୟରେ ନଦୀରେ ଆସୁଥିବା ସାମାନ୍ୟତମ ପାଣିଧାର ମଧ୍ୟ ଶୁଖି ସାରିଲାଣି। ସଇଁତଲା ବାସୀ ପାନୀୟ ଜଳ ପାଇଁ ଲାନ୍ଥ ନଦୀରୁ ସହର କୁ ଆସୁଥିବା ପାଇପ ପାଣି ଉପରେ ନିର୍ଭର କରୁଥିବା ବେଳେ ଦୀର୍ଘ ସାତ ଦିନ ହେଲା ତାହା ମଧ୍ୟ ଆସୁନାହିଁ, ଫଳରେ ଲୋକେ ନାହିଁନଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ।ତେଣୁ ଜନସାଧାରଣଙ୍କ ମୌଳିକ ସୁବିଧା ପ୍ରଦାନ ଦିଗରେ ପଞ୍ଚାୟତ ପକ୍ଷରୁ କେବେ ଆଉ କ'ଣ ପଦକ୍ଷେପ ଗ୍ରହଣ କରାଯାଉଛି ତାହା ଦେଖିବାକୁ ବାକି ରହିଲା । ସମୟ ଥାଉ ଥାଉ ଯଦି ଏଦିଗରେ ପ୍ରଯତ୍ନ କରାଯାଇଥାନ୍ତା, ତେବେ ହୁଏତ ଆଜି ଏହି ସମସ୍ୟା ଦେଖିବାକୁ ପଡ଼ିନଥାନ୍ତା ବୋଲି ସଇଁତଲା ବାସୀ ପ୍ରକାଶ କରିଛନ୍ତି ।ଆଗାମୀ ଦିନରେ ଜଳ ସମସ୍ୟା ସମାଧାନ ନ ହେଲେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ମାରାଗୁଡ଼ା ଲୋକ ମହୋତ୍ସବ ପଲ୍ଲୀଶ୍ରୀ ମେଳାରେ ଜମୁଛି ବେପାର



ନୂଆପଡା(ଭାସ୍କର ନ୍ୟୁଜ) : ଦୀର୍ଘ ବାର ବର୍ଷ ବ୍ୟବଧାନ ପରେ ନୂଆପଡା ଜିଲ୍ଲାରେ ମାରାଗୁଡା ଲୋକ ମହୋତ୍ସବ ଉପଲକ୍ଷେ ପଲ୍ଲୀଶ୍ରୀ ମେଳା ହୋଇଛି। ସ୍ଥାନୀୟ ମିନି ଷ୍ଟାଡିୟମ୍ ପଡ଼ିଆରେ ସନ୍ଧ୍ୟାରୁ ଦର୍ଶକଙ୍କ ଗହଳି ଚହଳି ଲାଗି ରହୁଛି । ପଲ୍ଲୀଶ୍ରୀ ମେଳା ଯୋଗୁଁ ଗୃହ ସାଜସଜ୍ଜା ସାମଗ୍ରୀ ସହ ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା ମହିଳା ଗୋଷ୍ଠୀଙ୍କ ଉତ୍ପାଦିତ ଦ୍ରବ୍ୟ ବିକ୍ରି ବଜାର ସୁଯୋଗ ସୃଷ୍ଟି ହୋଇଅଛି। ପ୍ରଥମ ସନ୍ଧ୍ୟାରେ ଏହାକୁ ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝୀ ଉଦ୍ଘାଟନ କରିଥିଲେ। ଜିଲ୍ଲାପାଳ ମଧୁସୂଦନ ଦାଶ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା ଏବଂ ଅନ୍ୟାନ୍ୟ ଅତିଥି ମାନଙ୍କ ଉପସ୍ଥିତି ଜାହିର କରିଥିଲେ। ନୂଆପଡାରେ ପ୍ରଥମ ଥର ପାଇଁ ଲାଗିଛି ପୁସ୍ତକ ମେଳା । ମୋଟ ୧୬୦ ଗୋଟି ଷ୍ଟଲ୍‌ରେ ମେଳା ଲାଗିଛି। ଜିଲ୍ଲାବାସୀ ଏହି ସୁଯୋଗକୁ ହାତଛଡ଼ା ନକରି ମନଖୁସିରେ ପଲ୍ଲୀଶ୍ରୀ ମେଳାରୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସହିତ ସମ୍ବଲପୁରୀ ବସ୍ତ୍ର, ଶାଢୀ, ଲୁଗାପଟା, ଖାଦ୍ୟ ପଦାର୍ଥ କିଣାବିକା କରୁଛନ୍ତି । ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନରେ ଭିଡ ଲାଗି ରହୁଛି । ଜିଲ୍ଲା ତଥା ଜିଲ୍ଲା ବାହାରୁ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ଉତ୍ପାଦିତ ହସ୍ତଶିଳ୍ପ, ହସ୍ତତନ୍ତ ଏବଂ ଅନେକ ଉତ୍ପାଦର ବିପଣି ନେଇ ଆସିଛନ୍ତି । ପଲ୍ଲୀଶ୍ରୀ ମେଳାରେ ଉଦ୍ଘାଟନର ପ୍ରଥମ ସନ୍ଧ୍ୟାରେ ୯,୩୨,୭୦୦, ବ୍ୟବସାୟ ହୋଇଥିବା ଜଣାପଡିଛି।



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ଲକ୍ଷ୍ମୀପୁର ବ୍ଲକ କାକିରିଗୁମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ପ୍ରଧାନ ଆଚାର୍ଯ୍ୟା ବିଜୟ ଲକ୍ଷ୍ମୀ ମିଶ୍ରଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ବାର୍ଷିକ ଉତ୍ସବ ରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଦନ ମୁଦୁଲି, ଆଇଆଇସି ଦମ୍ବରୁଧର ବର୍ତିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କ ଦୀର୍ଘାୟୁ କାମନା କରି ପାଠ ପଢ଼ୀ ସମାଜ ର ଉଚ୍ଚିତ ରାସ୍ତାରେ ଚାଲିବାକୁ ପରାମର୍ଶ ଦେଇଥିଲେ।ଅତିଥି ମାନଙ୍କ ଦ୍ୱାରା ଠାକୁର ଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଥିଲା।ମଞ୍ଚାସିନ ଅତିଥି ମାନେ ଛାତ୍ର ଛାତ୍ରୀ ଙ୍କୁ ଉତ୍ସାହିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟ କାମନା କରି ନିଜ ନିଜ ଅଭିଭାଷଣ ପ୍ରଦାନ କରିଥିଲେ।୨୦୨୩/୨୪ ର ଶ୍ରେଣୀର ସର୍ବୋଚ୍ଚ ପ୍ରାପ୍ତାଙ୍କ,ଶ୍ରେଷ୍ଠ ଉପସ୍ଥାନ ଓ ନବୋଦୟ ପାଇଥିବା ଶିଶୁଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଚଳିତ ବର୍ଷର ବାର୍ଷିକ ଉତ୍ସବ ନିମନ୍ତେ ହୋଇଥିବା ଚିତ୍ରାଙ୍କନ,ବକ୍ତୃତା, ପ୍ରବନ୍ଧ ଲିଖନ, ସଙ୍ଗୀତ ଓ ଗଳ୍ପ କଥନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶିଶୁ ଓ ବାର୍ଷିକ କ୍ରୀଡ଼ାର ଶ୍ରେଷ୍ଠ କ୍ରୀଡ଼ାବିତ ଓ ସରକାରୀ ବୃତ୍ତି ପାଇଥିବା ଶିଶୁଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଏହି ବାର୍ଷିକ ଉତ୍ସବ ଉପଲକ୍ଷେ ଛାତ୍ର ଛାତ୍ରୀଙ୍କ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଯାଇଥିଲା।ଏନେଇ ଏହି ଉତ୍ସବ ଉପଲକ୍ଷେ ଅଭିଭାବକ ମାନଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିବା ବେଳେ ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ଓ କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ତୁଲାଇ ଥିଲେ।



## କଲ୍ଲୋଳ ମହୋତ୍ସବରେ ମୁଖ୍ୟମନ୍ତ୍ରୀ

# ଜଗତସିଂହପୁରରେ ସ୍ଥାପନ ହେବ ମେଡିକାଲ କଲେଜ

ଜଗତସିଂହପୁର,(ଭାସ୍କର ନ୍ୟୁଜ) ଆଜି ଜିଲ୍ଲା ମହୋତ୍ସବ କଲ୍ଲୋଳ ର ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଲେ ଯେ,ଜଗତସିଂହପୁର ଜିଲ୍ଲାକୁ ରାଜ୍ୟର ଏକ ଅଗ୍ରଣୀ ଓ ବିକଶିତ ଜିଲ୍ଲା ଭାବରେ ଗଢି ତୋଳିବା ପାଇଁ ଆମର ଉଦ୍ୟମ ଜାରି ରହିଛି । ଜଗତସିଂହପୁରର ସର୍ବାଙ୍ଗୀନ ବିକାଶ କରିବା ହେଉଛି ଆମର ପ୍ରାଥମିକତା । ଏହା ଅତ୍ୟନ୍ତ ଖୁସିର ବିଷୟ ଯେ ଜଗତସିଂପୁର ଜିଲ୍ଲାରେ ବହୁତ ଶୀଘ୍ର ସ୍ଥାପିତ ହେବାକୁ ଯାଉଛି ମେଡିକାଲ କଲେଜ, ଯାହା ଫଳରେ ଭବିଷ୍ୟତରେ ଜିଲ୍ଲାରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସମୃଦ୍ଧି ଘଟିବା ସହିତ ସମସ୍ତ ଜନସାଧାରଣ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳିତ ବର୍ଷ ଜଗତସିଂହପୁର ଜିଲ୍ଲାରେ ଏକ ସରକାରୀ ମହାବିଦ୍ୟାଳୟ ପ୍ରତିଷ୍ଠା ହେବ ଏବଂ ଓଡିଶାର ଅନ୍ୟତମ ଶିଳ୍ପ ସମୃଦ୍ଧ ଅଞ୍ଚଳ ପାରାଦୀପ ହେବ ଆମ ରାଜ୍ୟର ବିକାଶ ମୁକୁଟର ମଣି ସଦୃଶ । ଜଗତସିଂହପୁର ଜିଲ୍ଲା ପାଇଁ ଚଳିତ ଆର୍ଥିକ ବର୍ଷରେ ୨ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବଜେଟ ରାଜ୍ୟ ସରକାର ମଂଜୁର କରିଛନ୍ତି, ଯାହା ଏହି ଅଂଚଳର ବିକାଶ ପାଇଁ ଖର୍ଚ୍ଚ ହେବ । ସରକାର ଯେଉଁ ପୋର୍ଟ ଲେଡ୍ ଡେଭଲପ୍‌ମେଣ୍ଟ୍‌ର ମୂଳଦୁଆ ପାଇଁ ବଜେଟ୍‌ରେ ପ୍ରସ୍ତାବ ଆଣିଛନ୍ତି ସେଥିରେ ପାରାଦ୍ୱୀପ ହେବ ଅଗ୍ରଣୀ । ଏଥିପାଇଁ ପାରାଦୀପ, ଚୌଦ୍ୱାର, ଅନୁଗୋଳ, ଢେଙ୍କାନାଳ, ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ, ରାଉରକେଲାକୁ ସଂଯୋଗ କରୁଥିବା ଏକ ଶିଳ୍ପ କରିଡର ବିକାଶ କରାଯିବ। ଆଧୁନିକିକରଣ ଓ ଶିଳ୍ପ ବିକାଶର ଅକ୍ଷ ପାଲଟିବ ଓଡିଶାର ସର୍ବୋପୁରାତନ ବନ୍ଦର ପାରାଦୀପ ବନ୍ଦର। ଜଗତସିଂହପୁର ଜିଲ୍ଲା ହେବ



ରାଜ୍ୟର ଏକ ନମ୍ବର ଜିଲ୍ଲା ଯାହା ଆମ ସରକାରଙ୍କ ସମୃଦ୍ଧ ଓଡ଼ିଶାର ଜୟ ଯାତ୍ରାରେ ଗ୍ରୋଥ ଇଂଜିନ ଭାବେ କାର୍ଯ୍ୟ କରିବ। ରୋଜଗାର ବୃଦ୍ଧି ହେଲେ ହିଁ ଏକ ଅଂଚଳର ବିକାଶ ହୁଏ। ଏଣୁ ଆମ ସରକାର ନିଷ୍ପତ୍ତି ନେଇଛି ଯେ ଜଗତସିଂହପୁର ରେ ଏକ ଈରଙ୍ଘପ୍ପସକ୍ଷର ଚକ୍ୱକ୍ଟୟଙ୍କମପ୍ପସକ୍ଟଭ ଟଭସଫ୍ପ ପ୍ରତିଷ୍ଠା ହେବ ଯାହା ଏହି ଅଂଚଳର ପାଖାପାଖି ୨୦,୦୦୦ ଜନସାଧାରଣଙ୍କୁ ନିଯୁକ୍ତି ଦେବ। ଏହି ଜିଲ୍ଲାର ଐତିହ୍ୟର ପ୍ରତୀକ ମୃତ ଅଳକା ନଦୀର ପୁନଃଉଦ୍ଧାର ପାଇଁ ମଧ୍ୟ ଆମ ସରକାର ଚେଷ୍ଟିତ ବୋଲି ମୁଖ୍ୟମନ୍ତ୍ରୀ କହି ଥିଲେ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଗତ ପ୍ରାୟ ଦଶମାସ ହେଲା ଆମ ସରକାର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ଆମ ସରକାର ବିକାଶ ସହିତ ଓଡିଆ ସଂସ୍କୃତି, ପରମ୍ପରା ଏବଂ ଓଡିଆ ଅସ୍ମିତାକୁ ନେଇ କାର୍ଯ୍ୟରତ। ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ପାଇଁ ଆମ ସରକାର କିଛି ନା କିଛି ସଂଭାର ନେଇ ଆସିଛନ୍ତି। ଆମ ସରକାର ପ୍ରଥମ ଦିନରୁ ହିଁ ଜନତାଙ୍କ ହିତ ପାଇଁ କାର୍ଯ୍ୟ ଜାରି ରଖିଛି। ଶିକ୍ଷା ସ୍ୱାସ୍ଥ୍ୟ, ଗମନାଗମ, ଶିଳ୍ପ, ଗ୍ରାମ୍ୟ ଉନ୍ନୟନ, ଜୀବନ ଜୀବିକା, କୃଷି, ମହିଳା ସଶକ୍ତିକରଣ ଇତ୍ୟାଦି ପ୍ରତ୍ୟେକ କ୍ଷେତ୍ରରେ ଦ୍ରୁତ ଗତିରେ ବିକାଶର ଧାରା ବହି ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ଓଡିଆ ଅସ୍ମିତାକୁ ଆଉ ପାଦେ ଆଗକୁ ନେଇ ଆମେ ବର୍ତ୍ତମାନ ପାଳନ କରୁଛୁ ‘ ଓଡିଆ ପକ୍ଷ’। ଚଉଦ ଦିନ ବ୍ୟାପୀ ଏହି ଉତ୍ସବରେ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି, ବେଶଭୁଷା, ଖାଦ୍ୟପେୟକୁ ସମ୍ମାନ ଦିଆଯାଇ ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରାଯାଉଛି। ଆଜି ଓଡିଆ ହସ୍ତତନ୍ତ ପ୍ରସ୍ତୁତ ପୋଷାକ ପରିଧାନ ଦିବସ ପାଳିତ ହେଉଛି। ଆପଣମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ବ୍ୟକ୍ତିଗତ ଭାବେ ତଥା ସମୂହିକ ଭାବେ ସାମିଲ ହୁଅନ୍ତୁ। ଏହି ଭୂମି, ଓଡ଼ିଆ ଭାଷା ସାହିତ୍ୟର ଯୁଗାନ୍ତକାରୀ ସ୍ରଷ୍ଟା ଆଦିକବି ସାରଳା ଦାସଙ୍କ ଜନ୍ମ ଭୂମି । ଜଗତସିଂହପୁର ମାଟିର କୃତୀ ସନ୍ତାନ, ଡ଼ଃ ପ୍ରାଣକୃଷ୍ଣ ପରିଜା ଦକ୍ଷ ଉଦ୍ଭିଦ ବିଜ୍ଞାନୀ ଭାବରେ ଖ୍ୟାତି ଅର୍ଜନ କରିବା ସହ ଉତ୍କଳ ବିଶ୍ୱ ବିଦ୍ୟାଳୟର କୁଳପତି ଆସନ ଅଳଙ୍କୃତ କରି ଆନ୍ତର୍ଜାତିକ ସ୍ତରରେ ସୁନାମ ଅର୍ଜନ କରିଛନ୍ତି। ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏହି ଜିଲ୍ଲାରେ ପ୍ରତିଷ୍ଠିତ ଅଳକା ଆଶ୍ରମ ଭାରତ ଜାତୀୟ ମୁକ୍ତି ସଂଗ୍ରାମର ଏକ ଏକ୍ଟୁଡ଼ିଶାଳ ଭାବରେ ଗଢି ଉଠିଥିଲା ଏବଂ ୧୯୪୨ ଭାରତଛାଡ଼ ଆନ୍ଦୋଳନରେ ଜୟପ୍ରକାଶ ନାରାୟଣ ଏଠାରୁ ପ୍ରଚାର କାର୍ଯ୍ୟ ଆରମ୍ଭ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୂର୍ତ୍ତ, ଆଇନ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ, କଳା ଓ ସଂସ୍କୃତିର ମାଟି ଜଗତସିଂହପୁର ହେବ ଭାରତବର୍ଷର ସବୁଠାରୁ ଉତ୍କର୍ଷ ଜିଲ୍ଲା ଯାହା ଆମ ସରକାରର ବିକାଶର ଧାରାକୁ ତ୍ୱରାନ୍ୱିତ କରିବ। ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଶିଳ୍ପର ବିକାଶରେ ଜଗତସିଂହପୁର ଜିଲ୍ଲାର ବିକାଶ ହେବ ଏବଂ ରାଜ୍ୟ ସରକାରଙ୍କ ସମୃଦ୍ଧ ଓଡିଶା ସ୍ୱପ୍ନକୁ ସାକାର କରିବ। ଉକ୍ତ କାର୍ଯ୍ୟକ୍ରମରେ ଜଗତସଂହପୁର ବିଧାୟକ ଅମରେନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲାର ପ୍ରଗତି ରେ ଯୁବପିଢିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସଭାରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ପୌର ପରିଷଦ, ଜଗତସିଂହପୁର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଯୋଗଦେଇ ଜିଲ୍ଲା ଉତ୍ସବ ତଥା ଜିଲ୍ଲା ପ୍ରତିଷ୍ଠାର କୀର୍ତ୍ତି ଗାଥା ବିଷୟରେ କହିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ, ଜିଲ୍ଲାପାଳ ଜେ. ସୋନାଲ ଧନ୍ୟବାଦ ଅର୍ପଣ କରିଥିଲେ। କଲ୍ଲୋଳର ତୃତୀୟ ସଂଧ୍ୟାରେ ପପୁ ପମପମ୍‌ଙ୍କ କମେଡି ଦର୍ଶକଙ୍କୁ ବାନ୍ଧି ରଖିଥିଲା। ସେହିପରି ରୁକୁସନା ଓ ପ୍ରଜ୍ଞା ହୋତାଙ୍କ ସୁମଧୁର ସଙ୍ଗୀତ ର ଯାଦୁ ସମସ୍ତଙ୍କୁ ବିମୋହିତ କରିଥିଲା। କଲ୍ଲୋଳ ମହୋତ୍ସବ ରେ ଓରମାସ ପକ୍ଷରୁ ଆୟୋଜିତ ପଲ୍ଲୀଶ୍ରୀ ମେଳା ରେ ୧୫୦ ଷ୍ଟଲ୍ ମଧ୍ୟରେ ଖାଦ୍ୟ ଷ୍ଟଲ, ଜିଲ୍ଲା ତଥା ରାଜ୍ୟ ବାହାରୁ ଆସିଥିବା ଷ୍ଟଲ୍ ମାନଙ୍କରେ ପ୍ରଥମ ଦିନରେ ୬୮୫୦୨୪ ଟଙ୍କାର ବ୍ୟବସାୟ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ପ୍ରାପ୍ତ ସୂଚନା ଅନୁଯାୟୀ ୧୦୯୯୦୫୫ ଟଙ୍କାର ବ୍ୟବସାୟ ହୋଇଛି।

## ଆରମ୍ଭ ହେଲା ସେବକ ପ୍ରଶିକ୍ଷଣ ଶିବିର

ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀମନ୍ଦିର ପ୍ରଶାସନ ଆନୁକୂଲ୍ୟରେ ଆଜିଠାରୁ ଦୁଇଦିନିଆ ସେବକ ପ୍ରଶିକ୍ଷଣ ଶିବିର ତଥା ଆଲୋଚନାଚକ୍ର ନୀଳାଦ୍ରି ଭକ୍ତନିବାସ ଠାରେ ଆରମ୍ଭ ହୋଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଉପସ୍ଥିତିରେ ଏହି ଆଲୋଚନାଚକ୍ର ଉଦଘାଟନ ହୋଇଥିଲା। ଏହି ଅବସରରେ ନିଜ ବକ୍ତବ୍ୟ ରଖି ମୁଖ୍ୟ ପ୍ରଶାସକ ସମସ୍ତ ସେବକମାନଙ୍କୁ ଏଭଳି କାର୍ଯ୍ୟକ୍ରମ ପାଇଁ ସହଯୋଗ ସକାଶେ ଧନ୍ୟବାଦ ଜ୍ଞାପନ କରିଥିଲେ। ଏଥି ସହ ଉତ୍ତମ ସେବକଙ୍କ ଲକ୍ଷଣ ଭାବେ ଦଶଟି ବିନ୍ଦୁ ଉପରେ ଗୁରୁତ୍ୱାରୋପ କରିଥିଲେ ମୁଖ୍ୟ ପ୍ରଶାସକ। ସେଗୁଡିକ ହେଲା- ସମର୍ପଣ, ପବିତ୍ରତା, ଶୃଙ୍ଖଳା, ଜ୍ଞାନ, ଉତ୍ତରଦାୟିତ୍ୱ, ଦଳଗତ ମନୋଭାବ, ଅନ୍ୟଙ୍କୁ ସମ୍ମାନ, ନିସ୍ୱାର୍ଥପରତା, ଧୈର୍ଯ୍ୟ ଏବଂ କୃତଜ୍ଞତା । ଏହି ପ୍ରଶିକ୍ଷଣ ତଥା ଆଲୋଚନାଚକ୍ର ପ୍ରତ୍ୟହ ଅପରାହ୍ନ ୪ ଘଟିକା ଠାରୁ ସନ୍ଧ୍ୟା ୭ ଘଟିକା ଯାଏଁ ଚାଲିବ। ଏଥିରେ ବିଭିନ୍ନ ବିଷୟ ଉପରେ ଆଲୋଚନା ତଥା ଭାବବିନିମୟ ହେବ । ପୁରୀ ଜିଲାପାଳ ଓ ଏସପିଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସକଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ତାଲିମ ଶିବିରରେ ବିଭିନ୍ନ ନିଯୋଗର ବରିଷ୍ଠ ଏବଂ ଯୁବ ସେବାୟତ ଯୋଗଦେଇଛନ୍ତି। ସେବାୟତଙ୍କ ତାଲିମ ଶିବିରରେ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି। ପୁରୀରେ ପ୍ରସିଦ୍ଧ ରଥଯାତ୍ରା ସମେତ ଛେରା ପହଁରା, ସାହାଣ ମେଳା, ମଙ୍ଗଳ ଆଳତୀ, ପହୁଡ଼, ନବକଳେବର, ଶ୍ରୀଜୀଉଙ୍କ ବିଭିନ୍ନ ବେଶ ସମେତ ବର୍ଷ, ମାସ, ତିଥି ଓ ବାର ତଥା ଦୈନନ୍ଦିନ ପାରମ୍ପରିକ ରୀତିନୀତି ଶ୍ରୀମନ୍ଦିରରେ ସେବାୟତମାନେ ସମ୍ପାଦନ କରିଥାନ୍ତି।

## ଗ୍ଲୋରିୟସ ଇଂଲିଶ ମିଡିୟମ ସିନିୟର ସେକେଣ୍ଡାରୀ ସ୍କୁଲର ଫାଉଣ୍ଡେସନ ଡ଼େ ପାଳିତ



ସୁନାମ ଅର୍ଜନ କରିଥିବା ଗ୍ଲୋରିୟସ ଇଂଲିଶ ମିଡିୟମ ସିନିୟର ସେକେଣ୍ଡାରୀ ସ୍କୁଲର ଫାଉଣ୍ଡେସନଡ଼େ (୨୦୨୫-୨୦୨୬) ୩୧ବର୍ଷ ସମାପ୍ତକରି ୩୨ବର୍ଷରେ ପାଦ ଦେଇଥିଲା । ଏହାକୁ ଏକ ଭବ୍ୟରଙ୍ଗାରଙ୍ଗ ପରିବେଶରେ ପାଳନ କରାଯାଇଥିଲା । ଏହିଅବସରରେ ବିଦ୍ୟାଳୟ ପରିବେଶ ଖୁବ ଚଳଚଞ୍ଚଳ ହୋଇଉଠିଥିଲା । ପୁଷ୍ପ ଓ ବେଲୁନ ଲଗାଇ ଶ୍ରେଣୀଗୃହ ଓ ସ୍କୁଲର ପରିବେଶକୁ ସୁସଜ୍ଜିତ କରାଯାଇଥିଲା । ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ଏହି ଉତ୍ସବଟିକୁ ଖୁବ ଆଡମ୍ବର ସହକାରେ ପାଳନ କରିଥିଲେ । ଏହି ଅବସରରେ ସ୍କୁଲର ଢଓ କ୍ଲାସର ନୂତନ ଶିକ୍ଷାର୍ଥୀମାନଙ୍କୁ ଅଭିନବ ଢଙ୍ଗରେ ସ୍ୱାଗତ କରାଯାଇଥିଲା । ସ୍କୁଲର ପ୍ରେସିଡେଣ୍ଟ ଆଡ଼ଭୋକେଟ ଅସ୍ମିତା ପତି ପିଲାମାନଙ୍କ ପାଇଁ ଏକ ମନଛୁଆଁ ଅଭିଭାଷଣ ପ୍ରଦାନକରି ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ବିଗତ ଦିନର ସଫଳତା ବିଷୟରେ ଆଲୋକପାତ କରିଥିଲେ । ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କୁଶଳୀ, ଅଣକୁଶଳୀ କର୍ମଚାରୀମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ । ସ୍କୁଲର ପ୍ରିନସିପାଲ ନିରଞ୍ଜନପାଣିଗ୍ରାହୀଓଭାଇସ-ପ୍ରିନସିପାଲ ସରୋଜ କୁମାର ସାହୁ ମର୍ମସ୍ପର୍ଶୀ ଅଭିଭାଷଣ ଦେଇ ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । କୁନିକୁନି ପିଲାମାନେ ଏକ ସୁନ୍ଦର ନୃତ୍ୟ ଓ ସଙ୍ଗୀତର ତାଳେତାଳେ ନିଜକୁ ହଜାଇ ଦେଇଥିଲେ । ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଉପହାର ଓ ଚକୋଲେଟ ପ୍ରଦାନ କରାଯାଇଥିଲା । ସ୍କୁଲର ପ୍ରେସିଡେଣ୍ଟ ଆଡ଼ଭୋକେଟ ଅସ୍ମିତା ପତି ଓ ସେକ୍ରେଟାରୀ ଡକ୍ଟର ଅଭୟ ପତିଙ୍କ ମାର୍ଗଦର୍ଶନକ୍ରମେ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସ୍କୁଲର ସମସ୍ତ କର୍ମଚାରୀମାନେ ପରିଚାଳନା କରିବାରେ ସହଯୋଗ କରିଥିଲେ ।

### AFFIDAVIT

By virtue of an affidavit sworn before Notary Public, Bhubaneswar, dated 28.03.2025, I Pramod Kumar Singh, S/o Yugal Kishore Singh, Permanent resident of Plot No. N-5-178, IRC Village, Nayapalli, Bhubaneswar declares that I have changed my minor daughter's name from Priyanka Kumari to Priyanka Kumari Singh. Henceforth She shall be known as Priyanka Kumari Singh for all purposes.
Sd/- Pramod Kumar Singh

### AFFIDAVIT

By virtue of an affidavit sworn before the Executive magistrate nabarangpur Dtd : 03/04.2025 I SITA BHATRA 23 yrs. W/o KAPILAS BHATRA At-khuntiguda po-jatabal PS-papdahandi Dist-nabarangpur , declare that I have changed my sarname from SITA BADHEI to SITA BHATRA , SITA BHATRA and SITA BADHEI being one and same person .this affidavit is required to be produce before the concerned bank Authorty for necessary action .

### AFFIDAVIT

By virtue of an affidavit sworn before The Executive Magistrate, Bhubaneswar, dated 04.04.2025, I Mithun Das, Address: At- Kanthapoi, Bari, Aurangabad, PO-Bari, PS- Bari, Ramachandrapur, Dist-Jajpur, Odisha, PIN-755003 declare that I have changed my name from Sipun Das to Mithun Das. Henceforth I shall be known as Mithun Das for all purposes.
**Sd/- Mithun Das**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭୋଟିଂକୁ ନେଇ...

ଅନ୍ୟ ୪ଜଣଙ୍କ ଭୋଟସ୍ଥିତି ସ୍ପଷ୍ଟ ହୋଇପାରି ନାହିଁ। ଏ ନେଇ ଶୁକ୍ରବାର ନବୀନ ନିବାସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ପଦ୍ମନାଭ ବେହେରା, ଦେବୀ ମିଶ୍ର, ଭୂପିନ୍ଦର ସିଂ, ଅଶୋକ ପଣ୍ଡା, ଶଶିଭୂଷଣ ବେହେରା, ରଜନୀକାନ୍ତ ସିଂ, ନୃସିଂହ ସାହୁ, ରଘୁନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ପରେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ ଯେ ବୈଠକରେ ସଂଗଠନ ସଂପର୍କରେ ଆଲୋଚନା ହୋଇଥିଲା। ୱାକଫ ବିଲ୍ ଉପରେ ମଧ୍ୟ ତର୍ଜମା କରାଯାଇଥିଲା। ବିଜେଡି ଧର୍ମନିରପେକ୍ଷ ଦଳ ଅତୀତରେ ଥିଲା, ଆଗକୁ ବି ରହିବ। ଆମେ ସମଦୂରତ୍ୱ ମଧ୍ୟ ବଜାୟ ରଖିଛୁ ବୋଲି ସେ କହିଥିଲେ।

### ଗୋଟିଏ ମଞ୍ଚରେ...

ସ୍ଥିରତା, ଶାନ୍ତି ସ୍ଥାପନ ଓ ପ୍ରଗତିଶୀଳ ବାଂଲାଦେଶ ଗଠନକୁ ଭାରତ ସମର୍ଥନ କରେ। ସେ ୟୁନୁସଙ୍କୁ କହିଥିଲେ, ବାଂଲାଦେଶ ସହିତ ଭାରତଏକ ସକାରାତ୍ମକ ଏବଂ ଗଠନମୂଳକ ସଂପର୍କ ରଖିବାକୁ ଚାହୁଁଛି। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ ପରିବେଶକୁ ବିଗାଡିପାରୁଥିବା ଯେକୌଣସି ବୟାନବାଜିକୁ ଏଡାଇ ଦିଆଯିବା ଜରୁରି। ସୀମା ସୁରକ୍ଷା ବଜାୟ ରଖିବା ପାଇଁ ସୀମାରେ ଆଇନର କଠୋର ପ୍ରୟୋଗ ଏବଂ ଅବୈଧ ସୀମାପାର ରୋକିବା ଅତ୍ୟନ୍ତ ଜରୁରି। ପ୍ରଧାନମନ୍ତ୍ରୀ ବାଂଲାଦେଶରେ ହିନ୍ଦୁଙ୍କ ସମେତ ସଂଖ୍ୟାଲଘୁଙ୍କ ସୁରକ୍ଷା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ବ୍ୟାଙ୍କକରେ ଚାଲିଥିବା ଷଷ୍ଠତମ ବିମଷ୍ଟେକ ସମ୍ମିଳନୀରେ ଦୁଇଦେଶର ବୈଠକକୁ ଗୁରୁତ୍ୱପୂର୍ଣ୍ଣଭାବେ ଦେଖାଯାଉଛି। କାରଣ ଭାରତରେ ବାଂଲାଦେଶରେ ଅଳ୍ପସଂଖ୍ୟକଙ୍କ ଉପରେ ଆକ୍ରମଣ, ହସିନା ଭାରତରେ ରହିବା ଯୋଗୁ ଦିଲ୍ଲୀ-ଢାକା ମଧ୍ୟରେ ଅନେକଦିନ ପର୍ଯ୍ୟନ୍ତ ତୀକ୍ତତା ଲାଗି ରହିଥିଲା। ୟୁନୁସଙ୍କ ଅନୁରୋଧ ପରେ ମୋଦୀ ବୈଠକ ପାଇଁ ରାଜି ହୋଇଥିଲେ।

### ସୁରକ୍ଷା ବ୍ୟବସ୍ଥା...

ଆହୁରି ନିକଟତର କରିବ ବୋଲି ମୋଦୀ ଆଶାପ୍ରକାଶ କରିଥିଲେ। ସେ ଆହୁରି କହିଥିଲେ ଯେ ବିଶ୍ୱର ମଙ୍ଗଳପାଇଁ ବିମଷ୍ଟେକ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ଆମେ ଏହାକୁ ସୁଦୃଢ଼ କରିବା ଓ ଆମର ସମ୍ପର୍କକୁ ଗଭୀର କରିବା ଜରୁରି। ସେ କହିଥିଲେ, ଆମର ସହଯୋଗକୁ ମହାକାଶ ଦୁନିଆରେ ପହଞ୍ଚାଇବା ଆମପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଭାବେ ଉପଲବ୍ଧ ହେବ। ବିମଷ୍ଟେକ ଦକ୍ଷତା ବିକାଶ ଢାଞ୍ଚାର ଏକ ଜ୍ୱଳନ୍ତ ଉଦାହରଣ ହେବାର ସମ୍ଭାବନା ଥିବାବେଳେ ଆମେ ସମସ୍ତେ ପରସ୍ପରଠାରୁ ଶିକ୍ଷା କରିବା ଏବଂ ଆଗକୁ ବଢିବା ପାଇଁ ପ୍ରୟାସ କରିବା ଉଚିତ୍। ଆମେ ମିଳିତ ଭାବେ ବିମଷ୍ଟେକକୁ ଶକ୍ତିଶାଳୀ କରିବୁ ଓ ଆମର ଯୁବପିଢି ଏହାର ନେତୃତ୍ୱ ନେବେ ବୋଲି ମୋଦୀ କହିଥିଲେ।

### ପରଲୋକରେ...

ଭାରତ କୁମାର ମଧ୍ୟ ଡକାଯାଉଥିଲା। ସେ କ୍ରାନ୍ତି, ଉପକାର, ମୈଦାନୀ ଜଙ୍ଗ୍ ଇତ୍ୟାଦି ଅନେକ ଦେଶାତ୍ମବୋଧ ଫିଲ୍ମରେ ଅଭିନୟ କରି ବିପୁଳ ଲୋକପ୍ରିୟତା ହାସଲ କରିଥିଲେ। ଭାରତୀୟ ସିନେମା ଜଗତକୁ ତାଙ୍କର ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ୧୯୯୨ରେ ପଦ୍ମଶ୍ରୀ ଓ ୨୦୧୫ରେ ଦାଦାସାହେବ ଫାଲ୍‌କେ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୧୯୩୭ ମସିହା ଜୁଲାଇ ୨୪ ତାରିଖରେ ପଞ୍ଜାବର ଅମୃତସରରେ ମନୋଜ କୁମାର ଜନ୍ମଗ୍ରହଣ କରିଥିଲେ। ୧୯୬୦ ମସିହାରେ କାଞ୍ଚଟିଗୁଡ଼ିଆ ଫିଲ୍ମ ଜରିଆରେ ରୋମାଣ୍ଟିକ ହୀରୋ ଭାବରେ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ପରବର୍ତ୍ତୀ ସମୟରେ ଅଧିକରୁ ଅଧିକ ଦେଶାତ୍ମବୋଧ ଫିଲ୍ମରେ ଅଭିନୟ କରି ଲୋକପ୍ରିୟତା ହାସଲ କରିଥିଲେ। ତାଙ୍କ ଅଭିନୀତ ଫିଲ୍ମ ମଧ୍ୟରେ ରୋଟି-କପଡ଼ା ଔର ମକାନ୍, ଆଦ୍‌ମୀ, ଉପକାର, ବେଇମାନ, ମେରା ନାମ ଜୋକର, ଅମାନତ, କ୍ରାନ୍ତି, ଦଶନମ୍ବରୀ, ମୈଦାନୀ ଜଙ୍ଗ, ପଥର କେ ସନମ, ସାୱନ କି ଘଟା, ଯାଦଗାର, ୱୋ କୌନ ଥି, ଆପନେ ହୁଏ ପରା ଆଦି ବହୁ ହିଟ୍ ଫିଲ୍ମରେ ସେ ଅଭିନୟ କରିଛନ୍ତି। ଉପକାର ପାଇଁ ତାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କ ଦେହାନ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କୁ ସିନେମା ଜଗତର ଆଇକନ ବୋଲି ସେ ଅଭିହିତ କରିଛନ୍ତି। ମୋଦୀ ମନୋଜ କୁମାରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଲେଖିଛନ୍ତି ଯେ ତାଙ୍କ ବିୟୋଗରେ ମୁଁ ଗଭୀର ମର୍ମାହତ। ଭାରତୀୟ ସିନେମାର ସେ ଜଣେ ପ୍ରତୀକ ଥିଲେ। ତାଙ୍କ ଦେଶପ୍ରେମର ଉତ୍ସାହ ଚଳଚ୍ଚିତ୍ରଗୁଡ଼ିକରେ ପ୍ରତିଫଳିତ ହେଉଥିଲା। ତାଙ୍କ କୃତି ପିଢିପରେ ପିଢିକୁ ପ୍ରେରଣା ଯୋଗାଇବ ବୋଲି ମୋଦୀ କହିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ସେହିପରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ମନୋଜ କୁମାରଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ସଂସଦ ବଜେଟ୍...

ମୁଲତବୀ ଘୋଷଣା କରିଥିବାବେଳେ ରାଜ୍ୟସଭାରେ ଅଧ୍ୟକ୍ଷ ଜଗଦୀପ ଧନଖଡ଼ ମୁଲତବୀ ଘୋଷଣା କରିଥିଲେ। ଗତ ଜାନୁଆରୀ ୩୧ ତାରିଖରୁ ସଂସଦର ବଜେଟ୍ ଅଧିବେଶନ ଆରମ୍ଭ ହୋଇଥିଲା। ଏଥିରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଥିଲେ। ଦୁଇଟି ପର୍ଯ୍ୟାୟରେ ଏହି ଅଧିବେଶନ ଚାଲୁ ରହିଥିଲା। ବଜେଟ୍ ଅଧିବେଶନ ସମୟରେ ୧୦ଟି ସରକାରୀ ବିଲ୍ ଆଗତ ହୋଇଥିଲା। ବହୁଚର୍ଚ୍ଚିତ ୱାକଫ୍ ସଂଶୋଧନ ବିଲ ସହ ୧୬ଟି ବିଲ୍ ପାରିତ ହୋଇଥିଲା। ତେବେ ୱାକଫ ବିଲ୍‌କୁ ନେଇ ଦୁଇଦିନ ଧରି ଉଭୟ ଲୋକସଭା ଓ ରାଜ୍ୟସଭା ବେଶ୍ ସରଗରମ ହୋଇ ଉଠିଥିଲା। ବିରୋଧୀ ଏହି ବିଲ୍‌କୁ ବିରୋଧ କରିଥିଲେ। ତେବେ କେନ୍ଦ୍ର ସରକାର ଏହି ବିଲ୍ ଉପସ୍ଥାପନ କରିବା ସହ ଏହାକୁ ପାରିତ କରାଇ ନେବାପାଇଁ ଆପ୍ରାଣ ଉଦ୍ୟମ ଚଳାଇଥିଲେ। ଗତ ବୁଧବାର ଲୋକସଭାରେ ଏହି ବିଲ୍ ଉପରେ ଦୀର୍ଘ ସମୟ ଧରି ଆଲୋଚନା କରାଯାଇଥିଲା। ତେବେ ବିଳମ୍ବିତ ରାତିରେ ବିଲ୍‌ଟି ୨୮୮-୨୩୨ ଭୋଟରେ ପାରିତ ହୋଇଥିଲା। ତହିଁ ପରଦିନ ଅର୍ଥାତ ଗୁରୁବାର ରାଜ୍ୟସଭାରେ ଏହି ବିଲ୍ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଉପସ୍ଥାପନ କରିବା ପରେ ଏହା ଉପରେ ଦୀର୍ଘ ସମୟ ଧରି ଆଲୋଚନା କରାଯାଇଥିଲା। ତେବେ ବିରୋଧୀ ରାଜ୍ୟସଭାରେ ମଧ୍ୟ ଏହି ବିଲ୍‌କୁ ତୀବ୍ର ବିରୋଧ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଗୃହରେ ବିତର୍କ ଲାଗି ରହିଥିଲା। ବିଳମ୍ବିତ ରାତିରେ ବିଲ୍‌ଟିକୁ ୧୨୮-୯୫ ଭୋଟରେ ପାରିତ କରାଯାଇଥିଲା।

## ସାହିଯାତ ଚୂଡାନ୍ତ ପ୍ରସ୍ତୁତି ବୈଠକ

ପୁରୀ (ଭାସ୍କର ନ୍ୟୁଜ) : ଚଳିତ ମାସ ୬ ତାରିଖ ରାମନବମୀ ତିଥିରୁ ଆରମ୍ଭ ହେବ ପୁରୀର ପାରମ୍ପରିକ ମହୋତ୍ସବ ସାହିଯାତ। ଏହା ଅପ୍ରେଲ ୨୨ ତାରିଖ ଶ୍ରୀରାମଙ୍କ ରାଜ୍ୟାଭିଷେକ ପର୍ଯ୍ୟନ୍ତ ଚାଲିବ।ଏହି ସାହିଯାତ କୁ ଶାନ୍ତି ଶୃଙ୍ଖଳା ଓ ଭବ୍ୟ ଭାବେ ଆୟୋଜନ କରିବାକୁ ଚୁଡାନ୍ତ ପ୍ରସ୍ତୁତି ବୈଠକ ଆଜି ମା ରାମଚଣ୍ଡି ଠାକୁରାଣୀ ବିସୁନି ଜାଗା ରାମଚଣ୍ଡି ସାହି ରେ ସନ୍ଧ୍ୟା ରେ ଆଠସାହି ଆଖଡା ମିଳିତ ସମନ୍ୱୟ ସମିତି ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଏହି ବୈଠକର ଉପସ୍ଥିତ ରହି ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସପି ସୁଶୀଲ ମିଶ୍ର ଶ୍ରୀକ୍ଷେତ୍ର ସାହିଯାତ ପରମ୍ପରା କୁ ଅକ୍ଷୁର୍ଣ୍ଣ ରଖି ସରସ ସୁନ୍ଦର ଭାବେ ପାଳନ କରିବା, ସମସ୍ତଙ୍କ ସହଯୋଗ ଓ ସମନ୍ୱୟ ରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା, ରାସ୍ତା ମରାମତି, ସ୍ୱଚ୍ଛତା ଓ ସୁସ୍ଥ ପରିବେଶ ପାଇଁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଟାଉନ ଥାନା ଆଇଆଇସି ଗୋକୁଳାନନ୍ଦ ଦାସ,ଟ୍ରାଫିକ ଇନ୍ସପେକ୍ଟର ଜୟଦୀପ ମହାନ୍ତି,ବାସେଳୀ ସାହି ଆଇଆଇସି ବିକ୍ରମ କୁମାର ଜେନା ଓ କୁମ୍ଭାରପଡା ଥାନା ଆଇଆଇସି ସୁଶାନ୍ତ କୁମାର ସାହୁ ଯୋଗ ଦେଇ ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ, ସାହିଯାତ ର ପ୍ରଚାର ପ୍ରସାର ଇତ୍ୟାଦି ସମ୍ପର୍କରେ ଆଲୋକପାତ କରିଥିଲେ। ଆଠ ସାହି ଆଖଡ଼ା ସମନ୍ୱୟ ସମିତି ସଭାପତି ରବିନ୍ଦ୍ର ନାଥ ସେନାପତି ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ତଳୁଛ ନୀଳକଣ୍ଠ ମହାପାତ୍ର ସାହିଯାତ ସମ୍ପର୍କରେ ଆଲୋଚନା କରି ପ୍ରଥମ ଥର ରାଜ୍ୟ ସରକାରଙ୍କ ପକ୍ଷର ରୁ ସାହିଯାତ ପାଇଁ ସହଯୋଗର ହାତ ବଢିଥିବାରୁ ସମନ୍ୱୟ ସମିତି ପକ୍ଷରୁ ରାଜ୍ୟ ସରକାରଙ୍କର ଆଇନ ବିଭାଗ, ସଂସ୍କୃତି ବିଭାଗ, ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସକ ସମସ୍ତ ବିଭାଗକୁ ଧନ୍ୟବାଦ ଦେଇଥିଲେ। ଭବିଷ୍ୟତ ରେ ଏହାକୁ ମାନ୍ୟତା ଦେଇ ସଂସ୍କୃତି ବିଭାଗର ବାର୍ଷିକ କ୍ୟାଲେଣ୍ଡର ରେ ସାମିଲ କରିବା, ଧନୁଯାତ୍ରା ପରି ଆର୍ଥିକ ସହଯୋଗ ଯୋଗାଇବାକୁ ସମସ୍ତ ସଦସ୍ୟ ମାନେ ସରକାର ଙ୍କୁ ଅନୁରୋଧ କରିଥିଲେ। ସମାଜସେବୀ ଚକ୍ରଧର ମହାପାତ୍ର ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଉପସଭାପତି ନାରାୟଣ ମହାସୁଆର, ବରିଷ୍ଠ ସଭ୍ୟ ରବି ଦାସ, ଜଗନ୍ନାଥ ମହାପାତ୍ର, ବିଶ୍ୱଜିତ୍ ସେନାପତି, ରାମ ଚନ୍ଦ୍ର ମହାପାତ୍ର, ନରେନ୍ଦ୍ର ମହାନ୍ତି ଗଣେଶ୍ୱର ମହାସୁଆର, କୃଷ୍ଣ ଚନ୍ଦ୍ର ଦାସ, ଜିତେନ୍ଦ୍ର ମହାପାତ୍ର, ନାରାୟଣ ମହାପାତ୍ର, ନାରାୟଣ କୋଠାରୀ, ଜ୍ୟୋତି ମହାପାତ୍ର, ଅନିରୁଦ୍ଧ ରାଉତ, ବିଜୟ କୃଷ୍ଣ ବର୍ମା, ହରିମୋହନ ଖୁଣ୍ଟିଆ, ପ୍ରଶାନ୍ତ କୁମାର ମହାନ୍ତି, ମନୋଜ କୁମାର ମହାପାତ୍ର, ଲକ୍ଷ୍ମୀ କାନ୍ତ ରଥ, ପ୍ରଫୁଲ୍ଲ କୁମାର ଖୁଣ୍ଟିଆ, ରଘୁନାଥ ଖୁଣ୍ଟିଆ, ରବିନାରାୟଣ ସୂପକାର, ମୋହନ ମହାପାତ୍ର,ଶ୍ୟାମ ସୁନ୍ଦର ମହାପାତ୍ର ଓ ଅନ୍ୟାନ୍ୟ ସଦସ୍ୟ ମାନେ ଯୋଗ ଦେଇଥିଲେ।

**JAMSHEDPUR NOTIFIED AREA COMMITTEE**
New Kalimati Road, Sakchi-831001
E- mail ID-jnacjsr@gmail.com

**E- Procurement Notice (Tender Notice)**

NIT No- JNAC/39/2024-25 Date- 03-.04.2025

| | | |
|---|---|---|
| 1. | Name of the work | Waste Water Management System Drains- Nimbhatta, Baridih Basti and Bihari Basti Under Jamshedpur Notified Area Committee Jamshedpur. |
| 2. | Estimated Cost (rs.) | Construction cost with operation & maintenance cost of one year total Rs. 7,32,09,964.00 |
| 3. | Cost of Bid Document (INR) | INR 25,000/- (Twenty thousand Only) Non-Refundable. |
| 4. | Bid Security (INR) | Bid Security: Rs 7,32,100.00 |
| 5. | Time of Completion | 1Year |
| 6. | Date/Time of publication of tender on website | 05.04.2025 at 05:00 Pm |
| 7. | Document downloading Start date | 05.04.2025 at 05:00 Pm |
| 8. | Pre bid meeting date, Time & venue | 15.04.2025 at 03:00 Pm, JNAC Conference Hall |
| 9. | Bid Submission Start date | 15.04.2025 at 05:00 Pm |
| 10. | Bid Submission end date | 24.04.2025 at 05:00 Pm |
| 11. | Bid Opening date | 25.04.2025 (Online) 03:00PM |
| 12. | Mode of Submission of bids | E-tendering (http://jharkhandtenders.gov.in) |
| 13. | Name and address of office inviting tender | Deputy Municipal Commissioner, Jamshedpur Notified area Committee, Jamshedpur. |
| 14. | Contact No. of procurement officer | |
| 15. | Helpline No. of E-procurement cell | |

Note- 1. Only E-tender will be accepted, further details can be seen on website (http://jharkhandtenders.gov.in)

PR 349682 Urban Development (25-26)_D

**Deputy Municipal Commissioner, Jamshedpur Notified Area Committee, Jamshedpur**

**OFFICE OF THE EXECUTIVE ENGINEER, L.I. DIVISION, BERHAMPUR**
e-mail : eeolicbam@ymail.com
*e-Procurement Notice*
Bid Identification No.01 / 2025-26 OLIC (BAM) / Dt. 03.04.2025

**CAD-30**

The Executive Engineer, Lift Irrigation Division, Berhampur on behalf of OLIC invites **Percentage Rate** bids in **Single Cover** system to be received in online Mode only for the work "Improvement of following LIPs in Ganjam District as detailed in the table below. The Bid should be submitted by the eligible class of contractors as mentioned below registered with the State Government and contractors of equivalent grade / class registered with Central Government / M.E.S. / Railways / C.P.W.D. for execution of Civil Works through on line in the Govt. website www.tendersodisha.gov.in . The bidders should have necessary portal enrolment with own digital signature certificate. The Contractor having similar nature of works may be preferred.

1. Numbers of Package — 54 Numbers
2. Estimated Cost — Rs.5.42 lakhs to 20.58 lakhs
3. Tender Cost — As per DTCN
4. Class of Contractor — As per DTCN
5. Date & time of publication — Dt 07.04.2025 from 12.00 Noon.
6. Date & time of closing — Dt 11.04.2025 at 17.00hrs
7. Date & time of opening of bid — Dt. 15.04.2025 at 12.00 Noon

Further details can be seen from the website www.tendersorissa.gov.in.
Addendum/corrigendum/cancellation of tender, if any, can be seen in the said website

**OIPR 32442/11/0006/2425**
Sd/-EXECUTIVE ENGINEER

**ODISHA LIFT IRRIGTION CORPORATION LIMITED**
(A Government of Odisha Undertaking)
OFFICE OF THE EXECUTIVE ENGINEER, L.I. DIVISION, BHUBANESWAR
e-Mail: eeolicdivn.bbsr@ymail.com Tel. 0674-2391847
*e-Procurement Notice*

**CAD-04**

**Bid Identification No. 740 /2024-25 Dt. 02.04.2025**

The **Executive Engineer, Lift Irrigation Division, Bhubaneswar** on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites **percentage Rate bids in online mode** for Revival & Re-Energisation (Reinforcement) of Lift Irrigation Projects in Puri & Khordha district under **PLAN FUND 2024-25** in TURNKEY BASIS as mentioned below from the reputed Contractors/ Firms having valid HT license issued by E.L.B.O, Odisha and Civil license as mentioned below with experience in similar nature of work.

1. Nature of work : Execution of work for installation & Re- Energisation of 114 Nos L. I. Projects in different blocks of Puri & Khordha district.
2. Estimated cost : Varies from Rs. **1129324/-** to Rs. **3667597/-**
3. Period of completion : 90 days .
4. Date & time of availability of bid documents in the portal : 07.04.2025 at 10.00 A.M.
5. Last date & time for receipt of bids in the portal : 16.04.2025. up to 5.00 P.M.
6. Date & time of seeking clarification : 07.04.2025 at 10.00 A.M. to 15.04.2025 up to 5.00 P.M.
7. Opening date & time : **17.04.2025** at 11.00 A.M.
8. Name & address of the officer inviting Bid : Executive Engineer, Lift Irrigation Division, Bhubaneswar

The details of tender are available in the Government tender web site i.e. www.tendersorissa.gov.in. and other related documents are available in the DTCN for bidding. Any Addendum/ corrigendum/ Cancellation of tender will be available in the said website

Sd/- Executive Engineer
L.I. Division, Bhubaneswar

**OIPR 32155/11/0011/2425**

GOVERNMENT OF ODISHA
OFFICE OF THE SUPERINTENDING ENGINEER
QUALITY ASSURANCE DIVISION, UNIT-III, BHUBANESWAR
Email:-qcdbbsr_wr1997@yahoo.in

**A-12**

Detail Tender Call Notice No. QADBBSR-01 /2025-26

| | | |
|---|---|---|
| 1 | Name of the Work | "Outsourcing of Human Resources for Management of day to day activities of Quality Control Laboratory under the Superintending Engineer, Quality Assurance Division, Bhubaneswar for the Year-2025-26." |
| 2 | No. of Works | 01 |
| 3 | Bid Identification No. | QADBBSR-01/2025-26 |
| 4 | Amount put to Tender | 6.34 Lakhs (Approx.) |
| 5 | Cost of Tender Paper | Rs. 4000.00 |
| 6 | Date & Time of availability of Bid documents in the portal | From date 07.04.2025 (11:00 AM) to dated 25.04.2025 (3:00 PM) |
| 7 | Time of receipt of Bids through Online at website https//www.tendersodisha.gov.in | From date 07.04.2025 (11:00 AM) to dated. 25.04.2025 (3:00 PM) |
| 8 | Date & time of opening of tender | 25.04.2025 (4:00 PM ) in the O/o the Superintending Engineer, Quality Assurance Division, Unit-VIII, Bhubaneswar |
| 9 | Name & address of the Officer inviting Bid | Superintending Engineer, Quality Assurance Division, Bhubaneswar. |

Further details can be seen from Govt. web site **www.tendersodisha.gov.in**. Addendum /Corrigendum/Cancellation if any required will be published only in Govt. web site www.tendersodisha.gov.in

Sd/- Superintending Engieer
Quality Assurance Division
Bhubaneswar

**OIPR 32219/11/0005/2425**

ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ:(୦୬୭୪)୨୩୯୩୫୨୪,
ଏପିବିଏକ୍ସ:(୦୬୭୪)୨୩୯୧୫୪୨,୨୩୯୦୧୪୧
ଫାକ୍ସ:(୦୬୭୪)୨୩୯୩୯୫୨, ୱେବ ସାଇଟି: https://oshb.org

**CAD-25**

ବିଜ୍ଞାପନ


ପତ୍ର ସଂଖ୍ୟା: ୪୪ ତା:୨୧.୦୩.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ।

| କ୍ର.ନଂ | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ ୰ଧନେଶ୍ୱର ଷଡ଼ଙ୍ଗୀ, ପିତା ୰ଭଗବାନ ଷଡ଼ଙ୍ଗୀ, ସା-ଛୋଟନାଥପୁର ଶାସନ, ଥାନା-ଆଳି, ଜିଲ୍ଲା-କେନ୍ଦ୍ରାପଡ଼ା | ଫ୍ଲାଟ ନଂ ଏଫ.ଆର -୬୧/୨ (FR-61/2) ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା | ୧.ଶଶୀରେଖା ଷଡ଼ଙ୍ଗୀ (ସ୍ତ୍ରୀ) ୨.ସରୋଜ କୁମାର ଷଡ଼ଙ୍ଗୀ (ବି.ପୁତ୍ର) ୩.ଦୀପ୍ତି ରଞ୍ଜନ ଷଡ଼ଙ୍ଗୀ (ବି.ପୁତ୍ର) ୪.ତୃପ୍ତି ରଞ୍ଜନ ଷଡ଼ଙ୍ଗୀ (ବି.ପୁତ୍ର) |

ସ୍ୱା-ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**OIPR 13030/11/0519/2425**



ମୁମ୍ବାଇ : ମୁମ୍ବାଇରେ ଶୁକ୍ରବାର ଅପରାହ୍ନରେ ହୋଇଥିବା ଧୂଳିଝଡ଼ ମୁମ୍ବାଇବାସୀଙ୍କୁ ବେଶ୍ ପ୍ରଭାବିତ କରିଛି । ଭୀଷଣ ଧୂଳି ଝଡ଼ ସାଙ୍ଗକୁ ବର୍ଷା ସହରର ଯାତାୟାତ ଓ ଲୋକାଲ ଟ୍ରେନ ପରିଚାଳନାକୁ ପ୍ରଭାବିତ କରିଛି । ଠାଣେର ଘୋଡବନ୍ଦର ଅଞ୍ଚଳରେ ଏକ ଘରର ଛାତ ଉପରେ ଥିବା ଘର ଝଡ଼ତୋଫାନରେ କ୍ଷତିଗ୍ରସ୍ତ ହୋଇଛି । ପାଣିପାଗ ବିଭାଗ ଜାରି କରିଥିବା ସତର୍କତାରେ ମୁମ୍ବାଇର ଅଲଗା ଅଲଗା ସ୍ଥାନରେ ଘଡ଼ଘଡ଼ି ବିଜୁଳି ସହ ହାଲୁକା ବର୍ଷା ସାଙ୍ଗକୁ ଝଡ଼ତୋଫାନ ହୋଇପାରେ ବୋଲି ପୂର୍ବାନୁମାନ କରିଛନ୍ତି । ଏହି ସମୟରେ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିପାରେ ବୋଲି କୁହାଯାଇଛି । ତେବେ ଧୂଳି ଝଡ଼ ଯୋଗୁ ଆର୍ଥିକ ମହାନଗରରେ ସେଭଳି କୌଣସି କ୍ଷୟକ୍ଷତି ହୋଇ ନାହିଁ । ଅଗ୍ନିଶମ ବିଭାଗ ଅଧିକାରୀଙ୍କ ସୂଚନା ଅନୁସାରେ ଥକୁରପଡ଼ାର ଏକ ୭ମହଲା କୋଠାର ଛାତ ଉପରେ ଥିବା ଏକ ଅସ୍ଥାୟୀ ନିର୍ମାଣ ଝଡ଼ ତୋଫାନରେ ଭୁଶୁଡ଼ି ପଡ଼ିଛି । ଝଡ଼ତୋଫାନ ବେଳେ ଦମକଳ ବିଭାଗ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା ।



## ହାଇକୋର୍ଟରୁ ମମତାଙ୍କୁ ଝଟ୍କା !



କୋଲକାତା: ଶୁକ୍ରବାର ମମତା ସରକାରଙ୍କୁ କଲିକତା ହାଇକୋର୍ଟରୁ ଏକ ବଡ଼ ଝଟକା ଲାଗିଛି । ହାଓଡାରେ ପ୍ରସ୍ତାବିତ ରାସ୍ତାରେ ରାମ ନବମୀ ରାଲି କରିବାକୁ ହିନ୍ଦୁ ସଂଗଠନ ଅଞ୍ଜନୀ ପୁତ୍ର ସେନାକୁ କୋର୍ଟ ଅନୁମତି ଦେଇଛନ୍ତି । କୋର୍ଟ ଏପ୍ରିଲ ୬ରେ ରାମ ନବମୀ ରାଲି କରିବାକୁ ଅନୁମତି ଦେଇଛନ୍ତି । ତଥାପି, ଶାନ୍ତିପୂର୍ଣ୍ଣ ରାଲି ସୁନିଶ୍ଚିତ କରିବା ପାଇଁ କୋର୍ଟ ହିନ୍ଦୁ ସଂଗଠନ ଉପରେ କିଛି ସର୍ତ୍ତ ମଧ୍ୟ ଲଗାଇଛନ୍ତି । ସୂଚନା ଅନୁଯାୟୀ, ଏହି ରାଲି ନରସିଂହ ମନ୍ଦିରରୁ ଆରମ୍ଭ ହୋଇ ଜିଟି ରୋଡ ଦେଇ ହାଓଡ଼ା ମୈଦାନରେ ଶେଷ ହେବ । କୋର୍ଟ ସର୍ତ୍ତାବଳୀରେ କହିଛନ୍ତି ଯେ କୌଣସି ବ୍ୟକ୍ତି ରାଲିରେ ଅସ୍ତ୍ରଶସ୍ତ୍ର ନେଇପାରିବେ ନାହିଁ । ଲୋକମାନେ ପତାକା ଏବଂ ପ୍ଲାଷ୍ଟିକ ଗଦା ଧରି ଯାଇପାରିବେ । ରାଲିର ଆଗରେ ଏବଂ ପଛରେ ପୋଲିସ ଗାଡ଼ି ମୁତୟନ କରାଯାଇପାରେ । କୋର୍ଟ ରାଲିର ସମୟ ଉପରେ ମଧ୍ୟ ସର୍ତ୍ତାବଳୀ ଲଗାଇଛନ୍ତି । କୋର୍ଟ କହିଛନ୍ତି ଯେ ସକାଳ ୮ଟା ୩୦ରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ରାଲି ବାହାର କରିବାକୁ ପଡ଼ିବ । ଏହି ସମାବେଶରେ ୫୦୦ ଜଣ ଲୋକ ଯୋଗ ଦେଇପାରିବେ । ହାଓଡ଼ାରେ ରାମନବମୀ ରାଲି ବାହାର କରାଯିବ । ସୂଚନାଯୋଗ୍ୟ, ରାମନବମୀ ଅବସରରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏକ ରାଲି ମଧ୍ୟ ବାହାର କରାଯିବ । ଉଭୟଙ୍କ ରାଲିର ପଥ ଭିନ୍ନ । ବିଏଚପିର ରାଲି ଟିକିଏ କଲେଜ ଗେଟ-୧ ରୁ ଆରମ୍ଭ ହେବ ଏବଂ ମଲ୍ଲିକ ଗେଟ ଦେଇ ରାମକୃଷ୍ଣପୁର ଘାଟରେ ଶେଷ ହେବ । ଆୟୋଜକମାନେ ରାଲି ପାଇଁ ବଙ୍ଗଳା ପୋଲିସଠାରୁ ଅନୁମତି ମାଗିଥିଲେ । ପ୍ରସ୍ତାବିତ ରାସ୍ତାରେ ଯାତ୍ରା ପାଇଁ ହାଓ୍ୱଡା ପୋଲିସ ଅନୁମତି ଦେଇ ନଥିଲା ।

## ଶାହାଙ୍କୁ ସ୍ୱାଗତ କଲେ ବିଷ୍ଣୁଦେବ

ରାୟପୁର: କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ଶୁକ୍ରବାର ରାୟପୁରର ସ୍ୱାମୀ ବିବେକାନନ୍ଦ ବିମାନ ବନ୍ଦରରେ ପହଞ୍ଚିବା ପରେ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ସାଏଙ୍କ ସହ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଓ, ବିଜୟ ଶର୍ମା, ଅର୍ଥ ମନ୍ତ୍ରୀ ଓପି ଚୌଧୁରୀ, କୃଷି ମନ୍ତ୍ରୀ ରାମବିଚାର ନେତମ୍, କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ତୋଖନ ସାହୁ, ସାଂସଦ ବ୍ରଜମୋହନ ଅଗ୍ରୱାଲ, ବିଧାୟକ ପୁରନ୍ଦର ମିଶ୍ର,ଅନୁଜ ଶର୍ମା ପ୍ରମୁଖ ଶ୍ରୀ ଶାହାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେଇଥିଲେ ।



## ନେପାଳରେ ଭୂମିକମ୍ପ

ନୂଆଦିଲ୍ଲୀ: ନେପାଳରେ ଭୂମିକମ୍ପ । ନେପାଳ ସହିତ ଉତ୍ତର ପ୍ରଦେଶ ଓ ଉତ୍ତରାଖଣ୍ଡରେ ମଧ୍ୟ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି । ନ୍ୟାଶନାଲ ସେଣ୍ଟର ଫର୍ ସିସ୍ମୋଲୋଜି ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭.୫୨ ମିନିଟରେ ଭୂମିକମ୍ପ ଝଟକା ଲାଗିଥିଲା । ଏହାର କେନ୍ଦ୍ରସ୍ଥଳି ନେପାଳ ଭୂପୃଷ୍ଠରୁ ୨୦ କିଲୋମିଟର ଗଭୀରତାରେ ରହିଛି । ସୂଚନା ମୁତାବକ, ଉତ୍ତରାଖଣ୍ଡର ପିଥୋରାଗଡ଼ରେ ୭.୫୨ ମିନିଟରେ ଭୂକମ୍ପ ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫.୦ ରେକର୍ଡ ହୋଇଛି । ଏହାର କେନ୍ଦ୍ର ଟାଲେଗାଓ ନିକଟରେ ରହିଛି । ତେବେ ଭୂମିକମ୍ପରେ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକାର କ୍ଷୟକ୍ଷତି ସୂଚନା ମିଳିନାହିଁ । ହେଲେ ଭୂକମ୍ପ ପରେ ଭୟଭୀତ ହୋଇଯାଇଛନ୍ତି ସ୍ଥାନୀୟ ଲୋକେ । ଏହା ପୂର୍ବରୁ ଗୁରୁବାର ମହାରାଷ୍ଟ୍ର ସୋଲାପୁର ଜିଲ୍ଲାରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୨.୬ ରେକର୍ଡ କରାଯାଇଥିଲା ।

## ୱାକଫ ବିଲ୍ ବିରୋଧରେ ସୁପ୍ରିମକୋର୍ଟ ଯିବ କଂଗ୍ରେସ




ନୂଆଦିଲ୍ଲୀ : ୱାକଫ ବିଲ୍କୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବ କଂଗ୍ରେସ । କଂଗ୍ରେସ ମହାସଚିବ ଏବଂ ରାଜ୍ୟସଭା ସାଂସଦ ଜୟରାମ ରମେଶ ଏକ୍ସରେ ଏକ ପୋଷ୍ଟରେ ଏହା ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ, ଆମେ ଆପଣଙ୍କୁ ଜଣାଇ ଦେଉଛୁ ଯେ ଏମକେ ଷ୍ଟାଲିନଙ୍କ ନେତୃତ୍ୱାଧୀନ ଡିଏମକେ ପୂର୍ବରୁ ସୁପ୍ରିମକୋର୍ଟରେ ୱାକଫ ସଂଶୋଧନ ବିଲର ସାମ୍ବିଧାନିକତାକୁ ଚ୍ୟାଲେଞ୍ଜ କରିବାକୁ ଘୋଷଣା କରିସାରିଛି । ଶୁକ୍ରବାର ସଂସଦରେ ୱାକଫ (ସଂଶୋଧନ) ବିଲ, ୨୦୨୫ ଗୃହୀତ ହୋଇଛି । ଲୋକସଭାରୁ ଅନୁମୋଦନ ପାଇବାର ଗୋଟିଏ ଦିନ ପରେ, ଏହି ବିଲ୍ ୧୨ ଘଣ୍ଟାରୁ ଅଧିକ ସମୟର ବିତର୍କ ପରେ ରାଜ୍ୟସଭାରେ ମଧ୍ୟ ଗୃହୀତ ହୋଇଥିଲା । ଲୋକସଭାରେ ବିଲ୍ ସପକ୍ଷରେ ୨୮୮ ଏବଂ ବିପକ୍ଷରେ ୨୩୨ ଭୋଟ ପଡ଼ିଥିବାବେଳେ ରାଜ୍ୟସଭାରେ ସପକ୍ଷରେ ୧୨୮ ଏବଂ ବିପକ୍ଷରେ ୯୫ ଭୋଟ ପଡ଼ିଥିଲା । ସିଏଏ, ୨୦୧୯ ପ୍ରତି କଂଗ୍ରେସର ଚ୍ୟାଲେଞ୍ଜ ଉପରେ ସୁପ୍ରିମକୋର୍ଟରେ ଶୁଣାଣି ଚାଲିଛି । କଂଗ୍ରେସ ଖୁବ୍ ଶୀଘ୍ର ସୁପ୍ରିମକୋର୍ଟରେ ୱାକଫ୍ (ସଂଶୋଧନ) ବିଲ୍, ୨୦୨୪ର ସାମ୍ବିଧାନିକତାକୁ ଚ୍ୟାଲେଞ୍ଜ କରିବ । ଆମର ପୂର୍ଣ୍ଣ ବିଶ୍ୱାସ ଅଛି ଏବଂ ଆମେ ଭାରତର ସମ୍ବିଧାନରେ ଥିବା ନୀତି, ବ୍ୟବସ୍ଥା ଏବଂ ପ୍ରକ୍ରିୟା ଉପରେ ମୋଦି ସରକାରଙ୍କ ସମସ୍ତ ନିଷ୍ପତ୍ତିକୁ ବିରୋଧ କରିବୁ । ସଂସଦରେ ବିରୋଧୀ ନେତାମାନେ କହିଛନ୍ତି ଯେ ୱାକଫ ସଂଶୋଧନ ବିଲ୍ ସାମ୍ବିଧାନିକ ନୀତିକୁ ଉଲ୍ଲଂଘନ କରେ ଏବଂ ବିଲ୍ ଆଣିବା ପଛରେ ସରକାରଙ୍କ ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି । କଂଗ୍ରେସ ଦଳର ମୁଖ୍ୟ ମଲ୍ଲିକାର୍ଜୁନ ଖଡଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ସଂଖ୍ୟାଲଘୁଙ୍କ ପ୍ରତି ନକାରାତ୍ମକ ମନୋଭାବ ପୋଷଣ କରୁଥିବା ଅଭିଯୋଗ କରିଛନ୍ତି । କଂଗ୍ରେସ ରାଜ୍ୟସଭା ସାଂସଦ ଅଭିଷେକ ମନୁ ସିଂଘଭି କହିଛନ୍ତି, ଶାସକ ଦଳ ବହୁମତକୁ ଅପବ୍ୟବହାର କରିଛି ଏବଂ ବିଲ୍କୁ ବଳପୂର୍ବକ ଲାଗୁ କରାଯାଇଛି । ଯଦି ୱାକଫ ସଂଶୋଧନ ବିଲ୍ ୨୦୨୫କୁ ଚ୍ୟାଲେଞ୍ଜ କରାଯାଏ, ତେବେ ନ୍ୟାୟପାଳିକା ଏହାକୁ ଅସାମ୍ବିଧାନିକ ଘୋଷଣା କରିବାର ସମ୍ଭାବନା ରହିଛି ।

## ଭାଇବ୍ରେଣ୍ଟ ଭିଲେଜ୍ ପ୍ରୋଗ୍ରାମ-୨କୁ କ୍ୟାବିନେଟ୍ ଅନୁମୋଦନ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଶୁକ୍ରବାର ଭାଇବ୍ରେଣ୍ଟ ଭିଲେଜ୍ ପ୍ରୋଗ୍ରାମ - ୨ (ଭିଭିପି -୨)କୁ ଏକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା (୧୦୦% କେନ୍ଦ୍ର ପାଣ୍ଠି) ଆକାରରେ ମଞ୍ଜୁରୀ ପ୍ରଦାନ କରାଯାଇଛି, ଯାହା 'ସୁରକ୍ଷିତ, ନିରାପଦ ଏବଂ ଚଳଚଞ୍ଚଳ ସ୍ଥଳ ସୀମା' ପାଇଁ ବିକଶିତ ଭାରତ @୨୦୪୭ ଦୃଷ୍ଟିକୋଣ ପ୍ରତି ନିଜର ପ୍ରତିବଦ୍ଧତାକୁ ଆଗକୁ ବଢ଼ାଇଥାଏ । ଏହି କାର୍ଯ୍ୟକ୍ରମ ପୂର୍ବରୁ ଭିଭିପି - ୧ ଅଧୀନରେ ଅନ୍ତର୍ଭୁକ୍ତ ହୋଇଥିବା ଉତ୍ତର ସୀମା ବ୍ୟତୀତ ଅନ୍ତର୍ଜାତୀୟ ସ୍ଥଳ ସୀମା (ଆଇଏଲବି) ନିକଟବର୍ତ୍ତୀ ବ୍ଲକରେ ଅବସ୍ଥିତ ଗ୍ରାମଗୁଡିକର ବ୍ୟାପକ ବିକାଶରେ ସହାୟକ ହେବ । ମୋଟ ୬,୮୩୯ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟକ୍ରମ ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ଗୁଜରାଟ, ଜାମ୍ମୁ ଓ କାଶ୍ମୀର (କେନ୍ଦ୍ରଶାସିତ ଅଂଚଳ), ଲଦାଖ (କେନ୍ଦ୍ରଶାସିତ ଅଂଚଳ), ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପଞ୍ଜାବ, ରାଜସ୍ଥାନ, ସିକ୍କିମ୍, ତ୍ରିପୁରା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗର ବଛାବଛା ରଣନୈତିକ ଗ୍ରାମରେ ୨୦୨୮ - ୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ସମୃଦ୍ଧ ଏବଂ ସୁରକ୍ଷିତ ସୀମା ସୁନିଶ୍ଚିତ କରିବା ପାଇଁ ଉନ୍ନତମାନର ଜୀବନଶୈଳୀ ଏବଂ ପର୍ଯ୍ୟାପ୍ତ ଆଜୀବିକା ସୁଯୋଗ ସୃଷ୍ଟି କରିବା, ସୀମାପାର ଅପରାଧକୁ ନିୟନ୍ତ୍ରଣ କରିବା ଏବଂ ସୀମାବର୍ତ୍ତୀ ଜନସଂଖ୍ୟାକୁ ଦେଶ ସହିତ ଯୋଡିବା ଏବଂ ସେମାନଙ୍କୁ ଆଭ୍ୟନ୍ତରୀଣ ନିରାପତ୍ତା ପାଇଁ ଗୁରୁତ୍ୱପୂର୍ଣ୍ଣ 'ସୀମା ସୁରକ୍ଷା ବାହିନୀର ଆଖି ଏବଂ କାନ ଭାବରେ' ବିକଶିତ କରିବା, ଯାହା ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏହି କାର୍ଯ୍ୟକ୍ରମରେ ଗାଁ ଭିତରେ ଭିତ୍ତିଭୂମି ବିକାଶ, ମୂଲ୍ୟ ଶୃଙ୍ଖଳ ବିକାଶ (ସମବାୟ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ଇତ୍ୟାଦି ମାଧ୍ୟମରେ), ସୀମା ନିର୍ଦ୍ଦିଷ୍ଟ ପହଞ୍ଚ କାର୍ଯ୍ୟକଳାପ, ସ୍ମାର୍ଟ ଶ୍ରେଣୀ ଭଳି ଶିକ୍ଷା ଭିତ୍ତିଭୂମି, ପର୍ଯ୍ୟଟନ ସର୍କିଟର ବିକାଶ ଏବଂ ସୀମାବର୍ତ୍ତୀ ଅଞ୍ଚଳରେ ବିବିଧ ଏବଂ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ପାଇଁ କାର୍ଯ୍ୟ/ ପ୍ରକଳ୍ପ ଲାଗି ପାଣ୍ଠି ଯୋଗାଇ ଦିଆଯିବ । ମିଳିତ ଆଭିମୁଖ୍ୟରେ ପ୍ରସ୍ତୁତ ଗ୍ରାମ କାର୍ଯ୍ୟ ଯୋଜନା ଗୁଡିକର ଆଧାରରେ ଏହି ହସ୍ତକ୍ଷେପ ସୀମା ନିର୍ଦ୍ଦିଷ୍ଟ, ରାଜ୍ୟ ନିର୍ଦ୍ଦିଷ୍ଟ ଓ ଗ୍ରାମ ନିର୍ଦ୍ଦିଷ୍ଟ ହେବ । ଏମଓଆରଡି ଅଧୀନରେ ପୂର୍ବରୁ ଅନୁମୋଦିତ ପିଏମଜିଏସୱାଇ - ୪ ଅଧୀନରେ ଏହି ଗ୍ରାମଗୁଡିକ ପାଇଁ ସର୍ବକାଳୀନ ସଡ଼କ ସଂଯୋଗ କରାଯିବ । କ୍ୟାବିନେଟ୍ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ସୀମାନ୍ତ ଅଞ୍ଚଳରେ ଯୋଜନାଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ଯୋଜନାବଦ୍ଧ ମାର୍ଗଦର୍ଶିକାରେ ଉପଯୁକ୍ତ ରିହାତି ଉପରେ ବିଚାର କରିବ । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି , ଯୋଜନାର ମାନଦଣ୍ଡ ଅନୁଯାୟୀ ସମନ୍ୱିତ ଭାବେ ଚିହ୍ନଟ ହୋଇଥିବା ଗ୍ରାମଗୁଡ଼ିକରେ ପ୍ରଚଳିତ ବ୍ୟକ୍ତିଗତ ଏବଂ ଘରୋଇ ସ୍ତରର କଲ୍ୟାଣକାରୀ ଯୋଜନାରେ ସଂତୃପ୍ତି ହାସଲ କରିବା । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି, ୪ଟି ବିଷୟଗତ କ୍ଷେତ୍ର, ଯଥା ସର୍ବକାଳୀନ ସଡ଼କ ସଂଯୋଗ, ଟେଲିକମ୍ ସଂଯୋଗ, ଟେଲିଭିଜନ ସଂଯୋଗ ଏବଂ ବିଦ୍ୟୁତୀକରଣ ଭଳି କ୍ଷେତ୍ରରେ ଏଭଳି ବ୍ଲକ୍ର ସମସ୍ତ ଗାଁକୁ ପ୍ରଚଳିତ ଯୋଜନାର ମାନଦଣ୍ଡ ଅନୁଯାୟୀ ସମନ୍ୱୟ ମାଧ୍ୟମରେ ସଂପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ମେଳା ଓ ପର୍ବପର୍ବାଣୀ, ସଚେତନତା ଶିବିର, ଜାତୀୟ ଦିବସ ପାଳନ, ମନ୍ତ୍ରୀ, କେନ୍ଦ୍ର ଓ ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳର ସରକାରଙ୍କ ବରିଷ୍ଠ ସରକାରୀ ଅଧିକାରୀଙ୍କ ନିୟମିତ ଗସ୍ତ ଏବଂ ସେହି ଗ୍ରାମଗୁଡ଼ିକରେ ରାତ୍ରିକାଳୀନ ରହଣି ଆଦି କାର୍ଯ୍ୟକ୍ରମ ଆୟୋଜନ କରି ଏହି ଗ୍ରାମରେ ଚଂଚଳତା ବୃଦ୍ଧି ଉପରେ ଏହି କାର୍ଯ୍ୟକ୍ରମ ଗୁରୁତ୍ୱାରୋପ କରିଥାଏ । ଏହା ଦ୍ୱାରା ପର୍ଯ୍ୟଟନ ସମ୍ଭାବନା ବୃଦ୍ଧି ପାଇବ ଏବଂ ଏହି ଗ୍ରାମଗୁଡ଼ିକର ସ୍ଥାନୀୟ ସଂସ୍କୃତି ଏବଂ ଐତିହ୍ୟକୁ ପ୍ରୋତ୍ସାହନ ମିଳିବ । ଭିଭିପି - ୨ ସହ ଭିଭିପି - ୧ ସୀମାନ୍ତ ଗ୍ରାମଗୁଡ଼ିକୁ ଆତ୍ମନିର୍ଭରଶୀଳ ଓ ଚଳଚଂଚଳ କରିବା ପାଇଁ ଏହା ଏକ ପରିବର୍ତ୍ତନମୂଳକ ପଦକ୍ଷେପ ।


## ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ପାଇଁ ଗୃହରେ ଅନୁମୋଦନ

ନୂଆଦିଲ୍ଲୀ : କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ଲାଗି ରାଜ୍ୟସଭାରେ ଏକ ବୈଧାନିକ ସଙ୍କଳ୍ପ ଆଗତ କରିଥିଲେ । ଏହାପରେ ଉଚ୍ଚ ସଦନ ଦ୍ୱାରା ଏହି ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ପ୍ରସ୍ତାବ ଉପସ୍ଥାପନ କରି କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ସ୍ପଷ୍ଟ କରିଛନ୍ତି ଯେ ମଣିପୁର ସରକାରଙ୍କ ବିରୋଧରେ ଅବିଶ୍ୱାସ ଅଣାଯାଇ ନଥିଲା କାରଣ ବିରୋଧୀଙ୍କ ପାଖରେ ଏପରି ପ୍ରସ୍ତାବ ଆଣିବା ପାଇଁ ପର୍ଯ୍ୟାପ୍ତ ସଦସ୍ୟ ନଥିଲେ । ଶ୍ରୀ ଶାହ ଉଲ୍ଲେଖ କରିଥିଲେ ଯେ ତାଙ୍କ ଦଳର ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଇଥିଲେ, ଯାହା ପରେ ରାଜ୍ୟପାଳ ବିଜେପିର ୩୭ ଜଣ, ଏନପିପିର ୬ ଜଣ, ଏନପିଏଫର ୫ ଜଣ, ଜେଡିୟୁର ୧ ଜଣ ଏବଂ କଂଗ୍ରେସର ୫ ଜଣ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ । ଯେତେବେଳେ ଅଧିକାଂଶ ସଦସ୍ୟ କହିଥିଲେ ଯେ ସେମାନେ ସରକାର ଗଠନ କରିବା ସ୍ଥିତିରେ ନାହାଁନ୍ତି, ସେତେବେଳେ କ୍ୟାବିନେଟ ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ ସୁପାରିଶ କରିଥିଲେ, ଯାହାକୁ



ରାଷ୍ଟ୍ରପତି ଗ୍ରହଣ କରିଥିଲେ । ଶ୍ରୀ ଅମିତ ଶାହ ଉଲ୍ଲେଖ କରିଥିଲେ ଯେ ୨୦୨୫ ମସିହା ଫେବୃଆରୀ ୧୩ ତାରିଖରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଥିଲା, ଯେତେବେଳେ କି ଡିସେମ୍ବର ୨୦୨୪ ପରଠାରୁ ଆଜି ପର୍ଯ୍ୟନ୍ତ ମଣିପୁରରେ କୌଣସି ହିଂସା ହୋଇନାହିଁ । ଏଭଳି ଭୁଲ ଧାରଣା ବିସ୍ତାର କରାଯିବା ଉଚିତ ନୁହେଁ ବୋଲି ସେ ଅନୁରୋଧ କରିଥିଲେ । ଶ୍ରୀ ଶାହ ଦର୍ଶାଇଥିଲେ ଯେ ଯଦି ଆମେ ସାତ ବର୍ଷ ପୂର୍ବର ପରିସ୍ଥିତି ଉପରେ ଧ୍ୟାନ ଦେବା, ଯେତେବେଳେ ମଣିପୁରରେ ବିରୋଧୀ ଦଳ ସରକାର କ୍ଷମତାରେ ଥିଲା, ସେତେବେଳେ ରାଜ୍ୟରେ ଗୋଟିଏ ବର୍ଷରେ ହାରାହାରି ୨୦୦ ଦିନର ଧର୍ମଘଟ, ଅବରୋଧ ଏବଂ କର୍ଫ୍ୟୁ ହୋଇଥିଲା ଏବଂ ଏନକାଉଣ୍ଟରରେ ୧୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ । ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ସେହି ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମଣିପୁର ଗସ୍ତ କରିନଥିଲେ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ମଣିପୁରରେ ରାଷ୍ଟ୍ରପତି ଶାସନ କାହାକୁ ବଞ୍ଚାଇବା ପାଇଁ କିମ୍ବା ଅବିଶ୍ୱାସ ପ୍ରସ୍ତାବ କାରଣରୁ ଲାଗୁ କରାଯାଇନାହିଁ । ସେ କହିଥିଲେ ଯେ ରାଷ୍ଟ୍ରପତି ଶାସନ ଲାଗୁ ହେବା ପରେ ଭାରତ ସରକାରଙ୍କ ଗୃହ ସଚିବ ଥିବା ଅଜୟ କୁମାର ଭଲ୍ଲାଙ୍କୁ ମଣିପୁରର ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଥିଲା ଏବଂ ଏବେ ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ହୋଇଛି । ଶ୍ରୀ ଶାହ ଗୃହକୁ ସୂଚନା ଦେଇଥିଲେ ଯେ ଉଭୟ ପକ୍ଷ ମଧ୍ୟରେ ଅନେକ ବୈଠକ ହୋଇସାରିଛି, ଏବଂ ଗୃହର ଅଧିବେଶନ କାଳରେ ମଧ୍ୟ ଦୁଇଟି ବୈଠକ ହୋଇଛି । ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ଉଭୟ ସମ୍ପ୍ରଦାୟ ମଧ୍ୟରେ ଆଉ ଏକ ବୈଠକ ଖୁବ୍ ଶୀଘ୍ର ନୂଆଦିଲ୍ଲୀରେ ହେବାର ସମ୍ଭାବନା ରହିଛି ।

# ବାଣିଜ୍ୟ




ନୂଆଦିଲ୍ଲୀ: ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୬% ପାଲଟା ଶୁଳ୍କ ଲଗାଇଥିଲେ । ଅର୍ଥନୀତିକୁ ତାହା କିଭଳି ପ୍ରଭାବିତ କରିବ ତାହା ଜାଣିବା ଲାଗି ସରକାର ଉଦ୍ୟମ କରୁଛନ୍ତି । ତାହା ଜଣାପଡ଼ିବା ପରେ ସରକାର ପରବର୍ତ୍ତୀ ପଦକ୍ଷେପ ବିଷୟରେ ଚିନ୍ତା କରିବେ । ତେବେ ବିଭିନ୍ନ ସଂସ୍ଥାର ଆକଳନ ଅନୁସାରେ ଏହି ଶୁଳ୍କ ଦ୍ୱାରା ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ୦.୧-୦.୫ % ପର୍ଯ୍ୟନ୍ତ ପ୍ରଭାବିତ ହେବା ଆଶଙ୍କା ରହିଛି । ବିଶେଷଜ୍ଞଙ୍କ ଆକଳନ ଅନୁସାରେ ଆମେରିକାର ଶୁଳ୍କ ଦ୍ୱାରା ଭାରତର ରପ୍ତାନି ପ୍ରଭାବିତ ହେବ । ବିଶେଷ କରି ମାଂସ, ମାଛ, ସିଫୁଡ୍, ପ୍ରକ୍ରିୟାକୃତ ଖାଦ୍ୟ, ଚିନି, କୋକୋଆ, ଶସ୍ୟ, ପନିପରିବା, ଫଳ, ମସଲା, ଦୁଗ୍ଧଜାତ ସାମଗ୍ରୀ, ଖାଇବା ତେଲ, ଜେନେରିକ ଔଷଧ, ଫାର୍ମା ଉତ୍ପାଦ, ହୀରା, ସୁନା, ରୁପା, ବିଦ୍ୟୁତ ଉପକରଣ, ଟେଲିକମ ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ରସାୟନ ସାମଗ୍ରୀ, ବୟନ, କପଡ଼ା, କପା, କାର୍ପେଟ୍, ରବର, ଟାୟାର, ବେଲ୍ଟ, ସେରାମିକ, କାଚ, ପଥର ସାମଗ୍ରୀ, ଜୋତା ଓ ଗାଡ଼ି ରପ୍ତାନି ପ୍ରଭାବିତ ହେବା ଆଶଙ୍କା ରହିଛି । ଟ୍ରମ୍ପଙ୍କ ପାଲଟା ଶୁଳ୍କରେ ଅନେକ ରୋଚକ ଦିଗ ହେଉଛି, ସେ ଜାରି କରିଥିବା ତାଲିକାରେ ରୁଷ୍ ନାମ ନାହିଁ । ଶୁଳ୍କ ଲଗାଇବା ବେଳେ ଟ୍ରମ୍ପ କାହା ପ୍ରତି ଦୟା ଦେଖାଇନାହାନ୍ତି ।

## ଅକ୍ଷୟଶକ୍ତିକୁ ସୁଦୃଢ କରିଛି ହିନ୍ଦୁସ୍ତାନ ପାୱାର

ନୂଆଦିଲ୍ଲୀ : ଉତ୍ତର ପ୍ରଦେଶ ପାୱାର କର୍ପୋରେସନ୍ ଲିମିଟେଡ୍ (ୟୁପିପିସିଏଲ୍) ପକ୍ଷରୁ ଏହାର ୨୦୦୦ ମେଗାୱାଟ୍ ଏସିଗ୍ରିଡ୍ କନେକ୍ଟେଡ୍ ସୋଲାର୍ ପିଭି ପାୱାର ପ୍ରକ୍ୟୁରମେଣ୍ଟ ଅଭିଯାନର ଅଂଶସ୍ୱରୂପ ରତୁଲ ପୁରୀଙ୍କ ହିନ୍ଦୁସ୍ତାନ ପାୱାରକୁ ଏକ ଟାରିଫ ଭିତ୍ତିକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ବିଡିଂ ପ୍ରକ୍ରିୟାରେ ୪୨୫ ଏମଡବ୍ଲ୍ୟୁପି ସୌର ପ୍ରକଳ୍ପ ପ୍ରଦାନ କରାଯାଇଛି । ୨୦୨୮ ସୁଦ୍ଧା ୫ ଗିଗାୱାଟ୍ ଅକ୍ଷୟଶକ୍ତି ପୋର୍ଟ ଫୋଲିଓ ପାଇଁ କମ୍ପାନିର ମହତ୍ୱାକାଂକ୍ଷୀ ଲକ୍ଷ୍ୟ ସହିତ ଏହା ସମନ୍ୱିତ ରହିଛି । ଏକ ସ୍ୱଚ୍ଛ ଓ ପ୍ରତିଯୋଗିତାପୂର୍ଣ୍ଣ ଇ-ରିଭର୍ସ ନିଲାମ ପରେ ୟୁପିପିସିଏଲ୍ ପକ୍ଷରୁ ଲେଟର ଅଫ ଆୱାର୍ଡ (ଏଲ୍ଓଏ) ଜାରି କରାଯାଇଛି । ଏହି ପ୍ରକଳ୍ପଏସଟିୟୁ-ୟୁପି ସବଷ୍ଟେସନ୍ ସହିତ ୟୁପିପିସିଏଲ୍କୁ



ବିଦ୍ୟୁତ୍ ଯୋଗାଣ କରିବ । ବିଦ୍ୟୁତ୍ କ୍ରୟ ଚୁକ୍ତି (ପିପିଏ) ଅନୁଯାୟୀୟୁପିପିସିଏଲ୍ ଏହି ସୌର ପ୍ରକଳ୍ପକୁ ୨୫ ବର୍ଷ ଅବଧି ପାଇଁ ଏକ ନିର୍ଦ୍ଦିଷ୍ଟ ଟାରିଫ୍ରେ ବିଦ୍ୟୁତ୍ ସଂଗ୍ରହ କରିବ । ପିପିଏ ସ୍ୱାକ୍ଷର ହେବାର ୨୪ ମାସ ମଧ୍ୟରେଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଆଶା କରାଯାଉଛି । ହିନ୍ଦୁସ୍ତାନ ପାୱାରର ଅଧ୍ୟକ୍ଷ ରତୁଲ ପୁରୀ କହିଛନ୍ତି ଯେ, 'ଭାରତର ସ୍ୱଚ୍ଛଶକ୍ତି ଲକ୍ଷ୍ୟ ହାସଲ ଆଡ଼କୁ ଅଗ୍ରସର ହେବା ସହିତ ୨୦୨୮ ସୁଦ୍ଧା ୫ ଗିଗାୱାଟ୍ ଅକ୍ଷୟ ଶକ୍ତି ଲକ୍ଷ୍ୟ ହାସଲ କରିବା ପ୍ରତି ଆମ ପ୍ରତିବଦ୍ଧତାକୁ ଏହି ପ୍ରକଳ୍ପ ଦୋହରାଉଛି । ସ୍ଥାୟୀ ଶକ୍ତି ସମାଧାନ ପାଇଁ ଉତ୍ତର ପ୍ରଦେଶର ବର୍ଦ୍ଧିତ ଚାହିଦା ପ୍ରତି ଯୋଗଦାନ ଦେବା ଏବଂ ଆଉ ଏକ ବିଶ୍ୱସ୍ତରୀୟ ସୌର ପ୍ରକଳ୍ପ ପ୍ରଦାନ କରିବାକୁ ଯାଉଥିବାରୁ ଆମେ ଗର୍ବିତ ।' ଭାରତୀୟ ଅକ୍ଷୟ ଶକ୍ତି କ୍ଷେତ୍ରରେ ହିନ୍ଦୁସ୍ତାନ ପାୱାର ଅଗ୍ରଦୂତ ରହିଛି । ଏହି ନୂଆ ୪୨୫ ମେଗାୱାଟ୍ ପି ସୌର ପ୍ରକଳ୍ପ ଦ୍ରୁତ ଅଭିବୃଦ୍ଧିଶୀଳ ସୌରଶକ୍ତି ପ୍ରକଳ୍ପରେ କମ୍ପାନିର ଉପସ୍ଥିତିକୁ ସୁଦୃଢ଼ କରି ଏକ ସବୁଜ ଭବିଷ୍ୟତ ଆଡ଼କୁ ଦେଶ ହେଉଥିବା ଅଗ୍ରସର ପ୍ରତି ଯୋଗଦାନ ଦେବ ।

## ଆମାଜନ୍ ପେ' ପକ୍ଷରୁ ସ୍ୱତନ୍ତ୍ର ଅଫର

ନୂଆଦିଲ୍ଲୀ: ଗ୍ରୀଷ୍ମ ଛୁଟି ପାଇଁ ଆସନ୍ତା ଏପ୍ରିଲ ୭ ତାରିଖରୁ ଆମାଜନ ପେ ପକ୍ଷରୁ ଫ୍ଲାଇଟ, ହୋଟେଲ, ମୁଭି ଟିକେଟ ଆଦି ଉପରେ ସ୍ୱତନ୍ତ୍ର ଅଫର ପ୍ରଦାନ କରାଯାଉଛି । ଉକ୍ତ ଆକର୍ଷଣୀୟ ଅଫର ଗୁଡ଼ିକ ମଧ୍ୟରେ ଭ୍ରମଣ ଠାରୁ ଆରମ୍ଭକରି ନିଜ ଘରର ଅପ୍ଗ୍ରେଡ କିମ୍ବା ସପିଙ୍ଗରେ ଆମାଜନ ପେ' ଗ୍ରାହକ ମାନଙ୍କୁ କମ୍ ଖର୍ଚ୍ଚରେ ଅଧିକ ଉପଭୋଗ କରିବାରେ ସାହାଯ୍ୟ କରିବ । ଗ୍ରୀଷ୍ମ ଅବାକାଶ ସମୟରେ ଗ୍ରାହକମାନେ ଫ୍ଲାଇଟ ବୁକ କରିବା ପରେ ନିଜର ଉପଯୁକ୍ତ ରହଣୀକୁ ସୁଲଭ ମୂଲ୍ୟରେ ଚୟନ କରିପାରିବେ । ଏଥିପାଇଁ ଆମାଜନ ପେ' ପକ୍ଷରୁ ପସନ୍ଦଯୋଗ୍ୟ ଓ ବଜେଟ ସହ ମେଳ ଖାଉଥିବା ଏକାଧିକ ବିକଳ୍ପ ପ୍ରଦାନ କରୁଛି । ଗ୍ରାହକମାନେ ପ୍ରଥମ ଥର ପାଇଁ ହୋଟେଲ କିମ୍ବା ହୋମଷ୍ଟେ ବୁକ୍ କରୁଥିଲେ ଆମାଜନ ପେ' ସହିତ ନିଜର ପ୍ରାରମ୍ଭିକ ବୁକିଂ ଉପରେ ୧୮%ର ସ୍ୱତନ୍ତ୍ର କ୍ୟାଶବ୍ୟାକ ବା ୧୫୦୦ ଟଙ୍କା ପର୍ଯ୍ୟ' ରିହାତି ପାଇପାରିବେ । ଆମାଜନ ପେ' ମାଧ୍ୟମରେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ କାର୍ଡର ବ୍ୟବହାର କରି ପ୍ରାଇମ ମେମ୍ବରମାନେ ୫% କ୍ୟାଶବ୍ୟାକ ଓ ଅଣ ପ୍ରାଇମ ମେମ୍ବରମାନେ ୨% କ୍ୟାଶବ୍ୟାକ ପାଇପାରିବେ । ଫ୍ୟାମିଲି ଟ୍ରିପ ହେଉ କିମ୍ବା, ସୋଲୋ ଆଡ୍ଭେଂଚର କିମ୍ବା ୱିକେଣ୍ଡ ଗେଟ୍ଆୱେ ଆମାଜନ ପେ' ସ୍ୱତନ୍ତ୍ର ସଂଚୟ ଓ ଉତ୍ସାହଜନକ ରିୱାର୍ଡ ସହିତ ଆପଣଙ୍କର ଗ୍ରୀଷ୍ମ ଋତୁର ଭ୍ରମଣକୁ ସୁବିଧାଜନକ, ସୁଲଭ ଓ ରିୱାର୍ଡିଂ କରୁଛି ।

## ଏନ୍ସିଏଲଟିର ମଞ୍ଜୁରି ହାସଲ କଲା ନୁଭୋକୋ ଭିସ୍ତାସ

ନୂଆଦିଲ୍ଲୀ: ବଦରାଜ ସିମେଂଟ ଲିମିଟେଡ (ଭିସିଏଲ)କୁ ଅଧିଗ୍ରହଣ କରିବା ପାଇଁ ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡ ଦାଖଲ କରିଥିବା ରିଜୋଲ୍ୟୁଶନ ପ୍ଲାନକୁ ଅନୁମୋଦନ ମିଳିଯାଇଛି । ଇନ୍ସଲଭେନ୍ସି ଓ ବ୍ୟାଙ୍କରପ୍ସି କୋଡ, ୨୦୨୬ (ଆଇବିସି) ଅଧିନରେ କର୍ପୋରେଟ ଇନ୍ସଲ୍ଭେନ୍ସି ରିଜୋଲ୍ୟୁଶନ ପ୍ରକ୍ରିୟାରେ ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ (ଏନସିଏଲଟି)ର ମୁମ୍ବାଇ ବେଂଚ ପକ୍ଷରୁ ଏନେଇ ଏକ ଆଦେଶ ଜାରି କରାଯାଇଛି । ଏହି ରିଜୋଲ୍ୟୁଶନ ପ୍ଲାନରେ ୧୮୦୦ କୋଟି ଟଙ୍କାର ଏକ ଅଗ୍ରୀମ ପେମେଂଟ ସାମିଲ ରହିଛି । ନୁଭୋକୋ ଏହାର ମୋଟ ଋଣ ସ୍ତରରେ ବିନା କୌଣସି ଗୁରୁତ୍ୱପୂର୍ଣ୍ଣ ବୃଦ୍ଧିରେ ଏହି ଫଣ୍ଡ ଦେବାକୁ ଚାହୁଁଛି । ନୁଭୋକୋ ଗତ ୭ ବର୍ଷ ହେବ ସ୍ଥଗିତ ହୋଇ ରହିଥିବା ସମ୍ପତିଗୁଡିକୁ ପରିଚାଳନାକ୍ଷମ କରିବା ପାଇଁ ଅତିରିକ୍ତ ୧୦୦୦ରୁ ୧୨୦୦ କୋଟି ଟଙ୍କା ନିବେଶ କରିବ । ଭିସିଏଲ ପ୍ଲାଂଟଗୁଡିକରେ ବ୍ୟବସ୍ଥାକୁ ପରିଚାଳନା କରିବା ଏବଂ ପରିଚାଳନାଗତ ସୁଧାରକୁ କାର୍ଯ୍ୟକାରୀ କରିବା ଦିଗରେ କ୍ରେଡିଟର କମିଟି ଦ୍ୱାରା ପ୍ରକୃତ ହସ୍ତା'ରଣ ତାରିଖରୁ ୧୫ରୁ ୧୮ ମାସ ମଧ୍ୟରେ ଏକ ପର୍ଯ୍ୟାୟବଦ୍ଧ ନିବେଶ କରାଯିବ । ଉତ୍ପାଦନ ଆରମ୍ଭ କରିବା ପାଇଁ ଆନୁମାନିକ ସମୟ ୨୦୨୭ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ରହିଛି । ଭିସିଏଲର ଫ୍ୟାସିଲିଟିଗୁଡିକରେ ଗୁଜରାଟର କଛଠାରେ ୩.୫ ଏମଏମଟିପିଏ (୧୦୦୦୦ ଟିପିଡି)ର ଏକ କ୍ଲିଙ୍କର ୟୁନିଟ, ଗୁଜରାଟର ସୁରଟଠାରେ ଏକ ୬ ଏମଏମଟିପିଏର ଗ୍ରାଇଣ୍ଡିଂ ୟୁନିଟ ସାମିଲ ରହିଛି । ଏହାଛଡା ଭିସିଏଲର ଏକ ଉଚ୍ଚମାନର ଲାଇମଷ୍ଟୋନ ରିଜର୍ଭ ରହିଛି, ଯାହା ଭବିଷ୍ୟତର ଉତ୍ପାଦନ ପାଇଁ କଂଚାମାଲର ନିରବଚ୍ଛିନ୍ନ ଓ ସ୍ଥାୟୀ ଯୋଗାଣକୁ ସୁନିଶ୍ଚିତ କରୁଛି । କଛଠାରେ ଥିବା କ୍ୟାପ୍ଟିଭ ଜେଟି ପରିବହନ ଦକ୍ଷତାକୁ ବୃଦ୍ଧି କରୁଛି । ଏହି ଅନୁମୋଦନ ସମ୍ପର୍କରେ ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଜୟାକୁମାର କ୍ରିଷ୍ଣସ୍ୱାମୀ କହିଛନ୍ତି, 'ଏହି ଡିଲ ଭାରତୀୟ ସିମେଂଟ ଶିଳ୍ପରେ ୫ମ ସର୍ବବୃହତ ସିମେଂଟ ଗ୍ରୁପ ଭାବେ ଆମର ସ୍ଥିତିକୁ ସୁଦୃଢ କରିଛି । ଏହା ପରିବହନ ଦକ୍ଷତାରେ ଉନ୍ନତି, ଶୃଙ୍ଖଳିତ ପରିଚାଳନା ଓ ଉନ୍ନତ ପ୍ରତିଯୋଗୀପୂର୍ଣ୍ଣତାକୁ ଆଗକୁ ବଢାଇବ, କମ୍ପାନୀକୁ ଉତ୍ତମ ବଜାର ପହଂଚ ଏବଂ ପ୍ରମୁଖ ଅଂଚଳଗୁଡିକରେ ଏକ ମଜବୁତ ଯୋଗାଣ ଶୃଙ୍ଖଳା ପ୍ରଦାନ କରିବ । ଏହା ଆମକୁ ଏକ ପ୍ରତିଯୋଗୀପୂର୍ଣ୍ଣ; ଓ ଗତିଶୀଳ ବଜାରରେ ଆମର ଗ୍ରାହକଙ୍କୁ ଉନ୍ନତ ମୂଲ୍ୟ ଓ ସେବା ପ୍ରଦାନ କରିବା ପାଇଁ ସକ୍ଷମ କରିବ ।

## ଜେଡ୍ ପିଢ଼ିର ୪୧% ଗ୍ରାହକ : ଟ୍ରାନ୍ସୟୁନିୟନ୍ସିବିଲ୍ ରିପୋର୍ଟ

ନୂଆଦିଲ୍ଲୀ: ୨୦୨୪ ଡିସେମ୍ବର ସୁଦ୍ଧା ଶେଷ ତ୍ରୈମାସିକରେ ଭାରତର ଖୁଚୁରା ଋଣ ଅଭିବୃଦ୍ଧି ମଧ୍ୟମ ଧରଣର ଥିଲା । ଋଣ ପାଇଁ ନୂଆ (ଏନ୍ଟିସି) ଗ୍ରାହକଙ୍କ ଦ୍ୱାରା ଋଣରେ ବାର୍ଷିକ ଭିତିରେ ୨୧ ପ୍ରତିଶତ ହ୍ରାସଘଟିଛି ଯାହା ପୂର୍ବରୁ ଋଣ ନେଇଥିବା ଗ୍ରାହକଙ୍କ କ୍ଷେତ୍ରରେ ମାତ୍ର ୨ ପ୍ରତିଶତକମ୍ହୋଇଛି । ୨୦୨୪ ଡିସେମ୍ବର ତ୍ରୈମାସିକର ଟ୍ରାନ୍ସୟୁନିୟନ୍ସିବିଲ୍ର କ୍ରେଡିଟ୍ ମାର୍କେଟ୍ ଇଣ୍ଡିକେଟର୍ରିପୋର୍ଟରୁଜଣା ପଡ଼ିଛି ଯେ ୪୦ ପ୍ରତିଶତ ଏନ୍ଟିସିଗ୍ରାହକ ସଂଗଠିତ ଋଣ କ୍ଷେତ୍ରରେ ପ୍ରବେଶବେଳେ ଉପଯୋଗିତା ଭିତିକ ଉତ୍ପାଦ ପସନ୍ଦ କରୁଥିବାରୁ ଋଣ ପ୍ରଦାନକାରୀମାନେ ବେଶ୍ ସତର୍କ ହୋଇପଡ଼ିଛନ୍ତି ।ଏହି କ୍ଷେତ୍ରକୁ ଋଣ ପ୍ରଦାନ କରିବାଲାଗି ଋଣଦାତାଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ରଣନୀତି ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ଥିବା ଦର୍ଶାଉଛି । ଟ୍ରାନ୍ସୟୁନିୟନ୍ସିବିଲ୍ର ଏମ୍ଡି ଓ ସିଇଓ ଭବେଶ ଜୈନ୍ କହିଛନ୍ତି ଯେ, 'ଅସୁରକ୍ଷିତ ଋଣ ଉତ୍ପାଦ ପାଇଁରିସ୍କ-ଆଡଜଷ୍ଟରିଟର୍ଣ୍ଣ ପ୍ରତି ଋଣ ପ୍ରଦାନକାରୀମାନେ ଆପଣେଇ ଥିବା ଅଧିଗ୍ରହଣଋଣ ନୀତି ଋଣ କ୍ଷେତ୍ର ନୂଆ ବର୍ଗକୁ ଗଭୀର ଅସମାନୁପାତିକ ଭାବେ ପ୍ରଭାବିତ କରିଛି । ପ୍ରଥମ ଥର ଋଣ ନେଉଥିବାବର୍ଗକୁଏହିକ୍ଷେତ୍ର ପ୍ରତିନିଧିତ୍ୱକରୁଛି । ଉନ୍ନତ ସୂଚନା ଆନାଲିଟିକ୍ସ ଓ ପ୍ରଯୁକ୍ତି ଭିତିକ ସମାଧାନ ବ୍ୟବହାରକରୁଥିବା ଋଣ ପ୍ରଦାନକାରୀମାନେ ଏନ୍ଟିସି ଗ୍ରାହକବର୍ଗରେ ସ୍ଥାୟୀ ଋଣ ଅଭିବୃଦ୍ଧି ହାସଲ କରୁଥିବା ଆମେ ଜାଣିପାରିଛୁ ।'' ୨୦୨୪ ଡିସେମ୍ବରତ୍ରୈମାସିକରେ ପ୍ରାୟ ପ୍ରତିଟି ଋଣ କ୍ଷେତ୍ରରେ ଚାହିଦା ଓ ଯୋଗାଣ କମ୍ ହୋଇଛି । ଗୃହ ଋଣ ଓ କ୍ରେଡିଟ୍କାର୍ଡ ଅରିଜିନେସନ୍ (ନୂଆ ଖାତ ।ଖୋଲା ହେବା) ହ୍ରାସ ପାଇଛି । କ୍ରେଡିଟ୍କାର୍ଡରେ ତାହା ୩୨ ପ୍ରତିଶତ ଓ ଗୃହ ଋଣରେ ୯ ପ୍ରତିଶତ କମ୍ ହୋଇଛି । ସଂପତି ବଦଳରେ ଋଣ ୧ ପ୍ରତିଶତ, ଗାଡ଼ି ଋଣ ୪ ପ୍ରତିଶତ, ଦୁଇଚକିଆ ଯାନ ଋଣ ୯ ପ୍ରତିଶତ, ବ୍ୟକ୍ତିଗତ ଋଣ ୧୪ ପ୍ରତିଶତଏବଂକ୍ୟୁମରଡ୍ୟୁରେବଲ୍ ଋଣ ୬ ପ୍ରତିଶତବୃଦ୍ଧି ପାଇଛି ।

## ଶ୍ରୀ ଚୈତନ୍ୟା ଏକାଡେମୀ ପକ୍ଷରୁ 'ଆତ୍ରେୟ'ର ଶୁଭାରମ୍ଭ

ନୂଆଦିଲ୍ଲୀ : ଫଳାଫଳ ଆଧାରିତ ଶିକ୍ଷା ଯୋଗାଇ ଦେଉଥିବା ଭାରତର ଏକମାତ୍ର ହାଇବ୍ରିଡ ଶିକ୍ଷା ଆହରଣ ପ୍ଲାଟଫର୍ମ ଇନ୍ଫିନିଟି ଲର୍ଣ୍ଣ'ର ଏକ ପ୍ରୟାସ ଶ୍ରୀ ଚୈତନ୍ୟା ଏକାଡେମୀ ପକ୍ଷରୁ ଏହି ଧରଣର ଏକ ସ୍ୱତନ୍ତ୍ର ଜାତୀୟ ଇଲିଜିବିଲିଟି ତଥା ଏଣ୍ଟ୍ରାନ୍ସ ଟେଷ୍ଟ (NEET) ପାଠ୍ୟକ୍ରମ ଆତ୍ରେୟ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି । ଏଥିରେ ଡିଜିଟାଲ ସାଧନ ଏବଂ ବାସ୍ତବ ସମୟର ପ୍ରଦର୍ଶନ ଉପରେ ନଜର ରଖିବା ବିଷୟକୁ ଫିଜିକ୍ସ କୋଚିଂ ଉପରେ ସ୍ୱତନ୍ତ୍ର ଦୃଷ୍ଟିଦେବା ସହିତ ସମନ୍ୱିତ କରାଯାଇଛି- ଯାହା ଘରରଞ୍ଜ ଆଶାୟୀଙ୍କ ନିମନ୍ତେ ଏକ ଆହ୍ୱାନପୂର୍ଣ୍ଣ ବିଷୟ ଭାବରେ ବିବେଚନା କରାଯାଏ । ଟି୨ଉଇଡ ଫିଜିକ୍ସ ସେସନ୍ ଥର ଦ୍ୱିଗୁଣିତ କରି ଏଥିପ୍ରତି ଦୃଷ୍ଟିଦେବା ସହିତ ଏହାର ଛାତ୍ର ଛାତ୍ରୀଙ୍କୁ ଘରରଞ୍ଜ ପରୀକ୍ଷାରେ ସଫଳତା ହାସଲ ନିମନ୍ତେ ଅନ୍ୟମାନଙ୍କ ଠାରୁ ଆଗରେ ରଖୁଛି । ଆତ୍ରେୟ ବାସ୍ତବ ସମୟ ଆଧାରରେ ଛାତ୍ର ଛାତ୍ରୀଙ୍କ ପ୍ରଦର୍ଶନର ବିଶ୍ଳେଷଣ କରିବା, ଜ୍ଞାନ ଆହରଣ କ୍ଷେତ୍ରରେ ରହୁଥିବା ତାରତମ୍ୟକୁ ଚିହ୍ନଟ କରିବା ଏବଂ ନିର୍ଦ୍ଦିଷ୍ଟ ଶିକ୍ଷା ଆହରଣ ରଣକୌଶଳ ସମ୍ପର୍କରେ ସୁପାରିଶ କରିବାକୁ ପ୍ରଯୁକ୍ତିର ଉପଯୋଗ କରୁଛି । ଏହି ନୂତନ ପାଠ୍ୟକ୍ରମ ସମ୍ପର୍କରେ ପ୍ରକାଶ କରି ସୁଷମା ବୋପାନ୍ନା, କୋ-ଫାଉଣ୍ଡର, ଇନ୍ଫିନିଟି ଲର୍ଣ୍ଣ ଏବଂ ସିଇଓ ତଥା ଡାଇରେକ୍ଟର ଚୈତନ୍ୟା ଗ୍ରୁପ୍ କହିଥିଲେ, "ଆତ୍ରେୟ ସହିତ ଆମେ ବ୍ୟକ୍ତିଗତ ପୃଷ୍ଠପୋଷକତାକୁ ସର୍ବାଧୁନିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ରଯୁକ୍ତି ସହିତ ସମ୍ମିଶ୍ରିତ କରି NEET କୋଚିଂରେ ବିପ୍ଳବ ଆଣିଛୁ । ଏହି ନୂଆ ପ୍ରୋଗ୍ରାମ ଉତ୍କର୍ଷ ନିମନ୍ତେ କିଭଳି ଡିଜାଇନ କରାଯାଇଛି ସେ ସମ୍ପର୍କରେ ପ୍ରକାଶ କରି ଉଜ୍ଜ୍ୱଳ ସିଂ, ଫାଉଣ୍ଡିଂ ସିଇଓ,ଇନ୍ଫିନିଟି ଲର୍ଣ୍ଣ ବାଏ ଚୈତନ୍ୟା କହିଥିଲେ, "ଶିକ୍ଷା ଆହରଣ ହେଉଛିଏକ ଯାତ୍ରା ଏବଂ ଏହା 'ବଚ୍ଚା ଶିଖା କି ନେହିଁ' ଆଭିମୁଖ୍ୟ ଦ୍ୱାରା ପରିଚାଳିତ, ଆମେ ଆମର ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଯାତ୍ରାରେ ଆଗକୁ ବଢ଼ିବା ନିମନ୍ତେ ଆବଶ୍ୟକ କରୁଥିବା ସାଧନକୁ ବୃହତ୍ତର ସ୍ପଷ୍ଟତାର ସହିତ ସୁସଜ୍ଜିତ କରୁଛୁ । ଶୀର୍ଷସ୍ତରର କଲେଜ ନାମଲେଖା କ୍ଷେତ୍ରରେ ଆମେ ଅଗ୍ରଣୀ ହେବାକୁ ପ୍ରୟାସ କରୁଥିବା ସମୟରେ ଆମର ଲକ୍ଷ୍ୟ ହେଉଛି ଉପଯୁକ୍ତ ପ୍ରତ୍ୟେକ ଆଶାୟୀଙ୍କୁ ଉପଯୁକ୍ତ ସମ୍ବଳ ଯୋଗାଇଦେଇ ଏବଂ ସେମାନଙ୍କର ଦୁର୍ବଳ କ୍ଷେତ୍ରଗୁଡିକୁ ମଜଭୁତ କରି ସେମାନଙ୍କୁ ସଶକ୍ତ କରି ଗଢି ତୋଳିବା । ଆମର ଟି୨ଉଇଡ (ଫିଜିକ୍ସ ସେସନ୍ ଦୁଇଗୁଣ) ଆଭିମୁଖ୍ୟ ଛାତ୍ର ଛାତ୍ରୀଙ୍କୁ ଫିଜିକ୍ସ ଭଳି ପାରମ୍ପରିକ ଚାଲେଞ୍ଜପୂର୍ଣ୍ଣ ବିଷୟରେ ଉତ୍କର୍ଷ ହାସଲ ଏବଂ ସେହି ସମୟରେ କେମିଷ୍ଟ୍ରି, ବଟାନି ଏବଂ ଜୁଲୋଜି ଭଳି ଅନ୍ୟାନ୍ୟ ବିଷୟରେ ଶୀର୍ଷ ସ୍ତରର ପ୍ରଦର୍ଶନ କରିବାକୁ ସୁନିଶ୍ଚିତ କରାଉଛି ।

## ହୋଣ୍ଡା ମୋଟରସାଇକେଲର ରେକର୍ଡ ସଂଖ୍ୟକ ବିକ୍ରି



ଗୁରୁଗ୍ରାମ: ଆର୍ଥିକ ବର୍ଷକୁ ସକାରାତ୍ମକ ଭାବରେ ପରିସମାପ୍ତ କରି ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମଏସଆଇ) ମାର୍ଚ୍ଚ ୨୦୨୫ ନିମନ୍ତେ ତାହାର ବିକ୍ରି ସଂଖ୍ୟା ଘୋଷଣା କରିଛି । କମ୍ପାନୀର ମାର୍ଚ୍ଚ ୨୦୨୫ରେ ମୋଟ ବିକ୍ରି ୪,୨୭,୪୪୮ ୟୁନିଟ ହୋଇଛି । ଏଥିରେ ଘରୋଇ ବିକ୍ରି ୪,୦୧,୪୧୧ ୟୁନିଟ ଏବଂ ରପ୍ତାନି ୨୬,୦୩୭ ୟୁନିଟ ସାମିଲ । ଉଲ୍ଲେଖଯୋଗ୍ୟ ଯେ କମ୍ପାନୀ ଆର୍ଥିକ ବର୍ଷ ୨୫ରେ ୫୮,୩୧,୧୦୪ ୟୁନିଟ ବିକ୍ରି କରିଛି, ଯେଉଁଥିରେ ପୂର୍ବ ବର୍ଷ ତୁଳନାରେ ୧୯ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି । ଏଥିମଧ୍ୟରେ ଘରୋଇ ବିକ୍ରି ୫୩,୨୬,୦୯୨ ୟୁନିଟ ଏବଂ ରପ୍ତାନି ୫,୦୫,୦୧୨ ୟୁନିଟ ଅନ୍ତର୍ଭୁକ୍ତ । ବୈଦ୍ୟୁତିକ ଯାନ: ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମଏସଆଇ) ଆକ୍ଟିଭା ଇ: ଓ କ୍ୟୁସି୧ ସହିତ ବିଦ୍ୟୁତଚାଳିତ ଯାନ ବିଭାଗକୁ ପ୍ରବେଶ କରିଥିଲା । ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋ ୨୦୨୫ରେ ଏଚଏମଏସଆଇ କେନ୍ଦ୍ର ସ୍ଥାନ ନେଇଥିଲା, ଯେଉଁଥିରେ ଏହା ନବୋନ୍ମେଷୀ ଓ ଦୀର୍ଘସ୍ଥାୟୀ ମୋବିଲିଟି ସମାଧାନଗୁଡିକର ଆକର୍ଷଣୀୟ ଲାଇନଅପ ପ୍ରଦର୍ଶନ କରିଥିଲା । ନିଜର ଗ୍ରାହକମାନଙ୍କୁ ଅଧିକ ଆନନ୍ଦିତ କରିବା ପାଇଁ ଏଚଏମଏସଆଇ ଆକ୍ଟିଭା, ଆକ୍ଟିଭା ୧୨୫, ଡିଓ, ଶାଇନ ୧୦୦, ଲିଭୋ, ଶାଇନ ୧୨୫, ଏସ×ପି୧୨୫, ୟୁନିକର୍ନ, ଏସ୍ପି୧୬୦, ହରନେଟ ୨.୦ ଏବଂ ଏନଏକ୍ସ୨୦୦ର ଓବିଡି୨ବି ଅନୁପାଳନକାରୀ ମଡେଲଗୁଡିକ ଉନ୍ନତ ବୈଶିଷ୍ଟ୍ୟଗୁଡିକ ସହିତ ବଜାର ପ୍ରବେଶ କରାଇଥିଲା । କମ୍ପାନୀ ଓବିଡି୨ବି ଅନୁପାଳନକାରୀ ଇନ ଏବଂ ଉନ୍ନୀତ ଉପକରଣ ସହିତ ଅଲ-ନିୟୁ ଏନଏକ୍ସ୨୦୦ ବଜାର ପ୍ରବେଶ କରାଇଥିଲା । ଏଚଏମଏସଆଇ ନୂତନ ସିବି୩୦୦ଏଫ ଫ୍ଲେକ୍ସ ଫୁଏଲର ବଜାର ପ୍ରବେଶ କରାଇଥିଲା । ହୋଣ୍ଡାର ୧୨୫ସିସି ମୋଟରସାଇକଲ 'ଶାଇନ ଓ ଏସପି୧୨୫' ଗ୍ରାହକ ସଂଖ୍ୟା ପୂର୍ବ ଭାରତରେ ୩୦ ଲକ୍ଷ ଏବଂ ମଧ୍ୟପ୍ରଦେଶରେ ୧୦ ଲକ୍ଷକୁ ଅତିକ୍ରମ କରିଥିଲା । ସମସ୍ତଙ୍କ ପାଇଁ ଭାରତୀୟ ସଡ଼କକୁ ନିରାପଦ କରିବା ନିମନ୍ତେ, ଏଚଏମଏସଆଇ ଉଭୟ ପିଲା ଓ ବୟସ୍କଙ୍କ ନିମନ୍ତେ ସ୍କୁଲ, କଲେଜ ଓ ସରକାରୀ ସଂସ୍ଥାଗୁଡିକରେ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଆୟୋଜନ କରିଥିଲା । ଏଚଏମଏସଆଇ ମଧ୍ୟ ତାହାର ସମ୍ପ୍ରତି ଚାଲିଥିବା ପ୍ରକଳ୍ପ- ମାଇଣ୍ଡସେଟ ଡେଭଲପମେଣ୍ଟ ଫର ଆୱାର ଫ୍ୟୁଚର ଜେନେରେସନର ଅଂଶଭାବରେ ସ୍କୁଲ ପ୍ରିନସିପାଲ ଓ ଶିକ୍ଷକମାନଙ୍କୁ ନେଇ ବିଭିନ୍ନ ସହରରେ ସଡ଼କ ସୁରକ୍ଷା ସମ୍ମିଳନୀମାନ ଆୟୋଜନ କରିଥିଲା ।




ନୂଆଦିଲ୍ଲୀ: ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର୍ ତଥା ପ୍ରତିଷ୍ଠିତ ଭାଷ୍ୟକାର ସଞ୍ଜୟ ମଞ୍ଜରେକର୍ ଏବଂ ଭାରତୀୟ ଅଲରାଉଣ୍ଡର୍ ରବୀନ୍ଦ୍ର ଜାଡ଼େଜା ପରସ୍ପରକୁ ଆଡ଼ ଆଖିରେ ଦେଖନ୍ତିନି। ପରସ୍ପର ସଦାବେଳେ ଦୂରେଇ ରୁହନ୍ତି। ୬ବର୍ଷ ତଳେ ଅର୍ଥାତ୍ ଇଂଲଣ୍ଡରେ ଖେଳାଯାଇଥିବା ୨୦୧୯ ମସିହା ଦିନିକିଆ ବିଶ୍ୱକପ୍ ଅବସରରେ ଜାଡ଼େଜାଙ୍କୁ ମଞ୍ଜରେକର୍ କାମଚଳା କ୍ରିକେଟର୍ କହି ବିବାଦର ସୂତ୍ରପାତ କରିଥିଲେ। ଜାଡ଼େଜା ମଧ୍ୟ ତାଙ୍କୁ ଉଚିତ ଜବାବ ଦେଇଥିଲେ। କହିଥିଲେ, ତଥାପି ମୁଁ ତୁମଠାରୁ ଦୁଇଗୁଣ ମ୍ୟାଚ୍ ଖେଳିଛି ଏବଂ ଆଗକୁ ଆହୁରି ଅନେକ ମ୍ୟାଚ୍ ଖେଳିବି। ଅନ୍ୟ ସଫଳ ଲୋକଙ୍କୁ ସମ୍ମାନ କରିବା ଶିଖ। ଏହା ପରେ ଉଭୟ ପରସ୍ପର ସହ କୌଣସି ସଂପର୍କ ରଖି ନଥିଲେ। ସେତେବେଳେ ଏହି ଘଟଣାଟି ହଇଚଇ ସୃଷ୍ଟି କରିଥିଲା। ସଞ୍ଜୟ ମଞ୍ଜରେକର ଏହି ଟିପ୍ପଣୀ ପାଇଁ ସେ ସବୁଆଡ଼ୁ ଟ୍ରୋଲ ହୋଇଥିଲେ। ଏପରିକି ଏହି କାରଣରୁ ମଞ୍ଜରେକରଙ୍କୁ ବିସିସିଆଇ ଭାଷ୍ୟକାର ତାଲିକାରୁ ବାଦ୍ ଦେଇଥିଲା। ଭୁଲ୍ ମାଗିଲା ପରେ ଯାଇ ପୁଣି ଥରେ ସେ ଏହି ତାଲିକାକୁ ଫେରିଥିଲେ। ଏହି ଘଟଣାର ବହୁଦିନ ପରେ ଜାଡ଼େଜାଙ୍କ ୮ ନମ୍ବର ଜର୍ସି ସହ ଫଟୋ ଉଠାଇ ଏହାକୁ ନିଜ ଇନଷ୍ଟାଗ୍ରାମ ପୃଷ୍ଠାରେ ପ୍ରକାଶ କରିଛନ୍ତି। ଫଳରେ ଉଭୟଙ୍କ ମଧ୍ୟରେ ଥିବା ତିକ୍ତତା ଦୂର ହୋଇଥିବାର ଆଶା ସଂଚାର ହୋଇଛି। ଜାଡ଼େଜାଙ୍କ ଜର୍ସି ସହ ମଞ୍ଜରେକର୍ ପକାଇଥିବା ଫଟୋଟିକୁ କିନ୍ତୁ କ୍ରିକେଟପ୍ରେମୀ ବେଶ୍ ପସନ୍ଦ କରୁଛନ୍ତି।

**୧୬ତମ ମ୍ୟାଚ୍ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ଲକ୍ଷ୍ନୌ ସୁପରଜାଏଣ୍ଟସ୍**

# ଲକ୍ଷ୍ନୌ ସୁପରଜାଏଣ୍ଟସ ୧୨ରନ୍‌ରେ ବିଜୟୀ




ଲକ୍ଷ୍ନୌ : ଆଇପିଏଲ ମହାସମରରେ ଶୁକ୍ରବାର ୧୬ତମ ମ୍ୟାଚ୍ ଲକ୍ଷ୍ନୌର ଏକନା ଷ୍ଟାଡିୟମରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ଲକ୍ଷ୍ନୌ ସୁପର ଜାଏଣ୍ଟସ ୧୨ ରନ୍‌ରେ ଜିତି ନେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ଏଲଏସଜିକୁ ଆମନ୍ତ୍ରଣ କରିଥିଲା ଏମଆଇ। ତେବେ ଘରୋଇ ପରିବେଶରେ ଏହାର ଫାଇଦା ଉଠାଇଥିଲା ଦଳ । ଦୁଇ ଓପନର ମିଚେଲ୍ ମାର୍ସ ଓ ଇଡେନ ମାକ୍ରମ୍ ମୁମ୍ବାଇ ବୋଲରଙ୍କ ଉପରେ ଜବରଦସ୍ତ ପ୍ରହାର କରିଥିଲେ। ପ୍ରଥମ ୱିକେଟରେ ଦଳ ୭୬ ରନ ସଂଗ୍ରହ କରିଥିଲା। ମିଚେଲ୍ ମାର୍ସ ମାତ୍ର ୩୧ଟି ବଲ୍ ଖେଳି ୬୦ ରନ୍‌ର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହିପରି ମାକ୍ରମ୍ ଚମକ୍ ପ୍ରଦର୍ଶନ କରିଥିଲେ। ସେ ୩୮ ବଲରୁ ୫୩ ରନ୍ ସଂଗ୍ରହ କରିଥିଲେ। ସେହିପରି ଆୟୁଷ ବଦୋନୀ ୩୦ ରନ୍ କରିଥିବା ବେଳେ ଡେଭିଡ୍ ମିଲର ୨୭ ରନ୍ କରିଛନ୍ତି। ଫଳରେ ଏଲଏସଜି ୨୦ ଓଭରରେ ୮ ୱିକେଟ୍ ହରାଇ ୨୦୩ ରନ୍ କରିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଅଧିନାୟକ ହାର୍ଦ୍ଦିକ୍ ପାଣ୍ଡ୍ୟା ୫ ୱିକେଟ୍ ନେଇଥିଲେ। ଆଇପିଏଲରେ ଏହା ତାଙ୍କର ପ୍ରଥମ ୫ ୱିକେଟ। ୨୦୪ ରନ୍‌ର ଟାର୍ଗେଟ ନେଇ ପଡ଼ିଆକୁ ଓହ୍ଲାଇଥିଲା ମୁମ୍ବାଇ ଇଣ୍ଡିଆନ୍ସ। ଆଜିର ମ୍ୟାଚ୍‌ରେ ରୋହିତ ଶର୍ମା ଖେଳି ନଥିଲେ। ଆହତ ସମସ୍ୟା ଯୋଗୁଁ ସେ ମ୍ୟାଚ୍ ଖେଳି ନଥିଲେ। ଓପନର ଭାବେ ୱିଲ୍ ଜ୍ୟାକ୍ସ ଓ ୱିକେଟ କିପର ରିଆନ୍ ରିକ୍‌ଲେଟନ ଆସିଥିଲେ। ସେ ସଅଳ ଆଉଟ ହେବାରୁ ମୁମ୍ବାଇ ଅସୁବିଧାର ସମ୍ମୁଖୀନ ହୋଇଥିଲା। ୱିଲ ଜ୍ୟାକ୍ସ ମାତ୍ର ୫ ରନ୍ କରି ଆଉଟ ହୋଇଯାଇଥିଲେ। ସେହିପରି ରିଆନ୍ ରିକ୍‌ଲେଟନ ୧୦ରନ୍ କରି ଆଉଟ ହୋଇଥିଲେ। ନମନ୍ ଧୀର ଓ ସୂର୍ଯ୍ୟକୁମାର ଯାଦବଙ୍କ ମଧ୍ୟରେ ଭଲ ପାର୍ଟନରସିପ୍ ଦେଖିବାକୁ ମିଳିଥିଲା। ଯାହା ଲାଗୁଥିଲା ମୁମ୍ବାଇ ଏହି ମ୍ୟାଚ୍‌କୁ ଜିତି ନେବ। କିନ୍ତୁ ନମନ ଧୀର ୪୬ ରନ୍ କରି ଆଉଟ ହୋଇଯାଇଥିଲେ। ସେହିପରି ସୂର୍ଯ୍ୟକୁମାର ଯାଦବ ୬୭ରନ୍ କରି ଆଉଟ ହୋଇଯାଇଥିଲେ। ତିଳକ ବର୍ମା ୨୫, ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୨୮, ମିଚେଲ ସାଣ୍ଟନର ୨ କରିଥିଲେ। ଅଧିନାୟକ ଶେଷ ପର୍ଯ୍ୟନ୍ତ ଥିଲେ ମଧ୍ୟ ମ୍ୟାଚ୍ ଜିତି ପାରିନଥିଲେ।

**ଗ୍ଲୋବାଲ ଇ-କ୍ରିକେଟ ପ୍ରିମିୟର ଲିଗ୍**

# ସଚିନ୍‌ଙ୍କ ଝିଅ ହେଲେ ମୁମ୍ବାଇ ଦଳର ମାଲିକାଣୀ



ମୁମ୍ବାଇ : ମହାନ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲକର ମୁମ୍ବାଇ ଦଳକୁ କିଣିଛନ୍ତି। ତେନ୍ଦୁଲକର ଗ୍ଲୋବାଲ ଇ-କ୍ରିକେଟ ପ୍ରିମିୟର ଲିଗ (ଜିଇପିଏଲ)ରେ ମୁମ୍ବାଇ ଦଳର ମାଲିକାନା ହାସଲ କରିଛନ୍ତି। ଜିଇପିଏଲ୍‌କୁ ବିଶ୍ୱର ସବୁଠାରୁ ବଡ଼ ଇ-କ୍ରିକେଟ ଲିଗ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଏହି ଲିଗର ଦ୍ୱିତୀୟ ସିଜିନ ୨୦୨୫ରେ ଅନୁଷ୍ଠିତ ହେବ। ଏହି ଲିଗ ରିଅଲ କ୍ରିକେଟ ଆପରେ ଖେଳାଯାଉଛି, ଯାହାକୁ ଇଣ୍ଟରନେଟରେ ୩୦ କୋଟିରୁ ଅଧିକ ଥର ଡାଉନଲୋଡ କରାଯାଇଛି। ଏହାର ପ୍ରଥମ ସିଜିନ ପରେ, ଗ୍ଲୋବାଲ ଇ-କ୍ରିକେଟ ଲିଗ ଏକ ଯଥେଷ୍ଟ ସ୍ୱୀକୃତି ହାସଲ କରିଛି। ପ୍ରଥମ ସିଜିନରେ ୨ ଲକ୍ଷ ଖେଳାଳି ପଞ୍ଜିକରଣ କରିଥିଲେ, ଯେତେବେଳେ ସିଜିନ ୨ ପାଇଁ ୯ ଲକ୍ଷ ୧୦ ହଜାର ପଞ୍ଜିକରଣ ଆସିଛି। ଜିଇପିଏଲ୍‌ରେ ମୁମ୍ବାଇ ଦଳର ମାଲିକ ହେବା ବିଷୟରେ ସାରା ତେନ୍ଦୁଲକର କହିଛନ୍ତି, କ୍ରିକେଟ ଆମ ପରିବାରର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ରହିଛି। ଇ-କ୍ରୀଡାରେ କ୍ରିକେଟର ଭବିଷ୍ୟତ ଦେଖିବା ଉତ୍ସାହଜନକ। ଏବେଠାରେ ମୁମ୍ବାଇ ଫ୍ରାଞ୍ଚାଇଜ ମାଲିକ ହେବା ଏକ ସ୍ୱପ୍ନ ସାକାର ହୋଇଛି। ମୁଁ ଏକ ପ୍ରତିଭାଶାଳୀ ଦଳ ସହିତ ସହଭାଗୀ ହେବାକୁ ଅପେକ୍ଷା କରିଛି। ଜିଇପିଏଲ୍‌ରେ ଯୋଗଦାନ କରି, ସାରା ଭାରତରେ ଇ-କ୍ରିକେଟକୁ ଏକ ନୂତନ ସ୍ତରରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବେ। ସାରା ତେନ୍ଦୁଲକରଙ୍କ ଭାଇ ଅର୍ଜୁନ ତେନ୍ଦୁଲକର ଜଣେ କ୍ରିକେଟର ଏବଂ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ଦଳ ପାଇଁ ଖେଳନ୍ତି। ଅର୍ଜୁନ ଏପର୍ଯ୍ୟନ୍ତ ଆଇପିଏଲରେ ମାତ୍ର ୫ଟି ମ୍ୟାଚ ଖେଳିଛନ୍ତି ଏବଂ ଘରୋଇ କ୍ରିକେଟରେ ଗୋଆ ଦଳର ପ୍ରତିନିଧିତ୍ୱ କରନ୍ତି। ଅନ୍ୟପକ୍ଷରେ, ସାରାଙ୍କ ବାପା ଅର୍ଥାତ୍ ସଚିନ ତେନ୍ଦୁଲକର ଜଣେ ମହାନ କ୍ରିକେଟର। ସମ୍ପ୍ରତି, ତାଙ୍କ ଅଧିନାୟକତ୍ୱରେ, ସେ ଇଣ୍ଡିଆ ମାଷ୍ଟର୍ସ ଦଳକୁ ଅନ୍ତର୍ଜାତୀୟ ମାଷ୍ଟର୍ସ ଲିଗ ୨୦୨୫ର ବିଜେତା କରାଇଛନ୍ତି।

## କୋଟଗଡ ପ୍ରିମିୟର ଲିଗ ଉଦଯାପିତ: ବଜରଂଗୀ ୱାରୀଅର୍ସ ବିଜୟୀ




ରାଜସୁନାଖଳା (ଭାସ୍କର ନ୍ୟୁଜ୍): ରାଜସୁନାଖଳା ଅନ୍ତର୍ଗତ କୋଟଗଡ଼ଗ୍ରାମ ଖେଳ ପଡ଼ିଆରେ ମା ରାମଚଣ୍ଡୀ କ୍ରିକେଟ୍ କ୍ଲବ୍, କୋଟଗଡ଼ ଆନୁକୂଲ୍ୟରେ ଗତ ମାର୍ଚ୍ଚ ୨୦ ତାରିଖରୁ କୋଟଗଡ଼ ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚ୍ ୩ଦିନ ଧରି ପଂଚାୟତ ସ୍ତରୀୟ ଅନୁଷ୍ଠିତ ହୋଇଥିଲା। ଆଜି ଫାଇନାଲ ମ୍ୟାଚରେ ବଜରଙ୍ଗୀ ୱାରୀଅର୍ସ ସହିତ ରାଇଜିଂ ଷ୍ଟାର ସହ ୧୨ ଓଭର ଖେଳ ପ୍ରତିଯୋଗିତା ହୋଇଥିଲା । ପ୍ରଥମେ ବଜରଙ୍ଗୀ ୱାରିଅର୍ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ରାଇଜିଂ ଷ୍ଟାର ୧୨ ଓଭର ବ୍ୟାଟିଂରେ ୯ଟି ୱିକେଟ୍ ବିନିମୟରେ ୬୮ ରନ୍ କରିଥିଲା। ବଜରଙ୍ଗୀ ୱାରିଅର୍ସ ସୁନ୍ଦର ବ୍ୟାଟିଂ କରି ମାତ୍ର ୮ ଓଭରରେ ତିନି ୱିକେଟ୍ ବିନିମୟରେ ୮୦ ରନ୍ ସଂଗ୍ରହ କରି ଚମ୍ପିଆନ ହୋଇଥିଲା। ମୁଖ୍ୟ ଅତିଥିଭାବେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ମାନେ ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବ୍ ସଭାପତି ପୂର୍ଣ୍ଣ ଚନ୍ଦ୍ର ନାୟକ, ସମାଜ ସେବୀ, ପ୍ରଫୁଲ୍ଲ କୁମାର ନାୟକ, ତ୍ରିନାଥ ବିଶ୍ୱାଳ,ବିଜେ ଡି ସଭାପତି ତଥା ପୂର୍ବତନ ସରପଞ୍ଚ ସଚ୍ଚିକାନ୍ତ ଷଡ଼ଙ୍ଗୀ ଆଦି ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ସଂଗେ ସଂଗେ କ୍ରିକେଟ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ମ୍ୟାନ ଅଫ ମ୍ୟାଚ୍ ଭାବେ ଲିଟୁ ସ୍ୱାଇଁ ପୁରସ୍କୃତ ହୋଇଥିଲେ।

# ଜାତୀୟ ପୁରୁଷ ହକି ଆରମ୍ଭ: ୮ରୁ ଓଡ଼ିଶାର ଅଭିଯାନ

ନୂଆଦିଲ୍ଲୀ: ଉତ୍ତରପ୍ରଦେଶର ଝାନସିସ୍ଥିତ ମେଜର ଧ୍ୟାନଚାନ୍ଦ ହକି ଷ୍ଟାଡିୟମରେ ଶୁକ୍ରବାରଠୁ ଆରମ୍ଭ ହୋଇ ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ଜାତୀୟ ବରିଷ୍ଠ ପୁରୁଷ ହକି ପ୍ରତିଯୋଗିତା। ଏହି ପ୍ରତିଯୋଗିତା ଗତ ମାସରେ ଖେଳାଯାଇଥିବା ଜାତୀୟ ମହିଳା ପ୍ରତିଯୋଗିତା ଭଳି ସମାନ ଫର୍ମାଟରେ ଖେଳାଯିବ। ଏହି ପ୍ରତିଯୋଗିତାରେ ମୋଟ ୩୦ ଦଳ ଅଂଶଗ୍ରହଣ କରୁଥିଲା ବେଳେ ଏମାନଙ୍କୁ ୩ଟି ଡିଭିଜନ୍ ଏ, ବି ଓ ସି'ରେ ବିଭକ୍ତ କରାଯାଇଛି। ଡିଭିଜନ 'ଏ'ରେ ଶ୍ରେଷ୍ଠ ଦଳଗୁଡ଼ିକ ସ୍ଥାନ ପାଇଛନ୍ତି। ଡିଭିଜନ 'ବି'ରେ ସ୍ଥାନ ପାଇଥିବା ଦଳଗୁଡ଼ିକ ଆସନ୍ତା ସିଜନରେ ଡିଭିଜନ 'ଏ'ରେ ସ୍ଥାନ ପାଇବା ପାଇଁ ଚେଷ୍ଟା କରିବେ। ଡିଭିଜନ 'ବି'ରେ ଥିବା ଦଳଗୁଡ଼ିକ ପରବର୍ତ୍ତୀ ସଂସ୍କରଣରେ ଡିଭିଜନ 'ବି'ରେ ସ୍ଥାନ ପାଇବା ପାଇଁ ଚେଷ୍ଟା କରିବେ। ଡିଭିଜନ 'ବି' ଓ 'ସି' ମ୍ୟାଚଗୁଡ଼ିକ ଏପ୍ରିଲ ୪ରୁ ଆରମ୍ଭ ହେବାକୁଥିବା ବେଳେ ଡିଭିଜନ 'ଏ' ମ୍ୟାଚ ଏପ୍ରିଲ ୮ରୁ ଖେଳାଯିବ। ଡିଭିଜନ 'ଏ'ରେ ଗତଥରର ଚାମ୍ପିୟନ ଓ ରନର ଅପ୍ ହରିୟାଣା ସ୍ଥାନ ପାଇଛନ୍ତି। ବର୍ଷ ବର୍ଷ ଧରି ସେମାନଙ୍କ ଓଭରଅଲ୍ ପ୍ରଦର୍ଶନ ଭିତ୍ତିରେ ସେମାନଙ୍କୁ ସ୍ଥାନ ମିଳିଛି। ଡିଭିଜନ 'ଏ'ରେ ସ୍ଥାନ ପାଇଥିବା ଅନ୍ୟ ଦଳଗୁଡ଼ିକ ହେଲେ ପଞ୍ଜାବ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ, ତାମିଲନାଡ୍ରୁ, ବେଙ୍ଗଲ, ହକି କର୍ନାଟକ ଓ ପୁଡୁଚେରୀ। ସେମାନଙ୍କୁ ୪ଟି ଗ୍ରୁପରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଦଳ ସେମାନଙ୍କ ଗ୍ରୁପର ପ୍ରତ୍ୟେକ ଦଳ ସହିତ ଥରେ ଲେଖାଏ ଖେଳିବେ। ଏହା ଏକମାତ୍ର ଡିଭିଜନ, ଯେଉଁଥିରେ ଏକ ନକ୍ ?ଆଉଟ ପର୍ଯ୍ୟାୟ ରହିଛି। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ କ୍ୱାର୍ଟରଫାଇନାଲରେ ପ୍ରବେଶ କରିବେ। ଏହା ଏପ୍ରିଲ ୧୨ରେ ଖେଳାଯିବ। ଏପ୍ରିଲ ୧୩ରେ ସେମିଫାଇନାଲ ଏବଂ ଫାଇନାଲ ଓ ୩ୟ/୪ର୍ଥ ସ୍ଥାନ ପାଇଁ ମୁକାବିଲା ଏପ୍ରିଲ ୧୫ରେ ହେବ। ଡିଭିଜନ 'ଏ'ର ନିମ୍ନ ସ୍ଥାନରେ ରହିଥିବା ଦୁଇ ଦଳ ତଳପାହ୍ୟାକୁ ଖସି ପରବର୍ତ୍ତୀ ସଂସ୍କରଣରେ ଡିଭିଜନ 'ବି'ରୁ ଖେଳିବେ। ଡିଭିଜନ 'ବି'ରେ ସ୍ଥାନ ପାଇଥିବା ୧୦ଟି ଦଳ ଡିଭିଜନ 'ଏ'ରେ ସ୍ଥାନ ପାଇଁ ଲଢ଼େଇ କରିବେ। ଏଥିରେ ସ୍ଥାନ ପାଇଥିବା ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍ ?ରେ ବିଭକ୍ତ କରାଯାଇଛି। ଏଥିରେ ଗୋଟିଏ ଗ୍ରୁପରେ ଚଣ୍ଡିଗଡ଼ ଗୋଆ, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, ଉତ୍ତରାଖଣ୍ଡ ସ୍ଥାନ ପାଇଥିବା ବେଳେ ଅନ୍ୟଟିରେ ଦିଲ୍ଲୀ, ମିଜୋରାମ, ଦାଦ୍ରା ନଗର ହାବେଳୀ ଓ ଡାମନ ଡିଉ, କେରଳ, ଆସାମ ଆଦି ସ୍ଥାନ ପାଇଛନ୍ତି। ଡିଭିଜନର 'ବି'ର ଶ୍ରେଷ୍ଠ ଦୁଇ ଦଳ ପଦୋନ୍ନତି ପାଇ ପରବର୍ତ୍ତୀ ସଂସ୍କରଣରେ ଡିଭିଜନ 'ଏ'ରୁ ଖେଳିବେ। ଡିଭିଜନ 'ସି'ରେ ୮ଟି ଦଳ ପ୍ରତିଯୋଗିତାରେ ଭାଗ ନେବେ। ସେମାନଙ୍କୁ ଦୁଇଟି ଗ୍ରୁପରେ ବିଭକ୍ତ କରାଯାଇଛି। ଗୋଟିଏ ଗ୍ରୁପରେ ରାଜସ୍ଥାନ, ଅରୁଣାଚଳ ପ୍ରଦେଶ, ଜମ୍ମୁ କଶ୍ମୀର ଓ ତ୍ରିପୁରା ରହିଥିବା ବେଳେ ଅନ୍ୟଟିରେ ଛତିଶଗଡ଼, ହିମାଚଳ ପ୍ରଦେଶ, ବିହାର ଓ ଗୁଜରାଟ ରହିଛନ୍ତି। ଡିଭିଜନ 'ସି'ର ଶ୍ରେଷ୍ଠ ଦୁଇ ଦଳ ଡିଭିଜନ 'ବି'କୁ ପଦୋନ୍ନତି ପାଇବେ। ତିନୋଟି ଡିଭିଜନରେ ପଏଣ୍ଟ ବ୍ୟବସ୍ଥା ସମାନ ରହିଛି। ଗୋଟିଏ ବିଜୟ ଲାଗି ୩ ଏବଂ ଡ୍ର ପାଇଁ ୧ପଏଣ୍ଟ ବ୍ୟବସ୍ଥା ରହିଥିବା ବେଳେ ପରାଜିତ ଦଳକୁ ପଏଣ୍ଟ ମିଳିବ ନାହିଁ।

## ପ୍ରଶାସନ ଓ ସାମ୍ବାଦିକ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ବଡ଼ ନପଙ୍ଗ ଯାତ୍ରା ପଡିଆ ଠାରେ ରାତ୍ରୀ କାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ବ୍ଲକ ପ୍ରଶାସନର ଅମଲା କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଗଣମାଧ୍ୟମ ପ୍ରତିନିଧି ମାନେ ନିର୍ଦ୍ଧାରିତ ୬ ଓଭର ଖେଳି ୩୯ ରନ୍ ସଂଗ୍ରହ କରିଥିବା ବେଳେ ଅମଲା କର୍ମଚାରୀ ମାନେ ୪ ଓଭର ଖେଳି ୪୦ ରନ୍ ସଂଗ୍ରହ କରି୍ ଜୟୀ ହୋଇଥିଲେ। ବିଡ଼ିଓ ଦେବଦତ୍ତ ଦାଶଙ୍କ ନେତୃତ୍ୱରେ ପଦ୍ମନାଭ ରାଉତ ଓ ପ୍ରକାଶ ନାୟକଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ଖେଳରେ ସାମିଲ ହୋଇଥିଲେ। ସେହିଭଳି ସାମ୍ବାଦିକ ରାଜେନ୍ଦ୍ର ଶତପଥି ଓ ଜଗବନ୍ଧୁ ଦାସଙ୍କ ତତ୍ତ୍ୱାବଧାନରେ ଗଣମାଧ୍ୟମ ପ୍ରତିନିଧି ମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଅମ୍ପାୟର ଭାବେ ସତ୍ୟଜିତ ନାୟକ ଓ ସୁଦିପ୍ତ ନାୟକ ଖେଳ ପରିଚାଳନା କରିଥିଲେ। ଉଦଘାଟନୀ ମ୍ୟାଚରେ ସ୍ଥାନୀୟ ସରପଞ୍ଚ ସୁଭାଷିନୀ ନାୟକ, ନାଏବ ସରପଞ୍ଚ ତପସ୍ୱିନୀ ରାଉତ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କୃତ କରିଥିଲେ। ପ୍ରତିଯୋଗିତ କୁ ରତି ରଞ୍ଜନ ନାୟକ, ଜୟ ନାରାୟଣ ଜେନା, ରତିକାନ୍ତ ଜେନା, ତପନ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ପଲେଇ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ମଧୁଶାସନ ଟିମ୍ ଚାମ୍ପିଅନ୍



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ପଲେଇ ପଂଚାୟତ ପଡ଼ିଆରେ ପ୍ରିୟବ୍ରତ ଓ ମାୟାଧର ମେମୋରିଆଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏହି ୧୦ତମ ବାର୍ଷିକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ କେନ୍ଦ୍ରାପଡ଼ା, କଟକ ଓ ଯାଜପୁର ଜିଲ୍ଲାର ୨୪ ଗୋଟି ଦଳ ଭାଗ ନେଇଥିଲେ। ଗତ ମାର୍ଚ୍ଚ ୨୦ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚରେ ଗତକାଲି ମଧୁଶାସନ କ୍ରିକେଟ୍ ଟିମ୍ ଓ ବଢ଼ିଖିରିର ମା ବିଂଶଭୂଜା କ୍ରିକେଟ୍ ଟିମ୍ ପରସ୍ପରକୁ ଭେଟିଥିଲେ। ପ୍ରଥମେ ଟସ୍ ଜିତି ମଧୁଶାସନ କ୍ରିକେଟ୍ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୮ ଗୋଟି ୱିକେଟ୍ ହରାଇ ୧୭୫ ରନ୍ ସଂଗ୍ରହ କରିଥିବା ବେଳେ ଏହାର ଜବାବରେ ମା ବିଶଭୂଜା ଟିମ୍ ୧୮.୩ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୧୩୫ ରନ୍ କରିବା ପାଇଁ ସକ୍ଷମ ହୋଇଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥିଭାବରେ ଡେରାବିଶ ଥାନା ଅଧିକାରୀ ସରୋଜ ସାହୁ, ସମ୍ମାନିତ ଅତିଥିଭାବେ ପଲେଇ ପଂଚାୟତ ସରପଂଚ ଅକ୍ଷୟ ସାହୁ, ଯୁବ ସାମ୍ବାଦିକ ଦିଲ୍ଲିପ ମହାନ୍ତି, ରମାକାନ୍ତ ପରିଡ଼ା, ବିଜୟ ପରିଡ଼ା, ଅଜୟ ରାଉତ, ଧିରେନ ନାଥଶର୍ମା, ନିର୍ମଳ ପରିଡ଼ା, ଅମୀୟ ସାହୁ, କାଳନ୍ଦି ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ । ଅତିଥିମାନେ ଟୁର୍ଣ୍ଣାମେଂଟର ବିଜେତା ମଧୁଶାସନ ଟିମ୍‌କୁ ଚମ୍ପିଆନ୍ ଟ୍ରଫି ଓ ମା ବିଶଭୂଜା ଟିମ୍‌କୁ ରନର୍ସ କପ୍ ପ୍ରଦାନ କରିଥିବା ବେଳେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ସାଗର ଦଳାଇଙ୍କୁ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଅମୀୟକାନ୍ତ ପରିଡ଼ା ଓ ପ୍ରମୋଦ ବେହେରା ଅମ୍ପାୟାର ଭାବେ କାର୍ଯ୍ୟନିର୍ବାହ କରିଥିଲେ । ଟୁର୍ଣ୍ଣାମେଣ୍ଟକୁ ପରିଚାଳନାରେ କେଦାର ଓଝା, ମଳୟ ମିଶ୍ର, ହୃଶିକାନ୍ତ ପରିଡ଼ା, ମନୋଜକାନ୍ତ ପରିଡ଼ା, ରାମଚନ୍ଦ୍ର ପରିଡ଼ା, ରାକେଶ ମହାନ୍ତି, ପ୍ରଜ୍ଞା ପରିଡ଼ା, ମଳୟ ସାହୁ, ଶାରଦା ପରିଡ଼ା, ରାଜେନ୍ଦ୍ର ଶର୍ମା, ଶାରଦା ଓଝା, ପତିତପାବନ ସୂତାର, ହିମାଂଶୁ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ ।

## ଓସିଏର ଉପ-ସଭାପତି ହେଲେ ଜଗମୋହନ

କଟକ (ଭାସ୍କର ନ୍ୟୁଜ୍) : ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପକ୍ଷରୁ ଶୁକ୍ରବାର ସ୍ୱତନ୍ତ୍ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜଗମୋହନ ପଟ୍ଟନାୟକଙ୍କୁ ସଂଘର ଉପ-ସଭାପତି ଭାବରେ ନିର୍ବାଚିତ ଘୋଷଣା କରାଯାଇଛି। ଯାହାଫଳରେ ୧୨ ମାର୍ଚ୍ଚ ୨୦୨୫ରେ ଆରମ୍ଭ ହୋଇଥିବା ନିର୍ବାଚନ ପ୍ରକ୍ରିୟାର ଆଜି ସମାପ୍ତି ଘଟିଛି। ଏମ୍ ଏଲ୍ ମଜୁମଦାର ଆଇଏସ୍ (ଅବସରପ୍ରାପ୍ତ) ସମଗ୍ର ନିର୍ବାଚନ ପ୍ରକ୍ରିୟା ପରିଚାଳନା କରୁଥିବା ନିର୍ବାଚନ ଅଧିକାରୀ ଥିଲେ। ପଙ୍କଜ ଲୋଚନ ମହାନ୍ତି (ସଭାପତି), ସଂଜୟ ବେହେରା (ସଚିବ), ପ୍ରଭାତ କୁମାର ଭୋଳ (ଯୁଗ୍ମ ସମ୍ପାଦକ) ଏବଂ ବିକାଶ ପ୍ରଧାନ (କୋଷାଧ୍ୟକ୍ଷ) ସମେତ ଓସିଏର ପଦାଧିକାରୀମାନେ ସମସ୍ତ ବିଶିଷ୍ଟ ସଦସ୍ୟଙ୍କ ସହିତ, ସ୍ୱତନ୍ତ୍ର ସାଧାରଣ ବୈଠକରେ ଉପସ୍ଥିତ ଥିଲେ। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ସଦସ୍ୟମାନେ ଜଗମୋହନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟରେ କ୍ରିକେଟ୍ ପ୍ରଶାସନକୁ ସୁଦୃଢ଼ କରିବା ଏବଂ ଖେଳକୁ ନୂତନ ଶିଖରରେ ପହଞ୍ଚାଇବାରେ ତାଙ୍କର ମୂଲ୍ୟବାନ ଅବଦାନ ରହିବ ବୋଲି ସଂଘ ପକ୍ଷରୁ ଆଶା କରାଯାଇଛି।




## ମହାବୀର ଦେବ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ: ମହାବୀର ସ୍ପୋର୍ଟିଂ ବିଜୟୀ



ବୋଲଗଡ଼ (ଭାସ୍କର ନ୍ୟୁଜ୍) : ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ୧୩ଟି ଗ୍ରାମ ଅଧିବାସୀଙ୍କ ମିଳିତ ସହଯୋଗରେ ନାରାୟଣୀପଡ଼ା ସ୍କୁଲ ପଡିଆରେ ଅନୁଷ୍ଠିତ ମହାବୀର ଦେବ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଠଣାପଲ୍ଲୀର ସେଭେନ-୨ କ୍ଲବକୁ ୨-୧ ଗୋଲ ବ୍ୟବଧାନରେ ହରାଇ କୁହୁଡ଼ିର ମହାବୀର ସ୍ପୋର୍ଟିଂ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଖେଳ ପ୍ରଥମାର୍ଦ୍ଧରେ ଉଭୟ ଦଳ ଉଭୟଙ୍କୁ ଗୋଟିଏ ଗୋଟିଏ ଗୋଲ କରି ବରାବର ସ୍ଥିତିରେ ଥିଲାବେଳେ ଦ୍ୱିତୀୟାର୍ଦ୍ଧରେ କୁହୁଡି ଦଳ ଆଉ ଗୋଟିଏ ଗୋଲ କରି ବିଜୟ ଲାଭ କରିଥିଲା। ଏହି ମ୍ୟାଚଟିକୁ ମୁଖ୍ୟ ରେଫରୀ ଭାବେ ଏମ୍‌ଏସ୍‌ବେଗ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନସରେ ଶରତଚନ୍ଦ୍ର ଛୋଟରାୟ ଓ ବୈକୁଣ୍ଠ ମହାପାତ୍ର ସହାୟତା କରିଥିଲେ। ମ୍ୟାଚ୍ କମିଶନର ଭାବେ ସୁଶାନ୍ତ ମିଶ୍ର ଦାୟିତ୍ୱ ନିର୍ବାହ କରିଥିଲେ। ଅତିଥି ଭାବେ ସାମାଜିକ କର୍ମୀ ଡଃ.ଶିଶିର ଆଚାର୍ଯ୍ୟ, ପୂର୍ବତନ ସରପଞ୍ଚ ବ୍ରଜରାଜ ରାଉତ ଓ ସଭାପତି ପୁରସ୍ତମ ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଜଟଣୀ ପୋଡପାଟଣା ର ବାବା ସ୍ପୋର୍ଟିଙ୍ଗ ଓ ଭୁବନେଶ୍ୱର ର କଳିଙ୍ଗ ସ୍ପୋର୍ଟଙ୍ଗ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ପ୍ରଫୁଲ୍ଲ ରାଉତ ସୂଚନା ଦେଇଛନ୍ତି।

## ଆନ୍ତଃ ବିଭାଗୀୟ ଓ କର୍ପୋରେଟ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ



ପାରାଦୀପ (ଭାସ୍କର ନ୍ୟୁଜ୍) : ପ୍ରତି ବର୍ଷ ପରି ପାରାଦୀପ ବନ୍ଦରର ଗୋପବନ୍ଧୁ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ୩ ତାରିଖ ଦିନ ୫ମ ଆନ୍ତଃ ବିଭାଗୀୟ ଓ ୪ର୍ଥ କର୍ପୋରେଟ କ୍ରିକେଟ ପ୍ରତିଯୋଗିତା ଗୁରୁବାର ଦିନ ଉଦଘାଟିତ ହୋଇଯାଇଛି। ପ୍ରତିଯୋଗିତାକୁ ବନ୍ଦର ଉପାଧ୍ୟକ୍ଷ ନିଳାଦ୍ରି ଦାସଗୁପ୍ତା ଉଦଘାଟନ କରି କହିଥିଲେ କି ଏ ପ୍ରକାର ପ୍ରତିଯୋଗିତା ବନ୍ଦରର ଅଧିକାରୀ ଓ କର୍ମଚାରୀ ତଥା ବନ୍ଦର ବ୍ୟବହାରକାରୀ ଓ ଅନ୍ୟ ସଂସ୍ଥା ମାନଙ୍କ ମଧ୍ୟରେ ଏକ ଭାଇଚାରାର ସମ୍ପର୍କ ସୃଷ୍ଟି କରିବାରେ ସହାୟକ ହେବ। ଉଦଘାଟନୀ କାର୍ଯ୍ୟକ୍ରମରେ ଆଇଓସିଏଲର କାର୍ଯ୍ୟକାରୀ ନିର୍ଦ୍ଦେଶକ କୌଶିକ ବସୁ ତଥା ବନ୍ଦରର ସମସ୍ତ ବିଭାଗ ମୁଖ୍ୟ ଉପସ୍ଥିତ ଥିଲେ। ଶେଷରେ ଫୁଟବଲ କୋଚ ରବି ଦାସ ଧନ୍ୟବାଦ୍ ଦେଇଥିଲେ। ଏହି ପ୍ରତିଯୋଗିତା ୧୧ ଦିନ ଧରି ଚାଲିବ ଏବଂ ଏଥିରେ ବନ୍ଦରର ୭ଟି ବିଭାଗ ଓ ୧୩ଟି ଅନ୍ୟ ସରକାରୀ, ବେସରକାରୀ ସଂସ୍ଥା, ବ୍ୟାଙ୍କ ଓ ବନ୍ଦର ବ୍ୟବହାରକାରୀ ସଂସ୍ଥା ଭାଗ ନେଉଛନ୍ତି । ଇଂଟର୍ ଡିପାର୍ଟମେଣ୍ଟ ପ୍ରତିଯୋଗିତାର ପ୍ରଥମ ମ୍ୟାଚରେ ବନ୍ଦର ଟ୍ରାଫିକ ବିଭାଗ ଇଞ୍ଜିନିୟରିଂ ବିଭାଗକୁ ଭେଟିଥିଲା। ଟ୍ରାଫିକ ବିଭାଗ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୩ ୱିକେଟ ବିନିମୟରେ ୧୦୯ ରନ କରିଥିଲା। ଜବାବରେ ଇଞ୍ଜିନିୟରିଂ ବିଭାଗ ୫ ୱିକେଟ ବିନିମୟରେ ୧୦୪ ରନ କରିଥିଲା । ଟ୍ରାଫିକ ତାର ପ୍ରଥମ ମ୍ୟାଚରେ ୬ ରନରେ ବିଜୟୀ ହୋଇଛି । ଦ୍ୱିତୀୟ ମ୍ୟାଚରେ ଇଏଣ୍ଡଏମ ବିଭାଗ ୪ ଉଇକେଟ ବିନିମୟରେ ୧୧୯ ରନ କରିଥିଲା । ୧୨୦ ରନର ବିଜୟ ଲକ୍ଷ୍ୟ ନେଇ ମେରାଇନ ବିଭାଗ ୫ଟି ଉଇକେଟ ହରାଇ ମାତ୍ର ୯୫ ରନ କରି ପରାଜିତ ହୋଇଥିଲା । ଇଏଣ୍ଡଏମ ବିଭାଗ ୨୫ ରନରେ ମ୍ୟାଚଟିକୁ ଜିତିଥିଲା।

INDEL MONEY
Corporate office: **Indel Money Limited,**
IIIrd Floor Indel House, Changampuzha Nagar,
South Kalamassery, Ernakulam -682033 ,
Ph: 0484-2933999 E:customercare@indelmoney.com


**GOLD AUCTION NOTICE**

ଏତଦ ଦ୍ୱାରା ସର୍ବସାଧାରଣଙ୍କୁ ସୂଚାଇ ଦିଆଯାଉଅଛି କି ନିମ୍ନଲିଖିତ ଆକାଉଣ୍ଟରେ ବନ୍ଧକ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ନିମ୍ନପ୍ରଦତ୍ତ ଶାଖାରେ ଆଗାମୀ 21.04.2025 ତାରିଖ ଦିନ ପୂର୍ବାହ୍ନ ୧୦ଟାରେ ନିଲାମ କରାଯିବ। ବିଭିନ୍ନ ପ୍ରକାର ଯୋଗାଯୋଗ କରିଆରେ ସୂଚନା ଦେବାସତ୍ତ୍ୱେ ସ୍ୱର୍ଣ୍ଣ ଅଳଙ୍କାର ବନ୍ଧା ଦେଇ ଋଣ ନେଇଥିବା ଋଣ ଗ୍ରହିତାମାନେ ଋଣ ପରିଶୋଧ କରିବାରେ ବିଫଳ ହେବା ଯୋଗୁଁ ଆମେ ସେମାନଙ୍କର ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରିବାକୁ ଯାଉଛୁ। ସେହିପରି ନିଲାମ ଆଇଟମସ ପରବର୍ତ୍ତୀ ସମୟରେ ତାରିଖ ଓ ଦିନ ଅପରିବର୍ତ୍ତିତ ରଖି ବିନା ସୂଚନାରେ ନିଲାମ କରାଯିବ। ସେହିପରି କୌଣସି ସୂଚନା ନଦେଇ ସମ୍ପୃକ୍ତ ଶାଖାରେ ଏହା ପ୍ରଦର୍ଶିତ କରାଯିବ।

**ବାଲେଶ୍ୱର** - 23903450002341, 0345/02363, 0345/02373, 23903460002319, 0346/02325, 23903480002313, **ବାଲୁଗାଁ** - 25203440003107, 0344/03180, 0344/03190, 25203460003102, 0346/03109, 0346/03110, 0346/03114, 0346/03128, 0346/03137, 0346/03181, 0346/03182, 0346/03189, 0346/03215, 25210920000426, 1092/00429, **ବାରିପଦା** - 28303440001442, 0344/01458, 0344/01545, 28303460001444, 0346/01455, 0346/01460, 0346/01467, 0346/01469, 0346/01478, 0346/01488, 0346/01517, 0346/01521, 0346/01525, 0346/01535, 0346/01542, 0346/01543, 28303480001459, 28303570001494, 0357/01502, 0357/01504, 0357/01505, **ବ୍ରହ୍ମପୁର ଆସିକା ରୋଡ** - 28503440003491, 0344/03508, 0344/03510, 28503450003552, 28503460003494, 0346/03586, 28503470003476, 0347/03487, 0347/03589, 28503480003438, 0348/03478, 0348/03563, 28503490003405, 0349/03416, 0349/03417, 0349/03580, **ଭଦ୍ରକ** - 25603060003541, 25603450003542, 25603460003496, 0346/03509, 0346/03510, 0346/03511, 0346/03517, 25603470003406, 0347/03431, 25603490003437, 0349/03451, 0349/03464, 0349/03520, **ଚଣ୍ଡିଖୋଲ** - 25303460002548, **ଚୌଦ୍ୱାର** - 25003460002058, 0346/02061, 0346/02065, 0346/02066, 0346/02073, 0346/02076, 0346/02099, 0346/02102, 0346/02107, 0346/02110, 0346/02115, 0346/02150, 0346/02152, 0346/02157, 0346/02159, 25003480002064, 0348/02081, 0348/02128, **ଢେଙ୍କାନାଳ**- 24703440002184, 0344/02196, 0344/02214, 0344/02248, 0344/02271, 0344/02285, 24703460002183, 0346/02194, 0346/02217, 0346/02228, 0346/02245, 0346/02282, 24703570002237, **ଏଫଏମ୍ ଗୋଲେଇ-ବାଲେଶ୍ୱର**-24403440003892, 0344/03895, 24403460003802, 0346/03812, 0346/03823, 24403490003836, **ଗୋସାଣୀ ନୂଆଗାଁ** - 28403450003257, 28403460003052, 0346/03144, 0346/03147, 0346/03150, 0346/03253, 0346/03260, 0346/03262, 0346/03287, 0346/03293, 28403570003181, **ଜଗତପୁର** - 24003450003306, 24003460003292, 0346/03326, 0346/03328, 0346/03355, 0346/03400, 0356/03356, 24010920000725, 1092/00735, 1092/00761, 1092/00762, 1092/00763, 1092/00775, 1092/00783, 1092/00785, 1092/00786, 1092/00802, **ଜଗତସିଂହପୁର** - 24803060004605, 24803460004543, 0346/04570, 0346/04588, 0346/04619, 0346/04646, 0346/04684, 24803480004579, 24810920000663, **ଯାଜପୁର ଟାଉନ** - 24603450005333, 0345/05350, 0345/05378, 0345/05449, 24603460005356, 0346/05380, 0346/05391, 0346/05392, 0346/05407, 0346/05432, 0346/05438, 0346/05457, 0346/05463, 24603470005337, 0347/05349, 24603480005295, 0348/05298, 0348/05303, 0348/05342, 0348/05415, 0348/05423, 0348/05445, 0348/05464, 0348/05477, 24603570005405, 0357/05426, **କେନ୍ଦ୍ରାପଡ଼ା** - 24903450003281, 0345/03359, 24903460003213, 0346/03238, 0346/03256, 0346/03257, 0346/03269, 0346/03273, 0346/03287, 0346/03288, 0346/03366, 24903470003228, 24903480003266, 0348/03326, 24903490003313, 0349/03333, 24903570003302, 0357/03309, **ଖୋର୍ଦ୍ଧା** - 24303440004113, 0344/04124, 0344/04141, 0344/04172, 0344/04208, 0344/04220, 0344/04253, 24303450004271, 24303460004106, 0346/04115, 0346/04119, 0346/04137, 0346/04153, 0346/04169, 0346/04173, 0346/04174, 0346/04175, 0346/04177, 0346/04184, 0346/04189, 0346/04194, 0346/04198, 0346/04221, 0346/04224, 0346/04249, 0346/04255, 24310920000436, **ଲୁଇସ୍ ରୋଡ** - 24503460003040, 24503480002942, **ଲିଙ୍କରୋଡ- କଟକ** - 23703460003223, 0346/03292, 23703480003195, 0348/03206, 0348/03226, 0348/03227, 0348/03234, **ନୟାଗଡ଼** - 25503450003728, 0345/03789, 0345/03825, 0345/03830, 0345/03865, 0345/03878, 25503460003700, 0346/03710, 0346/03811, 0346/03817, 0346/03827, 0346/03839, 25503470003708, 25503480003803, 0348/03805, 0348/03877, 25510920000305, 1092/00307, 1092/00309, **ନିମାପଡ଼ା** - 23803450006795, 0345/06805, 0345/06843, 0345/06944, 0345/06951, 23803460006742, 0346/06749, 0346/06802, 0346/06862, 0346/06872, 0346/06886, 0346/06905, 0346/06937, 23803470006939, 23803480006792, 23803490006779, 0349/06807, 23803560006877, **ପାରାଦୀପ** - 29803460001716, 0346/01776, 0346/01780, 29803480001757, 0348/01777, 0348/01784, 0348/01786, 0348/01787, **ପଟ୍ଟାମୁଣ୍ଡାଇ** - 25403060003507, 25403450003670, 25403460003515, 0346/03546, 0346/03553, 0346/03600, 0346/03601, 0346/03613, 0346/03617, 0346/03618, 0346/03626, 0346/03627, 0346/03628, 0346/03631, 0346/03637, 0346/03646, 25403480003640, 25403570003607, 25410920000355, **ପିପିଲି** - 24103450005135, 0345/05162, 24103460005137, 0346/05157, 0346/05158, 0346/05173, 0346/05177, 0346/05181, 0346/05183, 0346/05202, 0346/05227, 0346/05267, 0346/05313, 24103570005263, 24103590005264, 24110920000514, 1092/00524, **ପୁରୀ** - 25103440003873, 0344/03937, 0344/03967, 0344/03988, 25103460003992, 25103470003911, 25103490003874, **ସାଲେପୁର** - 24203460004147, 0346/04157, 0346/04178, 0346/04179, 0346/04184, 0346/04185, 0346/04191, 0346/04200, 0346/04218, 0346/04226, 0346/04233, 0346/04234, 0346/04251, 0346/04264, 24203480004166, 0348/04167, 0348/04193, 0348/04194, 0348/04224, 0348/04229, 0348/04231, 24203570004210, 0357/04214, 0357/04220, **ଛତ୍ରପୁର** - 30503460000685, 0346/00703, 0346/00709, 0346/00754, 0346/00760, 0346/00801, 30503470000724, 0347/00786, 30503490000723, **ଜଳେଶ୍ୱର** – 32703460000397


ଯଦି ନିର୍ଦ୍ଧାରିତ ତାରିଖରେ ଆମେ ନିଲାମ ସମ୍ପୂର୍ଣ୍ଣ କରିବାରେ ଅସମର୍ଥ ହେବୁ, ତେବେ ସେହି ସମାନ ନିଲାମ ଶ୍ରୀରାମ ଅଟୋମଲ ଇଣ୍ଡିଆ ଲିମିଟେଡ୍ (ସାମିଲ) ପକ୍ଷରୁ ଅନ୍‌ଲାଇନରେ ଇ-ନିଲାମ ପ୍ଲାଟଫର୍ମ https://gold.samil.in କିମ୍ବା ଇ-ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିମିଟେଡ୍ (ଅକ୍ସନ ଟାଇଗର) ପକ୍ଷରୁ ସେମାନଙ୍କ ଅନ୍‌ଲାଇନ ଇ-ଅକ୍ସନ ପ୍ଲାଟଫର୍ମ https://egold.auctiontiger.net ରେ 23.04.2025 ଅପରାହ୍ନ 12.30ରୁ 3.30 ମଧ୍ୟରେ କରାଯିବ। ଦୟାକରି ନୋଟ୍ କରନ୍ତୁ, ଯଦି 23.04.2025ରେ ଏହି ନିଲାମ ସମ୍ପୂର୍ଣ୍ଣ ନହୁଏ ତେବେ ସମାନ ସର୍ତ୍ତ ଓ ନିୟମରେ ପରବର୍ତ୍ତୀ କାର୍ଯ୍ୟ ଦିବସରେ ଏହା କରାଯିବ।

By Authorized Officer, Indel Money Limited



ଆମ ଶରୀରରେ ଥିବା ହିମୋଗ୍ଲୋବିନ୍ ଏକ ପ୍ରକାରର ପ୍ରୋଟିନ୍, ଯାହା ଲାଲ ରକ୍ତ କଣିକାରେ ମିଳିଥାଏ । ଏହା ଶରୀରର ବିଭିନ୍ନ ଅଂଶକୁ ଅମ୍ଳଜାନ ପହଞ୍ଚାଇବାରେ କାମ କରେ । ଏପରି ପରିସ୍ଥିତିରେ, ଯେତେବେଳେ ଶରୀରରେ ହିମୋଗ୍ଲୋବିନ୍ ପରିମାଣ ହ୍ରାସ ପାଏ, ଶରୀରରେ ଅମ୍ଳଜାନର ପ୍ରବାହ ହ୍ରାସ ପାଇବାକୁ ଲାଗେ । ଶରୀରରେ ହିମୋଗ୍ଲୋବିନ କମ ରହିଲେ ଏହାକୁ ରକ୍ତହୀନତା କୁହାଯାଏ। ଏହା ମହିଳା, ପିଲା ଏବଂ ବୟସ୍କ ଲୋକଙ୍କ ମଧ୍ୟରେ ସବୁଠାରୁ ସାଧାରଣ ସମସ୍ୟା । ଯେତେବେଳେ ଶରୀରରେ ହିମୋଗ୍ଲୋବିନ୍ ସ୍ତର ହ୍ରାସ ପାଏ, ଶରୀର ଅନେକ ସଙ୍କେତ ଦିଏ, ଯାହାକୁ ଚିହ୍ନଟ କରି ଆପଣ ସମୟକ୍ରମେ ଚିକିତ୍ସା ପାଇପାରିବେ । ଶରୀରରେ ହିମୋଗ୍ଲୋବିନର ଅଭାବ ଯୋଗୁଁ, କୋଷଗୁଡ଼ିକ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ଅମ୍ଳଜାନ ପହଞ୍ଚିପାରେ ନାହିଁ, ଯାହା ଫଳରେ ବ୍ୟକ୍ତି କୌଣସି କାମ ନକରି ମଧ୍ୟ କ୍ଳାନ୍ତ ଅନୁଭବ କରିବାକୁ ଲାଗେ । ଏପରି ଲୋକଙ୍କ ପାଇଁ, ଛୋଟ ଛୋଟ ଦୈନନ୍ଦିନ କାମ ମଧ୍ୟ କଷ୍ଟକର ମନେହୁଏ । ହିମୋଗ୍ଲୋବିନ୍ ଅଭାବରୁ ଜଣେ ବ୍ୟକ୍ତିଙ୍କୁ କିଛି ସିଡ଼ି ଚଢ଼ିବା କିମ୍ବା ହାଲୁକା ଚାଲିବା ପରେ ମଧ୍ୟ ନିଶ୍ୱାସ ନେବାରେ କଷ୍ଟ ଅନୁଭବ ହୋଇଥାଏ, କାରଣ ଏହା ଯୋଗୁଁ ଶରୀର ପର୍ଯ୍ୟାପ୍ତ ଅମ୍ଳଜାନ ପାଇପାରେ ନାହିଁ । ଏହା ବ୍ୟତୀତ ଅମ୍ଳଜାନର ଅଭାବ ମସ୍ତିଷ୍କକୁ ମଧ୍ୟ ପ୍ରଭାବିତ କରେ, ଯାହା ଫଳରେ ମୁଣ୍ଡ ବୁଲାଇବା, ମୁଣ୍ଡ ବିନ୍ଧା କିମ୍ବା ଧ୍ୟାନ କେନ୍ଦ୍ରିତ କରିବାରେ ଅସୁବିଧା ସୃଷ୍ଟି ହୋଇପାରେ ।





# ଅଲବିଦା ମନୋଜ

ବଲିଉଡର ଭେଟେରାନ ଅଭିନେତା ମନୋଜ କୁମାର ଚିର ଦିନ ପାଇଁ ବିଦାୟ ନେଇଛନ୍ତି। ସେ ୮୭ ବର୍ଷ ବୟସରେ ମୁମ୍ବାଇ ସ୍ଥିତ କୋକିଲାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମନୋଜ କୁମାର ନିଜର ଦେଶାତ୍ମକ ଫିଲ୍ମଗୁଡିକ ପାଇଁ ବେଶ୍ ଲୋକପ୍ରିୟ ରହିଥିଲେ । ତାଙ୍କୁ ଶ୍ରଦ୍ଧାରେ 'ଭାରତ କୁମାର' ବୋଲି ଡକାଯାଉଥିଲା । ସେ 'କ୍ରାନ୍ତି', 'ଉପକାର', 'ମୈଦାନୀ ଜଙ୍ଗ' ଇତ୍ୟାଦି ଅନେକ ଦେଶାତ୍ମବୋଧ ଫିଲ୍ମରେ ଅଭିନୟ କରି ବିପୁଳ ଲୋକପ୍ରିୟତା ସାଉଁଟିଥିଲେ। ଭାରତୀୟ ସିନେମା ଜଗତକୁ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ୧୯୯୨ରେ ପଦ୍ମଶ୍ରୀ ଏବଂ ୨୦୧୫ରେ ଦାଦାସାହେବ ଫାଲକେ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

## ପାକିସ୍ତାନରେ ଜନ୍ମ ଗ୍ରହଣ କରି ଭାରତରେ ହୋଇଥିଲେ ଲୋକପ୍ରିୟ

ବଲିଉଡ଼ର ଭାରତ କୁମାର ଓରଫ୍ ମନୋଜ କୁମାର ୧୯୩୭ ଜୁଲାଇ ୨୪ ତାରିଖରେ ପାକିସ୍ତାନର ଏବାଟାବାଦ ସହରରେ ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଅଖାର ରାତିରେ ଯେଉଁଠି ଆତଙ୍କୀ ଓସାମା ବିନ୍ ଲାଡ଼େନକୁ ହତ୍ୟା କରାଯାଇଥିଲା ସେହି ସ୍ଥାନ ସହ ଲିଙ୍କେଡ ମନୋଜ କୁମାରଙ୍କ ଖାସ୍ କନେକ୍ସନ ରହିଛି । ସେହି ସ୍ଥାନରେ କୁଖ୍ୟାତ ଆତଙ୍କୀ ଓସାମା ବିନ୍ ଲାଡ଼େନକୁ ଆମେରିକା ସେନା ଦ୍ୱାରା ହତ୍ୟା କରାଯାଇଥିଲା । ବିଭାଜନ ପୂର୍ବରୁ ଏହି ସ୍ଥାନ ଭାରତର ଏକ ଅଂଶ ଥିଲା । ବିଭାଜନ ପରେ ମନୋଜଙ୍କ ପରିବାର ଜାଲିୟାନା ଶେର ଖାନରୁ ଦିଲ୍ଲୀ ଚାଲି ଆସିଥିଲେ । ସେବେ ମନୋଜଙ୍କ ବୟସ ୧୦ ବର୍ଷ ଥିଲା । ଦିଗଜ ଅଭିନେତାଙ୍କ ପରିବାର ପ୍ରଥମେ ଶରଣାର୍ଥୀଙ୍କ ପରି ରହୁଥିଲେ । ଏହା ପରେ ତାଙ୍କ ପରିବାର ପୁରୁଣା ରାଜେନ୍ଦ୍ର ନଗର ଚାଲି ଆସିଥିଲେ । ହିନ୍ଦୀ ସିନେମା ପ୍ରତି ମନୋଜଙ୍କ ଅବଦାନକୁ ଭୁଲି ହେବ ନାହିଁ । ଦିଲ୍ଲୀପ କୁମାରଙ୍କ ବଡ଼ ପ୍ରଶଂସକ ଥିଲେ ମନୋଜ । କେବଳ ଅଭିନୟ ନୁହେଁ ଅନେକ ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି । ଦିଲ୍ଲୀ ୟୁନିଭର୍ସିଟିରୁ ଗ୍ରାଜୁଏସନ ସମାପ୍ତ କରିଥିଲେ । ଏହା ପରେ ସେ ଅଭିନୟ ଦୁନିଆରେ ପାଦ ଥାପିଥିଲେ । ୧୯୫୭ରେ 'ଫ୍ୟାଶନ' ତାଙ୍କ ଅଭିନୀତ ପ୍ରଥମ ଫିଲ୍ମ ଥିଲା । ପ୍ରଥମ ଫିଲ୍ମରେ ସେ ୮୦ ବର୍ଷ ବୃଦ୍ଧ ଚରିତ୍ରରେ ନଜର ଆସିଥିଲେ । ଏହା ପରେ ଗୋଟିଏ ପରେ ଗୋଟିଏ ହିଟ୍ ଫିଲ୍ମ ଭେଟି ଦେଇଥିଲେ । ଦେଶଭକ୍ତି ଫିଲ୍ମ ପାଇଁ ତାଙ୍କୁ ଭାରତ କୁମାରର ପରିଚୟ ମିଳିଥିଲା । ପାକିସ୍ତାନରେ ଜନ୍ମ ହୋଇଥିବା ଏହି ଷ୍ଟାର ଭାରତ କୁମାର ଭାବେ ସମସ୍ତଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ ।

## ଏମିତି ଥିଲା ମନୋଜଙ୍କ ପ୍ରେମ କାହାଣୀ



ମନୋଜ କୁମାରଙ୍କ ପତ୍ନୀଙ୍କ ନାମ ଶଶି ଗୋସ୍ୱାମୀ। ସେ ତାଙ୍କର ପ୍ରେମ କାହାଣୀକୁ ମନେ ପକାଇ କହିଥିଲେ, 'ମୋର ସ୍ନାତକୋତର ସମୟରେ, ମୁଁ ପୁରୁଣା ଦିଲ୍ଲୀରେ ଜଣେ ବନ୍ଧୁଙ୍କ ଘରକୁ ପାଠପଢ଼ିବାକୁ ଯାଉଥିଲି । ସେଠାରେ ମୁଁ ପ୍ରଥମ ଥର ପାଇଁ ଶଶିଙ୍କୁ ଦେଖିଥିଲି।' ମୁଁ ଭଗବାନଙ୍କ ରାଣ, ମୁଁ ମୋ ସାରା ଜୀବନରେ କେବେ କୌଣସି ଝିଅକୁ ଦେଖିନାହିଁ, କିନ୍ତୁ ଶଶିଙ୍କ ଭିତରେ ଏପରି କିଛି ଯାଦୁ ଥିଲା ଯେ ମୁଁ ତାଙ୍କ ମୁହଁରୁ ଆଖି ହଟାଇ ପାରିଲିନାହିଁ। ଏବଂ ଦେଢ଼ ବର୍ଷ ଧରି ଆମେ ଦୁହେଁ ଦୁହିଁଙ୍କୁ ଦୂରରୁ ଦେଖିଲୁ। କାରଣ ସେତେବେଳେ ଆମ ମଧ୍ୟରୁ କାହାରି ପରସ୍ପର ସହିତ କଥା ହେବାକୁ ସାହସ ନଥିଲା। ଅଭିନେତା ଆହୁରି କହିଛନ୍ତି ଯେ ସେ ଏବଂ ଶଶି ଫିଲ୍ମ 'ଉଡାନଖଟୋଲା' ଦେଖିବାକୁ ଯାଇଥିଲେ। 'ମୋ ବନ୍ଧୁମାନଙ୍କ ସହିତ ଫିଲ୍ମ ଦେଖିବା ପରେ, ଆମେ ପ୍ରାୟତଃ ଭେଟିବା ଆରମ୍ଭ କଲୁ।' ଆମ ସମ୍ପର୍କରେ ମୋ ବାପାମାଙ୍କର କୌଣସି ଆପତ୍ତି ନଥିଲେ ମଧ୍ୟ, ଶଶିଙ୍କ ଭାଇ ଏବଂ ମାଆ ଆମ ବିରୁଦ୍ଧରେ ଥିଲେ। ଶେଷରେ ବିବାହ ହୋଇଥିଲା।

## ୪୦ ବର୍ଷ ଇଣ୍ଡଷ୍ଟ୍ରିରେ କରିଛନ୍ତି ରାଜ୍

୧୯୬୦ରେ ମନୋଜ 'କାଞ୍ଚ କି ଗୁଡିଆ' ଫିଲ୍ମ ଜରିଆରେ ରୋମାଣ୍ଟିକ ହିରୋ ଭାବେ ସେ ବଲିଉଡ଼ରେ ଡେବ୍ୟୁ କରିଥିଲେ । 'ରୋଟି କପଡା ଅଉ ମକାନ୍', 'ଆଦମୀ', 'ଉପକାର', 'ବେଇମାନ', 'ମେରା ନାମ ଜୋକର', 'ଅମାନତ', 'କ୍ରାନ୍ତି', 'ଦଶନମ୍ବରୀ', 'ମୈଦାନୀ ଜଙ୍ଗ', 'ପଥର କେ ସନମ୍', 'ସାୱନ୍ କି ଘଟା', 'ୟାଦ୍ ଗାର୍', 'ଓ କନ୍ ଥି' 'ଆପନେ ହୁଏ ପରାଏ' ଆଦି ବହୁ ହିଟ୍ ଫିଲ୍ମରେ ସେ ଅଭିନୟ କରିଛନ୍ତି । 'ଉପକାର' ପାଇଁ ତାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା । ତାଙ୍କ ଅଭିନୀତ 'ଏକ୍ ପ୍ୟାର୍କା ନଗ୍ମା', 'ଚାନ୍ଦ ସି ମେହବୁବା' ସଙ୍ଗୀତ ଆଜି ବି ଦର୍ଶକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ରହିଛି । ଶେଷରେ ପୁଅ କୁନାଲ ଗୋସ୍ୱାମୀ ୧୯୯୯ ମସିହାରେ ମୁକ୍ତିଲାଭ କରିଥିବା ଜୟ ହିନ୍ଦ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିଲେ। ଭାରତୀୟ ସିନେମା ଜଗତକୁ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ୧୯୯୨ରେ ପଦ୍ମଶ୍ରୀ ଏବଂ ୨୦୧୫ରେ ଦାଦାସାହେବ ଫାଲକେ ସମ୍ମାନରେ ସମ୍ମାନିତ କରାଯାଇଥିଲା



## ୧୭୦ କୋଟି ଟଙ୍କାର ମାଲିକ...

ମନୋଜ କୁମାରଙ୍କ ପ୍ରକୃତ ନାମ ହେଉଛି ହରିକୃଷ୍ଣ ଗିରି ଗୋସ୍ୱାମୀ । ସେ ମନୋଜ କୁମାର ନାମରେ ବଲିଉଡ ଦୁନିଆରେ ପରିଚିତି ପାଇଥିଲେ। ତାଙ୍କର ଦେଶପ୍ରେମପୂର୍ଣ୍ଣ ଚଳଚ୍ଚିତ୍ର ଯୋଗୁଁ ସେ ଭାରତ କୁମାର ନାମରେ ପରିଚିତ ହେଲେ। ତାଙ୍କର ଫିଲ୍ମଗୁଡ଼ିକ ବକ୍ସ ଅଫିସରେ ଖୁବ୍ ଲାଭ କରୁଥିଲା। ସେଲିବ୍ରିଟି ନେଟ ୱର୍ଥ ରିପୋର୍ଟ ଅନୁଯାୟୀ, ମନୋଜ କୁମାରଙ୍କ ସମ୍ପତ୍ତି ୧୭୦ କୋଟି ଟଙ୍କା। ତାଙ୍କର ସମ୍ପତ୍ତି ଏକ ଦୀର୍ଘ ସଫଳ ସିନେମା କ୍ୟାରିୟରରୁ ଆସିଛି। ସେ ଏହି ଶିଳ୍ପରେ ଜଣେ ଅଭିନେତା, ନିର୍ଦ୍ଦେଶକ ଏବଂ ଚିତ୍ରନାଟ୍ୟ ଲେଖକ ଭାବରେ କାମ କରିଛନ୍ତି। ତାଙ୍କ ଫିଲ୍ମଗୁଡ଼ିକ ବକ୍ସ ଅଫିସରେ ହିଟ୍ ହୋଇଛି। ରିପୋର୍ଟ ଅନୁସାରେ, ଗୋସ୍ୱାମୀ ଟାୱାର ନାମକ ଏକ ବଡ଼ କୋଠା ଅଛି ଯାହା ମନୋଜ କୁମାରଙ୍କ ନାମରେ ଅଛି।



# ଔଷଧୀୟ ଗୁଣରେ ଭରପୁର ଡାଲଚିନି ଏବଂ ପାନମଧୁରୀ ପାଣି

ସାଧାରଣତଃ ସମସ୍ତଙ୍କ ରୋଷେଇ ଘରେ ପ୍ରାୟତଃ ଡାଲଚିନି ଦେଖିବାକୁ ମିଳିଥାଏ। ଯାହା ଖାଦ୍ୟର ସ୍ୱାଦକୁ ଦ୍ୱିଗୁଣିତ କରିଦେଇଥାଏ । କିନ୍ତୁ ଆପଣ ଜାଣିଛନ୍ତି କି ଡାଲଚିନି ଏବଂ ପାନମହୁରୀ ପାଣି ଆମ ଶରୀର ପାଇଁ କେତେ ଲାଭପ୍ରଦ । ଯାହା ପ୍ରାକୃତିକ ପ୍ରଣାଳୀରେ ଆୟୁର୍ବେଦିକ ଔଷଧ ଭାବେ ବ୍ୟବହୃତ କରାଯାଇଆସୁଅଛି । ଏହି ପାଣି ପିଇବା ଦ୍ୱାରା ଆମ ଉପରେ କୌଣସି ଖରାପ ପ୍ରଭାବ ପକାଇନଥାଏ। ଏହି ପାଣିକୁ କିପରି ତିଆରି କରିବେ ଏବଂ ଏହା ଆମ ଶରୀରରେ କେଉଁ ସବୁ ଫାଇଦା ଦେଇଥାଏ ସେ ସମ୍ପର୍କରେ ଜାଣନ୍ତୁ ।

**ପ୍ରସ୍ତୁତି ପ୍ରଣାଳୀ :** ଏହି ପାଣିର ପ୍ରସ୍ତୁତି ପାଇଁ ଗୋଟେ ଗ୍ଲାସ ପାଣିକୁ ଭଲ ଭାବରେ ଫୁଟାନ୍ତୁ । ସେଥିରେ ୧ ଚାମଚ ପାନମହୁରୀ ଏବଂ ଅଧା ଚାମଚ ଡାଲଚିନି ଗୁଣ୍ଡ ନିଅନ୍ତୁ । ଗୋଟେ ରାତି ପାଇଁ ତାକୁ ଭିଜିବାକୁ ଛାଡିଦିଅନ୍ତୁ । ପର ଦିନ ସକାଳୁ ଖାଲି ପେଟରେ ପାଣିକୁ ପିଅନ୍ତୁ ।

**ଡାଲଚିନି ଏବଂ ପାନମହୁରୀ ପାଣିର ଫାଇଦା :** ପେଟ ଜନିତ ସମସ୍ୟା: ପେଟ ଜନିତ ସମସ୍ୟା ପାଇଁ ଏହି ପାଣି ଅତ୍ୟନ୍ତ ଲାଭପ୍ରଦ । ପାଚନ ପ୍ରକ୍ରିୟାକୁ ଠିକ ରଖିବାରେ ଏହି ପାଣି ସାହାଯ୍ୟ କରିଥାଏ । ଯାହା ଦ୍ୱାରା ଦିନସାରା ପେଟକୁ ହାଲୁକା ରଖିଥାଏ

**ଓଜନରେ ହ୍ରାସ:** ଶରୀରରେ ମେଟାବାଲୋଜିମକୁ ବଢାଇବା ସହିତ କ୍ୟାଲୋରୀକୁ ନଷ୍ଟ କରିବାରେ ସାହାଯ୍ୟ କରିଥାଏ । ଏହି ପାଣି ଓଜନ ହ୍ରାସ ପାଇଁ ଲାଭଦାୟୀ ।



## ଘର ବାହାରେ ଓଲଟା ଚପଲ ଦେଖିଲେ ତୁରନ୍ତ କରନ୍ତୁ ସିଧା



ଘରେ ଓଲଟା ଚପଲ ଦେଖିଲେ ଆମକୁ ଅନେକ ପାଟି କରିଥାଉ। ଏପରିକି ଓଲଟା ଚପଲକୁ ସିଧା କରିଦେବାକୁ କହିଥାଉ। ତେବେ କ'ଣ ଆପଣ ଜାଣନ୍ତି ଏହା ପଛରେ ଥିବା କାରଣ କ'ଣ। କୁହାଯାଏ ଘରେ ଓଲଟା ଚପଲ ଥିଲେ ଝଗଡ଼ା ହୋଇପାରେ। ଏପରିକି ମା' ଲକ୍ଷ୍ମୀ କ୍ରୋଧିତ ହୋଇଯାନ୍ତି। ଫଳରେ ଘରେ ଦରିଦ୍ରତା ଦେଖାଦେଇଥାଏ।


- ମାନ୍ୟତା ଅନୁଯାୟୀ ଘରେ ଓଲଟା ଚପଲ ଥିଲେ ଝଗଡ଼ା ହୋଇଥାଏ। ଏପରି କଲେ ଘରେ ନକରାତ୍ମକ ବାତାବରଣ ସୃଷ୍ଟି ହୋଇଥାଏ।
- କୁହାଯାଏ ଘରେ ଓଲଟା ଚପଲ ଥିଲେ ଚିନ୍ତାର ବାତାବରଣ ରହିଥାଏ। ଏହାଦ୍ୱାରା ଶନିଙ୍କ ପ୍ରକୋପ ପଡ଼ିଥାଏ।
- କୁହାଯାଏ ଘର ବାହାରେ ଚପଲ ଓଲଟା ରଖିଲେ ଘରର ସଦସ୍ୟଙ୍କ ମନରେ ଖରାପ ପ୍ରଭାବ ପଡ଼ିଥାଏ।
- ବାସ୍ତୁଶାସ୍ତ୍ର ମୁତାବିକ ଏହାଦ୍ୱାରା ପରିବାରର ସୁଖଶାନ୍ତିରେ ବହୁତ ବାଧା ସୃଷ୍ଟି ହୋଇଥାଏ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik




ବାରିପଦା(ଭାସ୍କର ନ୍ୟୁଜ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୫୦୦ଏମ୍‌ବିପିଏସ୍ . କ୍ଷମତା ବିଶିଷ୍ଟ ୱାଇ-ଫାଇ ସେବା ଲୋକାର୍ପିତ ହୋଇଯାଇଛି । ବିଏସ୍‌ଏନ୍‌ଏଲ୍ ଦ୍ୱାରା ଏହି ଉପଲବ୍ଧ ଏହି ସେବାକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଲୋକାର୍ପଣ କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟ କୁଳସଚିବ ସୁମିତା ସିଂ ଓ ବିଏସ୍‌ଏନ୍‌ଏଲ୍ ବାରିପଦାର ଡି.ଜି.ଏମ୍ ମନୋରଞ୍ଜନ ସିଂ ଉପସ୍ଥିତ ଥିଲେ । ଏହି ୱାଇ-ଫାଇ ସେବା ଦ୍ୱାରା ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷା ସୌଧ, କାର୍ଯ୍ୟାଳୟ ଓ ଛାତ୍ରଛାତ୍ରୀ ନିବାସର ବ୍ୟବହାରକାରୀଗଣ ଅହୋରାତ୍ର ଇଣ୍ଟରନେଟ ସେବା ପାଇପାରିବେ । ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଭାରପ୍ରାପ୍ତ ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ନାୟକ, ଜାତୀୟ ଶିକ୍ଷା ନୀତି ସଂଯୋଜକ ପ୍ରଫେସର ବିଶ୍ୱଜିତ ରଥ, ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ, ପରୀକ୍ଷା ନିୟନ୍ତ୍ରକ ଡ. ସୁବ୍ରତ କୁମାର ରଣା, ବିଶ୍ୱବିଦ୍ୟାଳୟ ୱାଇ ଫାଇ ଓ ଇଣ୍ଟରନେଟ ସଂଯୋଜକ ଡ. ସ୍ୱରୁପାନନ୍ଦ ବିଷୟୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଗଡବଡପୁଟ ଗ୍ରାମକୁ ପର୍ଯ୍ୟଟନ ସ୍ଥଳ ମାନ୍ୟତା ଦାବି



କଣାସ(ଭାସ୍କର ନ୍ୟୁଜ): କଣାସ ବ୍ଲକରେ ପ୍ରବାହିତ ହେଉଥିବା କିମ୍ବଦନ୍ତୀ ରାଜୁଆ ନଦୀ କୂଳରେ ଅବସ୍ଥାପିତ ଗଡବଡପୁଟ ଗ୍ରାମକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବା ପାଇଁ ଗ୍ରାମବାସୀମାନେ ଦାବୀ କରିବା ସହିତ ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକଙ୍କୁ ଦାବୀ ପତ୍ର ପ୍ରଦାନ କରିଥିବା ଜଣାପଡିଛି । କିମ୍ବଦନ୍ତୀ ପୁରୁଷ ଦୟାନଦୀ ତିରିମଲଠାରୁ ୧୨୫ ବର୍ଷ ତଳେ ଗଡବଡପୁଟ ଗ୍ରାମର ରାଜ ବଳବନ୍ତରାୟ ନିଜ ଗ୍ରାମରେ କଖାରୁ ଚାଷ କରିବା ପାଇଁ ଦୁଇଟି ପଣ୍ଡା ସାହାର୍ଯ୍ୟରେ ଦୀର୍ଘ ୬ କିମି ଲଙ୍ଗଳ ମୁନରେ ତାଡି କଖାରୁ ଜମିକୁ ପାଣି ମଡାଉଥିବାବେଳେ ସେହି ନାଳଟି ଆଜି ରାଜୁଆ ନଦୀରେ ପରିଣତ ହେବା ସହିତ ଚିରସ୍ରୋତା ହୋଇପଡିଛି । ନଦୀ ଉପରେ ଏକ ଡ୍ୟାମ ରହିଥିବା ବେଳେ ଗଡବଡପୁଟ ଗ୍ରାମ ମୁଣ୍ଡ ଦକ୍ଷିଣ ପାର୍ଶ୍ୱରେ ତିନୋଟି ଛୋଟ ଛୋଟ ପାହାଡ ରହିଥିବାବେଳେ ପଶ୍ଚିମ ପାର୍ଶ୍ୱ ଚନ୍ଦ୍ରମଣି ପାହାଡ ଉପରେ ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ଦିବ୍ୟ ମନ୍ଦିର ରହିଛି । ମନ୍ଦିର ବଢାରୁ ପର୍ଯ୍ୟଟକମାନେ ସବୁ ଜିମାର ମନମୁଗ୍ଧକର ପ୍ରାକୃତିକ ଦୃଶ୍ୟ ସହିତ ରାଜୁଆ ନଦୀର ଡ୍ୟାମ, ପ୍ରମୋଦ ଉଦ୍ୟାନ, ବିସ୍ତୃତ ଖେଳପଡିଆ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ପୂର୍ବପଟେ ଥିବା ରଜ ପାହାଡରେ ପର୍ଯ୍ୟଟକମାନେ ବଣ ଭୋଜି ପାଇଁ ବର୍ଷସାରା ଭିଡ ରହିଥାଏ । ପାହାଡର ପାଦ ଦେଶରେ ପ୍ରସିଦ୍ଧ ଶୈବ ପୀଠ ସିଦ୍ଧମଲିକେଶ୍ୱର ମନ୍ଦିର । ଏହି ସ୍ଥାନ ବିଷୟରେ କବି ବିପ୍ର ମଧୁସୁଧନ ଫିଲିଙ୍ଗୀ କଳୀ ଭାରତର ପ୍ରଥମ ଅଧ୍ୟାୟର ଆରମ୍ଭରୁ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ସେହି ପାହାଡର ନିମ୍ନ ପାଦଦେଶରେ ମା’ ଗଡଦୁର୍ଗା ମନ୍ଦିର ବହୁ ପୁରାତନ ସମୟରୁ ରହିଛି । କିମ୍ବଦନ୍ତୀ ଅଛି ଏହି ମନ୍ଦିରରୁ ଫୁଲମାଳ ନେଇ ପାଇକମାନେ ଯୁଦ୍ଧ କରିବାକୁ ଯାଉଥିଲେ ଗ୍ରାମର ପଶ୍ଚିମ ପଟେ ରାଜୁ ନଦୀ ଓ ଏଥିରେ ଥିବା ଡ୍ୟାମରେ ପର୍ଯ୍ୟଟକମାନେ ଲଗାତର ଜଳ କ୍ରୀଡାର ମଜା ନେଇଥାନ୍ତି । ପୁରୀ ଜିଲ୍ଲାର ଏକ ମାତ୍ର ଗ୍ରାମ ଗଡବଡପୁଟ ଯେଉଁଠି ପାହାଡର ଦୃଶ୍ୟରାଜି, ବଣଭୋଜି ସ୍ଥଳ, ଶ୍ରୀରାମ ମନ୍ଦିର, ଶିବ ମନ୍ଦିର, ଗଡଦୁର୍ଗା ମନ୍ଦିର, ପ୍ରମୋଦ ଉଦ୍ୟାନ, ଜଳକ୍ରୀଡା ପାଇଁ ରାଜୁଆ ଡ୍ୟାମ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ । ଏହି ଗ୍ରାମଟି ଭୁବନେଶ୍ୱରଠାରୁ ଖୋର୍ଦ୍ଧା ଦେଇ ୪୫ କିମି ପୁରୀଠାରୁ କଣାସ ଦେଇ ୪୫ କିମି, ୧୬ ନମ୍ବର ଜାତୀୟ ରାଜପଥ ତାପଙ୍ଗ ଛକଠାରୁ ୧୨ କିମି । ଏହି ସବୁ ସ୍ଥାନରେ ରାଜ୍ୟ ସରକାର ଉନ୍ନତି କରିବା ସହିତ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବା ପାଇଁ ସ୍ଥାନୀୟ ସରପଞ୍ଚ ଧିରେନ୍ଦ୍ର ଗୁମାନସିଂହ, କେଦାର ବହୁବଳେନ୍ଦ୍ର, ଗଣେଷ ହାଉଡାସିଂହ, ହରି ହାଉଡାସିଂହ ପ୍ରମୁଖ ଗ୍ରାମବାସୀମାନେ ଦାବି କରିଛନ୍ତି ।

# ଗଡିଶାଗୋଡାରେ ସାଧାରଣ ବଚସାକୁ ନେଇ ପାଇପ୍ ଜଳଯୋଗାଣ ୩ଦିନ ବନ୍ଦ

କଣାସ(ଭାସ୍କର ନ୍ୟୁଜ): କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷସାରା ପାନୀୟ ଜଳ ସମସ୍ୟା ଲାଗି ରହିଥିବାବେ ପାନୀୟ ଜଳ ସମସ୍ୟା ସୁଧୁରିବା ପାଇଁ ଜଳ ଯୋଗାଣ ବିଭାଗ ପକ୍ଷରୁ କେତୋଟି ହାଟ ଗଣତି ପାଇପ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଛି । ଏଥି ମଧ୍ୟରୁ ଦୟାନଦୀର ଗଡିଶାଗୋଡା ନିକଟରେ ବସା ଯାଇଥିବା ପାଇପ ଜଳ ପ୍ରକଳ୍ପ ସାଧାରଣ ବଚସାକୁ ତିନିଦିନ ହେଲା ପାଇପ ଜଳ ଯୋଗାଣ ବନ୍ଦ ହୋଇଥିବାରୁ ଗଡିଶାଗୋଡା, ଶାସନ, ବିଲପାଟଣା, ଯାମକୋଲା, ନଇକୁଳପାଟଣା ଗ୍ରାମକୁ ଜଳ ଯୋଗାଣ ବନ୍ଦ ରହିଥିବା ହେତୁ ଲୋକମାନେ ନାହିଁନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଖବର ନେବାରେ ଜଣାପଡିଛି ଗଡିଶାଗୋଡାଠାରେ ବସିଥିବା ପମ୍ପ ହାଉସ୍ ନିକଟରେ ସରକାରୀ ସ୍ଥାନରେ ଗଡିଶାଗୋଡାର କେହି ବ୍ୟକ୍ତି କ୍ୟାବିନ ପକାଇବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ପମ୍ପ ହାଉସ ଚଳାଉଥିବା ବ୍ୟକ୍ତିମାନେ କାହାରିକୁ କିଛି ନଜଣାଇ ଗଡିଶାଗୋଡା ଥାନା ଲିଖିତ ଅଭିଯୋଗ ନଜଣାଇ ପାଇପ ଜଳ ଯୋଗାଣ ବନ୍ଦ କରିଦେଇଛନ୍ତି । ଏ ସଂପର୍କରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟଙ୍କୁ ପଚାରିବାରୁ ସେ କହନ୍ତି କ୍ୟାବିନ ପକାଇବା କଥାକୁ ନେଇ ଜଳ ଯୋଗାଣ କର୍ମଚାରୀମାନେ ଜଳ ଯୋଗାଣ ବନ୍ଦ କରିଛନ୍ତି । ପମ୍ପ ହାଉସରୁ ଚାବି ସ୍ଥାନୀୟ ସରପଞ୍ଚଙ୍କ ନିକଟରେ ଥିବାରୁ ମୁଁ ତାଙ୍କୁ ବାରମ୍ବାର ଟେଲିଫୋନ କରି ଜଳ ଯୋଗାଣ କାର୍ଯ୍ୟ ଚାଲୁକରିବା ପାଇ କହିଲେଣି । ଏ ସଂପର୍କରେ ସ୍ଥାନୀୟ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପଚାରିବାରେ ସେ କୁହନ୍ତି ମୋ ପାଖରେ ଖବର ପହଁଚିଛି ମୁଁ ଘଟଣା ସ୍ଥଳକୁ ଯାଇ ଜଳ ଯୋଗାଣ ବ୍ୟବସ୍ଥା କରୁଛୁ ।

# ପୋଖରୀରେ ବୁଡି ଷଷ୍ଠ ଶ୍ରେଣୀ ଛାତ୍ର ମୃତ

କଣାସ(ଭାସ୍କର ନ୍ୟୁଜ): କଣାସ ବ୍ଲକ ଆଳିବାଡ ଗ୍ରାମପଞ୍ଚାୟତର ଆଳିବାଡ ଗ୍ରାମର ପ୍ରଦିପ ପରିଡାଙ୍କ ଷଷ୍ଠ ଶ୍ରେଣୀରେ ପଢୁଥିବା ସାନ ଝିଅ ପ୍ରଜ୍ଞାସିନୀ ପରିଡା ଗତକାଲି ପୋଖରୀରେ ଗାଧୋଉଥିବା ବେଳେ ବୁଡିଯାଇ ମୃତ୍ୟୁବରଣ କରିଥିବା ଜଣାପଡିଛି । ପ୍ରଜ୍ଞାସିନୀଗ୍ରାମ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ସକାଳୁଆ ସ୍କୁଲ ହୋଇଯାଇଥିବାରୁ ପ୍ରଭାତରୁ ଗ୍ରାମ ପୋଖରୀକୁ ଗାଧୋଇ ଯାଇଥିଲା । ଗାଧୋଇବା ସମୟରେ ଗଭୀର ଜଳକୁ ଚାଲିଯିବାରୁ ବୁଡିଯାଇଥିଲା । କିଛି ସମୟ ଧରି ଝିଅ ଘରକୁ ନଫେରିବାରୁ ପରିବାର ଲୋକ ପୋଖରୀକୁ ଯାଇ ଖୋଜାଖୋଜି କରି ଝିଅର ନିସ୍ତେଜ ଶରୀର ପାଇବା ପରେ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାକୁ ନେଇଯାଇଥିଲେ । ଡାକ୍ତର ପ୍ରଜ୍ଞାସିନୀର ମୃତ୍ୟୁ ହୋଇଯାଇଥିବା ଘୋଷଣା କରିଥିଲେ ।

## ଓଡ଼ିଆରେ ନାମଫଳକ ଅଭିଯାନ ସମ୍ପର୍କିତ ସଚେତନତା ପଦଯାତ୍ରା



ବାରିପଦା(ଭାସ୍କର ନ୍ୟୁଜ): ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଏପ୍ରିଲ ୧ରୁ ୧୫ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଓଡ଼ିଆ ପକ୍ଷ ପାଳନ ଅବସରରେ ଏପ୍ରିଲ ୪ତାରିଖ ଓଡ଼ିଆରେ ନାମଫଳକ ଅଭିଯାନ ଦିବସ ଭାବେ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲା ଶ୍ରମ ଓ କର୍ମଚାରୀ ବୀମା ବିଭାଗ ଆନୁକୂଲ୍ୟରେ ଓଡ଼ିଆରେ ନାମଫଳକ ଅଭିଯାନ ସମ୍ପର୍କିତ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରି ପ୍ରତ୍ୟେକ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ ଓ ପ୍ରତିଷ୍ଠାନରେ ନାମଫଳକ ସ୍ପଷ୍ଟ ଭାବେ ଓଡ଼ିଆ ଭାଷାରେ ଲେଖିବା ପାଇଁ ବାର୍ତ୍ତା ପ୍ରଚାର କରିବା ସହିତ ଏହାର ଉଲଂଘନ କଲେ ପ୍ରଚଳିତ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଚେତନ କରାଯାଇଥିଲା । ପଦଯାତ୍ରାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଏନଏସଏସ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ପ୍ରଭାରୀ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ଶ୍ରମ ଅଧିକାରୀ ନିରଞ୍ଜନ ନାୟକ, ଜିଲ୍ଲା ଶ୍ରମ ଅଧିକାରୀ ଚନ୍ଦନ ମାଝୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିହାରିକା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀ, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ଡିପିଓ ପ୍ରଦ୍ୟୁମ୍ନ କୁମାର ଦାସ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଚୈତ୍ର ଯାତ୍ରା ପାଳିଲେ ରାନିସିଲେଟ ଗ୍ରାମବାସୀ

ମୁରିବାହାଲ(ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ରାନିସିଲେଟ ଗ୍ରାମରେ ବର୍ଷ କୁ ଥରେ ପାଳିତ ହୋଇଥିବା ଚୈତ୍ର ଯାତ୍ରା ଧୁମଧାମରେ ପାଳନ କରାଯାଇଛି । ଗ୍ରାମର ଇଷ୍ଟ ଦେବୀ ମାଁ ମାଟି ଦେବତା, ବାରଖୁଣ୍ଟେନ, ବସ୍ତେନ, ରକତ ମାଉଲି, ଜାଲ୍ଲେନ, ଗଙ୍ଗାଦି, ଡଙ୍ଗରଗୁଡିଆ, ଚିମା, ଖମେଶ୍ୱରୀ, ଦୁଲା, କାଳିସୁନ୍ଦରୀ, ଡଙ୍ଗାରବୁଡା, ବାର, ବନସତି ବନଦୁର୍ଗା, ବଡୁଆ, ରାକମ ବୁଢା, ଛୁଟି ମାଉଲି, ନିଶାନିମାନି ସମସ୍ତ ଦେବୀ ପୂଜା ପାଇଥିଲେ । ପୁଝାରୀ ନରସିଂହ ମାଝୀ, ଦିବ୍ୟ ଗାଉନ ମାଝୀ, ସବା ଭୋଇ, ପୁଣ୍ଡା ମାଝୀଙ୍କ ସମେତ ଶ୍ୟାମଘନ ମାଝୀ, ବିରଞ୍ଚି ମାଝୀ, ଗୁରୁଧାର ମାଝୀ, ଅମରେଶ ମାଝୀ, ଶଙ୍କର ମାଝୀ, ସଦାନନ୍ଦ ଠାକୁର, କମଲୋଚନ ରଣା, ଜୋଗରାଜ ରଣା ଜସରୁ ଭୋଇ, କୃଷ୍ଣ ମାଝୀ, ବୁଦୁ ଭୋଇ ଙ୍କ ସହିତ ସମସ୍ତ ଗ୍ରାମର ଲୋକମାନେ ଉପସ୍ଥିତ ରହି ମାଁଙ୍କ ପୂଜାପାଠ କରି କହିଲେ । ମାଁ ବାରଖୁଣ୍ଟେନ, ରକତ ମାଉଲି, ଜାଲ୍ଲେନ ଓ ଡଙ୍ଗାରବୁଡା ଭକ୍ତଙ୍କ ପୁଷ୍ପରଥରେ ବୁଲି ଆଶୀର୍ବାଦ ପ୍ରଦାନ କରିଥିଲେ ।

# ସୋରଡ଼ା ଏନ୍‌ଏସିରେ ପରିମଳ ଟେଣ୍ଡର ଫିକ୍ସିଂରେ ଅନିୟମିତତା ନେଇ ତଦନ୍ତ ଦାବି

ସୋରଡ଼ା(ଭାସ୍କର ନ୍ୟୁଜ): ଏନଏସିରେ ବିଗତ ବର୍ଷରେ ଟେଣ୍ଡର ଫିକ୍ସିଂକୁ ନେଇ ତୁମ୍ବି ତୋଫାନ ହେଇଥିଲା । ଏପରିକି ବିଭାଗୀୟ ତଦନ୍ତ ପରେ ଏବଂ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗୀୟ ତଦନ୍ତ ଓ କାର୍ଯ୍ୟନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ ହେବା ପରେ ତାତ୍କାଳୀନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବଦଳି କରାଯାଇଥିଲା ଏବଂ ବିଭାଗୀୟ ନିର୍ଦ୍ଦେଶ ଆଧାରରେ ସୋରଡ଼ା ତହସିଲଦାରଙ୍କୁ ତତ୍‌କ୍ଷଣାତ ଦାୟିତ୍ୱ ପ୍ରଦାନ କରି ଅଫିସ ଛାଡିବାକୁ ପଡିଥିଲା । ଏବେ ପୁଣିଥରେ ପରିମେୟ ଟେଣ୍ଡର ଫିକ୍ସିଂ ଅଭିଯୋଗ ଉଠିଛି । କୋଟି କୋଟି ଟଙ୍କାର ଦୁର୍ନୀତି ଏନଏସିରେ ଚାଲିଥିବା ବେଳେ କର୍ଚର ହିସାବ ନାହିଁ କି ସୂଚନା ନାହିଁ ଏହା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ହିସାବ ପତ୍ର ପ୍ରଦାନ କରିବା ପାଇଁ ଚିଠି ଉପରେ ଚିଠି ସୂଚନା ଅଧିକାରୀ ଓଏଓଙ୍କୁ ଆସିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ ରହିଯାଇ ଥିବାରୁ ଦୁର୍ନୀତି କାରବାରରେ ସନ୍ଦେହ ସୃଷ୍ଟି କରିବାରେ ଲାଗିଛି । ୨୦୨୪.୨୦୨୫ ଆର୍ଥିକ ବର୍ଷ ପାଇଁ ଏନଏସିର ସଫେଇ କାମ ଟେଣ୍ଡର ସଂସ୍ଥାର ଚୁକ୍ତି ପାଇଁ ଭିତିରି କାରବାର ନେଇ କିଛି ରାଜନୈତିକ ବ୍ୟକ୍ତିମାନେ ମସୁଧା ଚଳାଇ ଥିବାବେଳେ ଏବଂ ଟେଣ୍ଡର ପାଇଁ ହୋଇନଥିବା ଜଣାପଡିଛି । ଗୋଟିଏ ବର୍ଷ ପାଇଁ ସଂମ୍ପୃକ୍ତ ସଂସ୍ଥା ସହିତ ଚୁକ୍ତି ହୋଇଥିବା ବେଳେ ବିନା ଟେଣ୍ଡରରେ କେଉଁ ଉଦେଶ୍ୟ ନେଇ ଦିନକୁ ଦିନ ଅବଧି ବୃଦ୍ଧି କରାଯାଉଛି ବୋଲି ବର୍ତ୍ତମାନ ପ୍ରଶ୍ନ ସୃଷ୍ଟି କରିଛ । ଏପରିକି କାଉନସିଲର ଅନୁମୋଦନ ବିନା ସଂପୂର୍ଣ ସଂସ୍ଥାର ଚୁକ୍ତି ବୃଦ୍ଧି ପାଇଁ ଚକ୍ରାନ୍ତ ଚାଲିଥିବା ବେଳେ କାଉନସିଲରମାନେ ଧାରଛୁଆଁ ଦେଉନଥିବା ଏବଂ ଅସନ୍ତୁଷ୍ଟ ହୋଇ ମିଟିଂ ଡାକିଲେ ମଧ୍ୟ ଆସୁନଥିବା ଜଣାପଡିଛି । କାଉନସିଲରମାନେ ଆମ ପ୍ରତିନିଧିଙ୍କଠାରେ ପ୍ରକାଶ କରି କହିଛନ୍ତି ଯେ ସେମାନଙ୍କ ଅସନ୍ତୋଷ ଲାଗିରହିଥିବାରୁ ଏନଏସିର କାମ ୱାର୍ଡର ଜ ନ ସ । ଧ । ର ଣ ମ । ନେ ଭାଇସଚେୟାରମେନଙ୍କ ଅନୁସାରେ କାର୍ଯ୍ୟା କରୁଥିବା ଦେଖାଦେଇଛି ଓ ଗଣମାଧମରେ ପ୍ରକାଶ ପାଇଛି । ଚଳିତ ବର୍ଷ ୨୦୨୪,୨୦୨୫ର ଆହ୍ୱାନ ମୁତାବକ ଗତବର୍ଷ ଟେଣ୍ଡର ନେଇଥିବା ଏକ ସଂସ୍ଥା ଗତବର୍ଷ ବର୍ଷକ ପାଇଁ ସଫେଇ କାମ ପାଇଥିଲା । ଚୁକ୍ତି ଅନୁଯାୟୀ ଗତ ମାର୍ଚ୍ଚ ୨୪ ଠାରୁ ଚଳିତ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମ୍ପୂର୍ଣ ସଂସ୍ଥା ସହରର ପରିମଳ ବ୍ୟବସ୍ଥା ସଜାଡ଼ିବା ଦାୟିତ୍ୱରେ ରହିବ । ଏଥିପାଇଁ ସଂପୂର୍ଣ ସଂସ୍ଥା କିଛି ସଫେଇ କର୍ମଚାରୀ, ସୁପର ଭାଇଜର, ଡ୍ରାଇଭରଙ୍କୁ ନିଯୋଜିତ କରିବା ସହିତ ଇଏସଆଇ ଏବଂ ଇପିଏଫ ବାବଦରେ ଲକ୍ଷାଧିକ ଟଙ୍କାର ଠିକା ନେଇଥିଲେ, ବାର୍ତ୍ତମାନ ସଂପୂର୍ଣ ସଂସ୍ଥାର ବାର୍ଷିକ ଚୁକ୍ତି ସରିବା ପରେ ନୂତନ ଟେଣ୍ଡର ଆହ୍ୱାନ କରାଯାଇନାହିଁ । କାମଚଳା ଭାବେ ନାହିଁ ନାହିଁରେ ଚାଲିଛି ଏନଏସି । ଆମ ପ୍ରତିନିଧି ଏ ସମ୍ପର୍କରେ ତାଙ୍କୁ ପଚାରିବାରୁ ସେ କିଛି କହୁନଥିବାରୁ ଓ ସୂଚନା ଦେବାକୁ ଅନିଚ୍ଛା ପ୍ରକାଶ କରୁଥିବାରୁ ତାଙ୍କ କାର୍ଯ୍ୟକଳାପରେ ସନ୍ଦେହ ସୃଷ୍ଟି କରୁଛି । ଉକ୍ତ ସଂସ୍ଥାକୁ କୁଆଡେ ଭିତିରି ମୋଟା ଅଙ୍କର କାରବାର କରି ତାଙ୍କର ରିନୁଆଲ କରି ୨୫-୨୬ ଆର୍ଥିକ ବର୍ଷ ପାଇଁ ଅବଧିବୃଦ୍ଧି କରାଯିବାର ଷଡଯନ୍ତ୍ର ଚାଲିଥିବା ଏବଂ ଅଙ୍କର ଭାଗ ବଣ୍ଟାରେ ଚିଡୁ ନଥିବାରୁ କାର୍ଯ୍ୟା ଆଗକୁ ଯାଇପାରୁନଥିବା ଜଣାପଡିଛି । ଯାହାକି ଟେଣ୍ଡର ଫିକ୍ସି ଆଡକୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି କ୍ଷ ସରକାରୀ ନିୟମ ଅନୁସାରେ ଚୁକ୍ତି ଅବଧି ଶେଷ ହେବାର ୨ମାସ ପୂର୍ବରୁ ଟେଣ୍ଡର ଆହ୍ୱାନ କରିବା କଥା । କିନ୍ତୁ ସୋରଡ଼ା ଏନଏସିରେ ତାର ବ୍ୟତିକ୍ରମ ଦେଖା ଦେଇଥିବାରୁ ସଫେଇ କର୍ମଚାରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଓ ଜନସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ସୋରଡ଼ା ଏନଏସିରେ ଜନସାଧାରଣଙ୍କ ପକ୍ଷରୁ ପରିମଳ ଟିକସ ବାବଦକୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ପୈଠ କରିଥିଲେ ମଧ୍ୟ ତାର ସୁଫଳ ଲୋକେ ପାଇବାରେ ବଞ୍ଚିତ ଥିବା ଅଭିଯୋଗ ହେଉଛି । ସୋରଡ଼ା ଏନଏସି କାର୍ଯ୍ୟାନିର୍ବାହି ଅଧିକାରୀଙ୍କୁ ପରିମଳ ଟେଣ୍ଡର ଫିକ୍ସିରେ ପ୍ରବଳ ଅର୍ଥର କାରବାର ଓ ଦୁର୍ନୀତି ଚାଲିଥିବାରୁ ସୋରଡ଼ା ଏନଏସି ଏକପ୍ରକାର ପଙ୍ଗୁ ପାଲଟି ଯାଇଥିବାରୁ ଆମ ପ୍ରତିନିଧି ପଚାରିଥିବା ସୂଚନା ଉପରେ କୌଣସି ସନ୍ତୁଷ୍ଟ ଉତ୍ତର ମୌଖିକ ବା ଲିଖିତାକାରରେ ଦେଇ ପାରୁନଥିବାରୁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର କମିଶନର ଏହାର ତଦନ୍ତ କରି କାର୍ଯ୍ୟନୁଷ୍ଠାନ ଗ୍ରହଣ ପାଇଁ ଏନ୍‌ଜିଓର ସଭାପତି ଦାବି କରିଛନ୍ତି ।

## ଶିମିଳିପାଳ ଅଭୟାରଣ୍ୟରେ ଅବୈଧ ଶିକାର: ଶିକାରିକୁ ୩ବର୍ଷ ଜେଲ୍

ବାରିପଦା(ଭାସ୍କର ନ୍ୟୁଜ): ଅପ୍ରେଲ ୪ ସିମିଲିପାଳ ବନ୍ୟଜନ୍ତୁ ଅଭୟାରଣ୍ୟରେ ବନ୍ୟ ଶୁଆ ଶିକାର ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ବିଜୟ ମିଳିଛି । ବାରିପଦା ସିଜେଏମ୍ ଅଦାଲତ ଏହି ମାମଲାରେ ଅଭିଯୁକ୍ତ ହରି ନାଏକଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଓ ଟ:୫୦,୦୦୦ ଅର୍ଥଦଣ୍ଡ ଦେଇଛନ୍ତି । ଅଭିଯୁକ୍ତ ହରି ନାଏକ, ଲାଲବାବୁ ନାଏକଙ୍କ ପୁଅ, ମୟୁରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ କାଶିକୁଣ୍ଡଳା ଗ୍ରାମର ବାସିନ୍ଦା । ମାମଲା ସନ୍ଦର୍ଭ: ୦୨ ଡିକେ ୨୦୨୧-୨୦୧୨ ତା. ୧୭/୦୫/୨୧, ଅଦାଲତ କେସ୍ ନଂ: ୨(ବି) ସିସି । ଗତ ଦୁଇବର୍ଷରେ ଏହି ଦ୍ୱିତୀୟ ଦଣ୍ଡ ଯାହା ବନ୍ୟଜନ୍ତୁ ଶିକାର ବିରୋଧରେ ଆମ ନିରନ୍ତର ସଂଘର୍ଷର ବଡ଼ ସଫଳତା । ଏହିପରି ଦଣ୍ଡ ନିଶ୍ଚିତ ଭାବେ ସିକାରିଙ୍କୁ ତାଲିମ ଦେବା ସହ ବନ୍ୟଜନ୍ତୁ ସୁରକ୍ଷା ପ୍ରୟାସକୁ ଅଧିକ ଶକ୍ତିଶାଳୀ କରିବ । ବନ ବିଭାଗ ପକ୍ଷରୁ ଏହି ସଫଳତାକୁ ସ୍ୱାଗତ କରାଯାଇଛି ଓ ସିମିଲିପାଳର ବୈବିଧପୂର୍ଣ୍ଣ ପ୍ରାକୃତିକ ଧରୋହରକୁ ରକ୍ଷା କରିବାରେ ଦୃଢ଼ ପ୍ରତିବଦ୍ଧତା ପୁନର୍ବାର କରାଯାଇଛି ।

## ଶିଶୁ ପୁସ୍ତକ ‘କଥାଟିଏ କହୁଁ ଗପଟିଏ’ ଉନ୍ମୋଚିତ ଓ ବସନ୍ତରେ କୁହୁକୁହୁ କବିତା ଆସର



ବେତନଟୀ(ଭାସ୍କର ନ୍ୟୁଜ): ବାଣୀପୀଠ ପ୍ରକାଶନୀ ତରଫରୁ ଡ଼କ୍ଟର କୁମାର ବାବୁଲିଙ୍କ ଷଷ୍ଠ ଶିଶୁ ଗଳ୍ପ ସଂକଳନ ‘କଥାଟିଏ କହୁଁ ଗପଟିଏ’ ମହାସମାରୋହରେ ଉନ୍ମୋଚିତ ହୋଇ ଯାଇଛି । ଏଥି ସହିତ ପିଲାଙ୍କ ପାଇଁ ବସନ୍ତରେ କୁହୁ କୁହୁ କବିତା ଆସର ଜେଜେ ଗୁରୁଜୀ ବେଣୁଧର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଗବେଷକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ ଯୋଗଦାନ କରି ପୁସ୍ତକ ହେଉଛି ସମାଜର ଦର୍ପଣ । ଯାହା ସମାଜର ଅନେକ କଥାକୁ ପ୍ରତି ବିମ୍ବିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଡ଼କ୍ଟର ଶଶୀଧର ବିଶ୍ୱାଳ, ଆଦରଣୀୟ ଅତିଥିଭାବେ ପରିବେଶବିତ୍ ଡ଼କ୍ଟର ରମାକାନ୍ତ ମହାନ୍ତ, ବିଶିଷ୍ଟ ଅତିଥି ଭାବେ ଅଧକ୍ଷା ଡକ୍ଟର ମନ୍ଦାକିନି ସାହୁ ଓ ଶିଶୁସାହିତ୍ୟିକ ପର୍ଶୁରାମ ସାହୁ ଓ ସମ୍ମାନିତ ଅତିଥି ଭାବେ ଆଶୁକବି ବାସୁଦେବ ନାପିତ, କବି ରତିକାନ୍ତ ବେହେରା, ଅବସରପ୍ରାପ୍ତ ଶିକ୍ଷକ ରଣଜିତ୍ କୁମାର ଦାସ ଏବଂ କବି ନୀରୋଦ ସୁନ୍ଦର ଜେନା ଯୋଗଦାନ କରିଥିବାବେଳେ କବି ଓ ଗୀତିକାର ଶଚୀନ୍ଦ୍ର କୁମାର ବିଶ୍ୱାଳ ପୁସ୍ତକ ସମୀକ୍ଷା କରିଥିଲେ । ବାଣୀପୀଠର ମୁଖ୍ୟ ମାଆ ନିଶାମଣି ରାଉତ ଜଗତର ନାଥ ଜଗନ୍ନାଥଙ୍କ ଠାରେ ପ୍ରଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ଶିଶୁ କବିତା ଆସରର ସଂଯୋଜନା ଶିଶୁ ସାହିତ୍ୟକ ଶିବଙ୍କର ଭୂୟାଁ ଓ କବି କାର୍ତ୍ତିକ ସେଠୀ କରିଥିଲେ । ବାଣୀପୀଠର ସଂପାଦିକା ପୁହାଣ ସୂର୍ଯ୍ୟକାନ୍ତି ରାଉତ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ବଙ୍କିମ୍ ଚନ୍ଦ୍ର ବାରିକ ମଞ୍ଚ ସଂଚାଳନ କରିଥିଲେ । ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଛାତ୍ରୀ ହିତୈଶ୍ରୀ ମାହାର୍ଣ୍ଣା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ପରେ ପରେ ଅତିଥି ମାନଙ୍କଦ୍ୱାରା ପୁସ୍ତକ ଉନ୍ମୋଚିତ ହୋଇଥିଲା । ସର୍ବଶେଷରେ ଶୁଭଜିତ ଶୁଭଙ୍କର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ସରକାରୀ ନୋଡାଲ ଉଚ୍ଚବିଦ୍ୟାଳୟରେ ପ୍ରବେଶ ଉତ୍ସବ

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସଦରମହକୁମାସ୍ଥ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଛାତ୍ର ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବ ପାଇଁ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତି ରାଣୀ ବିଶ୍ୱାସ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ମୁଖ୍ୟବକ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌରାଙ୍ଗ ସଜ୍ଜନ, ସମ୍ମାନୀତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶ୍ୱିନୀ କୁମାର ମାଝୀ ମଞ୍ଚାସୀନ ଥିଲେ । ସମସ୍ତ ଅତିଥି ପ୍ରବେଶ ଉତ୍ସବର ତାତ୍ପର୍ଯ୍ୟ ଏବଂ ଶିକ୍ଷା ଦ୍ୱାରା ମନୁଷ୍ୟର କଣ ଉପକାର ହୁଏ ସେ ସମ୍ପର୍କରେ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ବୁଝାଇଥିଲେ । ଏହା ପରେ ଅତିଥି ଓ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା ସଂଖ୍ୟାଜ୍ଞାନ ଷ୍ଟଲ, ସୃଜନାତ୍ମକ ଷ୍ଟଲ, ସାକ୍ଷରତା ଷ୍ଟଲ୍ ବୁଲି ପରିଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅତିଥି ପରିଚୟ ଓ ସଂଯୋଜନା ଶିକ୍ଷକ ବିଷ୍ଣୁ ପ୍ରସାଦ ସୁବୁଦ୍ଧି କରିଥିବା ବେଳେ ମଞ୍ଚ ଓ ଷ୍ଟଲ୍ ପରିଚାଳନା ସ୍ମୃତିକା ସୁକୁଲ, ଏମ୍.ନନ୍ଦିନୀ, ସୁହାନୀ ସୁପ୍ରିୟା ବାଘ, ଗୀତାଞ୍ଜଳି ସାମଲ । ଅନ୍ୟାନ୍ୟ ଶିକ୍ଷକମାନଙ୍କ ମଧ୍ୟରେ




ଶିକ୍ଷକ ତ୍ରୈଲୋକ୍ୟ ହିରା, ଶଙ୍କର ଚନ୍ଦ୍ର ମହାପାତ୍ର, ନିହାର ରଞ୍ଜନ ଚୌଧୁରୀ, ବିଶ୍ୱଜିତ ମହାନ୍ତି, ତନ୍ମୟ ମହାପାତ୍ର, ଦୀପିକା ସରଦାର, ନିବେଦିତା ନାୟକ, ଉଷା ରାୟ, ରୋଜାଲିନ୍ ମିଶ୍ର, ଅନୀତା ସାହୁ, ସତୃଷ୍ଣା ପୁଷ୍ଟି, କିରଣ ବାଳା ରାଉତ, ଇଶାନୀ ଶତପଥୀ ଏବଂ ପ୍ରାୟ ୫୦ ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ ।

# ଗୋବିନ୍ଦପୁର କୁଆଁରଚତରରେ ୫୫ବର୍ଷ ମଧୁଗଣେଶ ପୂଜା




ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ କୁଆଁର ଚତର ଗ୍ରାମରେ ୧୯୭୦ ମସିହାରୁ ଦୀର୍ଘ ୫୫ ବର୍ଷ ଧରି ମଧୁଗଣେଶ ପୂଜା ପାଳିତ ହୋଇଆସୁଛି । ପ୍ରଥମେ ମଧୁଗଣେଶ ଏକ ଚାଳଛପର ଘରେ ମୃଣ୍ମୟ ମୂର୍ତ୍ତିରେ ପୂଜା ପାଉଥିଲେ । ଗ୍ରାମର ସ୍ୱର୍ଗତ ଇନ୍ଦ୍ରମଣି ମହାନ୍ତି, କୃଷ୍ଣଚନ୍ଦ୍ର ପରିଡ଼ା, ପଞ୍ଚାନନ ମହାନ୍ତି, ବେଣୁଧର ନାୟକ, ପୁରୁଷୋତ୍ତମ ମହାନ୍ତି, ମହେଶ୍ୱର ନାୟକ ଓ ଶୁକଦେମ ମହାନ୍ତି ମଧୁଗଣେ ପୂଜା ଆରମ୍ଭ କରିଥିଲେ । କାଳକ୍ରମେ ଗ୍ରାମବାସୀଙ୍କ ସହଯୋଗରେ ମଧୁଗଣେଶ ମନ୍ଦିର ନିର୍ମାଣ ଓ ପ୍ରତିଷ୍ଠା କରାଯାଇ ମଧୁଗଣେଶଙ୍କର ପ୍ରସ୍ତର ବିଗ୍ରହ ସ୍ଥାପନ କରାଯାଇଅଛି । ଆରମ୍ଭରୁ ଗ୍ରାମବାସୀଙ୍କ ଉଦ୍ୟମରେ ମଧୁଗଣେଶ ପୂଜା ଧୁମଧାମରେ ପାଳିତ ହୋଇ ଆସୁଅଛି । ଚଳିତବର୍ଷ ଏହି ମଧୁଗଣେଶ ପୂଜା ମହା ଆଡ଼ମ୍ବରରେ ପାଳିତ ହେଉଛି । ଏହି ପୂଜା ୭ ଦିନ ଧରି ଚାଲି । ଚତୁର୍ଦ୍ଦଶୀ ଠାରୁ ମଧୁଗଣେଶଙ୍କ ପୂଜା ଯଥାରୀତି ନୀତିରେ କରାଯାଉ ଅଛି । କର୍ତ୍ତା ଭାବେ କେଶବ ଚନ୍ଦ୍ର ନାୟକ ଓ ପୂଜକ ଭାବେ ରତ୍ନାକର ପଣ୍ଡା, ପ୍ରକାଶ ତ୍ରିପାଠୀ ପୂଜାକାର୍ଯ୍ୟ ତୁଲାଉଛନ୍ତି । ପୂଜାର ସୁପରିଚାଳନା ପାଇଁ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ପୂଜା କମିଟିର ଉପଦେଷ୍ଟା ମାନସ ରଂଜନ ନାୟକ, ରମଣ ରଂଜନ ମହାନ୍ତି, ହୃଷିକେଶ ପରିଡ଼ା, ରବିନ୍ଦ୍ର ନାୟକ, ଶରତ ନାୟକ, ଶୁବ୍ରତ ମହାନ୍ତି, କୈଳାସ ପରିଡ଼ା, ସଭାପତି ଶ୍ୟାମସୁନ୍ଦର ମହାନ୍ତି, ସଂପାଦକ ମନୋଜ କୁମାର ନାୟକ, କୋଷାଧକ୍ଷ ଅଭୟ କୁମାର ମହାନ୍ତି, ସଦସ୍ୟ ଉତ୍କଳ କେଶରୀ ମହାନ୍ତି, ଶୁରେଶ ପରିଡ଼ା, ବୀରେନ୍ଦ୍ର ନାୟକ, ଦିଲୀପ ମହାନ୍ତି, ପ୍ରଭାତ ମହାନ୍ତି ପ୍ରମୁଖଙ୍କ ସମେତ ଗ୍ରାମବାସୀ ପୂଜା ପରିଚାଳନାରେ ସହଯୋଗ କରୁଛନ୍ତି । ଶାନ୍ତି ଶୃଙ୍ଖଳାର ସହିତ ପୂଜା ଚାଲିଛି । ମଧୁଗଣେଶ ପୂଜା ପାଇଁ ଆକର୍ଷଣୀୟ ତୋରଣ ସହିତ ସୁସଜ୍ଜିତ ଆଲୋକମାଳା ଭକ୍ତମାନଙ୍କୁ ଆକର୍ଷିତ କରିଥିବା ଜଣାପଡ଼ିଛି । ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ମଧୁଗଣେଶଙ୍କୁ ଦର୍ଶନ ପାଇଁ ଆସୁଛନ୍ତି ।

# ରକ୍ତ କର୍କଟ ରୋଗ ଆକ୍ରାନ୍ତ ଶିଶୁକୁ ସହାୟତା ପାଇଁ ଆକୁଳ ନିବେଦନ



ବୋଲଗଡ(ଭାସ୍କର ନ୍ୟୁଜ): ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଦଲକ ଗ୍ରାମର ଦିନ ମଜୁରିଆ ସୌମ୍ୟ ରଞ୍ଜନ ବଳିୟାର ସିଂହଙ୍କର ପତ୍ନୀ ଯଶୋଦାଙ୍କର ଗୋଟିଏ ଝିଅ ସ୍ମୃତିମୟୀ (୮) ଓ ଶିଶୁ ପୁତ୍ରକୁ ନେଇ ପରିବାର । ତାଙ୍କ ଝିଅ ସ୍ମୃତିମୟୀ ଦୀର୍ଘ ୧ ବର୍ଷରୁ ଊର୍ଦ୍ଧ୍ୱ ଧରି ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ସ୍ଥିତ ଏକ ପ୍ରାଇଭେଟ ହସପିଟାଲରେ ଚିକିତ୍ସିତ ହେଉଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳ ସମୟରେ ବିଏସକେୱାଇ କାର୍ଡ ମାଧ୍ୟମରେ ଚିକିତ୍ସା ସେବା ପାଇ ଆସୁଛନ୍ତି । ବର୍ତ୍ତମାନ ପରିପ୍ରେକ୍ଷୀରେ ଅସ୍ଥି ମଜ୍ଜା ପ୍ରତିରୋପଣ ପାଇଁ ଆବଶ୍ୟକ ଠାରୁ ଅଧିକ ଅର୍ଥ ଆବଶ୍ୟକତା ପଡୁଥିବାରୁ ଦମ୍ପତି ଚିନ୍ତାରେ କାଳାତିପାତ କରୁଛନ୍ତି । ଯାହାକି ବିଏସକେୱାଇ କାର୍ଡରେ ଚିକିତ୍ସା ନିମିତ ଯେତିକି ଅର୍ଥ ରହିଛି ତାହା ସମୁଦ୍ରକୁ ଶଙ୍ଖେ ପାଣି ଭଳି ଜଣାପଡ଼ିଛି । ବଳିୟାର ସିଂହ ଆର୍ଥିକ ଅନାଟନ ସତ୍ତ୍ୱେ ନିଜର ଗୁଜୁରାଣ ମେଣ୍ଟାଇବା ସହ ଆଜି ପର୍ଯ୍ୟନ୍ତ ଝିଅର ଚିକିତ୍ସା କରି ଆସୁଛନ୍ତି । ଗତ ଦୁଇ ମାସ ତଳେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ପ୍ରଶାସନିକ ସ୍ତରରେ ସହଯୋଗ ପାଇଁ ଲିଖିତ ଭାବେ ଜଣାଇ ଥିଲେ ମଧ୍ୟ ତାହା କାର୍ଯ୍ୟକାରୀରେ ବିଳମ୍ବ ଘଟୁଛି । ଯଦି କୌଣସି ସହୃଦୟ ବ୍ୟକ୍ତି ସହଯୋଗ କରିବାକୁ ଚାହୁଁଥାନ୍ତି ତେବେ ୮୭୭୮୬୮୫୦୭୪ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରିଛନ୍ତି ।

# ଚଳିତ ବର୍ଷ ପାରମ୍ପରିକ ଛଉ ନୃତ୍ୟ ସହ ନୂତନ ରୂପରେ ଆୟୋଜିତ ହେବ ପ୍ରସିଦ୍ଧ ଚୈତ୍ରପର୍ବ




ବାରିପଦା(ଭାସ୍କର ନ୍ୟୁଜ): ଚଳିତ ବର୍ଷ ଜିଲ୍ଲା ପ୍ରଶାସନ ତରଫରୁ ପ୍ରସିଦ୍ଧ ଚୈତ୍ର ପର୍ବକୁ ଏକ ଅଭିନ୍ନ ଢଙ୍ଗରେ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଛି । ଏହି ପ୍ରସିଦ୍ଧ ପାରମ୍ପରିକ ଉତ୍ସବର ମୌଳିକତାକୁ ଅକ୍ଷୁର୍ଣ୍ଣ ରଖି ଦର୍ଶକ ମାନଙ୍କ ପାଇଁ ଏହାକୁ ଅଧିକ ଆକର୍ଷଣୀୟ କରିବା ତଥା ଜାତୀୟ ସ୍ତରରେ ଏହାକୁ ଜନଆଦୃତ କରିବା ପାଇଁ ଉକ୍ତ ଉତ୍ସବରେ କିଛି ଅନ୍ୟାନ୍ୟ କାର୍ଯ୍ୟକ୍ରମ ଯୋଡ଼ାଯାଇଛି । ଏବର୍ଷ ଚୈତ୍ର ପର୍ବ ବାରିପଦା ସ୍ଥିତ ଛଉ ପଡିଆ ଠାରେ ଏପ୍ରିଲ ୧୧ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ଚୈତ୍ର ପର୍ବ ସହିତ ସମାନ୍ତରାଳ ଭାବେ ପଲ୍ଲିଶ୍ରୀ ମେଳା ଆୟୋଜିତ ହେବ । ଏହି ପଲ୍ଲୀଶ୍ରୀ ମେଳାରେ ପାଖାପାଖି ୧୭୫ଟି ଷ୍ଟଲ ବସିବ ଯେଉଁଥିରେ ସ୍ଥାନୀୟ ଅଂଚଳ, ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାର ଓ ରାଜ୍ୟ ବାହାରର ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରୟ ହେବ । ଏହି ଉତ୍ସବ ଉପଲକ୍ଷେ ଏପ୍ରିଲ ୧୧ ତାରିଖ ପ୍ରଥମ ଦିନ ଅପରାହ୍ନ ରେ ଏକ କାର୍ଣ୍ଣିଭାଲ ଶୋଭାଯାତ୍ରା ସହର ପରିକ୍ରମା କରିବ । ବାଣ,ରୋଶଣୀ,ରଙ୍ଗୋଲି,ଡିଜେ ସାଉଣ୍ଡ ସହିତ ମୟୁରଭଞ୍ଜ ତଥା ଓଡିଶାର ଲୋକକଳା ସହିତ ଜଡିତ କଳସ ଯାତ୍ରା, ଘୋଡାନାଚ ଝୁମର ନାଚ, ଆଦିବାସୀ ନୃତ୍ୟ ଇତ୍ୟାଦି ପ୍ରଦର୍ଶନ ମାଧ୍ୟମରେ ଉକ୍ତ ଶୋଭାଯାତ୍ରା ମାଆ ଅମ୍ବିକା ମନ୍ଦିରରୁ ବାହାରି ସହର ପରିକ୍ରମା କରି ଛଉ ପଡିଆ ଠାରେ ପହଂଚିବ । ଏହାପରେ ଏହି ଉତ୍ସବର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହେବା ପରେ ଉତ୍ତର ସାହି ଓ ଦକ୍ଷିଣ ସାହି ଛଉ ଦଳ ଦ୍ୱାରା ମିଳିତ ଭାବେ ଛଉ ନୃତ୍ୟ ପରିବେଷଣ ହେବ । ଏହାପରେ ପଦ୍ମଶ୍ରୀ ଡ଼. ଅରୁଣା ମହାନ୍ତି ଓ ତାଙ୍କ ସାଥି କଳାକାରଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ ପରେ ଜିଲ୍ଲାର ଗ୍ରାମାଞ୍ଚଳ ଛଉ ନୃତ୍ୟ ଦଳ ଦ୍ୱାରା ଛଉ ନୃତ୍ୟ ପରିବେଷଣ ହେବ । ସେହିପରି ଦ୍ୱିତୀୟ ଦିନ ତା ୧୨-୦୪-୨୦୨୫ ରିଖ ସନ୍ଧ୍ୟାରେ ଉତ୍ତର ସାହି ଓ ଦକ୍ଷିଣ ସାହି ଛଉ ନୃତ୍ୟ ଦଳ ଦ୍ୱାରା ଛଉ ନୃତ୍ୟ ପରିବେଷଣ ହେବା ସହିତ ସମ୍ବଲପୁର ଜିଲ୍ଲାର ଦୁଲଦୁଲି ନାଚ ଓ କଳାହାଣ୍ଡି ଜିଲ୍ଲାର ବଜଶାଲ ନୃତ୍ୟ ପରିବେଷଣ ହେବ । ସେହିପରି ତୃତୀୟ ଦିନ ତା ୧୩-୦୪-୨୦୨୫ ରିଖ ସନ୍ଧ୍ୟାରେ ଉତ୍ତର ସାହି ଓ ଦକ୍ଷୀଣ ସାହି ଛଉ ନୃତ୍ୟ ଦଳ, ପୁରୁଲିଆ ଓ ସରେଇକଳା ଛଉ ନୃତ୍ୟ ଦଳ ଦ୍ୱାରା ଛଉ ନୃତ୍ୟ ପରିବେଷଣ ହେବ । ଚତୁର୍ଥ ଦିନ ସନ୍ଧ୍ୟାରେ ତା ୧୪-୦୪-୨୦୨୫ ରିଖ ଛାଉଣୀ ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ଛଉ ନୃତ୍ୟ ପରିବେଷଣ ହେବା ସହିତ ମଣିପୁର ରାଜ୍ୟର ଥାଙ୍ଗ-ଟା ନୃତ୍ୟ, ଆସାମ ରାଜ୍ୟର କଳାକାର ଙ୍କ ଦ୍ୱାରା ବିହୁ ନୃତ୍ୟ, ମହାରାଷ୍ଟ୍ରର କଳାକାରଙ୍କ ଦ୍ୱାରା ମର୍ଦ୍ଦାନି ଖେଳ ନୃତ୍ୟ, ଏବଂ କେରଳର କଳାକାରଙ୍କ ଦ୍ୱାରା କଲାରିପାୟତୁ ନୃତ୍ୟ ପରିବେଷଣ ହେବ । ଏଥି ସହିତ ଓଡିଶାର ସାଂସ୍କୃତିକ ପରମ୍ପରା ଏବଂ ହସ୍ତଶିଳ୍ପକୁ ଜନ ଆଦୃତ କରିବା ପାଇଁ ମନରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏତଦ ବ୍ୟତୀତ ଓଡ଼ିଆ କଣ୍ଠ ଶିଳ୍ପୀ ହୁମାନ ସାଗରଙ୍କ ଦ୍ୱାରା ସଂଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ସେହିପରି ଅନ୍ତିମ ଦିନ ତା ୧୫-୦୪-୨୦୨୫ ରିଖ ସନ୍ଧ୍ୟାରେ ଛାଉଣୀ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ, ଓଡ଼ିଆ ସଂସ୍କୃତି ଓ ହସ୍ତତନ୍ତ ଓ ହସ୍ତଶିଳ୍ପକୁ ନେଇ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ । ଉକ୍ତ ଦିନ ମଧ୍ୟ ମଣିପୁରର ଥାଙ୍ଗ -ଟା ଆସାମର ବିହୁ, ମହାରାଷ୍ଟ୍ରର ମାର୍ଦ୍ଦାନୀ ଖେଳ ଓ କେରଳର କଳାରିପାୟତୁ ନୃତ୍ୟ ପରିବେଷଣ ହେବ । ଶେଷ ରଜନୀରେ ଓଡ଼ିଆ ଲୋକପ୍ରିୟ କଣ୍ଠଶିଳ୍ପୀ ଋତୁରାଜ ମହାନ୍ତିଙ୍କ ଦ୍ୱାରା ସଂଗୀତ ପରିବେଷଣ ହେବ । ଏତଦ ବ୍ୟତୀତ ଏହି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷିତ କରିବା ପାଇଁ ଗେମ ଜନ (ଏବଙ୍କର ତକ୍ଟଭର ) ରହିବ ଯେଉଁଥିରେ ମୋଟକା ଫୋଡ, ଟାର୍ଗେଟ ଟସ, କମ୍ବିନେସନ ଟଚ ଇତ୍ୟାଦି ଖେଳ ରହିବ । ଦର୍ଶକ ମାନେ ଚାହିଁଲେ ନିର୍ଦ୍ଧାରିତ ଏଣ୍ଟ୍ରିଫି ଜରିଆରେ ଖେଳି ପାରିବେ । ଏଥି ସହିତ ସମୟ ବ୍ୟବଧାନରେ ମଞ୍ଚରୁ ଛଉ ଉପରେ ଆଧାରିତ କିଛି କୁଇଜ କରାଯିବ ଏବଂ ସଠିକ ଉତ୍ତର ଦାତାକୁ ପୁରସ୍କୃତ କରାଯିବ । ସେହିପରି ମୟୁରଭଞ୍ଜ ଇତିହାସ ଓ ଛଉ ଉପରେ ପର୍ଯ୍ୟବେସିତ ଲେଜର ଶୋ ମଧ୍ୟ ଲୋକମାନେ ଉପଭୋଗ କରିପାରିବେ । ଏତଦ ବ୍ୟତୀତ ଛଉ ଉପରେ ଆଧାରିତ ବାଲୁକା ଶିଳ୍ପ ପଦର୍ଶିତ ହେବ । ପଲ୍ଲୀଶ୍ରୀ ମେଳାରେ ଦର୍ଶକ ତଥା ଜନସାଧାରଣଙ୍କ ପାଇଁ ଫୁଡ କୋର୍ଟ ବ୍ୟବସ୍ଥା କରାଯିବ ଯେଉଁଥିରେ ଓଡିଶାର ପାରମ୍ପରିକ ପ୍ରସିଦ୍ଧ ସ୍ୱାଦିଷ୍ଟ ଖାଦ୍ୟ ସହିତ ବାହାର ରାଜ୍ୟର ସ୍ୱାଦିଷ୍ଟ ଖାଦ୍ୟ ଲୋକମାନଙ୍କ ପାଇଁ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ । ଏଥିରେ ବିହାରର ଚମ୍ପରନ ମଟନ, ଝାରଖଣ୍ଡର ଲିଟି ଚୋଖା, ଆଳୁ ଜିଲାପି, ରାଜସ୍ଥାନର ଡାଲ ବାଟି, ଛୋଲେ ଭଟରେ, ଯାଜପୁରର ଫଳ ରସ, ଫଳ ଚାଟ, ବିରିବଡା, ଆଳୁ କଷା, ଖୋର୍ଦ୍ଧାର ମଥୁରା କେକ, କଟଲେଟ, କଟକର ଦହିବରା ଆଳୁଦମ, ନିମାପଡାର ଛେନା ଝିଲ୍ଲୀ, କେନ୍ଦ୍ରାପଡ଼ା ରସାବଳି, ରସଗୋଲା ସହିତ ବାରିପଦାର ମୁଢି ମାଂସ, ପୋଡା ମଟନ, ଚୁନା ରୁଟି ମାଂସ, ବିରିଆନି, ଠୁଙ୍କା ପୁରି ଇତ୍ୟାଦି ଉପଲବ୍ଧ ହେବ ।

### ନବଜାତ ଶିଶୁ ମୃତ୍ୟୁ ମାମଲା

## ଡାକ୍ତରଙ୍କୁ ୨ ବର୍ଷ କାରାଦଣ୍ଡ


ଧର୍ମଗଡ଼ (ଭାସ୍କର ନ୍ୟୁଜ୍): ଏକ ନବଜାତ ଶିଶୁ ମୃତ୍ୟୁ ମାମଲାରେ ଧର୍ମଗଡ଼ ଏସଡିଜେଏମ କୋର୍ଟ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ଚୈତନ୍ୟ ମେହେରଙ୍କୁ ଦୁଇ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ମାମଲା ଅନୁଯାୟୀ ୨୦୦୨ ମସିହାରେ ଡୁମେରଗୁଡା ପଞ୍ଚାୟତ ମୁଖିଗୁଡା ଗ୍ରାମର ହିଙ୍ଗୁଳା ଦେଇଙ୍କ ପ୍ରସବ ବେଦନା ହେବାରୁ ଡ଼ାକ୍ତର ଚୈତନ୍ୟ ମେହେରଙ୍କ ବେସରକାରୀ କ୍ଲିନିକକୁ ଚିକିତ୍ସା ପାଇଁ ଆସିଥିଲେ । ଏକ ସନ୍ତାନ ଜନ୍ମ କରିବାର କିଛି ସମୟ ପରେ ତା'ର ମୃତ୍ୟୁ ହୋଇଥିଲା। ନବଜାତ ଶିଶୁର ମୁଣ୍ଡ ଏବଂ ଆଖିରେ ଆଘାତ ଲାଗିଥିବା ପରିବାର ଲୋକ



ଦେଖିବାକୁ ପାଇଥିଲେ। ତେବେ ଡାକ୍ତରଙ୍କ ଅବହେଳା ଯୋଗୁଁ ତାଙ୍କ ସନ୍ତାନର ମୃତ୍ୟୁ ହୋଇଥିବା ନେଇ ମହିଳାଙ୍କ ବାପା କସ୍ତୁ ହରିଜନ ଓ ପରିବାର ଲୋକ ତତ୍କାଳୀନ ଉପଜିଲ୍ଲାପାଳ ହେମନ୍ତ ଶର୍ମାଙ୍କ ଠାରେ ଅଭିଯୋଗ କରିଥିଲେ। ଶ୍ରୀ ଶର୍ମା ତୁରନ୍ତ ଘଟଣାସ୍ଥଳକୁ ଯିବା ସହ କ୍ଲିନିକ ସିଲ କରି ପୋଲିସ ତଦନ୍ତ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏତଲା ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। କୋର୍ଟ ଏହାର ବିଚାର କରି ଡାକ୍ତର ମେହେରଙ୍କୁ ଦୁଇ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ଆଇନଜୀବୀ ଅଜିତ ସାହୁ ମାମଲାର ପରିଚାଳନା କରୁଥିଲେ।

## ବସ୍‌ଷ୍ଟାଣ୍ଡ ଭଙ୍ଗାରୁଜା କରୁଛନ୍ତି ଅସାମାଜିକ ବ୍ୟକ୍ତି

କୋକସରା,(ଭାସ୍କର ନ୍ୟୁଜ): ଗ୍ରାମାଞ୍ଚଳରୁ ବ୍ଲକ୍ ସଦର ମହକୁମାକୁ ଯୋଗାଯୋଗ କ୍ଷେତ୍ରରେ ସୁଗମ କରିବା ପାଇଁ ପୂର୍ବ ରାଜ୍ୟ ସରକାର ସମୟରେ ଲୋକଙ୍କ ସୁବିଧା ନିମନ୍ତେ ସୁଲଭ ବସ୍ ସେବା ଆରମ୍ଭ ହୋଇଥିଲା। ପ୍ରତି ଗ୍ରାମ ପଞ୍ଚାୟତରେ ଲକ୍ଷାଧିକ ଟଙ୍କାରେ ସରକାରୀ ବସଷ୍ଟାଣ୍ଡଗୁଡ଼ିକ ନିର୍ମାଣ କରାଯାଇଥିଲା। ଉଦ୍ଦେଶ୍ୟ ଥିଲା ଯାତ୍ରୀମାନେ ବସ୍ ଅପେକ୍ଷା କରିବା ସହ ବିଶ୍ରାମ ନେବେ। ହେଲେ କୋକସରା ବ୍ଲକର ୨୨ ଗୋଟି ପଞ୍ଚାୟତରେ ନିର୍ମାଣ ହୋଇଥିବା ବସଡ଼ଷ୍ଟାଣ୍ଡ ଗୁଡିକୟକୁ କିଛି ଅସାମାଜିକ ଲୋକେ ଭଙ୍ଗାରୁଜା କରି ନଷ୍ଟ କରିଥିବା ଦେଖିବାକୁ ମିଳୁଛି। ଟେମରା ପଞ୍ଚାୟତର ହଂସପଡା, ମହିମା ରାସ୍ତାର ପୁରୁଣା ମଦଭାଟି ଛକ




ରକ୍ଷଣାବେକ୍ଷଣ ଦିଗରେ ଦୃଷ୍ଟି ଦେବାକୁ ଦାବି

ନିକଟରେ ନିର୍ମାଣ ହୋଇଥିବା ବସ୍‌ଷ୍ଟାଣ୍ଡର ମାର୍ବଲ ଭାଙ୍ଗିଥିବାବେଳେ ସୁରକ୍ଷା ପାଇଁ ଲଗାଯାଇଥିବା ଷ୍ଟିଲ ବେରିକେଡଗୁଡ଼ିକକୁ ମଧ ଭାଙ୍ଗି ଦେଇଥିବା ଦେଖିବାକୁ ମିଳୁଛି। ଗତ କିଛିଦିନ ହେବ ଏହି ବସଷ୍ଟାଣ୍ଡ ଠିକ୍ ଠାକ୍ ରହିଥିବାବେଳେ କିଛି ଅସାମାଜିକ ଲୋକେ ମାର୍ବଲ ଓ ଷ୍ଟିଲ ବେରିକେଡକୁ ଉପାଡ଼ି ନେଇ ଯିବାକୁ ଚେଷ୍ଟା କରିଛନ୍ତି, ଏଣୁ ଏହା ଭାଙ୍ଗିଯାଇ ନଷ୍ଟ ହୋଇଥିବା ପୂର୍ବତନ ସମିତି ସଭ୍ୟ ରାଜେନ୍ଦ୍ର ନାଏକଙ୍କ ସମେତ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିପରି ଗମ୍ଭାରୀଗୁଡ଼ା ପଞ୍ଚାୟତର ଅଁଲାଗୁଡା ଛକରେ ଥିବା ବସ୍‌ଷ୍ଟାଣ୍ଡ ମଧ ଅସାମାଜିକ ଲୋକଙ୍କ ପାଇଁ ଭାଙ୍ଗିରୁଜି ଦୟନୀୟ ଅବସ୍ଥାରେ ପଡ଼ି ରହିଥିବାବେଳେ ବ୍ଲକ୍‌ର ଏକାଧିକ ପଞ୍ଚାୟତରେ ଥିବା ବସ୍‌ଷ୍ଟାଣ୍ଡଗୁଡ଼ିକ ମଧ ସମାନ ଅବସ୍ଥାରେ ଥିବା ଦେଖିବାକୁ ମିଳୁଛି। ତେଣୁ ପ୍ରଶାସନ ଏ ଦିଗରେ ଦୃଷ୍ଟିଦେବା ସହ ଏହାର ଯତ୍ନ ନେବାକୁ ଜନ ସାଧାରଣରେ ଦାବି ହୋଇଛି।

### ଦଶପୁରରେ ପାନୀୟ ଜଳ ସଂକଟ

## ରାସ୍ତାରୋକ କଲେ ଗ୍ରାମବାସୀ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): ଗୋଲାମୁଣ୍ଡା ବ୍ଲକ ଦଶପୁର ଗ୍ରାମରେ ପିଇବା ପାଣି ପାଇଁ ରାସ୍ତା ରୋକ କରିଛନ୍ତି ଗ୍ରାମବାସୀ। ଗ୍ରୀଷ୍ମ ପ୍ରବାହରେ ନଦୀ, ନାଳ, କୂଅ, ପୋଖରୀ ଶୁଖି ଗଲାଣି ଯାହାକୁ ନେଇ ଜଳ ସଙ୍କଟ ଦେଖାଦେଇଛି। ଏ ନେଇ ଦଶପୁର ଗ୍ରାମବାସୀ ଉଦ୍‌ବେଗ ପ୍ରକାଶ କରି ରାସ୍ତାରେ ମାଠିଆ, ବାଲ୍ଟି ରଖି ରାସ୍ତା ଅବରୋଧ କରିଛନ୍ତି। ଯାହାଫଳରେ ରାସ୍ତାରେ ଯିବା ଆସିବାରେ କିଛିକ୍ଷଣ ପାଇଁ ବାଧାପ୍ରାପ୍ତ ଘଟିଥିଲା । ଖବର ପାଇ ମେଘା ପ୍ରକଳ୍ପର ଯନ୍ତ୍ରୀମାନେ ଘଟଣା ସ୍ଥଳରେ ଉପସ୍ଥିତ ରହି ବୁଝାସୁଝା କରିଥିଲେ । ହେଲେ ରାସ୍ତାରୋକ ହଟିନଥିଲା। ଶେଷରେ ମେଘା ପ୍ରକଳ୍ପ ପାଇପ ଲାଇନ ସ୍ୱଳ୍ପ ଦିନ ମଧ୍ୟରେ ସଜାଡି ପାଣି ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିବାବେଳେ ସେହି ପର୍ଯ୍ୟନ୍ତ ପାଣି ଟାଙ୍କି ମାଧ୍ୟମରେ ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରି ରାସ୍ତାରୁ ହଟିଥିଲେ ଯନ୍ତ୍ରୀ ସୁବାସ ପଣ୍ଡା ସୂଚନା ଦେଇଛନ୍ତି ।



## ଜାମଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଲାଞ୍ଜିଗଡ,(ଭାସ୍କର ନ୍ୟୁଜ୍): ଲାଞ୍ଜିଗଡ ବ୍ଲକ କଦମ୍ବଗୁଡ଼ା ପଞ୍ଚାୟତ ଜାମଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଯୋଗଦେଇଥିବାବେଳେ ବିଶିଷ୍ଟ ଅତିଥି ଭାବେ ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷାଧିକାରୀ ରଷିଆ ମେହେର, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ଶିକ୍ଷା ସଂଯୋଜକ ସୁଢଳଦେବ ମୁଣ୍ଡ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତଭୂଷଣ ସାହୁ, କ୍ଲଷ୍ଟର ସଂଯୋଜକ କୁମାର ଗୌରବ ପରିଡ଼ା ମଞ୍ଚାସୀନ ଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ପଟ୍ଟନାୟକ, ସମାଜସେବୀ ହରିଶଙ୍କର ପାତ୍ର, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆ, ସାମ୍ବାଦିକ ସୁଶୀଲ କୁମାର ବାଗ, ଗୋପାଳଦାସ ମହାନନ୍ଦ, କଦମ୍ବଗୁଡା ସରପଞ୍ଚ ସନ୍ତୋଷ ମାଝୀ, ପୂର୍ବତନ ସମିତିସଭ୍ୟ ସରୋଜ ପ୍ରଧାନ, ଗୌନ୍ତିଆ ଡମ୍ବରୁଧର ଗଉଡ଼ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଲିଙ୍ଗରାଜ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହକୁ ବରିଷ୍ଠ ଶିକ୍ଷକ ତପନ କୁମାର ଭୋଇ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଗୁଣନିଧି ଛତ୍ରିଆ, ଗୌର ମାଝୀ, ସୁରେଶ ମହାରଣାଙ୍କ ସହିତ ଶିକ୍ଷକ କବିରାଜ ଶବର, ରିଙ୍କୁ ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ଏବଂ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠରେ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାର ଶୁଭାରମ୍ଭ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ସଦର ମହକୁମା କୁଟୁଖମାର ଗ୍ରାମ ପଞ୍ଚାୟତରେ ଥିବା ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠରେ ଉତ୍କଳ ଦିବସ ପାଳନ କରିବା ତତସଙ୍ଗେ ସରକାରଙ୍କ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନର ଶୁଭାରମ୍ଭ କରାଯାଇଥିଲା । ଏହି ପୋଷଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପାର୍ଥିବ ଖଡିକର, ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟିର ସଦସ୍ୟ



ମଞ୍ଜୁର ଅଲ୍ଲୀ ଖାଁ, ସହ ଶିକ୍ଷକ ବସନ୍ତ କୁମାର ମିଶ୍ର, ଦିଲୀପ କୁମାରଜେଠି, ସନ୍ଧ୍ୟାରାଣୀ ପଣ୍ଡା, ବୀରେନ୍ଦ୍ର କୁମାର ନାଏକ, ପ୍ରତାପ କୁମାର ରଥ ଓ ପିଟି ଶିକ୍ଷକ ସୁବାସ ନାଗ ସହ ବିଦ୍ୟାଳୟର ସମସ୍ତ ସହକର୍ମୀ ଉପସ୍ଥିତ ଥିଲେ। ସରକାର ନବମ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀମାନଙ୍କୁ ମଧ୍ୟାହ୍ନଭୋଜନର ବ୍ୟବସ୍ଥା କରିଥିବାରୁ ଛାତ୍ରଛାତ୍ରୀମାନେ ବହୁତ ଖୁସି ଥିବା ପରିଲକ୍ଷିତ ହୋଇଥିଲା। ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପାର୍ଥିବ ଖଡ଼ିକର ସମସ୍ତ ସହ ଶିକ୍ଷକ, ବିଦ୍ୟାଳୟ ଉନ୍ନୟନ କମିଟିର ସଦସ୍ୟମାନଙ୍କୁ ଧନ୍ୟବାଦ୍ ଜଣାଇଥିଲେ।

## ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ



ଜୁନାଗଡ଼,(ଭାସ୍କର ନ୍ୟୁଜ): ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ । ସେମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଦୃଢ ପ୍ରତିଜ୍ଞାବଦ୍ଧ , ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁସାରେ ଚଳିତ ବର୍ଷରୁ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ କରାଯାଇଛି । ଏହା ମାଧ୍ୟମରେ ୫ ବର୍ଷରୁ ଅଧିକ ବୟସର ଛାତ୍ରଛାତ୍ରୀଙ୍କୁ ଉତ୍ତମ , ସଂଗଠିତ ଅନୁଭୂତିମୂଳକ ଶିକ୍ଷଣ ପରିବେଶ ମିଳିବ । ଏହି ମହତ ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ପ୍ରତେକ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଜୁନାଗଡ଼ ହାଇ ସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜୁନାଗଡ଼ ବି ଡି ଓ ଦେବାଶିଷ କର ମୁଖ୍ୟ ଅତିଥି ଭାବେ ଯୋଗ ଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଭାର ପ୍ରାପ୍ତ ଏନଏସି ଅଧ୍ୟକ୍ଷା ହିମାଦ୍ରୀ ନାଏକ , ବିଇଓ ତପନ କୁମାର ମାଝୀ , ପୂର୍ବତନ ନଗରପାଳ ମୁକେଶ ଅଗ୍ରୱାଲ, ପରିଷଦ ହିମାଦ୍ରୀ ସିନ୍ଦୁର, ସୁଧୀର କୁମାର ବେହେରା, ମଳୟ ମୁଣ୍ଡ ପ୍ରମୁଖ ଯୋଗ ଦାନ କରି ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମ ଏବିଇଓ ସୁଶାନ୍ତ ଠାକୁର ମଞ୍ଚ ପରିଚାଳନା କରିଥିଲେ। ଏହି ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ପାଇଁ ଏକ ରଥ ବାହାରି ବ୍ଲକର ପ୍ରତେକ ଜାଗାକୁ ଯାଇ ଲୋକଙ୍କୁ ଏକ ସଚେତନତା ବାର୍ତ୍ତା ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି । ଏହି ଉତ୍ସବରେ ଖଡ଼ି ଛୁଆଁ ପାଇଁ ଆସିଥିବା ଶିଶୁ ମାନଙ୍କୁ ଏକ ସ୍କୁଲ ବ୍ୟାଗ କୀଟ ପ୍ରଦାନ କରାଯାଇଥିଲା ।ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗଙ୍କ ନିର୍ଦ୍ଦେଶନାରେ ସଙ୍ଗୀତ ପରିବେଷଣ ହୋଇଥିବା ବେଳେ ସେ ଧନ୍ୟବାଦ ପ୍ରଦାନ କରିଥିଲେ ।

## କିସ୍ ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳିତ


ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସହରର ଅନତିଦୂରରେ ବାଦଲି ଗ୍ରାମ ଠାରେ ଥିବା କିସ୍ ବିଦ୍ୟାଳୟର କୁନକୁନି ପିଲାମାନଙ୍କ ଦ୍ୱାରା ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି ୯୦ ତମ ଓଡିଶା ଦିବସ। କିସ୍ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଯୋଗ ଦେଇଥିଲାବେଳେ ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ ପଧାନ, ପ୍ରଶାସନିକ ଅଧିକାରୀ ସୁଶାନ୍ତ ବିଶ୍ୱାଳ ସମେତ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଶୁଭେନ୍ଦୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। 'ଆମେ ଓଡ଼ିଆ ଆମ ଭାଷା ଭାରି ବଢିଆ' ଏକଥା ସାରା ଓଡ଼ିଶାବାସୀ ଗର୍ବରେ କୁହନ୍ତି। ଆମ କୁଳବୃଦ୍ଧ ମଧୁସୂଦନ ଦାସ,ଗୋପବନ୍ଧୁ ଦାସ, କୃଷ୍ଣ ଚନ୍ଦ୍ର ଜଗପତି,ଫକିର ମୋହନ ସେନାପତି, ଗଙ୍ଗାଧର ମେହେର, ରାଧାନାଥ ରାୟ, ପଣ୍ଡିତ ନୀଳକଣ୍ଠ ଦାସ ଓ ଓଡ଼ିଶାର



ଅନ୍ୟାନ୍ୟ ମହାପୁରୁଷଙ୍କ ଉଦ୍ୟମରେ ଏ ସ୍ୱତନ୍ତ୍ର ପ୍ରଦେଶ ଗଠିତ ହୁଏ । ଏହିଦିନ ଆମ ଗର୍ବ ଗୌରବକୁ ମନେ ପକେଇବାପାଇଁ ଆଜିର ଏ ପବିତ୍ର ଦିନରେ ଓଡ଼ିଶା ଦିବସ ର କାର୍ଯକ୍ରମ ଅତି ଆନନ୍ଦର ସହ ପାଳନ କରୁଛୁ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। ପ୍ରକାଶ ଯୋଗ୍ୟ ଯେ ଏହି କିସ୍ ବିଦ୍ୟାଳୟର ୮୧୪ ଛାତ୍ରୀମାନଙ୍କ ସହ ଅତିଥିମାନେ ଏହି ଦିବସଟିକୁ ଏକ ଚିତ୍ତାକର୍ଷକ ପରିବେଶ ମଧ୍ୟରେ ପାଳନ କରିଥିଲେ ଓ ଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟଅତିଥି ଡ.ନାଥ କିସ ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଏଭଳି ଅନୁଷ୍ଠାନକୁ ଭୂୟସୀ ପ୍ରଶଂସା କରି ପିଲାଙ୍କୁ ଉଚ୍ଚ ହେବାପାଇଁ କଠିନ ପରିଶ୍ରମ ଓ ନିଜ ମାତୃଭାଷାକୁ ଆଦରି ନେଇ ଓଡ଼ିଶାର ଗୌରବ ଆଣିବାକୁ ବକ୍ତବ୍ୟ ରଖିଥିଲେ ଓ ସବୁବେଳେ ସକାରାତ୍ମକ ଚିନ୍ତାଧାରା କିପରି ପିଲାମାନଙ୍କୁ ଭଲ ମଣିଷ ଓ ବଡ଼ ମଣିଷରେ ପରିଣତ କରେ ତାହା ବୁଝାଇଥିଲେ। ଏହି ଅବସରରେ ଛାତ୍ରୀମାନେ ଦେଶାତ୍ମବୋଧକ ନୃତ୍ୟ ସହ ଏକ ପିରାମିଡ୍ ପ୍ରଦର୍ଶନ କରି ପରିବେଶକୁ ଆହୁରି ଜୀବନ୍ତ କରିଥିଲେ । ଶେଷରେ କିସ୍ ଅନୁଷ୍ଠାନ ର ଉପ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରବେଶ ଉତ୍ସବ ଓ ଖଡ଼ିଛୁଆ କାର୍ଯ୍ୟକ୍ରମ

ଧର୍ମଗଡ଼ (ଭାସ୍କର ନ୍ୟୁଜ): ଧର୍ମଗଡ଼ ବ୍ଲକ ବ୍ରାହ୍ମଣ ଛେଣ୍ଡିଆ କ୍ଲଷ୍ଟରର ଲୁହାଗାଁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ଦିବସର ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ସୁନାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଙ୍କଜିନୀ ମାଝୀ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଅରୂପାନନ୍ଦ ଭୋଇ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶ୍ୱଜିତ ବେହେରା, କାଶୀବାହାଲ ସିଆରସିସି ରାଜେନ୍ଦ୍ର ଦୁରିଆ, ବ୍ରାହ୍ମଣ ଛେଣ୍ଡିଆ ସିଆରସିସି ଟିକେଶ୍ୱର ନାଏକ, ଶିକ୍ଷାବିତ ବୀରେନ୍ଦ୍ର ପଣ୍ଡା, ଏସ ଏମ ସି ସଭ୍ୟ କ୍ଷୀରସିନ୍ଧୁ ସୁନାନୀ, ସ୍ୱେଚ୍ଛାସେବୀ ଶିକ୍ଷକ ଜଗବନ୍ଧୁ ନାଏକ, ଅଙ୍ଗନବାଡି କର୍ମୀ ମାନେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି, ମାତା ପିତା, ଅଭିଭାବକ ଓ ଗୋଷ୍ଠୀ ମଧ୍ୟରେ ଶିଶୁ ବାଟିକା, ପ୍ରଥମ ଶ୍ରେଣୀର ନାମ ଲେଖାର ବୟସ ଓ ନିପୁଣ ଓଡିଶା କାର୍ଯ୍ୟକ୍ରମ ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯାଇଥିଲା। ସମସ୍ତ ଅତିଥି ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ନୂଆ ଛାତ୍ର ଛାତ୍ରୀମାନଙ୍କୁ ପାରମ୍ପରିକ ରୀତିରେ ଫୁଲଚନ୍ଦନ ଦେଇ ସ୍ୱାଗତ




କରିଥିଲେ ଓ ପ୍ରଥମ ଦିନରେ ଅନୁପସ୍ଥିତ ନୂତନ ଛାତ୍ରଛାତ୍ରୀଙ୍କୁ ସିଲଟ ଉପରେ ତିନୋଟି ଗୋଲ ବୁଲାଇ ମୁଖ୍ୟ ଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ମାଝୀ ଖଡ଼ି ଛୁଆଁଇ ଥିଲେ। ନିଜ ହାତରେ ନୂତନ ଛାତ୍ର ଛାତ୍ରୀଙ୍କୁ ପୋଷଣଯୁକ୍ତ ଲଡୁ ବଣ୍ଟନ କରିଥିଲେ। ବିଦ୍ୟାଳୟର ଦୁଇଜଣ କୃତୀ ଛାତ୍ରଙ୍କୁ ପୁଷ୍ପ ଗୁଚ୍ଛ ଓ ମାନପତ୍ର ଦେଇ ଅଭିନନ୍ଦନ ଜଣାଇଥିଲେ। ପରେ ଅତିଥି ଓ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ପିତାମାତା, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ଉପସ୍ଥିତିରେ ବୈଠକ କରାଯାଇଥିଲା । ଏହି ବୈଠକରେ ଶିକ୍ଷା ସମ୍ବନ୍ଧୀୟ ସ୍ଥାନୀୟ ସମସ୍ୟା ଓ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରାଯାଇଥିଲା । ପରେ ଅତିଥି ଓ ଅଭିଭାବକମାନେ ପୂର୍ବ ପ୍ରସ୍ତୁତ ସାକ୍ଷରତା କେନ୍ଦ୍ରର ଦ୍ୱିତୀୟ ଦିବସର ବିଭିନ୍ନ ଶିକ୍ଷଣ କାର୍ଯ୍ୟ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା କାଁକେରି ସିଆରସିସି ପ୍ରେମଲାଲ ଜଗତ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ପରିଶେଷରେ ବ୍ରାହ୍ମଣ ଛେଣ୍ଡିଆ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଟିକେଶ୍ୱର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଶିଫଳ


**ଶନିବାର, ୦୫ ଏପ୍ରିଲ୍ ୨୦୨୫**



**ମେଷ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଆପଣ ଆୟର ବୃଦ୍ଧି ହେବ। ଯେଉଁଥିପାଇଁ ଆପଣଙ୍କ ଚେହେରାରେ ଖୁସିର ଅନୁଭବ ଆସିବ। ଆପଣ ଆଜି ଅଫିସରେ ବସଙ୍କ ସହିତ କଥା ହେବେ। କେହି ଶ୍ୱଶୁର ଘର ଲୋକ ଭେଟିବାକୁ ଆସିପାରନ୍ତି। ଜୀବନସାଥୀ ବହୁତ ଖୁସି ହେବେ ।




**ବୃଷ:** ଆଜି ଆପଣଙ୍କ ଦିନ ଉତ୍କଣ୍ଠାର ପରିପୂର୍ଣ୍ଣ ହେବ। ଖର୍ଚ୍ଚର ହଠାତ୍ ବୃଦ୍ଧି ଯୋଗୁଁ ଚିନ୍ତା ବଢ଼ିବ। ଘରର ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଏହା ଖରାପ ହୋଇପାରେ। ଅତୀତରେ କିଛି କାମ ପାଇଁ କରାଯାଇଥିବା କାର୍ଯ୍ୟ ଆଜି ଫଳ ଦେବାକୁ ଯାଉଛି। ଦାମ୍ପତ୍ୟ ଜୀବନରେ ସୁଖ ରହିବ।



**ମିଥୁନ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଆଜି ଲୋକଙ୍କ ପ୍ରତି ଭଲ କାମ କରିବାର ଅନୁଭବ ଜାଗ୍ରତ ହେବ। ଆଜି ଆପଣ ଆପଣଙ୍କ କାର୍ଯ୍ୟାଳୟର କାର୍ଯ୍ୟରେ ଧ୍ୟାନ ଦିଅନ୍ତୁ। ଆପଣ କିଛି ଅସମାପ୍ତ କାର୍ଯ୍ୟ ମଧ ସଂପୂର୍ଣ୍ଣ କରିବେ।



**କର୍କଟ:** ଆଜି ଆପଣଙ୍କର ଧ୍ୟାନ ପରିବାରର ଆବଶ୍ୟକତା ପୂରଣ ଉପରେ ରହିବ। ଅଫିସରେ ଜୁନିଅର ଯେ କୌଣସି କାର୍ଯ୍ୟରେ ଆପଣଙ୍କ ଠାରୁ ସାହାଯ୍ୟ ନେଇପାରନ୍ତି। ଆପଣ ସେମାନଙ୍କୁ ସାହାଯ୍ୟ କରନ୍ତୁ। ଆଜି ଖର୍ଚ୍ଚ ବୃଦ୍ଧି ହେତୁ ପକେଟରେ ଭାର ବଢିପାରେ। ବିବାହିତ ସାଥୀଙ୍କ ପତି କୌଣସି ଇଚ୍ଛା ପୂରଣ କରିବାକୁ ଯାଉଛନ୍ତି।



**ସିଂହ:** ଆଜି ଆପଣଙ୍କ ଦିନଟି ବହୁତ ବ୍ୟସ୍ତରେ କଟିବ। ଏହି ବ୍ୟସ୍ତତା ମଧ୍ୟରେ ଆପଣଙ୍କର ଖାଦ୍ୟର ଯତ୍ନ ନିଅ, ନଚେତ୍ ଆପଣଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ। କୋର୍ଟ ସହ ଜଡିତ ମାମଲାଗୁଡ଼ିକରେ ସଫଳତା ପାଇବାର ସମ୍ଭାବନା ଅଛି ।




**କନ୍ୟା:** ଆଜି ଆପଣଙ୍କ ଦିନ ଟିକିଏ ଦୁର୍ବଳ ହେବ। ଆପଣଙ୍କ ବନ୍ଧୁ କିଛି କଥା ଆପଣଙ୍କୁ କହିପାରନ୍ତି, ଯାହା ଆପଣଙ୍କୁ ଖରାପ ଲାଗିପାରେ। ଆପଣ ଆପଣଙ୍କ କଥାକୁ ସଠିକ୍ ଉପାୟରେ ରଖିବା ଉଚିତ୍ । କାର୍ଯ୍ୟଭାର ଅଧିକ ହେବ, ଚାପ ନିଅନ୍ତୁ ନାହିଁ। ବିବାହିତ ଲୋକମାନଙ୍କ ପାଇଁ ଦିନଟି ଶୁଭ ଅଟେ, ଆପଣ ଏକାଠି ସମୟ ବିତାଇବେ।



**ତୁଳା:** ଆଜି ଆପଣଙ୍କର ଦିନ ମିଶ୍ରିତ ହେବ। କାର୍ଯ୍ୟରେ ଭଲ ଫଳାଫଳ ସହିତ ଆପଣ ସନ୍ତୁଷ୍ଟ ଅନୁଭବ କରିବେ। ଆଜି ଆପଣ କିଛି ପବିତ୍ର ସ୍ଥାନ ଦେଖିବାର ସୁଯୋଗ ପାଇବାକୁ ଯାଉଛନ୍ତି। ଶରୀର ସୁସ୍ଥ ରହିବ। ବିଦ୍ୟାର୍ଥୀମାନେ ବିଦ୍ୟାରେ ମନୋନିବେଶ କରିବେ।



**ବିଛା:** ଆଜି ଆପଣ ଅନେକ କାର୍ଯ୍ୟରେ ସମ୍ମୁଖୀନ ହେବ। ଯେଉଁ କାରଣରୁ ଆପଣ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଆପଣ ଚିନ୍ତା କରୁଥିବା କାମ ପ୍ରତି ଧ୍ୟାନ ଦେବା ଭଲ ହେବ। ଆଜି ଘରର ଜଣେ ସଦସ୍ୟ ଆପଣଙ୍କଠାରୁ କିଛି ଆଶା କରିବେ। ଆଜି ଜୀବନ ସାଥୀର ବୁଦ୍ଧି ଆପଣଙ୍କୁ ବହୁତ ଲାଭ ଦେବ।




**ଧନୁ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ। ବ୍ୟବସାୟୀମାନେ ଆଜି ବଡ଼ ଲାଭ କରିବାକୁ ଯାଉଛନ୍ତି। ଆପଣ ଏଥିରେ ଖୁସି ହେବେ। କାର୍ଯ୍ୟରତ ଲୋକମାନେ ସେମାନଙ୍କର କାର୍ଯ୍ୟକୁ ମନେ ରଖିବା ପରି କାମ କରିବେ। ପାରିବାରିକ ପରିବେଶ ସୁଖ ଏବଂ ଶାନ୍ତିରେ ପରିପୂର୍ଣ୍ଣ ହେବ। ଉଲ୍ଲେଖଥାଉ କି, ବିବାହିତ ଦମ୍ପତି ଆଜି ସତର୍କ ରୁହନ୍ତି, ବିବାଦ ହେବାର ସମ୍ଭାବନା ଅଛି ।



**ମକର:** ଆଜି ଆପଣଙ୍କ ଦିନଟି ଭଲ ରହିବ। କୌଣସି ଭୁଲ ନିଷ୍ପତ୍ତି ନେବା ଠାରୁ ଦୂରେଇ ରୁହନ୍ତୁ। ନଚେତ୍ ଆପଣ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବେକାରୀମାନେ ଆଜି ସାଧାରଣ ଅପେକ୍ଷା ଅଧିକ ବ୍ୟସ୍ତ ଦେଖାଯିବେ। ଆଜି ପ୍ରେମ ଜୀବନରେ, ପ୍ରିୟ ହୃଦୟରୁ ପ୍ରେମ ପାଇବ।



**କୁମ୍ଭ:** ଆଜି ଆପଣଙ୍କର ସାଧାରଣ ଦିନ ହେବ। କିଛି ବିଷୟରେ ଚିନ୍ତା କରିବାରୁ ଅନାବଶ୍ୟକ ଭାବରେ ଆପଣଙ୍କୁ ବ୍ୟଥିତ କରିବ। ବର୍ଜ୍ୟବସ୍ତୁରୁ ଦୂରେଇ ରୁହନ୍ତୁ। ଆର୍ଥିକ ପ୍ରସଙ୍ଗରେ ଆପଣ ଜଣେ ବନ୍ଧୁଙ୍କଠାରୁ ପରାମର୍ଶ ପାଇପାରିବେ। ଶରୀର ଅସୁସ୍ଥତା କାରଣରୁ ଦୁର୍ବଳ ଲାଗିବ। ଦାମ୍ପତ୍ୟ ଜୀବନରେ ପ୍ରେମ ବଢ଼ିବ।



**ମୀନ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଅଫିସ୍ କାର୍ଯ୍ୟକୁ ସହଜରେ ମୁକାବିଲା କରିପାରିବେ। କିନ୍ତୁ ସହକର୍ମୀଙ୍କ ସହ କିଛି ବିଷୟରେ ବିତର୍କ ହୋଇପାରେ। ସେଥିପାଇଁ ଆପଣ ସାବଧାନ ହେବା ଉଚିତ୍। ଜୀବନସାଥୀ ଏକ କାମ କରିବାକୁ ଇଚ୍ଛା କରିପାରନ୍ତି। ପ୍ରେମରେ ଆଜି ଆପଣ ଆପଣଙ୍କ ପ୍ରିୟଙ୍କ ସହିତ ଭଲ ସମୟ ଅତିବାହିତ କରିବେ।



ସୌଜନ୍ୟରେ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯